# ପବିତ୍ରଆତ୍ମା ଉପରେ ପ୍ରଶ୍ନୋତ୍ତର

ଏବଂ ଗତ ରାତ୍ରି ପରେ ଆମେମାନେ ସମସ୍ତେ ଠିକ୍ ପରିପୂର୍ଣ୍ଣ ହୋଇଅଛୁ । ମୁଁ ଆଜି ଅନେକଙ୍କର ଉତ୍ତମ ଖବର ଶୁଣିଅଛି ଯେଉଁମାନେକି ପବିତ୍ରଆତ୍ମା ଗ୍ରହଣ କରିଛନ୍ତି । ଏବଂ ଆମେ ଏଇଥିପାଇଁ ଖୁସି ଅଟୁ ।

2 ଆଜି ରାତି ଭାଇ ଗ୍ରାହାମ୍‌ଙ୍କୁ ଆମ ଗହଣରେ ପାଇଥିବାରୁ ଖୁସି, ଯିଏକି ଏଠାରେ ଆରାଧନାଳୟରୁ ଆମର ଜଣେ ସହଯୋଗୀ ଅଟନ୍ତି, ଉପରେ ଉଟିକାରେ ଥିବା ହୋଲିନେସ୍ ମଣ୍ଡଳୀର ପାଳକ ଅଟନ୍ତି । ଏବଂ ଭାଇ ଜ୍ୟାକସନ୍, ସେ ଗତକାଲି ରାତି, ଏଠାରେ ଥିଲେ, ମୁଁ ବିଶ୍ୱାସ କରେ ଯେ ଏହା ଥିଲା, କିମ୍ବା ସେ ବର୍ତ୍ତମାନ ଏଠାରେ ଦର୍ଶକଗଣଙ୍କ ମଧ୍ୟରେ କୌଣସିଠାରେ ଅଛନ୍ତି, କେହି ଜଣେ କହିଲେ, ଭିତରେ...ହଁ, ମୁଁ ବର୍ତ୍ତମାନ ଭାଇ ଜ୍ୟାକସନ୍‌ଙ୍କୁ ଦର୍ଶକଗଣଙ୍କ ମଧ୍ୟରେ ଦେଖୁଛି । ଏବଂ—ଏବଂ ଭାଇ ରୁଡେଲ୍, କଅଣ ସେ ଆଜି ରାତି ଏଠାରେ ଅଛନ୍ତି କି? ସେଠାରେ ଆମର ଆଉ ଜଣେ ଅନ୍ୟତମ ସହଯୋଗୀ ଏଠାରେ "62" ରେ ଅଛନ୍ତି । ଆମେ ସେମାନଙ୍କୁ ପାଇ ଆନନ୍ଦିତ ଅଟୁ । ଏବଂ ଆମ ସହିତ...ଓଃ, ଭାଇ ପାଟ, ଏବଂ ଏହି ସମସ୍ତ ଅନ୍ୟ ଭାଇମାନେ, ଆମେମାନେ—ଏବଂ ଦର୍ଶକଗଣଙ୍କ ମଧ୍ୟରେ । ଆଜି ରାତି ଆମେମାନେ ଆପଣ ସମସ୍ତଙ୍କୁ ଏଠାରେ ପାଇ ଆନନ୍ଦିତ ଅଟୁ ।

3 ତେବେ, ଯଦି ମୁଁ ଏହି ବିଷୟକୁ ଠିକ୍ ବୋଲି ପ୍ରମାଣ କରେ, ତାହାହେଲେ ମୁଁ ସେମାନଙ୍କ ମଧ୍ୟରୁ କେତେକ ଉତ୍ତମ ପ୍ରଚାରକମାନଙ୍କୁ ଆପଣଙ୍କ ସହିତ କଥା ହେବା ପାଇଁ ଏଠାକୁ ନେଇ ଆସିବି, କାରଣ ଗତକାଲି ରାତିରେ ଏତେ ବଡ ସମୟ ରହିଥିବାରୁ ମୋର ଗଳା ଟିକେ ଖରଖରାଉଛି ।

4 ବର୍ତ୍ତମାନ, ମୋ ପତ୍ନୀ, ସେ ମୋର ସଂଶୋଧନ ଅଟନ୍ତି; ଆପଣ ଜାଣନ୍ତି, ଭାଇମାନେ, ମୁଁ କେଉଁ ବିଷୟରେ କହୁଅଛି । ସେ କହୁଥିଲେ ଯେ ଗତକାଲି ରାତିରେ ପଛ ପଟରେ ଥିବା ଲୋକମାନେ ମୋ କଥା ଶୁଣିପାରି ନ ଥିଲେ, କାରଣ ମୁଁ ଏହି କଥାକୁ କହୁଥିଲି । ଏବଂ ବର୍ତ୍ତମାନ, ମୁଁ ଆରମ୍ଭ କରିବା ପୂର୍ବରୁ, ମୁଁ କିଛି ଚେଷ୍ଟା କରିବାକୁ ଯାଉଅଛି । ତେବେ, ମୁଁ ଆଶ୍ଚର୍ଯ୍ୟ କରେ ଯେ ତାହା ଭଲ ଅଟେ କି? କଅଣ ପଛ ପଟରେ ତାହା ଅଧିକ ଭଲ ଉପାୟ ଅଟେ? କିଅବା ଏହା ଅଧିକ ଭଲ ଅଟେ? କଅଣ ଏହା ଅଧିକ ଭଲ କି? ତେବେ, ପ୍ରିୟେ, ତାହାହିଁ ଥରୁଟିଏ ଅଟେ ଯେତେବେଳେକି ମୁଁ ତୁମ ବିରୁଦ୍ଧରେ ଏକ ଟିପ୍ପଣୀ ପାଇଥିଲି । ବର୍ତ୍ତମାନ, ସେମାନେ କହୁଛନ୍ତି ଯେ ତାହା ଅଧିକ ଭଲ ଅଟେ । ଠିକ୍ ଅଛି । ଓଃ, ମୋର ପ୍ରଭୁ! ତାହା ଜଣେ ମହିଳା । ତାହା ଏକ ଭଲ ଅଟେ, କାରଣ ବହୁତ ଦିନ ହେଲାଣି ଯେ ମୋର ଗୋଟିଏ ରହିଥିଲା । ସାଧାରଣତଃ ସେ ସଠିକ୍ ଥାଆନ୍ତି ।

5 ତେବେ, ଆମର ନିଶ୍ଚିତ ଭାବରେ ସେହି ତିନି ରାତିର ସେବା ଉପରେ ଏକ ଉତ୍ତମ ସମୟ ରହିଥିଲା; ମୁଁ କରିଥିଲି । ଏବଂ ବର୍ତ୍ତମାନ, ଗତ ରାତି ବ୍ୟତୀତ, ସମସ୍ତ ଟେପ୍‌ଗୁଡିକ…ମୁଁ ଭାଇ ଗୋଆଡଙ୍କୁ ଡାକିଲି ଓ କହିଲି ଯେ ସେ ଆସି ଆରାଧନାଳୟ ପାଇଁ ଟେପ୍‌ଗୁଡିକ ନେଇ ଯାଆନ୍ତୁ । କିନ୍ତୁ ଏପରି ହେଲା ଯେ ଯାହା ମୁଁ ବୁଝିଲି ଯେ ବିଲି ପଲ ତାଙ୍କର କାର ନେଇ ଚାଲି ଯାଇଥିଲା, ତେଣୁକରି ଟେପ୍‌ଟି ନିଆ ଯାଇପାରି ନାହିଁ ଯେତେ ଦୂର ମୁଁ ଜାଣେ । ତେଣୁ ଆମେ ତାହା ହରାଇଲୁ । ମୁଁ ଏହାକୁ ମଣ୍ଡଳୀର ବ୍ୟବହାର ନିମନ୍ତେ ଗୀର୍ଜାରେ ରଖିବାକୁ ଚାହୁଁଥିଲି ଯଥା—ଯେପରିକି କେହି କୁହନ୍ତି—ଯାହା ଆମେମାନେ ବିଶ୍ୱାସ କରୁ ।

6 ତେବେ, ଆଜି ରାତି ମୁଁ *ସେହି ମହାନ ସମ୍ମିଳନୀ* ଉପରେ କହିବାକୁ ଯାଉଅଛି, ଯଦି ମୁଁ ଠିକ୍ ସମୟରେ ସେହି ପ୍ରଶ୍ନଗୁଡିକୁ ସାରି ପାରେ । ଏବଂ ତାହାପରେ, ଆସନ୍ତାକାଲି ସକାଳ ଏକ ଆରୋଗ୍ୟ ସେବା ଅଛି । ଏବଂ ଆମେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛୁ । ଅତଏବ, ଆମେ ଦେଇପାରିବା ନାହୁଁ—କିମ୍ବା କେବଳ ଯାଇ କହିପାରିବା ନାହିଁ, "ତେବେ, ମୁଁ ଆପଣଙ୍କୁ, ଏବଂ ଆପଣଙ୍କୁ, ଓ ଆପଣଙ୍କୁ ନେବାକୁ ଯାଉଅଛି ।" ତାହା ଠିକ୍ ହେବ ନାହିଁ । ମାତ୍ର ଆମେ ଏକ ଗୁଚ୍ଛେ କାର୍ଡ ଦେଇଥାଉ, ଏବଂ କୌଣସିଠାରେ ସେହି କାର୍ଡଗୁଡ଼ିକ ସହିତ, ମୁଁ କେତେକଙ୍କୁ ମଞ୍ଚ ଉପରକୁ ଡାକେ । ଏବଂ ତାହାପରେ, ଯଦି ପବିତ୍ରଆତ୍ମା ପ୍ରକାଶ କରିବା ଆରମ୍ଭ କରନ୍ତି, ତାହାହେଲେ ଏହା ଦର୍ଶକଗଣଙ୍କ ମଧ୍ୟକୁ ଯାଇଥାଏ ଏବଂ ଆରୋଗ୍ୟତା ସେବା ପାଇଁ ଦର୍ଶକଙ୍କ ଭିତରେ ଲୋକମାନଙ୍କୁ ଧରିଥାଏ । ଏବଂ ତାହାପରେ, ଆସନ୍ତାକାଲି ସକାଳେ, ପ୍ରଭୁ ଇଚ୍ଛା କଲେ, ଆରୋଗ୍ୟ ସେବା ପୂର୍ବରୁ, ମୁଁ କହିବି ।

7 ମୁଁ ମୋର ପତ୍ନୀକୁ ହସୁଥିବାର ଦେଖେ । ପ୍ରିୟେ, କଅଣ ତୁମେ ମୋତେ ଆଦୌ ଶୁଣିପାରୁ ନାହଁ? ଓଃ, ତୁମେ ମୋତେ ଶୁଣୁଅଛ । ତେବେ, ତାହା ଠିକ ଅଛି । ସେ ସବା ପଛରେ ବସିଛନ୍ତି ଏବଂ ଯଦି ଏହା ହୁଏ—ମୋ କଥା ଶୁଣିପାରନ୍ତି ନାହିଁ, ସେ ନିଜର ମୁଣ୍ଡ ହଲାନ୍ତି, "ତୁମେ… ତୁମକୁ ଶୁଣିପାରୁ ନାହିଁ, ତୁମକୁ ଶୁଣିପାରୁ ନାହିଁ ।"

8 ତେଣୁକରି ତେବେ ଆସନ୍ତାକାଲି—ଆସନ୍ତାକାଲି ରାତି ଜଳ ବାପ୍ତିସ୍ମ ସେବା ସହିତ ଏକ ସୁସମାଚାର ପ୍ରଚାର ସେବା ଅଛି । ଏବଂ ତାହାପରେ, ଆସନ୍ତାକାଲି ରାତି ମୁଁ ପ୍ରଚାର କରିସାରିବା ମାତ୍ରେ, ଆମେ ପରଦାଗୁଡିକୁ ଟାଣିଦେବା ଏବଂ ଆସନ୍ତାକାଲି ରାତିରେ ଏଠାରେ ଜଳ ବାପ୍ତିସ୍ମ କରିବା । ଯଦି ପ୍ରଭୁ ଇଚ୍ଛା କରନ୍ତି, ଯଦି ପ୍ରଭୁଙ୍କର ଇଚ୍ଛା ହୁଏ, ସକାଳେ ମୁଁ ଚାହେଁ—କିମ୍ବା ଆସନ୍ତାକାଲି ରାତିରେ ମୁଁ ଏହି ବିଷୟ ଉପରେ କହିବାକୁ ଚାହେଁ: *ଏକ—ଏକ ଚିହ୍ନ ଦିଆଗଲା ।* ଏବଂ ତାହାପରେ, ଯଦି ଆମେ ଏଠାରେ ବୁଧବାର ରାତିରେ ଅଛୁ, ଯଦି ପ୍ରଭୁ ମୋତେ ଏଠାରେ ବୁଧବାର ରାତିରେ ରହିବାକୁ ଅନୁମତି ଦିଅନ୍ତି, ମୁଁ ଏହି ବିଷୟ ଉପରେ କହିବାକୁ ଚାହେଁ: *ଆମେ ପୂର୍ବରେ ତାହାଙ୍କର ନକ୍ଷତ୍ର ଦେଖିଅଛୁ ଏବଂ ତାହାଙ୍କୁ ଉପାସନା କରିବା ପାଇଁ ଆସିଅଛୁ ।* ତେବେ, ତାହା ଠିକ୍ ଖ୍ରୀଷ୍ଟମାସ ପୂର୍ବରୁ ଅଟେ ।

9 ଏବଂ ତାହାପରେ, ଖ୍ରୀଷ୍ଟମାସ ପରେ ତୁରନ୍ତ ହିଁ ଖ୍ରୀଷ୍ଟମାସ ଛୁଟି ସପ୍ତାହ ଅଛି। ସେହି ସମୟ ହିଁ ଅଟେ ଯେଉଁଠାରେକି ଆମେ ସମସ୍ତ ଚିଠିଗୁଡିକ ନେଇଥାଉ...ଭାଇ ମର୍ସିଅର୍ ଏବଂ ସେମାନେ ସାଧାରଣତଃ ସେଗୁଡିକୁ ବାହାର କରିଥାଆନ୍ତି। ଏବଂ ଆମେ ସେସବୁକୁ ବାହାର କରିଥାଉ, ଏବଂ ଆମେ ଏହି ଚିଠିଗୁଡ଼ିକ ଉପରେ ପ୍ରାର୍ଥନା କରିଥାଉ ଓ ପ୍ରଭୁଙ୍କଠାରେ ପ୍ରାର୍ଥନା କରିଥାଉ ଯେ ସେ ଆମକୁ ଜଗତରେ ସେହି ସ୍ଥାନଗୁଡିକ ଦେଇ କଢେଇ ନିଅନ୍ତୁ ଯେଉଁଠାକୁକି ଆମକୁ ଯିବାକୁ ଅଛି।

10 ତେବେ, ସେମାନେ, ଖ୍ରୀଷ୍ଟିଆନ ବ୍ୟବସାୟ ପୁରୁଷମାନେ ଅଟନ୍ତି, ସେମାନଙ୍କର ଏକ ବୃହତ୍ କାର୍ଯ୍ୟକ୍ରମ ପଂକ୍ତିରେ ରହିଛି, ଯାହାକି ଫ୍ଲୋରିଡାରେ ସେମାନଙ୍କର ସମ୍ମିଳନୀ ପାଇଁ ଠିକ୍ ହେବାକୁ ଅଛି। ସେଠାରୁ କିଙ୍ଗଷ୍ଟନ୍‌କୁ ଯିବି, ତାହାପରେ ହାଇତିକୁ, ଏବଂ ଦକ୍ଷିଣ ଆମେରିକାରେ, ତଳେ ପୁର୍ଟୋ ରିକୋକୁ, ଆଉ ମେକ୍ସିକୋ ଦେଇ ଫେରିଆସିବି।

11 ମାତ୍ର ପ୍ରଭୁ ମୋତେ ନରୱେକୁ ନେଇଯାଉଥିବା ପରି ମନେହୁଏ। ମୁଁ ଜାଣେ ନାହିଁ କାହିଁକି। କଅଣ ଆପଣ *ପରମେଶ୍ୱରଙ୍କଠାରୁ ପ୍ରେରିତ ଜଣେ ବ୍ୟକ୍ତି* ନାମକ ସେହି ଛୋଟ ପୁସ୍ତକଟିକୁ ଜାଣନ୍ତି କି? ଏହା ନରୱେର ସବୁଠାରୁ ବଡ ଧାର୍ମିକ ପ୍ରକାଶିତ ପୁସ୍ତକ ଅଟେ। ଏହି ବିଷୟରେ ଚିନ୍ତା କରନ୍ତୁ, ଯେ ପ୍ରଭୁ ସେଠାରେ କଅଣ କରିଅଛନ୍ତି। ଏବଂ ଯେତେବେଳେ ମୁଁ ସେଠାରେ ଥିଲି, ସେମାନେ ମୋତେ ରୋଗୀମାନଙ୍କ ଉପରେ ହାତ ରଖିବାକୁ ଦେଇ ନ ଥିଲେ। ମୁଁ ସେଠାରେ ତିନି ରାତି ପାଇଁ ଥିଲି। ଏବଂ ସେମାନେ ମୋତେ ରୋଗୀମାନଙ୍କ ଉପରେ ହାତ ରଖିବାକୁ ଦେଇ ନ ଥିଲେ। ତେଣୁ ଆପଣ ଦେଖନ୍ତୁ ଯେ ପରମେଶ୍ୱର କଅଣ କରିପାରନ୍ତି। ଭିଡ଼ ଏତେ ବଡ ଥିଲା ଯେ ସେମାନଙ୍କୁ ଅଶ୍ୱାରୋହୀ ପୋଲିସ, ଆରୋହୀମାନଙ୍କୁ ନେବାକୁ ପଡିଥିଲା, ଏବଂ ଲୋକମାନଙ୍କୁ ରାସ୍ତାରୁ ବାହାର କରିବାକୁ ପଡିଥିଲା ଯେପରିକି ମୁଁ ସେହି ସ୍ଥାନକୁ ଯାଇ ପାରିବି। ଏବଂ ମୁଁ ରୋଗୀମାନଙ୍କ ଉପରେ ହାତ ରଖିଲି ନାହିଁ। ଯଦିଓ ମୁଁ ସେମାନଙ୍କ ପାଇଁ ପ୍ରାର୍ଥନା କଲି; ସେମାନଙ୍କୁ ପରସ୍ପର ଉପରେ ହାତ ରଖିବାକୁ ଦେଲି।

12 ତେଣୁ...[କେହି ଜଣେ ଭାଇ ବ୍ରାନହାମ୍ ସହିତ କଥା ହୁଅନ୍ତି—ସମ୍ପା।] ହଁ, ତେବେ, ମୁଁ ନିଶ୍ଚିତରେ କରିବି। ତେବେ, ଆସନ୍ତାକାଲି ସକାଳେ...ବର୍ତ୍ତମାନ, ଆଜି ରାତି, ହୋଇପାରେ ଯେ ଆମେ ଠିକ୍ ଏହି ପ୍ରଶ୍ନଗୁଡ଼ିକୁ ନେବା, କାରଣ ଆମେ କେତୋଟି ପ୍ରକୃତରେ ଭଲ ପ୍ରଶ୍ନ ପାଇଅଛୁ। ଏବଂ ମୁଁ ଜାଣେ ନାହିଁ ଯେ ପ୍ରଭୁ ଆମକୁ କେତେ ଦିନ ଏହା ଉପରେ ରଖିବେ। ଏବଂ ତାହାପରେ, ଆସନ୍ତାକାଲି ସକାଳେ ବିଲି ପଲ୍, ଜିନ୍, କିମ୍ବା ଲିଓ ମଧ୍ୟରୁ କେହି ବି, ଜଣେ, ଏଠାରେ ଆଠରୁ ଆଠଟା-ତିରିଶ ପର୍ଯ୍ୟନ୍ତ ପ୍ରାର୍ଥନା କାର୍ଡଗୁଡିକ ଦେବା ପାଇଁ ରହିବେ। ତେବେ, ସହର-ରୁ-ବାହାରେ ଥିବା ଲୋକମାନେ, ମୋତେ ଏହାକୁ ପୁନର୍ବାର କହିବାକୁ ଦିଅନ୍ତୁ ଯେପରିକି ଆପଣ ଭୁଲିବେ ନାହିଁ। ଯଦି ଆପଣମାନେ ପଂକ୍ତିରେ ଆସିବାକୁ ଚାହାଁନ୍ତି, ତେବେ ଆମେମାନେ ଚାହିଁବୁ ଯେ ଯଦି ସମ୍ଭବ ହୁଏ ସହର-ରୁ-ବାହାରେ ଥିବା ଲୋକମାନଙ୍କୁ ରଖିବା।

13 ତେବେ, ବେଳେବେଳେ ଏଠାରେ ମଣ୍ଡଳୀରେ ଆମେ ଏପରି ଏକ ସ୍ଥାନକୁ ପହଞ୍ଚିଥାଉ ଯେଉଁଠାରେକି ସେମାନେ କୁହନ୍ତି, "ଠିକ୍ ଅଛି..." ଆମେ ସହର-ରୁ-ବାହାରେ ଥିବା ଲୋକମାନଙ୍କୁ ନେଇଥାଉ, ସେମାନଙ୍କୁ ଆଣିଥାଉ...କେହି ଜଣେ କହିବେ, "ତେବେ, ମୁଁ ଜାଣି ନ ଥିଲି ଯେ ସେମାନଙ୍କ ସହିତ କଅଣ ଭୁଲ୍ ଥିଲା। ସେମାନେ ହୁଏତ କିଛି ଭୁଲ୍ କହୁଥାଇ ପାରନ୍ତି।" ତାହାପରେ ଆପଣ ସହରର ଲୋକମାନଙ୍କୁ ପାଇବେ; ସେମାନେ କୁହନ୍ତି, "ଓଃ, ଆପଣ ହୁଏତ ସେମାନଙ୍କୁ ଜାଣିଥାଇ ପାରନ୍ତି।" ତେଣୁ...ତାହାପରେ ସେମାନେ କୁହନ୍ତି—ଏହା କୁହାଯାଇଛି, "ତେବେ, ମୁଁ ଆପଣଙ୍କୁ କହିବି, ଏହା ପ୍ରାର୍ଥନା କାର୍ଡ ଅଟେ।" ତେବେ, ସେମାନଙ୍କ ବିଷୟରେ କଅଣ ଯେଉଁମାନେକି ପ୍ରାର୍ଥନା କାର୍ଡ ପାଇନାହାଁନ୍ତି? ଏବଂ ତାହା ତ ଦିନ ପରେ ଦିନ ଅଟେ ଯେତେବେଳେକି ଏହା...

କଅଣ କହୁଛ? [ଭାଇ ବ୍ରାନ୍‌ହାମ୍‌ଙ୍କୁ ମାଇକ୍ରୋଫୋନ୍‌ଠାରୁ ଦୂରରେ ଛିଡା ହେବାକୁ କୁହାଯାଏ—ସମ୍ପା।] ମାଇକଠାରୁ ଦୂରରେ ଠିଆ ହୁଅ? ତେବେ, ଆପଣ ଜାଣନ୍ତି, ମୁଁ ସବୁବେଳେ ରାସ୍ତାର ମଧ୍ୟ ଭାଗ ପ୍ରଚାର କରେ। ତେଣୁକରି ବୋଧହୁଏ ମୁଁ ଏହାକୁ ଠିକ୍ ସେହିପରି ଭାବରେ ନେବି। କଅଣ ତାହା ଅଧିକ ଭଲ ଅଟେ? ତାହା ଭଲ ଅଟେ। ତାହା ଠିକ୍ ଅଟେ। ମୁଁ ଆପଣଙ୍କୁ କହିବି ଯେ ତାହା କଅଣ ଅଟେ। ଆମର—ଆମର ଏଠାରେ ସାର୍ବଜନୀନ ସମ୍ବୋଧନ ବ୍ୟବସ୍ଥା ବହୁତ ଖରାପ, ବହୁତ ଖରାପ ଅଟେ। ଏବଂ ଆମେମାନେ ବର୍ତ୍ତମାନ କୌଣସି ଅଧିକ ଉନ୍ନତ ହେବାକୁ ଚେଷ୍ଟା କରୁନାହୁଁ, କାରଣ ଆମେ ଚାହୁଁଛୁ ଯେ ନୂତନ ଆରାଧନାଳୟଟି ତୁରନ୍ତ ନିର୍ମାଣ ହୋଇଯାଉ। ଏବଂ ତାହାପରେ ଅଟେ ଯେତେବେଳେ ଆମ ପାଖରେ ପ୍ରଚୁର ସ୍ଥାନ ରହିବ (ବୁଝିଲେ?), ଯଦି ଆମେମାନେ ଏଠାରେ ଆଖପାଖକୁ ଯାଇ ଏହି ସ୍ଥାନକୁ ଟିକିଏ ବଡ଼ ଭାବରେ ବିସ୍ତାର କରିପାରିବା, ଏବଂ ଆଉ କିଛି ଅଧିକ ସ୍ଥାନଗୁଡିକୁ ଯୋଗ କରିପାରିବା, ଓ ସଭାଗୁଡ଼ିକ ପାଇଁ ପ୍ରସ୍ତୁତ ହୋଇପାରିବା ଯେତେବେଳେ ଆମ ପାଖରେ ସେମାନେ ରହିଥିବେ।

14 ଏବଂ ବର୍ତ୍ତମାନ, ମନେରଖନ୍ତୁ, ସକାଳେ ସେହି ପିଲାମାନେ, ସେମାନଙ୍କ ମଧ୍ୟରୁ ଜଣେ କିମ୍ବା ତିନି ଜଣ ଆଠଟା-ତିରିଶ ମଧ୍ୟରେ କାର୍ଡଗୁଡିକ ଦେବେ, କିମ୍ବା, ଆଠ ଓ ଆଠଟା-ତିରିଶ ମଧ୍ୟରେ। ଏହା ସମସ୍ତଙ୍କୁ ନିଜ ନିଜର ସ୍ଥାନ ଗ୍ରହଣ କରିବାକୁ ଏକ ସୁଯୋଗ ଦେଇଥାଏ। ଏବଂ ମୁଁ ସେହି ବିଷୟରେ କହୁଥିଲି ଯେ ସେମାନେ କିପରି କାର୍ଡଗୁଡିକ ଦିଅନ୍ତି, ଆମେ ତାହା କାହିଁକି କରିଥାଉ। ଏହା ସୁବ୍ୟବସ୍ଥିତ ରଖିବା ନିମନ୍ତେ ଅଟେ। ବୁଝିଲେ? ତେବେ, କଅଣ ହୁଏ ଯଦି ମୁଁ ଏଠାକୁ ଆସେ, ଠିକ୍ ଯେପରିକି ବର୍ତ୍ତମାନ ଅଛି ଏବଂ କହିଥାଏ, "ଏହି ସ୍ତ୍ରୀଲୋକ, ଏହି ସ୍ତ୍ରୀଲୋକ, ଏବଂ ସେହି ପୁରୁଷ, ଓ ଏହି ସ୍ତ୍ରୀଲୋକ...?" ଆପଣ ଦେଖନ୍ତୁ, ତାହା ଏକ ପ୍ରକାର—ତାହା ଏକ ପ୍ରକାର କଠୋର ହେବ। ବୁଝିଲେ? ଏବଂ ତାହାପରେ, ଯଦି ଆପଣ... ଅନେକ ଥର ମୁଁ ଏହା କରିଅଛି। ଏବଂ ଯଦି ସେମାନେ ସକାଳେ ଏତେ ଅଧିକ ନ ଥାଆନ୍ତି, ତେବେ ମୁଁ ସେହି ସମାନ କାର୍ଯ୍ୟ କରିପାରେ। ମୁଁ କହିବି, "ଏଠାରେ କେତେ ଲୋକ ସହର ବାହାରୁ ଅଛନ୍ତି ଯାହାଙ୍କର ସହିତ କିଛି ସମସ୍ୟା ଅଛି? ଆପଣ ଛିଡ଼ା ହୋଇଯାଆନ୍ତୁ।"

15 ଭାଇ ମର୍ସିଅର୍, ଆପଣ ମୋର ସାହାଯ୍ୟ ପାଇଁ ଆସୁଛନ୍ତି। କଅଣ ଆପଣ ମୋତେ ସାହାଯ୍ୟ କରିବାକୁ ଯାଉଛନ୍ତି? [ଭାଇ ମର୍ସିଅର୍ କୁହନ୍ତି, "ମୁଁ ମୋର ସାହାଯ୍ୟ ନିମନ୍ତେ ଆସୁଅଛି।"—ସମ୍ପା।] ଓଃ, ଆପଣ ଆସୁଛନ୍ତି...ସେ ନିଜର ସାହାଯ୍ୟ ପାଇଁ ଆସୁଛନ୍ତି। ମୁଁ ଆଜି ଆପଣଙ୍କର ଝିଅବନ୍ଧୁ ସହିତ କଥା ହେଲି। ତେବେ, ଉତ୍ତମ ହେବ ଯେ ଆପଣ ମୋ ସହିତ ପ୍ରକୃତରେ ଭଲ ବ୍ୟବହାର କରନ୍ତୁ। ବୁଝିଲେ? ଠିକ୍ ଅଛି। ତାହା ଭଲ ଅଟେ। ମୁଁ—ମୁଁ ସେହି ସାହସକୁ ପ୍ରଶଂସା କରେ ଭାଇ ଲିଓ। ଯେତେବେଳେ ଏହା ଠିକ୍ ନ ଥାଏ, ସେତେବେଳେ ଆସନ୍ତୁ—ଆସନ୍ତୁ ଏହାକୁ ଠିକ୍ କରି ନେବା ଯେପରି ଭାବରେକି ତାହା କରିବା ଆମେ ଜାଣୁ, ଯେତିକି ସର୍ବୋତ୍ତମ ଭାବରେ ଆମେ କରିପାରୁ।

16 ତେଣୁକରି ବର୍ତ୍ତମାନ ତେବେ, କେବଳ ସହର-ର-ବାହାରୁ ଥିବା ଲୋକମାନଙ୍କୁ ହାତ ଉଠାଇବାକୁ କୁହେ ଯାହାଙ୍କର ସହିତ କିଛି ସମସ୍ୟା ଅଛି। ଏବଂ ତାହାପରେ କେବଳ ସେଠାରେ ଠିଆ ହୋଇଥାଆନ୍ତୁ, ଜଣେ ବ୍ୟକ୍ତିଙ୍କୁ ଉତ୍ସର୍ଗ କରୁଥିବି ଯେପର୍ଯ୍ୟନ୍ତକି ପବିତ୍ରଆତ୍ମା ଆରମ୍ଭ ନ ହୋଇଯାଆନ୍ତି, ଏବଂ ତାହାପରେ ସମଗ୍ର ଦର୍ଶକଗଣଙ୍କୁ ନେଇଥାଏ। କେତେଜଣ ଏଠାରେ ଅଛନ୍ତି ଯେଉଁମାନେକି ତାହା ଏଠାରେ କରାଯାଇଥିବାର ଦେଖିଥିଲେ? ନିଶ୍ଚିତରେ! ବୁଝିଲେ, ବୁଝିଲେ? ତେଣୁ ଏହା କେଉଁ ଉପାୟରେ ଅଟେ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ। ଏହା ତ କେବଳ...

17 ମୁଁ ଚାହେଁ ଯେ ଆପଣ ଏହାକୁ ମନେରଖନ୍ତୁ, ଏବଂ ମୁଁ ଏହାକୁ ପୁନର୍ବାର ସକାଳେ କହିବାକୁ ଚେଷ୍ଟା କରିବି। ବିଜାତିମାନେ, ସେମାନଙ୍କୁ ଦିଆଯାଇଥିବା ସୁସମାଚାର ଏକ ବିଶ୍ୱାସ ସୁସମାଚାର ଅଟେ, ଆଦୌ କାର୍ଯ୍ୟର ନୁହେଁ। ବୁଝିଲେ? ଏବଂ ଯେପରି ମୁଁ ଗତ ରାତିରେ କହିଥିଲି। ଯେତେବେଳେ ପବିତ୍ରଆତ୍ମା ପେଣ୍ଟିକଷ୍ଟରେ ଅବତରିତ ହୋଇଥିଲେ, ଯେତେବେଳେ ସେମାନେ ଯିହୁଦୀମାନଙ୍କ ପାଖକୁ ଯାଇଥିଲେ (ପ୍ରେରିତ ୨:5), ସେମାନଙ୍କୁ ସେହି ଲୋକମାନଙ୍କ ଉପରେ ହାତ ରଖିବାକୁ ପଡିଥିଲା ଯେପରିକି ସେମାନେ ଏହାକୁ ଗ୍ରହଣ କରନ୍ତି। ଏବଂ ଯେତେବେଳେ ସେମାନେ ଶମିରୋଣୀୟମାନଙ୍କ ପାଖକୁ ଗଲେ, ସେମାନଙ୍କୁ ସେହି ଲୋକମାନଙ୍କ ଉପରେ ହାତ ରଖିବାକୁ ପଡିଥିଲା। ମାତ୍ର ଯେତେବେଳେ ସେମାନେ କର୍ଣ୍ଣୀଲିୟଙ୍କ ଘରେ ବିଜାତିମାନଙ୍କ ପାଖକୁ ଆସିଲେ, "ପିତର ଏହି କଥା କହୁଥିବା ସମୟରେ..." ହାତ ରଖିବାର ନ ଥିଲା।

18 ଯେତେବେଳେ ସେହି ସାନ ଝିଅଟିର ମୃତ୍ୟୁ ହୋଇଥିଲା, ସେହି ଯାଜକ, ଯାଇରସଙ୍କ ଝିଅ, କହିଥିଲେ, "ଆସି ତାହା ଉପରେ ହାତ ରଖନ୍ତୁ, ଏବଂ ସେ ବଞ୍ଚିଯିବ।" ମାତ୍ର ଯେତେବେଳେ ସେହି ରୋମୀୟ ଶତସେନାପତି, ସେହି ବିଜାତି, କହିଥିଲେ, "ମୁଁ ଯୋଗ୍ୟ ନୁହେଁ ଯେ ଆପଣ ମୋ ଛାତ ତଳକୁ ଆସିବେ, କେବଳ ପଦେ କହି ଦିଅନ୍ତୁ।" ତାହାହିଁ ଏହା ଅଟେ। ବୁଝିଲେ?

19 ସେହି ଶୂରଫୈନିକା ସ୍ତ୍ରୀ, ପ୍ରକୃତରେ ଗ୍ରୀକ୍ ଜାତିର ଯାହାକି ସେ ଥିଲା, ଯେତେବେଳେ ସେ—ଯେତେବେଳେ ଯୀଶୁ ତାକୁ କହିଲେ, କହିଲେ, "ସନ୍ତାନମାନଙ୍କର ରୁଟି ନେଇ କୁକୁରମାନଙ୍କୁ ଦେବା ମୋ ପାଇଁ ଉଚିତ୍ ନୁହେଁ ।"

ସେ କହିଲା, "ଏହା ସତ୍ୟ ଅଟେ, ପ୍ରଭୁ; ମାତ୍ର କୁକୁରମାନେ ମେଜ ତଳେ ପଡ଼ିଥିବା ସନ୍ତାନମାନଙ୍କର ଗୁଣ୍ଡଗୁଡିକ ଖାଇଥାନ୍ତି ।"

ସେ କହିଲେ, "ଏହି କଥା ପାଇଁ, ଶୟତାନ ତୁମ ଝିଅକୁ ଛାଡି ଚାଲିଗଲା ।" ତେବେ ଭଲ କଥାଗୁଡିକ କୁହନ୍ତୁ । କାହାରି ବିଷୟରେ କିଛି ଗୋଟାଏ ଭଲ କୁହନ୍ତୁ । ଯୀଶୁଙ୍କ ବିଷୟରେ କଥା ହୁଅନ୍ତୁ । କିଛି ଗୋଟାଏ ବିଶ୍ୱସ୍ତ, କିଛି ବାସ୍ତବ ବିଷୟ କୁହନ୍ତୁ । ଶୟତାନଠାରୁ ମୁକ୍ତି ପାଇବା ପାଇଁ ତାହାହିଁ ହେଉଛି ଉପାୟ । ସେ କେବେ କହିଲେ ନାହିଁ—ସେ କେବେ ସେହି ଝିଅ ପାଇଁ ପ୍ରାର୍ଥନା କଲେ ନାହିଁ । ସେ ତାର ସୁସ୍ଥ ହେବା ବିଷୟ ନେଇ କେବେବି ଗୋଟିଏ ହେଲେ କଥା କହିଲେ ନାହିଁ; ସେ କେବଳ କହିଲେ, "ଏହି କଥା ପାଇଁ, ଏହି କଥା ପାଇଁ…"

20 ହେଟ୍ଟୀ ରାଇଟ୍, ଅନ୍ୟ ଦିନ, ସେ କିଛି ହେଲେ ମାଗି ନ ଥିଲେ । ସେ ତ କେବଳ ସେଠାରେ ବସି ରହିଥିଲେ, ମାତ୍ର ସେ ଠିକ୍ କଥା କହିଥିଲେ, ଯାହାକି ପବିତ୍ରଆତ୍ମାଙ୍କୁ ପ୍ରସନ୍ନ କରିଥିଲା । ଏବଂ ପବିତ୍ରଆତ୍ମା ପ୍ରତ୍ୟୁତ୍ତରରେ କହିଲେ, "ହେଟ୍ଟୀ, ତୁମେ ଯାହା ଇଚ୍ଛା କରୁଛ ମାଗ, ତୁମର ଯାହା ଇଚ୍ଛା ଅଛି ଓ ତୁମେ ଯାହା ଚାହୁଁଛ । ମାଗି ଦେଖ ଯେ ତାହା ବାସ୍ତବ କି ନୁହେଁ । ଯେକୌଣସି ବିଷୟ ମାଗ (ସେଠାରେ ଶୁଷ୍କ ଭାବରେ ବସି ରହିଥିବା ତାର ଅପଙ୍ଗ ଭଉଣୀର ଆରୋଗ୍ୟତା; ଦଶ ହଜାର ଡଲାର ଟଙ୍କା ଯାହାକି ତାକୁ ସେଠାରେ ସେହି ପାହାଡ ଖୋଳିବା କାର୍ଯ୍ୟ ଆଉ କରିବାକୁ ପଡ଼ିବ ନାହିଁ; ଜର୍ଜର-ପଡ଼ିଯାଇଥିବା ତାର୍ ଶରୀରକୁ ପୁନଃସ୍ଥାପିତ କରିବା); ତୁମେ ଯାହାକିଛି ମାଗିବାକୁ ଇଚ୍ଛା କର, ତୁମେ ତାହା ବର୍ତ୍ତମାନ ହିଁ ମାଗ । ଯଦି ଏହା ନ ଆସେ ଏବଂ ତୁମକୁ ଏହା ଠିକ୍ ବର୍ତ୍ତମାନ ନ ଦେଇ ଦିଏ, ତେବେ ମୁଁ ଜଣେ ଭଣ୍ଡ ଭବିଷ୍ୟଦ୍‌ବକ୍ତା ଅଟେ ।" ତାହା—ତାହା ତାହା କିଛି ଗୋଟାଏ କଥା ଅଟେ, କଅଣ ନୁହେଁ କି?

21 ଯୀଶୁ କହିଲେ, "ଏହି ପର୍ବତକୁ କୁହ…" ଏବଂ ଆପଣମାନେ ତାହା ଶୁଣିଛନ୍ତି—ତାହା ବିଷୟରେ ଯାହାକି ଘଟିଥିଲା; ଏହା ସେହି ସେବାକାର୍ଯ୍ୟ ଅଟେ ଯାହା ଭିତରକୁ ଆମେ ପ୍ରବେଶ କରୁଅଛୁ । ଆମେ ବର୍ତ୍ତମାନ ଉର୍ଦ୍ଧ୍ୱସ୍ଥ ମାର୍ଗରେ ଯାଉଅଛୁ । ପ୍ରଭୁ ଯୀଶୁଙ୍କ ଆଗମନ ଶୀଘ୍ର ହେବାକୁ ଯାଉଅଛି । ଏବଂ ଆମକୁ ଏକ ମଣ୍ଡଳୀରେ ଉର୍ଦ୍ଧାନ୍ତିକରଣର ବିଶ୍ୱାସ ରଖିବାକୁ ଅଛି ଯାହାକି ଗୋଟିଏ ମୁହୂର୍ତ୍ତରେ ପରିବର୍ତ୍ତନ କରିପାରେ, ଆଖି ପିଛୁଳାକେ ଏହି ଜଗତରୁ ଚାଲିଯିବା ପାଇଁ, ନଚେତ୍ ଆମେ ଯିବା ନାହିଁ । କିନ୍ତୁ ବ୍ୟସ୍ତ ହୁଅନ୍ତୁ ନାହିଁ, ଏହା ସେଠାରେ ରହିବ । ଏହା ସେଠାରେ ରହିବ । ଏବଂ ଯେତେବେଳେ ଏହି ମଣ୍ଡଳୀର ଶକ୍ତି ବଢ଼େ, ଏହା ତାହାର ଭାଇମାନଙ୍କୁ ନେଇ ଆସିବ; ସେହି ମଣ୍ଡଳୀର ଶକ୍ତି ବଢ଼େ, ତାହାର ଭାଇମାନଙ୍କୁ ନେଇ ଆସିବ; ସେହି ମଣ୍ଡଳୀର ଶକ୍ତି ଅନ୍ୟ ଭାଇମାନଙ୍କୁ ନେଇ ଆସିବ; ତାହାପରେ ସେଠାରେ ଏକ ସାଧାରଣ ପୁନରୁତ୍ଥାନ ହେବ । ଏବଂ ଆମେ ଏହାର ଅପେକ୍ଷା କରୁଅଛୁ ।

22 ତେବେ, ଭୁଲନ୍ତୁ ନାହିଁ, ପ୍ରାର୍ଥନା କାର୍ଡଗୁଡିକ ସକାଳ ଆଠରୁ ଆଠଟା-ତିରିଶ ପର୍ଯ୍ୟନ୍ତ। ତାହାପରେ ମୁଁ ସେହି ଲୋକମାନଙ୍କୁ ପଚାରେ ଯେଉଁମାନେକି ଭିତରକୁ ଆସି ଯାଇଥାଆନ୍ତି, ତେବେ କାର୍ଡଗୁଡିକୁ ଦେବା ବନ୍ଦ କରି ଦେଇ, ପଛକୁ ଯାଇ, ନିଜ ନିଜର ସ୍ଥାନରେ ବସି ଯାଆନ୍ତୁ (ବୁଝିଲେ?), କାରଣ ସେମାନେ ବୋଧହୁଏ ସେହି ସମୟ ପର୍ଯ୍ୟନ୍ତ ଯେକୌଣସି ଉପାୟରେ ସେଗୁଡିକୁ ଦେଇ ସାରିଥିବେ, କିମ୍ବା ଆମେମାନେ ସେଥିରୁ ଯେତେ ପାରିବା ଟାଣିନେବା। ପିଲାମାନେ ଉଠିବେ, ଠିକ୍ ଆପଣଙ୍କ ସମ୍ମୁଖରେ ସମସ୍ତ କାର୍ଡଗୁଡିକୁ ମିଶାଇବେ, ତାହାପରେ ଯଦି ଆପଣ ଗୋଟିଏ ଚାହାଁନ୍ତି, ଆପଣ ଗୋଟିଏ ଚାହାଁନ୍ତି, କିମ୍ବା ସେହିପରି ଆଉ ଅଧିକ କିଛି...ତାହାପରେ ଯେତେବେଳେ ମୁଁ ଭିତରକୁ ଆସିବି, ମୁଁ କେବଳ...ପ୍ରଭୁ ଯେଉଁଠାରୁ କହିବେ ଡାକ...ଏବଂ ଯଦି ସେ କହିବେ, "ଆଦୌ ଡାକ ନାହିଁ," ମୁଁ ସେମାନଙ୍କୁ ଆଦୌ ଡାକିବି ନାହିଁ (ବୁଝିଲେ?), ତେବେ ତାହା ଯାହାକିଛି ବି ହେବ।

23 ଏବଂ ମୁଁ...ସେହି ସେବାକାର୍ଯ୍ୟଟି ଯାହା ବି ହେଉ ପ୍ରାୟଃ କ୍ଷୀଣ ହେବାକୁ ଯାଉଅଛି; ସେଠାରେ କିଛି ଗୋଟାଏ ମହାନ ବିଷୟ ଆସୁଅଛି। ମନେରଖନ୍ତୁ, ତାହା ହିଁ ଅଟେ ଯେଉଁଠାରେକି ପ୍ରତ୍ୟେକ ଥର ତାହା ଏହି ମଞ୍ଚ କିମ୍ବା ଏହି ପ୍ରଚାର ମଞ୍ଚରୁ କୁହାଯାଇଛି, ଏବଂ ତାହା ଏପର୍ଯ୍ୟନ୍ତ ବିଫଳ ହୋଇନାହିଁ। ଆପଣଙ୍କର ସେହି ହାତ ବିଷୟରେ ସେବାକାର୍ଯ୍ୟ ମନେ ଅଛି କି? ଦେଖନ୍ତୁ ତାହା କଅଣ କଲା? ହୃଦୟର ଚିନ୍ତାଗୁଡିକ, ଦେଖନ୍ତୁ ତାହା କଅଣ କଲା? ତେବେ ଏହାକୁ ଦେଖନ୍ତୁ: ବାକ୍ୟ କୁହନ୍ତୁ, ଏବଂ ଦେଖନ୍ତୁ ଯେ ତାହା କଅଣ କରେ। ବୁଝିଲେ? ମୁଁ ଆପଣମାନଙ୍କୁ ଅନେକ ବର୍ଷ ପୂର୍ବରୁ କହିଥିଲି—ସେହି ମଣ୍ଡଳୀ (ମୁଁ ଆରାଧନାଳୟ ସହିତ କଥାବାର୍ତ୍ତା କରୁଛି)—ଅନେକ ବର୍ଷ ପୁର୍ବେ, ତିନି କିମ୍ବା ଚାରି ବର୍ଷ ପୂର୍ବେ, କିଛି ଗୋଟାଏ ବିଷୟ ହେବାକୁ ଯାଉଥିଲା; ଏହା ଘଟିବାକୁ ସ୍ଥିର ହେଉଅଛି। ଏବଂ ଏଠାରେ ତାହା ବର୍ତ୍ତମାନ ଘଟିବା ଉପରେ ଅଟେ...ଏହା ଘଟିବା ପାଇଁ ପ୍ରସ୍ତୁତ ହେଉଅଛି। ତେବେ, ଆମେ ସେଥିପାଇଁ କୃତଜ୍ଞ ଅଟୁ। ଓଃ, ଆମେ କେତେ ଧନ୍ୟବାଦୀ ଅଟୁ। ଅତ୍ୟନ୍ତ ଖୁସି।

24 ତେବେ, ଆମେ ଏଠାରେ କିଛି କଠିନଗୁଡିକ ପ୍ରଶ୍ନଗୁଡିକୁ ପାଇଛୁ, ଏବଂ ଆମେ ଠିକ୍ ସେଗୁଡିକ ଭିତରକୁ ଯିବାକୁ ଚାହୁଁ। କେହି ଜଣେ ମୋ ପାଖରେ ଥିବା ଏହି ସମସ୍ତ ପୁସ୍ତକଗୁଡିକୁ ଦେଖିଲେ। ମୁଁ କହିଲି, "ତେବେ, ଜଣେ ପ୍ରଖର ବ୍ୟକ୍ତି କେବଳ ଗୋଟିଏ ଆବଶ୍ୟକ କରେ।" କିନ୍ତୁ ମୁଁ ଜଣେ ପ୍ରଖର ବ୍ୟକ୍ତି ନୁହେଁ। ମୋତେ ତ ଦେଖିବା ପାଇଁ ସେଗୁଡିକ ମଧ୍ୟରୁ ଅନେକେ ଦରକାର ଥାଏ। ତେବେ, ଏହା ହେଉଛି ଡାଏଗ୍ଲଟ୍, ଏବଂ ଏହା ଏକ ବାଇବଲ, ଏବଂ ଏହା ଏକ କଂକର୍ଡାନ୍ସ ଅଟେ। ତେଣୁ ଏହା ଏକ...ଆମେ କେବଳ ପ୍ରଭୁଙ୍କଠାରେ ନିବେଦନ କରିବାକୁ ଯାଉଅଛୁ ଯେ ସେ ଠିକ୍ ତାହାଙ୍କର ଈଶ୍ୱରୀୟ ଇଚ୍ଛା ଏବଂ ତାହାଙ୍କର ବାକ୍ୟ ଅନୁଯାୟୀ ଆମକୁ ସାହାଯ୍ୟ କରିବେ ଏବଂ ଏହି ପ୍ରଶ୍ନଗୁଡିକର ଉତ୍ତର ଦେବା ପାଇଁ ଆମକୁ ଦିଗଦର୍ଶନ କରିବେ।

25 ତେଣୁ ବର୍ତ୍ତମାନ, ଆସନ୍ତୁ ଗୋଟିଏ କ୍ଷଣ ପ୍ରାର୍ଥନା ପାଇଁ ନିଜର ମସ୍ତକଗୁଡିକୁ ନତ କରିବା। ପ୍ରଭୁ, ଏହି ବିଗତ ତିନି ରାତିରେ ତୁମେ ଆମ ପାଇଁ ଯାହା କରିଛ ତାହା ନିମନ୍ତେ

ଠିକ୍ ଆମ ହୃଦୟର ଗଭୀରତାରୁ ଆମେ ତୁମଠାରେ କୃତଜ୍ଞ ଅଟୁ। ଓଃ, ସେହି ସେବକମାନଙ୍କୁ ପଶ୍ଚାତରେ ସେହି କୋଠରୀରେ ସାକ୍ଷାତ କରିବା ଏବଂ ହାତ ମିଶାଉଥିବାର ଦେଖିବା, ଏବଂ ନୂତନୀକୃତ ବିଶ୍ୱାସ, ଏବଂ—ଏବଂ ଏକ ନୂତନ ପଦକ୍ଷେପ ନେବାର ଦେଖିବା। ଫୋନରେ ଡାକରା ଦେବା...ଏବଂ ଆମର ହୃଦୟଗୁଡିକ ପ୍ରଫୁଲ୍ଲିତ ହେଉଅଛି, ଏବଂ ଲୋକମାନେ ତୁମର ବାକ୍ୟକୁ ଏହା ଦେଖିବା—ଦେଖିବା ପରେ ପବିତ୍ରଆତ୍ମାଙ୍କୁ ଗ୍ରହଣ କରୁଛନ୍ତି, ଯେ ଏହା କହିଥାଏ ଯେ କିପରି ଭାବରେ ଗୋଟିଏ ପରେ ଗୋଟିଏ ପର୍ଯ୍ୟାୟ କ୍ରମେ ତୁମର ପବିତ୍ରଆତ୍ମାଙ୍କୁ ଗ୍ରହଣ କରାଯିବାକୁ ଅଛି। ପ୍ରଭୁ, ତାହା ପାଇଁ ଆମେ ଅତ୍ୟଧିକ ଧନ୍ୟବାଦୀ ଅଟୁ।

26 ତୁମେ ଆମ ପାଇଁ ଜିନିଷଗୁଡିକୁ ଏତେ ସରଳ କରି ଦେଇଥାଅ, କାରଣ ଆମେ ସରଳ ଲୋକ ଅଟୁ। ଏବଂ ଆମେ ପ୍ରାର୍ଥନା କରୁଛୁ, ପରମେଶ୍ୱର, ଯେ—ଯେ ତୁମେ ଆମମାନଙ୍କୁ ସମ୍ପୂର୍ଣ୍ଣଭାବେ ସର୍ବଦା ନିଜକୁ ସରଳ କରିବାକୁ ଦେବ। କାରଣ ଏହା...ସେହି ଲୋକମାନେ ହିଁ ଅଟନ୍ତି ଯିଏକି ଆପଣାକୁ ନମ୍ର କରନ୍ତି ସେ ଉନ୍ନତ କରାଯିବେ। ଏବଂ ଜଗତର ଜ୍ଞାନ ପରମେଶ୍ୱରଙ୍କ ପାଇଁ ମୂର୍ଖତା ଅଟେ; ଯେ ଏହା ପରମେଶ୍ୱରଙ୍କୁ ପ୍ରସନ୍ନ କଲା ଯେ ସେ ପ୍ରଚାରର ମୂର୍ଖତା ଦ୍ୱାରା ହଜିଯାଇଥିବା ଲୋକମାନଙ୍କୁ ଉଦ୍ଧାର କରନ୍ତି।

27 ଏବଂ ବର୍ତ୍ତମାନ, ପିତା, ଏଠାରେ ମୋର ପାଖରେ ଅନେକ ପ୍ରଶ୍ନଗୁଡିକ ଅଛି ଯାହାକି ନିଷ୍ଠାପର ହୃଦୟରୁ ପଚରାଯାଇଅଛି ଯେଉଁମାନେକି ଚିନ୍ତିତ ଅଟନ୍ତି। ଏବଂ ସେଗୁଡିକ ମଧ୍ୟରୁ ଗୋଟିଏ ହେଲେ ଭୁଲ୍ ଉତ୍ତର ଦିଆଗଲେ ତାହା ସେହି ବ୍ୟକ୍ତିଙ୍କୁ ଭୁଲ୍ ମାର୍ଗକୁ ନେଇଯାଇପାରେ, ସେମାନଙ୍କର ସେହି ପ୍ରଶ୍ନ ଉପରେ ଭୁଲ ପ୍ରକାଶ ପକାଇବା ଯେଉଁ ପ୍ରଶ୍ନକି ସେମାନଙ୍କୁ ବ୍ୟଥିତ କରୁଅଛି। ତେଣୁକରି ହେ ପ୍ରଭୁ ପରମେଶ୍ୱର, ମୁଁ ପ୍ରାର୍ଥନା କରୁଛି ଯେ ତୁମର ପବିତ୍ରଆତ୍ମା ଆମ ଉପରେ ବିଚରଣ କରିବେ ଏବଂ ଏହି ବିଷୟସବୁକୁ ପ୍ରକାଶ କରିବେ, କାରଣ ଏହା ଶାସ୍ତ୍ରରେ ଲେଖାହୋଇଛି, "ମାଗ ଏବଂ ତୁମେ ପ୍ରାପ୍ତ ହେବ; ଆଉ ଖୋଜ ପୁଣି ତୁମେ ତାହା ପାଇବ; ଆଘାତ କର ଏବଂ ତାହା ତୁମ ପାଇଁ ଖୋଲି ଦିଆଯିବ।" ଏବଂ ପ୍ରଭୁ, ତାହାହିଁ ଅଟେ ଯାହାକି ଆମେମାନେ ବର୍ତ୍ତମାନ କରୁଅଛୁ, ତୁମର ଦୟା ଦ୍ୱାରରେ ଆଘାତ କରୁଅଛୁ। ତୁମର ଈଶ୍ୱରୀୟ ନ୍ୟାୟର ଛାୟାରେ ଠିଆ ହୋଇ, ଆମେ ପରମେଶ୍ୱରଙ୍କର ଖ୍ରୀଷ୍ଟଙ୍କ ରକ୍ତ ଏବଂ ପବିତ୍ରଆତ୍ମାଙ୍କ ପାଇଁ ନିବେଦନ କରୁଅଛୁ।

28 ଏବଂ ଆମେ ଆଜି ରାତିରେ ଏଇଥି ପାଇଁ ଆସୁନାହୁଁ ଯେ ଆମେ ପବିତ୍ରଆତ୍ମାଙ୍କ ଉପରେ ପ୍ରଚାରର ସେହି ତିନି ରାତିକୁ ସମାପ୍ତ କରୁ, ଆମେ ତ ଅତ୍ୟନ୍ତ ଗଭୀର ସମ୍ମାନ ଏବଂ ନିଷ୍ଠାପରତା ସହିତ ଆସୁଅଛୁ। ଆମେ ଏହିପରି ଆସୁଅଛୁ ଯେପରିକି ଏହା ସେହି ଶେଷ ରାତି ଅଟେ ଯାହାକି ଆମେ କେବେ ପୃଥିବୀରେ ରହିବୁ। ଆମେ ଏହା ବିଶ୍ୱାସ କରୁଥିବା ସହ ଆସୁଛୁ ଯେ ତୁମେ ଆମର ପ୍ରାର୍ଥନାଗୁଡିକୁ ଉତ୍ତର ଦେବ। ଏବଂ ପ୍ରଭୁ, ଆମେ ନିବେଦନ କରୁଛୁ ଯେ ତୁମେ ବର୍ତ୍ତମାନ ତୁମର ଅନନ୍ତ ଜୀବନ ସହିତ ଆମକୁ ସନ୍ତୁଷ୍ଟ କରିବ। ଏବଂ ତୁମ ବାକ୍ୟର ଉତ୍ତରରେ, ହେ ପରମେଶ୍ୱର, ଏହା ହେଉ ଯେ ପବିତ୍ରଆତ୍ମା, ଯେପରିକି ଆମେ ପାଇଲୁ ଯେ

ଏହା ତୁମେ ହିଁ ଆମ ମଧ୍ୟରେ ଅଟ, ଆମେ ପ୍ରାର୍ଥନା କରୁଛୁ ଯେ ସେ ଆଜି ରାତିରେ ଆମକୁ ତାହା ପ୍ରକାଶ କରିବେ ଯାହା ଆମେ ଇଚ୍ଛା କରୁ । ଏବଂ ଆମେ କେବଳ ଏହା ଇଚ୍ଛା କରୁଛୁ ଯେ ଆମର ପ୍ରାଣଗୁଡିକ ବିଶ୍ରାମରେ, ଏବଂ ଆମର ମନଗୁଡିକ ଶାନ୍ତିରେ ରହିପାରୁ, ଏବଂ ପରମେଶ୍ୱରଙ୍କ ଉପରେ ଆଗକୁ ବଢି ସେ ପ୍ରତିଜ୍ଞା କରିଥିବା ଆଶୀର୍ବାଦଗୁଡିକୁ ଦାବି କରିବାର ବିଶ୍ୱାସ ରଖିପାରୁ । ଆମେ ଯୀଶୁଙ୍କ ନାମରେ ଏହାକୁ ମାଗୁଅଛୁ । ଆମେନ୍ ।

29 ତେବେ, ମୋ ପାଖରେ ସେହି ସମସ୍ତ ପ୍ରଶ୍ନଗୁଡିକ ଅଛି ଯାହାକି ମୋତେ ଦିଆଯାଇଛି, ଗୋଟିଏ ବ୍ୟତୀତ । ଏବଂ ମୁଁ ସାନ ଭାଇ ମାର୍ଟିନ୍‌ଙ୍କୁ ଉତ୍ତର ଦେଲି ଯିଏକି ଗତ ରାତି ମୋତେ ଏକ ପ୍ରଶ୍ନ ପଚାରିଥିଲେ, କେବଳ ଗୋଟିଏ । ଗତକାଲି ରାତି ଏଠାରେ ଅନେକେ ଥିଲେ, ମାତ୍ର ତାହା ପ୍ରାର୍ଥନା ଅନୁରୋଧଗୁଡିକ ଥିଲା । ଏବଂ ଭାଇ ମାର୍ଟିନ ମୋତେ ଯୋହନ 3:16—କିମ୍ବା ଯୋହନ 3 ବିଷୟରେ ପ୍ରଶ୍ନ ପଚାରିଥିଲେ, ମୁଁ ବିଶ୍ୱାସ କରେ, ତାହା ବିଷୟରେ, "ଯଦି କୌଣସି ବ୍ୟକ୍ତି ଜଳ ଏବଂ ଆତ୍ମା ଦ୍ୱାରା ଜନ୍ମ ନ ହୁଏ, ସେ ରାଜ୍ୟ ଦେଖିପାରିବେ ନାହିଁ," ଏବଂ ଏହାକୁ ଏକ ଟେପ୍ ସହିତ ତୁଳନା କରିଥିଲି ଯାହା ମୁଁ ଏବ୍ରୀ ଉପରେ ଦେଇଥିଲି । ଏବଂ ମୁଁ ଗତ ସନ୍ଧ୍ୟାରେ ଏଠାରେ ପଛ କୋଠରୀରେ ତାଙ୍କୁ ଭେଟିଥିଲି, ଏବଂ—ମୁଁ ତାଙ୍କୁ ଉତ୍ତର ଦେବାର ସୁଯୋଗ ପାଇବା ପୂର୍ବରୁ, ଏବଂ ତାହାପରେ ମୁଁ ସେଠାରେ, ସେହି ବିଷୟ ଉପରେ କରିଥିଲି ।

30 ତେବେ, ଏଠାରେ ଏପରି କେହି ଅଛନ୍ତି କି ଯିଏକି ଗତ ରାତି ଏଠାରେ ନ ଥିଲେ? ଆସନ୍ତୁ ଆପଣମାନଙ୍କର ହାତଗୁଡିକ ଦେଖିବା, ଯେଉଁମାନେକି ଗତ ରାତି ଏଠାରେ ନ ଥିଲେ । ଓଃ, ଆମେ, ନିଶ୍ଚିତରେ ଏହା ଇଚ୍ଛା କରୁ ଯେ ଆପଣ ଆମ ସହିତରେ ରହି ଥାଆନ୍ତେ । ଆମର ଏପରି ଏକ ମହିମାମୟ ସମୟ ରହିଥିଲା । ପବିତ୍ରଆତ୍ମା...

31 ମୁଁ ହୁଏତ, ମାତ୍ର ଗୋଟିଏ ମିନିଟ୍ ପାଇଁ...ଏହା ବ୍ୟଥିତ କରିବ ନାହିଁ । ଏହା ଟ୍ୟାପ୍ ହୋଇଛି । ଏବଂ ଯଦି କୌଣସି ସେବକ ହୁଅନ୍ତି—କିମ୍ବା କୌଣସି ବ୍ୟକ୍ତି ସେଥିରେ ଅସହମତ ହୁଅନ୍ତି ଯାହା ମୁଁ ବର୍ତ୍ତମାନ କହିବାକୁ ସ୍ଥିର କରୁଅଛି, କିମ୍ବା ଏପରିକି ପ୍ରଶ୍ନଗୁଡିକରେ ମଧ୍ୟ, ମୁଁ ପଚାରେ, ଯେ ହେ ଭାଇ, ଆପଣ ଏହାକୁ ବିଚିତ୍ର ବୋଲି ଭାବିବେ ନାହିଁ, ବରଂ ତାହା—ମନେ ରଖନ୍ତୁ ଯେ ଏହି ଟେପ୍ ଆମର ଏଠାରେ ଆରାଧନାଳୟରେ ତିଆରି ହେଉଅଛି । ଆମେ ଆମର ଲୋକମାନଙ୍କୁ ଶିକ୍ଷା ଦେଉଅଛୁ । ବିଭିନ୍ନ ବିଶ୍ୱାସମତର ଅନେକ ସେବକଗଣ ଚାରିଆଡ଼େ ବସିଛନ୍ତି । ଏବଂ ମୁଁ ପୁନର୍ବାର ସେହି ବିଷୟ ମଧ୍ୟକୁ ଯିବାକୁ ଚାହିଁବି, କାରଣ ସେଠାରେ ଆମର କିଛି ଲୋକମାନେ ଅଛନ୍ତି ଯେଉଁମାନେକି ଗତ ରାତି ଭିତରକୁ ପ୍ରବେଶ କରି ପାରି ନ ଥିଲେ ଯେଉଁମାନଙ୍କୁ ଆଜି ରାତି ମୁଁ ଭିତରେ ଥିବାର ଦେଖେ । ଏବଂ ଯଦି ଆପଣ ଏହାର ଅନୁମତି ଦେବେ, ମୁଁ କେବଳ ଗୋଟିଏ କ୍ଷଣ ପାଇଁ ତାହା ଦେଇ ଯିବାକୁ ଚାହେଁ, ଯାହା ଗତ ସନ୍ଧ୍ୟାରେ ମୁଁ କହିଥିଲି; ଆଉ ତାହା ପେଣ୍ଟିକଷ୍ଟରେ, ପବିତ୍ରଆତ୍ମା ପାଇବା ବିଷୟ ଉପରେ ଥିଲା ।

ତେବେ, ଗ୍ରୀକ୍ ଅନୁବାଦର *ଏମ୍ଫାଟିକ୍ ଡାଏଗ୍ଲଟ* ରୁ ପାଠ କରିବାରେ, ଯେଉଁଠାରେ ମୁଁ ଗତ ସନ୍ଧ୍ୟାରେ ଥିଲି, ଯାହାକି ବର୍ତ୍ତମାନ ମୋ ସମ୍ମୁଖରେ ଖୋଲା ଅଛି। ତାହା ଗ୍ରୀକ୍ ଭାଷାରୁ ଇଂରାଜୀକୁ ମୂଳ ଅନୁବାଦ ଅଟେ। ଏହା ଅନ୍ୟ ଅନୁବାଦକମାନଙ୍କ ମାଧ୍ୟମ ଦେଇ ଯାଏ ନାହିଁ, ଏହା—ଏବଂ ଅନ୍ୟାନ୍ୟ ସଂସ୍କରଣ, ଏହା ସୀଧାସଳଖ ଠିକ୍ ଗ୍ରୀକ୍ ଭାଷାରୁ ଇଂରାଜୀ ଅଟେ। ତେବେ, ଇଂରାଜୀ ଶବ୍ଦଗୁଡିକ, ଅନେକ ଥର ସେମାନଙ୍କର ଏପରି ଅର୍ଥଗୁଡିକ ଥାଏ, ଯେପରିକି ମୁଁ ବର୍ତ୍ତମାନ କହିବି, *ବୋର୍ଡ।* ସେହି ଶବ୍ଦ *ବୋର୍ଡ* ନିଅନ୍ତୁ। ଆପଣ କହିବେ, "ତେବେ, ତାହାର ଅର୍ଥ ହେଲା ଯେ ଆମେ ତାଙ୍କୁ ବୋରିଙ୍ଗ ବା *ବିରକ୍ତ* କରୁଛୁ।" ନା! "ଓଃ, ସେ—ସେ ତାଙ୍କର ବୋର୍ଡ୍ ବା *ଆଗମନ* ପାଇଁ ମୂଲ୍ୟ ଦେଲେ।" ନା! ତେବେ, ସେ..."ଏହା ଘର ପାର୍ଶ୍ୱରେ ଏକ ବୋର୍ଡ୍ ବା *ପଟା* ଅଟେ।" ତେବେ, ବୁଝିଲେ? କିମ୍ୱା ସେଗୁଡ଼ିକ ମଧ୍ୟରୁ କୌଣସିଟି...ସେଠାରେ ଚାରି କିମ୍ୱା ପାଞ୍ଚୋଟି ଭିନ୍ନ ଶବ୍ଦ ବ୍ୟବହାର କରାଯାଇପାରେ; ଆପଣଙ୍କୁ ତ ବାକ୍ୟ ନିର୍ମାଣ କରିବାକୁ ଅଛି। ସେହି ଶବ୍ଦ *ସି। ସି* ର ଅର୍ଥ "ବୁଝିବା," ଇଂରାଜୀରେ। ସି ବା *ସମୁଦ୍ର*ର ଅର୍ଥ "ଜଳରାଶି।" *ସି*ର ଅର୍ଥ "ଦେଖିବା।" ବୁଝିଲେ? ମାତ୍ର ଏହି ଅନୁବାଦଗୁଡ଼ିକ ଉପରେ, ଏଠାରେ ବ୍ୟବହୃତ ଶବ୍ଦ, ଯାହା ବିଷୟରେ ଗତ ରାତି ମୁଁ ପ୍ରେରିତ ତାର 2ୟ ପର୍ବରେ କହିଥିଲି, ଯେଉଁଠାରେ ଏହା କୁହେ, "ସେମାନଙ୍କ ଉପରେ ଅଗ୍ନି ଜିହ୍ୱା ବିତରିତ ହେଲା..." ତେବେ, ମୁଁ କେବଳ ଅଳ୍ପ କିଛି କ୍ଷଣ ପଛକୁ ଫେରିବାକୁ ଚାହିଁବି। କଅଣ ଆପଣମାନେ କେବଳ ଅଳ୍ପ କିଛି କ୍ଷଣ ପାଇଁ, ଏହା ପୂର୍ବେକି ଆମେମାନେ ଆଗକୁ ଯାଉ, ଦୟାକରି ଏହାକୁ ସମୀକ୍ଷା କରିବାକୁ ଚାହିଁବେ କି?

32 ତେବେ, ଆପଣମାନେ ନିଜର କିଙ୍ଗ ଜେମ୍ସରେ କିମ୍ୱା ଆପଣ ଯେଉଁ ଅନୁବାଦରୁ ପାଠ କରୁଛନ୍ତି, ଓଲଟାନ୍ତୁ...ଏବଂ ମୁଁ ଏହାକୁ ପାଠ କରିବାକୁ ଚାହେଁ। ଆଉ ତେବେ ଧ୍ୟାନ ସହକାରେ ଶୁଣନ୍ତୁ। ଭୁଲ ବୁଝନ୍ତୁ ନାହିଁ। ଆଜି ଅନେକେ, ଏପରିକି ମୋ ଭଉଣୀ, ସେମାନଙ୍କ ମଧ୍ୟରୁ ଅନେକେ ଡାକିଲେ, କହିଲେ...ଶ୍ରୀମତୀ ମୋର୍ଗାନ୍...ସେମାନଙ୍କ ମଧ୍ୟରୁ ଅନେକେ ଗତ ସନ୍ଧ୍ୟାରେ ଥିଲେ। ଶ୍ରୀମତୀ ମୋର୍ଗାନ୍ ଆମର ଜଣେ ଅନ୍ୟତମ ଭଉଣୀମାନଙ୍କ ମଧ୍ୟରୁ ଯାହାଙ୍କୁ ଛାଡ଼ି ଦିଆ ଯାଇଥିଲା; ଏବଂ ତାଙ୍କର ନାମ ଷୋହଳ, ସତର ବର୍ଷ ପୂର୍ବେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଲୁଇସୱିଲେରେ ମୃତ ତାଲିକାରେ ଥିଲେ। ମୁଁ ଭାବୁଛି ସେ ଆଜି ରାତି ଏଠାରେ ପୁଣି ଥରେ ବସିଛନ୍ତି। ସେ ଶୁଣିପାରୁ ନ ଥିଲେ, ସେ କହିଲେ, କାରଣ ମୁଁ ସିଧାସଳଖ ମାଇକ୍ରୋଫୋନରେ କଥା କହୁଥିଲି। ଏବଂ ସେମାନଙ୍କ ସକାଶୁ ମୁଁ ଗୋଟିଏ କ୍ଷଣ ପାଇଁ ଏହାକୁ ପୁନରାବୃତ୍ତି କରିବାକୁ ଚାହେଁ।

33 ତେବେ, ମୁଁ ପ୍ରେରିତ 2 ର ଶାସ୍ତ୍ରରୁ ପାଠ କରୁଛି:

*...ପେଣ୍ଟିକଷ୍ଟ ଦିବସ ଉପସ୍ଥିତ ହୁଅନ୍ତେ, ସମସ୍ତେ ଏକ ସ୍ଥାନରେ ସମବେତ* ଥିଲେ...(ତେବେ, ମୁଁ ତାହାକୁ ଏକମତ ଅପେକ୍ଷା ଅଧିକ ପସନ୍ଦ କରେ: କାରଣ

ଆପଣ ଯେକୌଣସି ବିଷୟ ଉପରେ ଏକମତ ହୋଇପାରିବେ, ମାତ୍ର ଏଠାରେ ସେମାନେ ସମବେତ ଥିଲେ।)...ଏକ *ସ୍ଥାନରେ ସମବେତ ଥିଲେ।*

*ଆଉ ପ୍ରବଳ ବେଗରେ ବହୁଥିବା ପ୍ରଚଣ୍ଡ ପବନର ଶବ୍ଦ ତୁଲ୍ୟ ଗୋଟିଏ ଶବ୍ଦ ଅକସ୍ମାତ ଆକାଶରୁ ଆସି, ଯେଉଁ ଗୃହରେ ସେମାନେ ବସିଥିଲେ...ସେହି ଗୃହର ସର୍ବତ୍ର ବ୍ୟାପିଗଲା।* (ଆଣ୍ଠୁମାଡି ନୁହେଁ, ପ୍ରାର୍ଥନା କରୁଥିବା ନୁହେଁ, କିନ୍ତୁ ବସିଥିଲେ।)...

...ବିଭାଜିତ *ଜିହ୍ୱାଗୁଡିକ*...(ଜି-ହ୍ୱା-ଗୁ-ଡି-କ—ଜିହ୍ୱାଗୁଡିକ। "ବିଭାଜିତ" ଅର୍ଥ, "ବିଭକ୍ତ।")...ଜିହ୍ୱାଗୁଡିକ...*ସେମାନଙ୍କ ଦୃଷ୍ଟିଗୋଚର ହୋଇ...ଅଗ୍ନି... ସଦୃଶ, ଏବଂ* ଗୋଟି...("ଗୋଟି," ଏକବଚନ)...ସେମାନଙ୍କ *ପ୍ରତ୍ୟେକ ଜଣଙ୍କ* ଉପରେ *ଅଧିଷ୍ଠିତ ହେଲା।*

*ଏବଂ ସେଥିରେ ସମସ୍ତେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହେଲେ*...("ପୁଣି," ସଂଯୋଗ।)...*ସମସ୍ତେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ* ହେଲେ, *ପୁଣି* ଆତ୍ମା *ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ।*

ଏହି *ସମୟରେ ଆକାଶର ନିମ୍ନସ୍ଥିତ ପ୍ରତ୍ୟେକ ଜାତିରୁ ଆଗତ ହୋଇ ଯିରୂଶାଲମରେ ବାସ କରୁଥିବା ଭକ୍ତ, ଯିହୁଦୀମାନେ, ସେ ପାଖରେ ଥିଲେ।*

...*ଏହି ଶବ୍ଦ ହୁଅନ୍ତେ*...ବହୁ ଜନତା ଏକତ୍ର ହୋଇ, *ପ୍ରତ୍ୟେକ ଜଣ, ଆପଣା ଆପଣା* ଭାଷାରେ, *ସେମାନଙ୍କୁ...କଥା* କହୁଥିବା *ଶୁଣିବାରୁ*...ହତବୁଦ୍ଧି *ହେଲେ।*

34 ତେବେ ଧ୍ୟାନ ଦିଅନ୍ତୁ! ଯେତେବେଳେ ଅଗ୍ନି ଆସିଲା, ତାହା ଜିହ୍ୱାଗୁଡିକ ଥିଲା; ଯେତେବେଳେ ସେମାନେ କଥାବାର୍ତ୍ତା କରୁଥିଲେ, ଏହା ଭାଷା ଥିଲା। ବର୍ତ୍ତମାନ, ଜିହ୍ୱା ଏବଂ ଭାଷା ମଧ୍ୟରେ ଏକ ବଡ଼ ପାର୍ଥକ୍ୟ ଅଛି। ଆମ ପାଇଁ ଏହା ସବୁ ସମାନ ଅଟେ। କିନ୍ତୁ, ଗ୍ରୀକ୍ ଭାଷାରେ, "ଜିହ୍ୱା" ଅର୍ଥ *ଏହା* ଅଟେ। [ଭାଇ ବ୍ରାନହାମ୍ ବର୍ଣ୍ଣନା କରନ୍ତି—ସମ୍ପା।] କାନ ହେଉଛି *ଏହା।* ବୁଝିଲେ? ତାହାର ଅର୍ଥ ଏକ ଭାଷା ନୁହେଁ; ଏହାର ଅର୍ଥ ହେଉଛି ଆପଣଙ୍କର ଶରୀରର ଏକ ଅଙ୍ଗ ଯାହାକି ଏକ ଜିହ୍ୱା ଅଟେ। ଯଦି ଆପଣ ଧ୍ୟାନ ଦେବେ, ଏହାର ଅନୁବାଦ *ଅଗ୍ନିର ଜିହ୍ୱା* ହୋଇଛି ଯାହାର ଅର୍ଥ ହେଲା "ଜିହ୍ୱା ପରି," ଠିକ୍ ଯେପରିକି ଏକ ଅଗ୍ନିର ଲାଳ, ଅଗ୍ନିର ଏକ ଲମ୍ବା ହୁଲାଟିଏ। ତେବେ, ବର୍ତ୍ତମାନ ଗୁରୁତ୍ୱକୁ ଦେଖନ୍ତୁ। ଏବଂ ବର୍ତ୍ତମାନ ସେହି ସ୍ଥାନଗୁଡିକ ମଧ୍ୟରୁ ପ୍ରତ୍ୟେକ, ଏହାକୁ ଭୁଲନ୍ତୁ ନାହିଁ।

35 ତେବେ, ଆମେ ଆଜି ରାତିରେ ଏକ ଅଳ୍ପ ଟିକେ ନାଟକ ଦେବାକୁ ଯାଉଅଛୁ। ଏବଂ ମୁଁ ଏହାକୁ ଆପଣଙ୍କ ଉପରେ ଛାଡିଦେବାକୁ ଯାଉଅଛି। ତେବେ ମନେରଖନ୍ତୁ, ଯଦି କୌଣସି ବିଷୟ ବିପରୀତାର୍ଥକ ଅଟେ, ତାହା ଆପଣଙ୍କ ଉପରେ ନିର୍ଭର କରେ। କିନ୍ତୁ ଏକମାତ୍ର ଉପାୟ

ଯେ କୌଣସି ବ୍ୟକ୍ତି ପରମେଶ୍ୱରଙ୍କଠାରୁ କିଛି ପାଇ ପାରିବ ତାହା ହେଉଛି ବିଶ୍ୱାସ ଦ୍ୱାରା। ଏବଂ ଏହା ପୂର୍ବରୁ କି ଆପଣ...

36 ମୁଁ ଯାହା କରୁଅଛି ମୋତେ ତାହା ବିଷୟରେ ଜାଣିବାକୁ ଅଛି ଏହା ପୂର୍ବେ କି ମୋର ତାହା ଉପରେ ବିଶ୍ୱାସ ହୋଇପାରେ ଯାହା ମୁଁ କରୁଅଛି। ଆପଣ ନିଜର ପତ୍ନୀଙ୍କୁ କାହିଁକି ବିବାହ କରିବେ? ତାଙ୍କ ଉପରେ ଆପଣଙ୍କର ବିଶ୍ୱାସ ରହିଥିଲା। ଆପଣ ତାଙ୍କୁ ପରୀକ୍ଷା କରିଥିଲେ, ତାଙ୍କୁ ଲକ୍ଷ୍ୟ କରିଥିଲେ, ସେ କେଉଁଠାରୁ ଆସିଛନ୍ତି, ସେ କିଏ ଅଟନ୍ତି ତାହା ଦେଖିଥିଲେ। ପରମେଶ୍ୱରଙ୍କ ସହିତ, ଶାସ୍ତ୍ର ସହିତ ସେହି ପ୍ରକାର ହିଁ ଅଟେ। ତାହାହିଁ ଅଟେ ଯାହାକି ଏହି ଦର୍ଶନଗୁଡିକୁ, ସେହି—ଏହି ଅଗ୍ନିସ୍ତମ୍ଭକୁ, ଏହି ସମସ୍ତ ବିଷୟଗୁଡିକୁ ନିର୍ମାଣ କରିଥାଏ, କାରଣ ପରମେଶ୍ୱର ଏହାର ପ୍ରତିଜ୍ଞା କରିଥିଲେ। ପରମେଶ୍ୱର ଏହା କହିଥିଲେ। ମୁଁ ତାହାଙ୍କୁ ତାଙ୍କ ବାକ୍ୟ ଦ୍ୱାରା ପରୀକ୍ଷା କରିଛି ଏବଂ ଜାଣିଛି ଯେ ଏହା ସତ୍ୟ ଅଟେ। ଏବଂ ଆପଣ ତାହାଙ୍କର ବାକ୍ୟ ଅନୁସରଣ କରନ୍ତି। ତାହାପରେ ଯଦି ସେଠାରେ କୌଣସି ସ୍ଥାନରେ ଟିକିଏ ଦ୍ୱନ୍ଦ୍ୱ ଥାଏ, ତେବେ କୌଣସି ସ୍ଥାନରେ କିଛି ଗୋଟାଏ ଭୁଲ୍ ଅଛି। କାରଣ ପରମେଶ୍ୱର (ଶୁଣନ୍ତୁ!)—ପରମେଶ୍ୱର କେବେହେଲେ ନିଜର ଇଚ୍ଛାରୁ କରି ନାହାଁନ୍ତି କିମ୍ବା କେବେହେଲେ ନିଜର ଇଚ୍ଛାକୁ କରିବେ ନାହିଁ—କିମ୍ବା ତାହାଙ୍କର ନିଜ ନିୟମ ବିରୁଦ୍ଧରେ କାର୍ଯ୍ୟ କରିବେ ନାହିଁ। ଶୀତ ଗ୍ରୀଷ୍ମରେ ଆସିବ ନାହିଁ, ଏବଂ ଗ୍ରୀଷ୍ମ ଶୀତରେ ଆସିବ ନାହିଁ। ପତ୍ରଗୁଡିକ ବସନ୍ତ ସମୟରେ ଝଡିବ ନାହିଁ ଏବଂ ପତ୍ରଗୁଡିକ ଝଡ଼ ସମୟରେ ପୁନର୍ବାର ଆସିବ ନାହିଁ। ଆପଣ ଏହାକୁ ସେପରି କରିପାରନ୍ତି ନାହିଁ।

37 ଯେପରିକି ଗତ ରାତିରେ ମୁଁ ଉତ୍ସ୍ରୁତ କୂଅ ବିଷୟରେ କହିଥିଲି, ଯାହାକି ଆପଣଙ୍କର ଫସଲକୁ ଜଳ ଦେଇଥାଏ। କିମ୍ବା ଯଦି ଆପଣ ଏଠାରେ ଏକ କ୍ଷେତ୍ରର ମଝିରେ ଛିଡା ହୋଇଛନ୍ତି, ଏବଂ ଏହା କଳା ଅନ୍ଧକାର ଅଟେ, ଏବଂ ଆପଣ କୁହନ୍ତି, "ହେ, ମହାନ ବିଦ୍ୟୁତ୍, ମୁଁ ଜାଣେ ଯେ ତୁମେ କ୍ଷେତ୍ରରେ ଅଛ। ତେବେ, ମୁଁ ହଜିଯାଇଛି, ମୁଁ ଜାଣେ ନାହିଁ ଯେ ମୁଁ କେଉଁଠାକୁ ଯାଉଅଛି। ଆଲୋକ ଦିଅ, ଯେଣୁ ମୁଁ ଦେଖିପାରେ ଯେ କିପରି ଚାଲିବି! କ୍ଷେତ୍ରକୁ ଆଲୋକିତ କରିବା ପାଇଁ ପର୍ଯ୍ୟାପ୍ତ ବିଦ୍ୟୁତ୍ ଅଛି।" ତାହା ସତ ଅଟେ। ହଁ, ଆଜ୍ଞା! ଏହି କୋଠରୀକୁ ଆଲୋକିତ କରିବା ପାଇଁ ଏପରିକି ଏଥିରେ ବିନା ଆଲୋକରେ, ବିନା ତାହାରେ ପର୍ଯ୍ୟାପ୍ତ ପରିମାଣର ବିଦ୍ୟୁତ୍ ଅଛି। ମାତ୍ର ଆପଣଙ୍କୁ ଏହାକୁ ନିୟନ୍ତ୍ରିତ କରିବାକୁ ହେବ। ତେବେ, ଆପଣ ତାହା ପ୍ରତି ଚିତ୍କାର କରିପାରନ୍ତି ଯେପର୍ଯ୍ୟନ୍ତ କି ଆପଣ ଆଉ ଅଧିକ ଚିତ୍କାର କରିପାରିବେ ନାହିଁ, ଏହା କଦାପି ଆଲୋକିତ ହେବ ନାହିଁ। କିନ୍ତୁ ଯଦି ଆପଣ ବିଦ୍ୟୁତର ନିୟମ ଅନୁଯାୟୀ କାମ କରିବେ, ତେବେ ଆପଣ ଆଲୋକ ପାଇବେ।

38 ତେବେ, ତାହା ପରମେଶ୍ୱରଙ୍କ ସହିତ ଠିକ୍ ସେହି ସମାନ ବିଷୟ ଅଟେ। ପରମେଶ୍ୱର ସ୍ୱର୍ଗ ଓ ପୃଥିବୀର ମହାନ ସୃଷ୍ଟିକର୍ତ୍ତା, ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି। ସେ ଏବେ ସୁଦ୍ଧା ପରମେଶ୍ୱର ଅଟନ୍ତି। କିନ୍ତୁ ସେ କେବଳ ସେତେବେଳେ କାର୍ଯ୍ୟ କରିବେ ଯେତେବେଳେ ଆପଣ ତାହାଙ୍କର ନିୟମ ଏବଂ ନିର୍ଦ୍ଦେଶଗୁଡିକୁ ଅନୁଗମନ କରିବେ।

ବନ୍ଧୁଗଣ, ମୁଁ ଏହା କହୁଛି: ମୁଁ ଏହା କେବେ ବିଫଳ ହେବାର ଦେଖି ନାହିଁ, ଏବଂ ଏହା ହେବ ନାହିଁ।

39 ତେବେ, ଆସନ୍ତୁ ଲକ୍ଷ୍ୟ କରିବା। ଲୂକ 24:49 ରେ ପ୍ରେରିତମାନେ ବାକ୍ୟ ଅନୁଯାୟୀ ଉଦ୍ଧାର ଓ ପବିତ୍ରୀକୃତ ହେବା ପରେ ଯୀଶୁ ସେମାନଙ୍କୁ କାର୍ଯ୍ୟଭାର ଦେଇଥିଲେ; ପ୍ରଭୁ ଯୀଶୁଙ୍କ ଉପରେ ବିଶ୍ୱାସ କରି ଧାର୍ମିକ ଗଣନା ହୋଇଥିଲେ; ଯୋହନ 17:17 ରେ ପବିତ୍ରୀକୃତ ହୋଇଥିଲେ ଯେତେବେଳେ ଯୀଶୁ କହିଥିଲେ, "ପିତା, ସେମାନଙ୍କୁ, ସତ୍ୟ ଦ୍ୱାରା ପବିତ୍ରୀକୃତ କର। ତୁମ୍ଭର ବାକ୍ୟ ସତ୍ୟ ଅଟେ।" ଏବଂ ସେ ବାକ୍ୟ ଥିଲେ।

40 ତେବେ, ସେମାନଙ୍କୁ ରୋଗୀମାନଙ୍କୁ ସୁସ୍ଥ କରିବାକୁ, ଭୂତମାନଙ୍କୁ ଛଡାଇବାକୁ, ମୃତମାନଙ୍କୁ ପୁନରୁତ୍‌ଥିତ କରିବାକୁ ଶକ୍ତି ଦେଇଥିଲେ; ଏବଂ ସେମାନେ ଆନନ୍ଦରେ ଫେରି ଆସିଥିଲେ। ଏବଂ ସେମାନଙ୍କର ନାମଗୁଡିକ ମେଷଶାବକଙ୍କ ଜୀବନ ପୁସ୍ତକରେ ଥିଲା। ଆପଣମାନେ ମନେ କରନ୍ତୁ ଯେ ଆମେମାନେ କିପରି ବର୍ତ୍ତମାନ ତାହା ଦେଇ ଯାଇଥିଲୁ। କିନ୍ତୁ ସେମାନେ ଏପର୍ଯ୍ୟନ୍ତ ପରିବର୍ତ୍ତିତ ହୋଇ ନ ଥିଲେ। ଯୀଶୁ କ୍ରୁଶବିଦ୍ଧ ହେବାର ରାତିରେ ପିତରଙ୍କୁ କହିଥିଲେ, ସେ କହିଲେ, "ତୁମେ ଫେରିଲା ଉତ୍ତାରେ, ଆପଣା ଭାଇମାନଙ୍କୁ ସୁସ୍ଥିର କରିବ।"

41 ପବିତ୍ରଆତ୍ମା ତାହା ଅଟନ୍ତି ଯାହାକି...ଆପଣ ଅନନ୍ତ ଜୀବନ ଉପରେ ବିଶ୍ୱାସ କରୁଛନ୍ତି, କିନ୍ତୁ ଯେତେବେଳେ ପବିତ୍ରଆତ୍ମା ଆସିବେ ତାହାହିଁ ଅନନ୍ତ ଜୀବନ ଅଟେ। ଆପଣ ତାହା ଉପରେ ବିଶ୍ୱାସ କରୁଛନ୍ତି...ଆପଣ ପବିତ୍ରୀକରଣ ହେବା ସମୟରେ ଆତ୍ମାଙ୍କର ଅଦ୍ୱିତୀୟ ସନ୍ତାନ ଭାବରେ ଗ୍ରହଣ କରାଯାଆନ୍ତି, କିନ୍ତୁ ପବିତ୍ରଆତ୍ମା ନ ଆସିବା ପର୍ଯ୍ୟନ୍ତ ଆତ୍ମାଙ୍କଠାରୁ କେବେବି ଜନ୍ମ ହୋଇ ନ ଥାଆନ୍ତି। ଏହା ଠିକ୍ ଅଟେ। ମାଆର ଗର୍ଭରେ ଏକ ଶିଶୁର ଜୀବନ ରହିଥାଏ, ଛୋଟ ମାଂସପେଶୀ କୁଞ୍ଚିତ ହୋଇଥାଏ; ଏହା ଏକ ଜୀବନ ଅଟେ। କିନ୍ତୁ ଏହା ଏକ ଭିନ୍ନ ଜୀବନ ଅଟେ ଯେତେବେଳେ ଏହା ତାର ନାସିକାରେ ଜୀବନର ନିଶ୍ୱାସକୁ ପ୍ରବାହିତ କରାଯାଏ। ଏହା ଏକ ଭିନ୍ନ ଅଟେ। ଏହାହିଁ ତାହା ଯାହାକି ଏହା ଅଟେ, ଏହା...

42 ମୋର ପ୍ରିୟ ମେଥୋଡିଷ୍ଟ ଭାଇ, ଏବଂ ପିଲ୍‌ଗ୍ରିମ୍ ହୋଲିନେସ୍, ଏବଂ ନାଜରିନ୍, ପବିତ୍ରଆତ୍ମାଙ୍କର ବାପ୍ତିସ୍ମ ପବିତ୍ରୀକରଣଠାରୁ ଭିନ୍ନ ଅଟେ। ପବିତ୍ରୀକରଣ ହେଉଛି ପରିଷ୍କାର କରିବା, ଯାହାକି ଜୀବନର ପ୍ରସ୍ତୁତିକରଣ ଅଟେ। କିନ୍ତୁ ଯେତେବେଳେ ପବିତ୍ରଆତ୍ମା ଆସନ୍ତି, ତାହା ଜୀବନ ଅଟେ। ପ୍ରସ୍ତୁତିକରଣ ହେଉଛି ପାତ୍ର ସଫା କରିବା; ପବିତ୍ରଆତ୍ମା ହେଉଛି ପାତ୍ରକୁ ଭର୍ତ୍ତି କରିବା। *ପବିତ୍ରୀକରଣ*ର ଅର୍ଥ "ପରିଷ୍କାର କରି ସେବା ନିମନ୍ତେ ପୃଥକ ରଖିବା।" ପବିତ୍ରଆତ୍ମା ହେଉଛନ୍ତି ଏହାକୁ ସେବାରେ ଲଗାଇବା। ଆପଣ ସେହି ପାତ୍ର ଅଟନ୍ତି ଯାହା ପରମେଶ୍ୱର ସଫା କରିଛନ୍ତି।

43 ଏବଂ ଆମେ ପାଇଲୁ ଯେ ପବିତ୍ରଆତ୍ମା ହେଉଛନ୍ତି ଆପଣଙ୍କ ଭିତରେ ପରମେଶ୍ୱର। ପରମେଶ୍ୱର ମୋଶାଙ୍କ ସହିତ ଅଗ୍ନିସ୍ତମ୍ଭରେ ଆପଣମାନଙ୍କ ଉପରେ ଥିଲେ। ପରମେଶ୍ୱର

ଯୀଶୁ ଖ୍ରୀଷ୍ଟଙ୍କଠାରେ ଆପଣମାନଙ୍କ ସହିତରେ ଥିଲେ। ବର୍ତ୍ତମାନ ପରମେଶ୍ୱର ପବିତ୍ରଆତ୍ମାରେ ଆପଣମାନଙ୍କ ଭିତରେ ଅଛନ୍ତି। କୌଣସି ତିନୋଟି ଈଶ୍ୱର ନୁହଁନ୍ତି, ଗୋଟିଏ ପରମେଶ୍ୱର ତିନୋଟି କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି।

44 ପରମେଶ୍ୱର ସଙ୍କୁଚିତ ହୋଇ, ଉର୍ଦ୍ଧ୍ୱରୁ ମନୁଷ୍ୟ ଉପରକୁ ଓହ୍ଲାଇ ଆସିଥିଲେ। ମନୁଷ୍ୟ ତାହାଙ୍କୁ ଛୁଇଁ ପାରି ନ ଥିଲା, କାରଣ ସେ ଏଦନ ଉଦ୍ୟାନରେ ପାପ କରିଥିଲା ଏବଂ ନିଜକୁ ତାହାଙ୍କର ସହଭାଗୀତାଠାରୁ ପୃଥକ କରି ନେଇଥିଲା। ତାହାପରେ କଅଣ ଘଟିଥିଲା? ତାହାଙ୍କୁ ମନୁଷ୍ୟ ଉପରେ ରହିବାକୁ ଥିଲା। ବଳଦ ଓ ଛେଳିର ରକ୍ତ ତାହାଙ୍କୁ ପୁନର୍ବାର ମନୁଷ୍ୟ ସହିତ ସହଭାଗୀତା କରିବାକୁ ଦେଇ ନ ଥିଲା; କିନ୍ତୁ ବ୍ୟବସ୍ଥା ଏବଂ ନିୟମାବଳୀ ଦ୍ୱାରା, ଆଗାମୀ ସମୟର ପ୍ରତିଛାୟାରୂପେ, ବଳଦ, ଓ ପ୍ରଭୃତି ଇତ୍ୟାଦି, ଏବଂ ଛେଳିର ଉତ୍ସର୍ଗ କରିବା…ତାହାପରେ ଯେତେବେଳେ ପରମେଶ୍ୱର ତଳକୁ ଆସି ଏକ ପବିତ୍ରୀକୃତ ଶରୀରରେ ବାସ କଲେ, ଜଣେ କୁମାରୀ ସ୍ତ୍ରୀଲୋକରୁ ଜନ୍ମ ହୋଇ, ଯେ ପରମେଶ୍ୱର ନିଜେ…କଅଣ ଆପଣ ଜାଣନ୍ତି ଯେ ପରମେଶ୍ୱର କଅଣ କରିଥିଲେ? ସେ—ସେ କିଛି କଲେ ନାହିଁ ବରଂ କେବଳ…ସେ ତାହାଙ୍କର ତମ୍ବୁକୁ ଆମ ମଧ୍ୟରେ ସ୍ଥାପନ କଲେ। ପରମେଶ୍ୱର ଯୀଶୁ ଖ୍ରୀଷ୍ଟ ନାମକ ଏକ ତମ୍ବୁରେ ବାସ କଲେ। ସେ କେବଳ ତାହାଙ୍କର ତମ୍ବୁକୁ ଆମ ସହିତ ସ୍ଥାପନ କଲେ, ହୋଇଗଲେ…(ମୁଁ—ସକାଳେ ତାହା ଉପରେ ପ୍ରଚାର କରିବି, ତେଣୁ ଭଲ ହେବ ଯେ ମୁଁ ଏହାକୁ ଏକାକୀ ଛାଡି ଦିଏ।) ତେବେ, ତାହା—ପରମେଶ୍ୱର କିପରି ଆମ ସହିତ ତମ୍ବୁ-କିମ୍ବା ବାସ କଲେ…

45 ଏବଂ ବର୍ତ୍ତମାନ ପରମେଶ୍ୱର ଆମ ଭିତରେ ଅଛନ୍ତି। ଯୋହନ 14 ରେ ଯୀଶୁ କହିଲେ, "ସେହି ଦିନ ତୁମେ ଜାଣିବ ଯେ ମୁଁ ପିତାଙ୍କଠାରେ, ପିତା ମୋ ଠାରେ, ଏବଂ ମୁଁ ତୁମଠାରେ, ଏବଂ ତୁମେ ମୋ ଠାରେ ଅଛ।" ପରମେଶ୍ୱର ଆମ ଭିତରେ ଅଛନ୍ତି। ଉଦ୍ଦେଶ୍ୟ କଅଣ ଥିଲା? ତାହାଙ୍କର ଯୋଜନାକୁ କାର୍ଯ୍ୟକାରୀ କରିବା।

46 ପରମେଶ୍ୱରଙ୍କର ଏକ ଯୋଜନା ଥିଲା। ସେ ମନୁଷ୍ୟମାନଙ୍କ ମଧ୍ୟରେ କାମ କରିବାକୁ ଚାହୁଁଥିଲେ, ଏବଂ ସେ ଏହାକୁ ଅଗ୍ନିସ୍ତମ୍ଭରେ ଆଣିଥିଲେ, ଯାହାକି ଇସ୍ରାଏଲର ସନ୍ତାନମାନଙ୍କ ଉପରେ ଝୁଲି ରହୁଥିବା ଏକ ରହସ୍ୟମୟ ଅଗ୍ନି ଥିଲା। ତାହାପରେ ସେହି ସମାନ ଅଗ୍ନି ଯୀଶୁଙ୍କ ଶରୀରରେ ପ୍ରକାଶିତ ହୋଇଥିଲା। ଏବଂ ସେ କହିଲେ ଯେ ସେ ସେହି ଅଗ୍ନି ଅଟନ୍ତି, "ଏହା ପୂର୍ବେକି ଅବ୍ରହାମ ଥିଲେ, **ମୁଁ ଅଟେ**।" ସେ ସେହି ଅଗ୍ନି ଥିଲେ। ସେ କହିଲେ, "ମୁଁ ପରମେଶ୍ୱରଙ୍କଠାରୁ ଆସିଅଛି, ଏବଂ ମୁଁ ପରମେଶ୍ୱରଙ୍କ ନିକଟକୁ ଫେରିଯାଉଛି।" ଏବଂ ତାହାଙ୍କର ମୃତ୍ୟୁ, ସମାଧି, ଓ ପୁନରୁତ୍‌ଥାନ ପରେ, ସାଧୁ ପାଉଲ ମାର୍ଗରେ ତାହାଙ୍କୁ ଭେଟିଥିଲେ—ଯେତେବେଳେକି ସୁଦ୍ଧା ତାଙ୍କର ନାମ ଶାଉଲ ହିଁ ଥିଲା—ଦମ୍ମେଶକ ଯିବା ମାର୍ଗରେ, ଏବଂ ସେ ପୁନର୍ବାର ସେହି ଅଗ୍ନିସ୍ତମ୍ଭରେ ପରିଣତ ହୋଇ ଯାଇଥିଲେ। ଏକ ଆଲୋକ ତାଙ୍କର ଆଖିକୁ ଅନ୍ଧ କରି ଦେଇଥିଲା। ତାହା ଠିକ୍।

47 ଏବଂ ଏଠାରେ ସେ ଆଜି, ସେହି ସମାନ ଅଗ୍ନିସ୍ତମ୍ଭ, ସେହି ସମାନ ପରମେଶ୍ୱର ସମାନ ଚିହ୍ନଗୁଡିକ ସହିତ, ସେହି ସମାନ କାର୍ଯ୍ୟମାନ ସାଧନ କରୁଛନ୍ତି। କାହିଁକି? ସେ ତାହାଙ୍କର ଲୋକମାନଙ୍କ ମଧ୍ୟରେ କାର୍ଯ୍ୟ କରୁଛନ୍ତି। ସେ ଆମ ଭିତରେ ଅଛନ୍ତି। ମୁଁ...ସେ ବର୍ତ୍ତମାନ ଆପଣଙ୍କ ସହିତରେ ଅଛନ୍ତି, "କିନ୍ତୁ ମୁଁ ତୁମ ଭିତରେ ରହିବି। ମୁଁ ତୁମ ସହିତରେ ରହିବି, ଏପରିକି ଯୁଗାନ୍ତ ପର୍ଯ୍ୟନ୍ତ, ତୁମ ଭିତରେ ରହିବି," ଜଗତର ଶେଷ ପର୍ଯ୍ୟନ୍ତ। ସେ ଆମ ସହିତରେ ରହିବେ।

48 ତେବେ, ଧ୍ୟାନ ଦିଅନ୍ତୁ। ଯୀଶୁ ସେମାନଙ୍କୁ ଯିରୁଶାଲମକୁ ଯାଇ ଅପେକ୍ଷା କରିବାକୁ ଆଦେଶ ଦେଇଥିଲେ। ସେହି ଶବ୍ଦ ଟେରି ର ଅର୍ଥ ହେଲା "ଅପେକ୍ଷା କରିବା," ତାର ଅର୍ଥ ପ୍ରାର୍ଥନା କରିବା ନୁହେଁ, ଅର୍ଥ ହେଲା "ଅପେକ୍ଷା କରିବା।" ସେମାନେ ଏପର୍ଯ୍ୟନ୍ତ ପ୍ରଚାର କରିବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇ ନ ଥିଲେ, କାରଣ ସେମାନେ ତାହାଙ୍କର ପୁନରୁତ୍ଥାନକୁ କେବଳ ତାହାଙ୍କର ବ୍ୟକ୍ତିତ୍ୱ ଦ୍ୱାରା ଜାଣିଥିଲେ, ତାହାଙ୍କୁ ବାହ୍ୟ ରୂପରେ ଦେଖିବା ଦ୍ୱାରା ଜାଣିଥିଲେ। ସେ—ସେ ସେମାନଙ୍କୁ ଆଉ ଅଧିକ ପ୍ରଚାର ନ କରିବାକୁ ଆଦେଶ ଦେଇଥିଲେ, ସେପର୍ଯ୍ୟନ୍ତ କିଛି ନ କରିବାକୁ ଆଦେଶ ଦେଇଥିଲେ ଯେପର୍ଯ୍ୟନ୍ତକି ସେମାନେ ପ୍ରଥମେ ଉର୍ଦ୍ଧ୍ୱରୁ ଶକ୍ତିଯୁକ୍ତ ନ ହୁଅନ୍ତି।

ମୁଁ ବିଶ୍ୱାସ କରେ ନାହିଁ ଯେ କୌଣସି ପ୍ରଚାରକ ପରମେଶ୍ୱରଙ୍କଠାରୁ ପ୍ରେରିତ ଅଟନ୍ତି କିମ୍ବା ସଠିକ୍ ଭାବରେ ନିଯୁକ୍ତ ହୋଇପାରନ୍ତି...କାରଣ ପରମେଶ୍ୱର ଅନନ୍ତ ଅଟନ୍ତି। ଏବଂ ପରମେଶ୍ୱର ଯାହା ଥରେ କରନ୍ତି, ସେ ସବୁ ସମୟରେ ତାହାହିଁ କରିଥାନ୍ତି। ବର୍ତ୍ତମାନ, ଯଦି ପରମେଶ୍ୱର ସେମାନଙ୍କୁ ସେପର୍ଯ୍ୟନ୍ତ ପ୍ରଚାର କରିବାକୁ ଦେଇ ନ ଥିଲେ ଯେପର୍ଯ୍ୟନ୍ତକି ସେମାନେ ପେଣ୍ଟିକଷ୍ଟକୁ ଯାଇ ପେଣ୍ଟିକଷ୍ଟାଲ୍ ଅଭିଜ୍ଞତାକୁ ଗ୍ରହଣ ନ କରି ନିଅନ୍ତି, ତାହାହେଲେ କୌଣସି ବ୍ୟକ୍ତି, ଯେପର୍ଯ୍ୟନ୍ତକି ତାଙ୍କର ନିଜର କିମ୍ବା କୌଣସି ସଂସ୍ଥାର କିଛି ଗଭୀର ଇଚ୍ଛା ତାଙ୍କୁ ଦାୟିତ୍ୱଭାର ନ ଦେଇଥାଏ, ତାଙ୍କର ପ୍ରଚାର ମଞ୍ଚକୁ ପ୍ରବେଶ କରିବାର କୌଣସି ଅଧିକାର ନାହିଁ ଯେପର୍ଯ୍ୟନ୍ତକି ସେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ନ ହୋଇଯାନ୍ତି। ତାହା ଅବିକଳ ଠିକ୍ ଅଟେ। କାରଣ ସେ ସେମାନଙ୍କୁ କୌଣସି ସଂଗଠନର ବୌଦ୍ଧିକ ଧାରଣା ଦ୍ୱାରା କଢେଇ ନେଉଥାନ୍ତି ଯେପର୍ଯ୍ୟନ୍ତକି ସେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ନ ହୁଅନ୍ତି; ଏବଂ ତାହାପରେ, ସେ ସେମାନଙ୍କୁ କପୋତର ଖାଦ୍ୟ ଦେଉଥାନ୍ତି; ଯେପରିକି ଗତ ସନ୍ଧ୍ୟାରେ ଆମେ କହିଥିଲୁ, *ମେଷଶାବକ ଏବଂ କପୋତ।*

49 ତେବେ ଧ୍ୟାନ ଦିଅନ୍ତୁ। ସେ କହିଲେ, "ଯିରୁଶାଲମକୁ ଯାଇ ସେଠାରେ ଅପେକ୍ଷା କର; ସେଠାରେ କେବଳ ଅପେକ୍ଷା କରିଥାଅ ଯେପର୍ଯ୍ୟନ୍ତକି ମୁଁ ପିତାଙ୍କ ପ୍ରତିଜ୍ଞାକୁ ପ୍ରେରଣ ନ କରେ।" ଏବଂ ତାହାପରେ, ସେମାନେ କଅଣ କଲେ? ସେଠାରେ ସେମାନେ ଶହେ କୋଡ଼ିଏ ଜଣ, ପୁରୁଷ ଏବଂ ସ୍ତ୍ରୀ ଥିଲେ। ସେମାନେ ମନ୍ଦିରର ଏକ ଉପର କୋଠରୀକୁ ଗଲେ।

ତେବେ, ଏହା ପେଣ୍ଟିକଷ୍ଟ ପର୍ବର ଦିନ ପାଖେଇ ଆସୁଥିଲା, ପବିତ୍ରସ୍ଥାନର ଶୁଦ୍ଧ କରିବାଠାରୁ, ସେହି ବଳିଦାନର ମେଷଶାବକକୁ ହତ୍ୟା କରିବାଠାରୁ ସେହି—ସେହି ପେଣ୍ଟିକଷ୍ଟର ଆଗମନ ପର୍ଯ୍ୟନ୍ତ, ଯାହାକି ଅମଳର, ଜୁବିଲି, ପେଣ୍ଟିକଷ୍ଟାଲ୍ ଜୁବିଲିର ପ୍ରଥମ ଫଳ ଥିଲା । ଏବଂ ଭବନଗୁଡିକ ଉପରେ...

50 ତେବେ, ମୁଁ ବିଭିନ୍ନ ଦେଶକୁ ଯାଇଅଛି । ପୂର୍ବାଞ୍ଚଳ ଦେଶଗୁଡିକରେ କ୍ୱଚିତ୍ ହିଁ ଘର ଭିତରେ ଏକ ପାହାଚ ରହିଥାଏ । ପାହାଚ ବାହାରେ ରହିଥାଏ । ମନ୍ଦିର ବାହାରେ, ଆମକୁ କୁହାଯାଇଛି, ସେଠାରେ ଏକ ପାହାଚ ଥିଲା ଯାହାକି ଉପରକୁ ଏକ ଛୋଟ କୋଠରୀକୁ ଯାଏ; ଉପରକୁ ଯାଏ, ଏବଂ ଉପରକୁ, ଓ ଉପରକୁ, ଯେପର୍ଯ୍ୟନ୍ତକି ଆପଣ ସେଠାରେ ଉପରେ ଏକ ଛୋଟ କୋଠରୀକୁ ନ ଆସିଯାଆନ୍ତି, ମନ୍ଦିରର ଉପର ଭାଗରେ ଥିବା ଏକ ସଂରକ୍ଷଣ କୋଠରୀ ପରିକା, ଏକ ପ୍ରକାର ଛୋଟ କୋଠରୀ, ଏକ ଉପର କୋଠରୀ ପରି । ଏବଂ ବାଇବଲ କୁହେ ଯେ ସେମାନେ ସେଠାରେ ଥିଲେ ଏବଂ ଦ୍ୱାରଗୁଡିକ ବନ୍ଦ ଥିଲା, କାରଣ ସେମାନେ ଯିହୁଦୀମାନଙ୍କୁ ଭୟ କରୁଥିଲେ, ଯେହେତୁ ସେମାନେ ପ୍ରଭୁ ଯୀଶୁଙ୍କୁ ଉପାସନା କରିବା ଯୋଗୁଁ ଦଣ୍ଡିତ କରା ଯାଇଥାନ୍ତେ, ଏହା ପରେ ଯେତେବେଳେକି ମହାଯାଜକ କାୟାଫା, ଏବଂ ପନ୍ତିୟ ପୀଲାତ, ଓ ସେମାନେ ତାହାଙ୍କୁ ହତ୍ୟା କରି ସାରିଥିଲେ । ତେଣୁ ସେମାନେ ସମସ୍ତ ତଥା-କଥିତ ଖ୍ରୀଷ୍ଟିଆନ୍‌ମାନଙ୍କଠାରୁ ମୁକ୍ତି ପାଇବାକୁ ଯାଉଥିଲେ । ଏବଂ ଦ୍ୱାରଗୁଡିକ ବନ୍ଦ ଥିଲା, ଆଉ ସେମାନେ ଅପେକ୍ଷା କରିଥିଲେ ।

51 ତେବେ, ସେହିପରି କୋଠରୀଗୁଡ଼ିକରେ, ଝରକାଗୁଡିକ ନ ଥିଲା । ଝରକାଗୁଡ଼ିକ ଛୋଟ ଛୋଟ ଦଣ୍ଡ ଲାଗିଥିବା କବାଟ ପରି ଥିଲା, ଆପଣ ତାକୁ ଟାଣିକରି ଖୋଲନ୍ତି । ସେହି କୋଠରୀଗୁଡ଼ିକରେ ଛୋଟ ଛୋଟ ଗ୍ରୀସ୍ ବତୀମାନ ରହିଥାଏ ଯାହାକି ଝୁଲି ରହିଥାଏ ଏବଂ ଜଳିଥାଏ...ଯଦି ଆପଣ କେବେ କାଲିଫର୍ଣ୍ଣିଆର କ୍ଲିଫଟନ୍ ଜଳପାନ ଗୃହକୁ ଯିବେ, ତାର ଭୂଗର୍ଭ ସ୍ଥାନକୁ ଯିବେ, ଏବଂ ଆପଣ ସେଠାରେ ସେହି ଉପର କୋଠରୀର ଭଳି, ଏକ ସେହି ସମାନ ପ୍ରକାରର ବିଷୟ ପାଇବେ । କଅଣ ଆପଣ କେବେ ସେଠାରେ ଯାଇଛନ୍ତି କି? ଏଠାରେ କେତେଜଣ ସେଠାକୁ ଯାଇଛନ୍ତି? ମୁଁ ଦେଖୁଛି ଯେ ଲୋକମାନେ ସେମାନଙ୍କର ମୁଣ୍ଡ ହଲାଉଛନ୍ତି । ତେବେ, ଆପଣ ଜାଣନ୍ତି ଯେ ମୁଁ କଅଣ କହୁଅଛି । ଠିକ୍ ଅଛି । ସେଠାରେ ତଳକୁ ଯାଆନ୍ତୁ, ଏବଂ ଆପଣ ଗେଥସିମନୀର ଉଦ୍ୟାନ ଦେଖିବେ; ଆପଣ ତାହା କରିବା ପୂର୍ବରୁ, ଆପଣ ସେହି ପୂର୍ବ ଦେଶୀୟ କୋଠରୀ ମଧ୍ୟରୁ ଗୋଟିଏକୁ ଯିବେ । ତାହା ଅବିକଳ ଠିକ୍ । ସେଠାରେ ଆପଣ ଜୀତ ତେଲରେ ପରିପୂର୍ଣ୍ଣ ଏକ ଛୋଟ ବତୀ ପାଇବେ ଯେଉଁଥିରେ ଏକ ଛୋଟ ଲୋମ ଶଳିତା ଥିବ, ତାହା ଜଳୁଥିବ ।

52 ତେବେ, ଧରି ନିଅନ୍ତୁ ଯେ ସେମାନେ ସେଠାରେ ଉପରେ ଥିଲେ, ଏଥିରେ ବାହାରୁ ଚଢିଥିଲେ । ସେମାନେ ଉପରକୁ ଚଢିଥିଲେ ଓ ନିଜକୁ ଲୁଚାଇ ନେଇଥିଲେ, କାରଣ ସେମାନେ ଯିହୂଦୀମାନଙ୍କୁ ଭୟ କରୁଥିଲେ । ଯୀଶୁ ସେମାନଙ୍କୁ ଉପର କୋଠରୀକୁ ଯିବାକୁ କହି ନ

ଥିଲେ । ସେ କେବଳ କହିଥିଲେ, “ଯିରୁଶାଲମରେ ଅପେକ୍ଷା କର ।” ସେମାନେ ଏଠାରେ ତଳେ ଏକ ଘରେ ରହିଥିଲେ, କଅଣ ଘଟିତ ହେବ ତାହା କହିବା କଷ୍ଟକର ଥିଲା । ସେମାନେ ଆସି ସେମାନଙ୍କୁ ଧରି ପକାଇବେ । ତେଣୁ ସେମାନେ ଉପର ମହଲାର ଏକ ଛୋଟ ପୁରୁଣା କୋଠରୀକୁ ଗଲେ, ସେଠାରେ ଉପର ପ୍ରକୋଷ୍ଠରେ, ଏବଂ ସେଠାରେ, ସେହି କୋଠରୀକୁ ବନ୍ଦ କରିଦେଲେ ଯେପରିକି ଯିହୁଦୀମାନେ ସେମାନଙ୍କ ପାଖକୁ ପହଞ୍ଚି ପାରିବେ ନାହିଁ । ଏବଂ ସେମାନେ ସେଠାରେ ଦଶ ଦିନ ଅପେକ୍ଷା କରି ବସି ରହିଲେ ।

53 ତେବେ, ତେବେ, ଆମେମାନେ ପ୍ରେରିତ 1 ରେ ଅଛୁ । ବର୍ତ୍ତମାନ, ବର୍ତ୍ତମାନ ଧ୍ୟାନ ସହକାରେ ଶୁଣନ୍ତୁ । କଅଣ ଆପଣ ଚିତ୍ର ଦେଖୁଛନ୍ତି କି? ଭବନ ବାହାରେ ସେହି ଛୋଟ ପାହାଚଟି ଉପରକୁ ଯାଇଥିଲା, ଆଉ ସେମାନେ ଏହି ଛୋଟ କୋଠରୀକୁ ଯାଇଥିଲେ । ତଳେ ମନ୍ଦିରରେ ସେମାନେ ପେଣ୍ଟିକଷ୍ଟର ପର୍ବ ପାଳନ କରୁଥିଲେ । ଓଃ, ସେଠାରେ ଏକ ମହାନ ସମୟ ଚାଲିଥିଲା । ତେବେ, ଯେତେବେଳେ ପେଣ୍ଟିକଷ୍ଟର ଦିନ ଉପସ୍ଥିତ ହୁଅନ୍ତେ, ସେମାନେ ସମସ୍ତେ ଏକ ମନରେ ଥିଲେ, ଏକ ମନରେ, ଏହା ବିଶ୍ୱାସ କରି ଯେ ପରମେଶ୍ୱର ସେହି ପ୍ରତିଜ୍ଞାକୁ ପଠାଇବାକୁ ଯାଉଛନ୍ତି । ଏପରି ହେଉ ଯେ ଆଜି ରାତିରେ ଏଠାରେ ଥିବା ପ୍ରତ୍ୟେକ ବ୍ୟକ୍ତି ସେହି ସମାନ ମନରେ ଆସନ୍ତୁ ଏବଂ ଦେଖନ୍ତୁ ଯେ କଅଣ ଘଟିତ ହେବ । ଏହାକୁ ପୁନରାବୃତ୍ତି ହେବାକୁ ଅଛି । ଏହା ଏକ ପ୍ରତିଜ୍ଞା ଅଟେ ଠିକ୍ ଯେପରିକି ସେମାନଙ୍କର ରହିଥିଲା । ବୁଝିଲେ?

54 ସେମାନେ କଅଣ କରୁଥିଲେ? ନିର୍ଦ୍ଦେଶାବଳୀ ଅନୁସରଣ କରି, ପରମେଶ୍ୱରଙ୍କ ସେହି—ସେହି—ସେହି ନିୟମଗୁଡିକୁ ପାଳନ କରରୁଥିଲେ: “ଅପେକ୍ଷା କର ଯେପର୍ଯ୍ୟନ୍ତକି…”

55 ବର୍ତ୍ତମାନ, ସେମାନେ ଯିହୂଦୀମାନଙ୍କୁ ଭୟ କରୁଥିଲେ । ତେବେ, ତାହା ମନେରଖନ୍ତୁ । ସେମାନେ ଯିହୂଦୀମାନଙ୍କୁ ଭୟ କରୁଥିଲେ । ତେବେ, ଅକସ୍ମାତ୍ ସେଠାରେ ପ୍ରବଳ ବେଗରେ ପବନ ପରି ଏକ ଶବ୍ଦ ଆସିଲା । ଏହା ପ୍ରବଳ ବେଗରେ ପବନ ନ ଥିଲା; ଏହା ପ୍ରବଳ ବେଗରେ ପବନ ପରି ଥିଲା । ମୁଁ କିଛି ମିନିଟ୍ ମଧ୍ୟରେ ଅନୁବାଦକଙ୍କ ଉପରେ ମନ୍ତବ୍ୟଗୁଡିକ ପାଠ କରିବି । ଏହା ପ୍ରବଳ ବେଗରେ ଏକ ପବନ ପରି ଥିଲା । ଅନ୍ୟ ଅର୍ଥରେ, ଏହା ଏକ ଅଲୌକିକ ପବନ ଥିଲା (ଓଃ!), ଏପରି କିଛି ଯାହା ସେମାନେ ଅନୁଭବ କରିପାରନ୍ତି । ପବନ ସେମାନଙ୍କ ଭିତରେ ଥିଲା । ସେଠାରେ ଏକ—ଏକ ପ୍ରବଳ ବେଗରେ ପବନ, ଏକ ପ୍ରବଳ ବେଗରେ ପବନ ପରି ଆସିଥିଲା । ପବନ ପ୍ରବଳ ବେଗରେ ଆସୁ ନ ଥିଲା, କିନ୍ତୁ ଏହା କେବଳ ଏକ ପ୍ରବଳ ବେଗରେ ପବନ ପରି ଶବ୍ଦ କରିଥିଲା, ଯେପରି କିଛି ଗୋଟାଏ ଗତି କରୁଅଛି: ହ୍ୟୁ! କଅଣ ଆପଣ କେବେ ଏହାକୁ ଅନୁଭବ କରିଛନ୍ତି କି? ଓଃ, ମୋର ପ୍ରଭୁ! ଏକ ପ୍ରବଳ ବେଗରେ ପବନ ପରି । ତେବେ ଲକ୍ଷ୍ୟ କରନ୍ତୁ । ଏବଂ ଏହା ପୂର୍ଣ୍ଣ କଲା…ତେବେ, ଏଠାରେ ଏହା କୁହେ “ସମସ୍ତ,” କିନ୍ତୁ ଗ୍ରୀକ୍ ଭାଷାରେ ଏହା କୁହେ “ସେହି ସମଗ୍ର (ବଡ଼ ଅକ୍ଷରରେ ସ-ମ-ଗ୍ର), ସମଗ୍ର ଗୃହରେ,” ସେଠାରେ ସର୍ବତ୍ର । ପ୍ରତ୍ୟେକ ଫାଟ, କୋଣ, ଏବଂ ରିକ୍ତ ସ୍ଥାନ

ଏଥିରେ ପରିପୂର୍ଣ୍ଣ ଥିବା ପରି ମନେ ହେଉଥିଲା । ଏପରି ନୁହେଁ ଯେ, "ଭାଇମାନେ, କୁହନ୍ତୁ, ମୁଁ ଯାହା ଅନୁଭବ କରେ କଅଣ ଆପଣମାନେ ତାହା ଅନୁଭବ କରନ୍ତି କି?" ନା! ଏକ ପ୍ରବଳ ବେଗରେ ପବନ ପରି, ଏହା ସମାପ୍ତ ହୋଇଗଲା । ତେବେ ଦେଖନ୍ତୁ । "ଆଉ ପ୍ରବଳ ବେଗରେ ବହୁଥିବା ପ୍ରଚଣ୍ଡ ପବନର ଶବ୍ଦ ତୁଲ୍ୟ ଏକ ଶବ୍ଦ ଏବଂ (ସଂଯୋଗ । ତେବେ ସେହି *ଏବଂଗୁଡ଼ିକୁ* ଦେଖନ୍ତୁ । ଯଦି ଆପଣ ତାହା ନ କରନ୍ତି, ତେବେ ଆପଣ ଏହାକୁ ଏପରି କିଛି କୁହା କରନ୍ତି ଯାହା ଏହା କହେ ନାହିଁ । ବୁଝିଲେ?)—ଏବଂ ଯେପରିକି (ତାହାହିଁ ଅଟେ ଯାହାକି ପ୍ରଥମେ ଘଟିଥିଲା ତାହା ହେଲା ଏକ ଶବ୍ଦ, ଏପରି କିଛି ଯେପରିକି ଏକ—ଏକ ପ୍ରବଳ ବେଗରେ ପବନ ସେମାନଙ୍କ ଉପରେ ବହି ଆସିଲା)—ଏବଂ (ଆପଣଙ୍କର ମନେ ଅଛି, ଗତ ରାତିରେ ମୁଁ ରାଶନ ଦୋକାନକୁ ଯାଇଥିଲି ଏବଂ ଗୋଟିଏ ରୁଟି ଓ କିଛି ମାଂସ କିଣି ଆଣିଥିଲି । ତାହା ଏପରି କିଛି ଅଟେ ଯାହାକି ତାହା ସହିତ ଗଲା । ରୁଟି ଗୋଟିଏ ବିଷୟ, ମାଂସଟି ଅନ୍ୟ । ଏବଂ ସେହି ଶବ୍ଦ ଗୋଟିଏ ବିଷୟ ଥିଲା ଯାହାକି ସେମାନଙ୍କୁ ଆଘାତ କରିଥିଲା)—ଏବଂ ସେମାନଙ୍କୁ ଦେଖା ଦେଲା, (ସେମାନଙ୍କ ସମ୍ମୁଖରେ) ଜିହ୍ୱାଗୁଡିକ—ବିଭାଜିତ ଜିହ୍ୱାଗୁଡିକ ।"

56 କଅଣ ଏଠାରେ ଥିବା କେହି କେବେ ସେସିଲ୍ ଡିମିଲେଙ୍କ *ଟେନ୍ କମାଣ୍ଡମେଣ୍ଟସ* ଅର୍ଥାତ ଦଶ ଆଜ୍ଞା ଦେଖିଛନ୍ତି କି? କଅଣ ଆପଣମାନେ ଧ୍ୟାନ ଦେଲେ ଯେତେବେଳେ ଆଜ୍ଞାଗୁଡ଼ିକ ଲେଖା ଯାଉଥିଲା? ସେ ଏହାକୁ କିପରି ପାଇଲେ, ମୁଁ ଜାଣେ ନାହିଁ । ସେଠାରେ ଦୁଇ କିମ୍ବା ତିନୋଟି ଜିନିଷ ମୁଁ ସେଥିରେ ଦେଖିଲି ଯାହା ମୋତେ ବହୁତ ଭଲ ଲାଗିଲା । ପ୍ରଥମ ଜିନିଷ ହେଉଛି ସେହି ସବୁଜ ନେଳି ପ୍ରକାଶ, ତାହା ଅବିକଳ ଠିକ୍ ସେହିପରି ହିଁ ଦେଖାଯାଏ । ବୁଝିଲେ? ଆଉ ଏକ ବିଷୟ ହେଲା ଯେତେବେଳେ ସେହି ଆଜ୍ଞା ଲେଖା ଯାଇଥିଲା, ଏବଂ ତାହା ସରିବା ପରେ, କଅଣ ଆପଣ ସେହି ଅଗ୍ନିସ୍ତମ୍ଭରୁ ଉଡ଼ି ଅନ୍ୟତ୍ର ପଳାଇଯିବାର ଲକ୍ଷ୍ୟ କଲେ କି, ସେଠାରେ ଅଗ୍ନିର ଛୋଟ ଛୋଟ ଶିଖାଗୁଡିକ ଉଡ଼ି ଯାଉଥିଲା? କଅଣ ଆପଣ ତାହା ଲକ୍ଷ୍ୟ କଲେ କି? ତେବେ, ତାହାହିଁ ଅଟେ ଯାହାକି ମୁଁ ଭାବୁଛି ଯେ ଏହା ପେଣ୍ଟିକଷ୍ଟରେ ଥିଲା । ସେଠାରେ ସେମାନଙ୍କୁ ଦେଖା ଦେଲା…ଯେଣୁ ସେମାନେ ଏହାକୁ ଦେଖିପାରିଥିଲେ । ଏହା କହିଲା ନାହିଁ ଯେ, "ତାହା ସେମାନଙ୍କ ମଧ୍ୟରେ ପଡ଼ିଲା ।" ମାତ୍ର ସେଠାରେ ସେମାନଙ୍କୁ ଅଗ୍ନି ଶିଖା ଦେଖା ଦେଲା (ଆମେ ଏହାକୁ କହିବା), ଜିହ୍ୱାଗୁଡ଼ିକ, ଏହି ଜିହ୍ୱା ପରି *ଏଠାରେ* ଏହି ଜିହ୍ୱା ପରି, ଜିହ୍ୱାର ଆକୃତି ପରି, ଅଗ୍ନିର ଶିଖା ପରି । ତେବେ, କାନ—ଯେପରି ମୁଁ କହିଲି, କାନ ହେଉଛି କାନ; ଆଙ୍ଗୁଠି ହେଉଛି ଆଙ୍ଗୁଠି । ଆଙ୍ଗୁଠିର ଅର୍ଥ ନୁହେଁ ଯେ ଆପଣ ତାହା ଅନୁଭବ କଲେ; ଏହାର ଅର୍ଥ ହେଲା ଏହା ଏକ ଆଙ୍ଗୁଠି ପରି ଦିଶୁଥିଲା । ଏବଂ ଯଦି ଏହା ଏକ କାନ ଥିଲା, ଏହାର ଅର୍ଥ ନୁହେଁ ଯେ ସେମାନେ ଏହା ଶୁଣିଥିଲେ; ଏହା ଏକ କାନ ପରି ଦିଶୁଥିଲା । ଏହା ତ ଅଗ୍ନି ଥିଲା ଯାହାକି ଜିହ୍ୱା ପରି ଦିଶୁଥିଲା, ଏପରି ନୁହେଁ ଯେ କେହି ଜଣେ କହୁଅଛି, ଏପରି ଏକ ଅଗ୍ନି ଯାହାକି ଏକ ଜିହ୍ୱା ପରି ଦିଶୁଥିଲା ।

57 ତେବେ, ଶୁଣନ୍ତୁ । ଦେଖନ୍ତୁ ଯେ ଏଠାରେ ଗ୍ରୀକ୍ ଏହାକୁ କିପରି ପାଠ କରନ୍ତି:

*ଆଉ ପ୍ରବଳ ବେଗରେ ବହୁଥିବା ପ୍ରଚଣ୍ଡ ପବନର ଶବ୍ଦ ତୁଲ୍ୟ...ଗୋଟିଏ ଶବ୍ଦ ଅକସ୍ମାତ ଆକାଶରୁ ଆସି*...(ସେହି ଓୟ—ସେହି ଓୟ ପଦ।)

ଏବଂ ବିଭାଜିତ ଜିହ୍ୱାଗୁଡିକ *ସେମାନଙ୍କ ଦୃଷ୍ଟିଗୋଚର* ହୋଇ,...(ଏପରି ନୁହେଁ ଯେ ବିଭାଜିତ ଜିହ୍ୱାଗୁଡିକ ସେମାନଙ୍କ ମଧ୍ୟରେ ଥିଲା, କିମ୍ବା ସେମାନେ ଏକ ବିଭାଜିତ ଜିହ୍ୱାରେ କଥା କହିଥିଲେ; ଏହା ତ ଏକ ବିଭାଜିତ ଜିହ୍ୱାଗୁଡିକ ସେମାନଙ୍କ ଦୃଷ୍ଟିଗୋଚର ହୋଇଥିଲା। ତେବେ, ଦେଖନ୍ତୁ। ଏହା ଏବେ ସୁଦ୍ଧା ସେମାନଙ୍କ ଉପରେ ଆସି ନ ଥିଲା। ଏହା ସେହି କୋଠରୀରେ ଥିଲା, ଏହି ପବନରେ ସେହିପରି ଗୋଲାକାର ବୁଲୁଥିଲା।)...ସେ*ମାନଙ୍କ...ଅଗ୍ନି... ସଦୃଶ*...ବିଭାଜିତ *ଜିହ୍ୱାଗୁଡିକ...ସେମାନଙ୍କ ଦୃଷ୍ଟିଗୋଚର ହୋଇ*...(ତାହା ସେମାନଙ୍କ ସମ୍ମୁଖରେ ଅଟେ) *ଅଗ୍ନି...ସଦୃଶ,* (ଅଗ୍ନି ସଦୃଶ ଜିହ୍ୱା) *ଏବଂ* ଗୋଟି (ଏକବଚନ) *ସେମାନଙ୍କ* ପ୍ରତ୍ୟେକ *ଜଣଙ୍କ* ଉପରେ *ଅଧିଷ୍ଠିତ ହେଲା।* (ସେମାନଙ୍କ ଭିତରକୁ ଗଲା ନାହିଁ; କିନ୍ତୁ ସେମାନଙ୍କ ଉପରେ ଅଧିଷ୍ଠାନ କଲା।)

58 ତେବେ, ଦେଖନ୍ତୁ ଯେ କିଙ୍ଗ ଜେମ୍ସ ଏହାକୁ କିପରି ଭାବରେ ପ୍ରକାଶ କରିଥାଏ: "ଏବଂ ସେମାନଙ୍କ ଉପରେ ବିଭାଜିତ ଜିହ୍ୱାଗୁଡିକ ଆସିଲା, କିମ୍ବା ଅଧିଷ୍ଠାନ କଲା (ଏହା ସେଠାରେ କିଙ୍ଗ ଜେମ୍ସରେ କିପରି ଭାବରେ ପାଠ କରେ?) ସେମାନଙ୍କ ଉପରେ ବିରାଜିତ ହେଲା।" ବୁଝିଲେ? ତେବେ, ଏହା ସେଠାରେ ଉପରକୁ ଯାଇ ବିରାଜିତ ହୋଇପାରି ନ ଥାଆନ୍ତା। ଆମେ ତାହା ଜାଣୁ। ମାତ୍ର ସେହି ମୂଳ ବ୍ୟକ୍ତ କରେ, "ଏହା ସେମାନଙ୍କ ଉପରେ ଅଧିଷ୍ଠାନ କଲା," ମୁଁ ବିଶ୍ୱାସ କରେ; କଅଣ ଏହା ନୁହେଁ କି? ମୋତେ ଏହାକୁ ଅବିକଳ ସଠିକ୍ ଭାବରେ ନେବାକୁ ଦିଅନ୍ତୁ। ହଁ! "...ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଉପରେ ଅଧିଷ୍ଠାନ କଲା।" ଅଗ୍ନିର ଗୋଟିଏ ଜିହ୍ୱା ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଉପରେ ଅଧିଷ୍ଠାନ କଲା। କଅଣ ସେଠାରେ ଦେଖିଲେ? କଅଣ ଆପଣ ଏହା ବୁଝିଲେ? ତାହାହିଁ ହେଉଛି ଦ୍ୱିତୀୟ ଘଟଣା ଯାହା ସେଠାରେ ଘଟିଥିଲା। ପ୍ରଥମଟି ପବନ ଥିଲା, ତାହାପରେ ଅଗ୍ନିର ଜିହ୍ୱାଗୁଡ଼ିକ ଦୃଶ୍ୟମାନ ହେଲା।

59 ତାହା ଏଠାରେ ଏହି ଛୋଟ କୋଠରୀରେ ଏହି ଛୋଟ ଗ୍ରୀସ୍ ବତୀଗୁଡିକ ଜଳୁଥିଲା। ସେଗୁଡିକ ସେଠାରେ ଉପରେ ରହିଥିବା ବିଷୟ ଚିନ୍ତା କରନ୍ତୁ। ଆଉ ଜଣେ କୁହନ୍ତି, "ଓଃ!" ସେ ସମସ୍ତ ଭବନକୁ ଚାହିଁଲେ; ଏହା ସର୍ବତ୍ର ଭବନ ଉପରେ ବ୍ୟାପ୍ତ ଥିଲା। ତାହାପରେ ସେମାନେ କହିଲେ, "ଦେଖ!" ଅଗ୍ନିର ଜିହ୍ୱାଗୁଡ଼ିକ ଭବନର ଚାରିପାଖରେ ଘୁରି ବୁଲିବାକୁ ଆରମ୍ଭ କଲା। ତେବେ ଦେଖନ୍ତୁ। ଏବଂ ଅଗ୍ନିର ଏହି ଜିହ୍ୱାଗୁଡ଼ିକ ଦୃଷ୍ଟିଗୋଚର ହେଲା।

ତେବେ ପରବର୍ତ୍ତୀ ବିଷୟ ଦେଖନ୍ତୁ:

*ଏବଂ* (ଅନ୍ୟ ଏକ ସଂଯୋଗ; କିଛି ଗୋଟାଏ ଘଟିଲା।) *ସେଥିରେ ସମସ୍ତେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହେଲେ,*...(ଦ୍ୱିତୀୟ ଘଟଣା ଘଟିଲା।)

60 ତେବେ ଦେଖନ୍ତୁ, ଆମେ ସେହି କଥନକୁ ପରିବର୍ତ୍ତନ କରିବାକୁ ଚାହୁଁଛୁ, "ସେମାନଙ୍କର ଅଗ୍ନି ଜିହ୍ୱାଗୁଡ଼ିକ ରହିଥିଲା, ଏବଂ ଏଠାରେ ଚାରିଆଡ଼େ ବିଳିବିଳାଉଥିଲେ; ଏବଂ ତାହାପରେ ବାହାରକୁ ଯାଇ ଏକ ଅଜ୍ଞାତ ଭାଷାରେ କଥା ହେବାକୁ ଲାଗିଲେ।" ବନ୍ଧୁ, ଶାସ୍ତ୍ରରେ ସେହିପରି କୌଣସି ବିଷୟ ନାହିଁ। ପବିତ୍ରଆତ୍ମା ଗ୍ରହଣ କରିବା ପରେ କୌଣସି ବ୍ୟକ୍ତି ଯିଏକି ପରଭାଷାରେ କଥା ହୁଏ ତାହା ବାଇବଲ ବିରୁଦ୍ଧରେ କାର୍ଯ୍ୟ କରେ। ଏବଂ ମୁଁ ଆପଣଙ୍କୁ କିଛି ମିନିଟରେ ଦେଖାଇବାକୁ ଯାଉଛି ଏବଂ ଆପଣଙ୍କୁ ପ୍ରମାଣ କରିବାକୁ ଯାଉଛି ଯେ ମୁଁ ପବିତ୍ରଆତ୍ମାକୁ ଗ୍ରହଣ ନ କରି, ମାତ୍ର ପରଭାଷାରେ କଥା କହିବା ବିଷୟ ଉପରେ ବିଶ୍ୱାସ କରେ। ତାହା ପବିତ୍ରଆତ୍ମାଙ୍କର ଏକ ଦାନ ଅଟେ। ପବିତ୍ରଆତ୍ମା ହେଉଛନ୍ତି ଏକ ଆତ୍ମା।

61 ତେବେ ଦେଖନ୍ତୁ। ଏହି ଜିହ୍ୱାଗୁଡ଼ିକ କୋଠରୀରେ ଅଗ୍ନି ସଦୃଶ ଥିଲା, ଏବଂ ଏହା ପ୍ରତ୍ୟେକଙ୍କ ଉପରେ ଅଧିଷ୍ଠାନ କଲା। ତାହାପରେ ସେମାନେ ପବିତ୍ରଆତ୍ମା (ଦ୍ୱିତୀୟ ଜିନିଷ) ରେ ପରିପୂର୍ଣ୍ଣ ହେଲେ, ଏବଂ ତାହାପରେ, ସେମାନେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହେବା ପରେ, ପରଭାଷାରେ କଥା କହିଲେ, ଜିହ୍ୱାଗୁଡ଼ିକରେ ନୁହେଁ, ବିଭିନ୍ନ ଭାଷାରେ କଥା କହିଲେ। କଅଣ ଆପଣ ତାହା ଲକ୍ଷ୍ୟ କଲେ କି? ଆତ୍ମା ସେମାନଙ୍କୁ ଯେପରି କହିବା ପାଇଁ ଉଚ୍ଚାରଣ ଦେଲେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଆରମ୍ଭ କଲେ। ତେବେ, ଏହା ବାହାରେ କୋଳାହଳ ସୃଷ୍ଟି କରିଥିଲା।

62 ତେବେ ଦେଖନ୍ତୁ। ବର୍ତ୍ତମାନ, ଆସନ୍ତୁ ସେହି ଦୃଷ୍ଟାନ୍ତକୁ ପୁନର୍ବାର ଦେଖିବା ଯେପରିକି ଆପଣ ଏହାକୁ ତେବେ ଭୁଲିବେ ନାହିଁ। ଶାସ୍ତ୍ର ଅନୁଯାୟୀ, ଉପର କୋଠରୀରେ ଅପେକ୍ଷା କରୁଥିବାବେଳେ, ଅକସ୍ମାତ ପ୍ରବଳ ବେଗରେ ପବନ ପରି ଏକ ଶବ୍ଦ ହେଲା, ଯାହାକି ସେମାନଙ୍କ ଉପରେ ଥିଲା; ତାହା ସେହି ପବିତ୍ରଆତ୍ମା ଥିଲା। କେତେ ଲୋକ ବିଶ୍ୱାସ କରନ୍ତି ଯେ ତାହା ପବିତ୍ରଆତ୍ମାଙ୍କ ଆବିର୍ଭାବ ଥିଲା? ଏକ ପବନ ପରି, ଏକ ଅଲୌକିକ ପବନ ପରି। ତାହାପରେ ସେମାନେ ଲକ୍ଷ୍ୟ କଲେ। ଆଉ ସେଠାରେ ଅଗ୍ନିର ଛୋଟ ଜିହ୍ୱାଗୁଡିକ ଥିଲା, ସେମାନଙ୍କ ମଧ୍ୟରୁ ଶହେ କୋଡ଼ିଏ ଜଣ ଥିଲେ, ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଉପରେ ସ୍ଥିର ହେବାକୁ ଆରମ୍ଭ କଲା ଓ ଅଧିଷ୍ଠାନ କଲା। ଏହା କଅଣ ଥିଲା? ଏହା କଅଣ ଥିଲା? ସେହି ଅଗ୍ନିସ୍ତମ୍ଭ, ଯାହାକି ପରମେଶ୍ୱର ନିଜେ ଥିଲେ ଯିଏକି ତାହାଙ୍କର ଲୋକମାନଙ୍କ ମଧ୍ୟରେ ନିଜକୁ ବିଭକ୍ତ କରିଥିଲେ, ଲୋକମାନଙ୍କ ଭିତରକୁ ଆସୁଥିଲେ। ଯୀଶୁଙ୍କ ପାଖରେ ସମଗ୍ର ବିଷୟ ଥିଲା; ତାହାଙ୍କ ପାଖରେ ବିନା ପରିମାପରେ ଆତ୍ମା ଥିଲା; ଆମେ ଏହାକୁ ମାପ ଅନୁସାରେ ପାଇଥାଉ (କଅଣ ଆପଣ ତାହା ବୁଝୁଛନ୍ତି ଯାହା ମୋର କହିବାର ଅର୍ଥ?), କାରଣ ଆମେ ପୋଷ୍ୟ ପୁତ୍ର ଭାବରେ ଗ୍ରହଣ କରାଯାଇଥିବା ସନ୍ତାନ ଅଟୁ। ତାହାଙ୍କର ଜୀବନ—ତାହାଙ୍କର ଅନନ୍ତ ଜୀବନ ଆସୁଥିଲା। ତେବେ, କଅଣ ଘଟିତ ହେଲା? ତାହାପରେ ସେମାନେ ସମସ୍ତେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହେଲେ।

63 ବର୍ତ୍ତମାନ, ମୁଁ ଆପଣମାନଙ୍କୁ କିଛି ପଚାରିବାକୁ ଚାହେଁ। ଗୁଜବ କେବେ ଆରମ୍ଭ ହେଲା?

ଯଦି ସେମାନଙ୍କୁ ସେହି ପାହାଚରୁ ତଳକୁ ଓହ୍ଲାଇ ସେହି ପ୍ରାସାଦ ପ୍ରାଙ୍ଗଣକୁ ଯିବା—କିମ୍ବା ବାହାରକୁ—ମନ୍ଦିର ପ୍ରାଙ୍ଗଣକୁ ଯିବା ପାଇଁ ସେହି ଉପର କୋଠରୀରୁ ବାହାରି ଆସିବାକୁ ପଡିଥିଲା, ଯାହାକି ବୋଧହୁଏ ସେଠାରୁ ଏକ ସହର ବ୍ଲକ ଦୂରରେ ଥିଲା ଯେଉଁଠାରେକି ସେମାନେ ଥିଲେ, ଉପର ମହଲା ଏବଂ ତଳ, ବାହାରେ ପ୍ରାଙ୍ଗଣରେ ଯେଉଁଠାରେକି ସମସ୍ତ ଲୋକମାନେ ଏକାଠି ଏକତ୍ରିତ ହୋଇଥିଲେ...ଏବଂ ସେମାନେ ସେଠାରୁ ଆତ୍ମାରେ ମଦ୍ୟପାନ-କରିଥିବା ପରି ବାହାରି ଆସିଥିଲେ। କାରଣ ଲୋକମାନେ କହିଥିଲେ, "ଏହି ଲୋକମାନେ ନୂତନ ଦ୍ରାକ୍ଷାରସରେ ପରିପୂର୍ଣ୍ଣ।" ସେମାନେ କେବେହେଲେ ଏପରି କୌଣସି ବିଷୟ କିଛି ଦେଖି ନ ଥିଲେ।

64 ଏବଂ ପ୍ରତ୍ୟେକ ଜଣ ଏହା କହିବାକୁ ଚେଷ୍ଟା କରୁଥିଲେ, "ପବିତ୍ରଆତ୍ମା ଆସି ଯାଇଛନ୍ତି। ପରମେଶ୍ୱରଙ୍କ ପ୍ରତିଜ୍ଞା ମୋ ଉପରେ ଅଛି। ମୁଁ—ମୁଁ ଆତ୍ମାରେ ପରିପୂର୍ଣ୍ଣ ହୋଇଅଛି।" ଏବଂ ସେ ଜଣେ ଗାଲିଲୀୟ ହୋଇ, ସେ ଯେଉଁ ଲୋକ ସହିତ କଥା ହେଉଥିଲେ, ଜଣେ ଆରବ କିମ୍ବା ପାରସୀୟ ଥିଲେ, ତାଙ୍କୁ ତାଙ୍କର ନିଜ ଭାଷାରେ କହୁଥିବାର ଶୁଣିଥିଲେ।

65 "ଆମେମାନେ କିପରି ଶୁଣୁଅଛୁ (ଏକ ଅଜ୍ଞାତ ଭାଷା ନୁହେଁ)—ଆମେମାନେ ଯେଉଁ ଭାଷାରେ ଜନ୍ମ ହୋଇଥିଲୁ ସେହି ଭାଷାରେ ଆମେମାନେ କିପରି ଶୁଣୁଅଛୁ? ଏସବୁ କହୁଥିବା ଲୋକମାନେ କଅଣ ଗାଲିଲୀୟ ନୁହଁନ୍ତି କି?" ଏବଂ ବୋଧହୁଏ ଗାଲିଲୀୟ ଭାଷା କହୁଥିଲେ...ମାତ୍ର ଯେତେବେଳେ ସେମାନେ ତାହା ଶୁଣିଲେ, ଏହା ସେହି ଭାଷାରେ ଥିଲା ଯେଉଁଥିରେ ସେମାନେ ଜନ୍ମ ହୋଇଥିଲେ। ଯଦି ସେପରି ନୁହେଁ, ମୁଁ ଚାହେଁ ଯେ ଆପଣ ମୋତେ—ମୋତେ ଏହି ପ୍ରଶ୍ନର ଉତ୍ତର ଦିଅନ୍ତୁ: ଏହା କିପରି ଥିଲା ଯେ ପିତର ସେଠାରେ ଉପରକୁ ଉଠି ଗାଲିଲୀୟ ଭାଷାରେ କଥାବାର୍ତ୍ତା କରିଥିଲେ, ଏବଂ ସେହି ସମଗ୍ର ସମୂହ ତାହା ଶୁଣିଥିଲେ ଯାହା ସେ କହୁଥିଲେ? ତିନି ହଜାର ପ୍ରାଣ ଠିକ୍ ସେଠାରେ ଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ ଏବଂ ପିତର ଗୋଟିଏ ହିଁ ଭାଷାରେ କଥାବାର୍ତ୍ତା କରିଥିଲେ। ନିଶ୍ଚିତରେ! ଏହା ପରମେଶ୍ୱର ଏକ ଚମତ୍କାର ପ୍ରଦର୍ଶନ କରୁଥିଲେ। ପିତର, ସେହି ସମାନ ଶ୍ରୋତାବୃନ୍ଦଙ୍କୁ ଯାହାକି ମେସୋପୋଟାମିଆର ବାସିନ୍ଦା, ଏବଂ ଅପରିଚିତ ବ୍ୟକ୍ତି, ଓ ଧର୍ମ ପରିବର୍ତ୍ତନକାରୀ ବ୍ୟକ୍ତିଙ୍କୁ ନେଇ ଗଠିତ ହୋଇଥିଲା, ଏବଂ ସମଗ୍ର ବିଶ୍ୱର ସମସ୍ତ ବିଷୟ ସେଠାରେ ଛିଡ଼ା ହୋଇଥିଲେ...ଏବଂ ପିତର ଛିଡ଼ା ହୋଇ ଗୋଟିଏ ଭାଷାରେ ପ୍ରଚାର କରିଥିଲେ, ଏବଂ ସମସ୍ତେ ତାହାଙ୍କୁ ଶୁଣିଥିଲେ, ଯେଣୁ ତିନି ହଜାର ଲୋକ ମନ ଫେରଣ କରିଥିଲେ ଏବଂ ସଙ୍ଗେ ସଙ୍ଗେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇଥିଲେ। ତାହା କିପରି ଅଟେ?

66 ଦେଖନ୍ତୁ, ବନ୍ଧୁଗଣ, ମୁଁ ମୋର ନାମଧାରୀ, ପେଣ୍ଟିକଷ୍ଟାଲ୍ ଭାଇକୁ ଠିକ୍ ବର୍ତ୍ତମାନ ହିଁ ଏହାକୁ ଗ୍ରହଣ କରନ୍ତୁ ବୋଲି ଆଶା କରିପାରେ ନାହିଁ। ମାତ୍ର ଆପଣ ଏହାକୁ ବାଇବଲ ଦେଇ ଅନୁସନ୍ଧାନ କରନ୍ତୁ ଏବଂ ମୋତେ କୁହନ୍ତୁ ଯେ କୌଣସି ସମୟରେ ଯେ ସେମାନେ କେବେ କେଉଁଠାରେ ପବିତ୍ରଆତ୍ମାକୁ ଗ୍ରହଣ କରିଥିଲେ ଏବଂ ଏପରି ଏକ ଭାଷାରେ କଥା କହିଥିଲେ ଯାହାକି ସେମାନେ ଜାଣି ନ ଥିଲେ ଯେ ସେମାନେ କଅଣ କହୁଛନ୍ତି। ଏବଂ ଯଦି ତାହାହିଁ

ସେହି ଉପାୟ ଅଟେ ଯେ ସେମାନେ ତାହା ସେଠାରେ ପାଇଥିଲେ, ତେବେ ସେହି ସାର୍ବଭୌମ ପରମେଶ୍ୱର...ଏହାକୁ ପ୍ରତ୍ୟେକ ଥର ସେହି ସମାନ ଭାବରେ ହିଁ ଘଟିବାକୁ ଅଛି ।

67 ତେବେ, ମୁଁ କରିପାରେ ନାହିଁ...ତେବେ, କର୍ଣ୍ଣୀ-ଙ୍କ ଘରେ...ଆମର ମନେ ଥିବ, ଯେତେବେଳେ ଆମେ ଗତ ରାତିରେ, ଶମିରୋଣକୁ ଯାଇଥିଲୁ, ଆମେ ପାଇଲୁ ଯେ ସେଠାରେ ଅନ୍ୟ କୌଣସି ଭାଷାରେ ସେମାନେ ଶୁଣିଥିଲେ ବୋଲି ସେହି ସମ୍ବନ୍ଧରେ ଗୋଟିଏ ହେଲେ ବିଷୟ ଅଭିଲେଖ କରା ହୋଇନାହିଁ, ତାହା ବିଷୟରେ କିଛି କୁହା ଯାଇ ନାହିଁ । କିନ୍ତୁ ଯେତେବେଳେ ସେମାନେ କର୍ଣ୍ଣୀଲିୟଙ୍କ ଘରକୁ ଗଲେ, ଯେଉଁଠାରେକି ତିନୋଟି ଭିନ୍ନ ଜାତିର ଲୋକ ଥିଲେ, ସେମାନେ ପରଭାଷାରେ କଥା କହିଥିଲେ । ଏବଂ ଯେତେବେଳେ ସେମାନେ ତାହା କଲେ, ଯଦି ସେମାନେ ତାହା କରିଥିଲେ, ସେମାନେ ତାହା ପାଇଥିଲେ, ପିତର କହିଲେ, ଠିକ୍ ସେହିଭଳି ଯେପରିକି ସେମାନେ ଆରମ୍ଭରେ ପାଇଥିଲେ । ଏବଂ ସେମାନେ ଜାଣିଥିଲେ ଯେ ବିଜାତିମାନେ ପରମେଶ୍ୱରଙ୍କଠାରୁ ଅନୁଗ୍ରହ ପାଇଛନ୍ତି, କାରଣ ସେମାନେ ଠିକ୍ ସେହି ପ୍ରକାରେ ପବିତ୍ରଆତ୍ମା ପ୍ରାପ୍ତ ହୋଇଥିଲେ ଯେପରିକି ସେମାନେ ଆରମ୍ଭରେ ପାଇଥିଲେ । ମୋର ଏଠାରେ ଏକ ପ୍ରଶ୍ନ ଅଛି, କିଛି ମିନିଟରେ ତାହା ଉପରେ କିଛି ଗୋଟାଏ ଅଛି । ମୁଁ ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ଚାହେଁ, ଯେଣୁ ଆପଣ ଦେଖିବେ ଯେ ତାହା କଅଣ ଅଟେ ।

68 ତେବେ, ମୁଁ ସେହି ଲୋକମାନଙ୍କୁ ଆଶା କରିପାରେ ନାହିଁ ଯେଉଁମାନେକି ଭିନ୍ନ ଭାବେ ଶିକ୍ଷା ପାଇଛନ୍ତି...ମୋର ପ୍ରିୟ, ମୂଲ୍ୟବାନ, ପେଣ୍ଟିକଷ୍ଟାଲ ଭାଇମାନେ, ମୋ କଥା ଶୁଣନ୍ତୁ । ମୁଁ ଏହାକୁ ବାହାରେ ଶିକ୍ଷା ଦେବି ନାହିଁ । ଏହା ହିଁ...ବିବାଦ ସୃଷ୍ଟି କରିବା ପାଇଁ ମୁଁ କିଛି କରିବି ନାହିଁ । ମାତ୍ର ଯଦି ଆମେ ସତ୍ୟ ନ ପାଇବା, ତାହାହେଲେ ଆମେ କେବେ ଆରମ୍ଭ କରିବାକୁ ଯାଉଅଛୁ? ଆମକୁ ସଳଖ କରିବା ପାଇଁ ଏଠାରେ କିଛି ଘଟିବା ନିମନ୍ତେ ଆମ ପାଖରେ କିଛି ଗୋଟାଏ ରହିବାକୁ ଅଛି । ଆମକୁ ବର୍ତ୍ତମାନ ଏଠାରେ ଉର୍ଦ୍ଧାନ୍ତିକରଣର ଅନୁଗ୍ରହ ପାଇବାକୁ ଅଛି । ସତ୍ୟକୁ ସମ୍ମୁଖକୁ ଆସିବାକୁ ଅଛି ।

69 ଯଦି ଜଣେ ବ୍ୟକ୍ତି ବଧିର, ଓ ମୂକ ଥାଏ, ଏବଂ ଆଦୌ କହି ନ ପାରୁଥାଏ, ତେବେ ସେ କଅଣ କରିବ? କଅଣ ସେ ପବିତ୍ରଆତ୍ମା ଗ୍ରହଣ କରିପାରିବ କି? କଅଣ ହୁଏ ଯଦି ତାର ଆରମ୍ଭରୁ ହିଁ ଜିହ୍ୱା ନ ଥାଏ, ଏବଂ ସେହି ବେଚାରା ଲୋକଟି ଉଦ୍ଧାର ପାଇବାକୁ ଚାହେଁ? ବୁଝିଲେ? ଏହା ହେଉଛି ପବିତ୍ରଆତ୍ମା, ଏକ ବାପ୍ତିସ୍ମ । ଏବଂ ତାହାପରେ, ଏହି ସମସ୍ତ ଦାନଗୁଡ଼ିକ ଯେପରିକି ପରଭାଷାରେ କଥା କହିବା, ଭାଷାଗୁଡ଼ିକର ଅର୍ଥ କରିବା, ଏହା ଆପଣ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଦ୍ୱାରା ଶରୀର ଭିତରେ ଆସିବା ପରେ ଅଟେ । କାରଣ ସେହି ଦାନଗୁଡ଼ିକ ଖ୍ରୀଷ୍ଟଙ୍କ ଶରୀରରେ ଅଛି ।

70 ତେବେ, ସେହି କାରଣ ଯେଉଁଥି ଯୋଗୁଁ ମୁଁ କୁହେ...ବର୍ତ୍ତମାନ, ଏଠାରେ ଦେଖନ୍ତୁ । କଅଣ ଆପଣ ଆଶା କରିପାରିବେ ଯେ କ୍ୟାଥୋଲିକ୍ ମଣ୍ଡଳୀ, ଯାହାକି ପ୍ରେରିତମାନଙ୍କ ପରେ ଜଗତର ପ୍ରଥମ ସଂଗଠିତ ମଣ୍ଡଳୀ ଥିଲା...ତାହାପରେ କ୍ୟାଥୋଲିକ୍ ମଣ୍ଡଳୀ ସଂଗଠିତ

ହୋଇଥିଲା, ଓଃ, ଶେଷ ପ୍ରେରିତଙ୍କ ମୃତ୍ୟୁର ଶହ ଶହ ବର୍ଷ ପରେ, ପ୍ରେରିତମାନଙ୍କର ପରେ କିଛି ଛଅ ଶହ ଏବଂ—କେତେ ବର୍ଷ ପରେ, ନାଇସିନ୍ ପରିଷଦର ଠିକ୍ ପରେ ପରେ, ଯେତେବେଳେ ନାଇସିନ୍ ପିତାମାନେ ଏକାଠି ହୋଇ ସଂଗଠିତ ହେଲେ; ତାହାପରେ ସେମାନେ ବିଶ୍ୱବ୍ୟାପୀ ମଣ୍ଡଳୀକୁ ସ୍ଥାପନ କଲେ, ଯାହାକି କ୍ୟାଥୋଲିକ୍ ମଣ୍ଡଳୀ ଥିଲା। ସେଠାରେ ସେମାନେ ଏକ ବିଶ୍ୱ ମଣ୍ଡଳୀ ଗଠନ କରିଥିଲେ। ଏବଂ ସେହି *କ୍ୟାଥୋଲିକ୍* ଶବ୍ଦର ଅର୍ଥ ହେଉଛି "ବିଶ୍ୱବ୍ୟାପୀ"; ଯାହାକି ସର୍ବତ୍ର ଅଟେ। ସେମାନେ...ରୋମାନ୍—ପାଗାନ୍ ବା ମୂର୍ତିପୂଜକ ରୋମ୍ ପାପାଲ୍ ବା ପୋପ୍ ସମ୍ବନ୍ଧୀୟ ରୋମ୍‌ରେ ପରିଣତ ହୋଇଥିଲା। ଏବଂ ସେମାନେ ମୂଖ୍ୟ ଭାବରେ ପିତରଙ୍କ ସ୍ଥାନ ନେବା ପାଇଁ ଏକ ପୋପ୍‌କୁ ସ୍ଥାପନ କଲେ, ଯାହାକୁ ସେମାନେ ଭାବିଥିଲେ ଓ କହିଥିଲେ ଯେ ଯୀଶୁ ରାଜ୍ୟର ଚାବି ଦେଇଛନ୍ତି। ଏବଂ ସେହି ପୋପ୍ ଅମୋଘ ଥିଲେ, ଏବଂ ଆଜି ମଧ୍ୟ କ୍ୟାଥୋଲିକ୍ ମଣ୍ଡଳୀ ପ୍ରତି ତାହା ଅଟନ୍ତି। ତାହା...ତାହାଙ୍କର ଶବ୍ଦ ହେଉଛି ବ୍ୟବସ୍ଥା ଏବଂ ନିୟମ। ସେ ହେଉଛନ୍ତି ଅମୋଘ ପୋପ୍। ତାହା ଚାଲିଲା।

71 ଏବଂ ତାହାପରେ, ଯେହେତୁ ସେମାନେ ଏହି କ୍ୟାଥୋଲିକ୍ ଶିକ୍ଷା ସହିତ ସହମତ ହୋଇ ନ ଥାନ୍ତି, ସେମାନଙ୍କୁ ହତ୍ୟା କରାଗଲା, କାଠରେ ବାନ୍ଧି ପୋଡି ଦିଆଗଲା, ଏବଂ ଅନ୍ୟ ସମସ୍ତ ବିଷୟ କରାଗଲା। ଆମେ ସମସ୍ତେ ତାହା ଜୋସେଫସ୍‌ଙ୍କ ପବିତ୍ର ଲେଖାଗୁଡିକ, ଏବଂ *ଫକ୍ସ ବୁକ୍ ଅଫ୍ ମାର୍ଟୀୟର* ମାଧ୍ୟମରେ, ଓ ଅନ୍ୟାନ୍ୟ କେତେକ ପବିତ୍ର...ହିସଲପ୍‌ର *ଟୁ ବାବିଲନ୍‌ସ*, ଏବଂ ସେହି—ସେହି ମହାନ ଇତିହାସଗୁଡିକରୁ ଜାଣୁ। ତାହାପରେ, ଏହା—ପନ୍ଦର ଶହ ବର୍ଷ ପରେ, ଯେପରିକି ଆମେ ଜାଣୁ, ଅନ୍ଧକାର ଯୁଗ ବିଷୟରେ, ଲୋକମାନଙ୍କଠାରୁ ବାଇବଲ ଛଡାଇ ନିଆଯାଇଥିଲା। ଏବଂ ଏହାକୁ—ଏହାକୁ ଜଣେ ସାନ ସାଧୁଙ୍କ ଦ୍ୱାରା ଲୁଚାଇ ରଖାଯାଇଥିଲା, ଏବଂ ପ୍ରଭୃତି ବିଷୟ, ଯାହା ଆମେ ବୁଝିଛୁ।

72 ତାହାପରେ ପ୍ରଥମ ସଂସ୍କାର ଆସିଲା, ଯାହାକି ମାର୍ଟିନ୍ ଲୁଥର୍ ଥିଲେ। ଏବଂ ସେ ବାହାରକୁ ବାହାରିଲେ ଓ କହିଲେ ଯେ ସେହି ପ୍ରଭୁଭୋଜ ଯାହାକୁ କ୍ୟାଥୋଲିକ୍ ଶରୀର ବୋଲି କହିଥାନ୍ତି—ଖ୍ରୀଷ୍ଟଙ୍କର ଆକ୍ଷରିକ ଶରୀର ବୋଲି କହିଥାନ୍ତି, ତାହା କେବଳ ଖ୍ରୀଷ୍ଟଙ୍କ ଶରୀରକୁ ପ୍ରତିପାଦିତ କରିଥିଲା। ଏବଂ ସେ ପ୍ରଭୁଭୋଜକୁ ସେହି ବେଦୀର ଦଣ୍ଡ ଉପରେ, କିମ୍ବା ପାହାଚ ଉପରେ ପକାଇ ଦେଲେ, ଏବଂ ଏହାକୁ ଖ୍ରୀଷ୍ଟଙ୍କ ଆକ୍ଷରିକ ଶରୀର ବୋଲି କହିବାକୁ ନାସ୍ତି କଲେ, ଆଉ ପ୍ରଚାର କଲେ, "ଧାର୍ମିକମାନେ ବିଶ୍ୱାସ ଦ୍ୱାରା ବଞ୍ଚିବେ।" ତେବେ, ଆପଣ ଆଶା କରିପାରନ୍ତି ନାହିଁ ଯେ କ୍ୟାଥୋଲିକ୍ ମଣ୍ଡଳୀ ତାଙ୍କ ସହ ସହମତ ହେବ, ନିଶ୍ଚିତରେ ନୁହେଁ, ଯେତେବେଳେ ସେମାନଙ୍କର ଅମୋଘ ମୂଖ୍ୟ ସେମାନଙ୍କୁ ନା କହିଥାନ୍ତି। ଠିକ୍ ଅଛି।

73 ତାହାପରେ ମାର୍ଟିନ୍ ଲୁଥର୍, ଧାର୍ମିକ ଗଣିତ ହେବା ପ୍ରଚାର କରିବା ପରେ, ଜନ୍ ୱେସଲି ପବିତ୍ରୀକରଣ ପ୍ରଚାର କରି କରି ଆସିଲେ। ଏବଂ ସେ ପ୍ରଚାର କଲେ ଯେ ଜଣେ ବ୍ୟକ୍ତି, ଧାର୍ମିକ ଗଣିତ ହେବା ପରେ (ତାହା ଠିକ୍ ଅଟେ) ମାତ୍ର ଆପଣଙ୍କୁ ପବିତ୍ରୀକୃତ, ପରିଷ୍କୃତ ହେବାକୁ

ଅଛି, ଯୀଶୁଙ୍କ ରକ୍ତ ଦ୍ୱାରା ମନ୍ଦତାର ମୂଳକୁ ଆପଣଙ୍କଠାରୁ ବାହାର କରି ନେବାକୁ ଅଛି। ତେବେ, ଆପଣ ଲୁଥରାନ୍‌ମାନଙ୍କଠାରୁ ପବିତ୍ରୀକରଣ ପ୍ରଚାର କରିବାର ଆଶା କରିପାରନ୍ତି ନାହିଁ, କାରଣ ସେମାନେ ତାହା କରିବାକୁ ଯାଉ ନାହାଁନ୍ତି।

74 ୱେସ୍‌ଲି ପବିତ୍ରୀକରଣ ପ୍ରଚାର କରିସାରିବା ପରେ, ଏବଂ ଏଥିରୁ ଅନେକ ଛୋଟ ଛୋଟ ସମୂହ ଭଗ୍ନ ହୋଇ ପୃଥକ୍ ହୋଇସାରିବା ପରେ, ତାହାପରେ ଯାହା ଆସେ, ୱେସଲିୟାନ୍ ମେଥୋଡିଷ୍ଟ, ଏବଂ ନାଜରିନ, ଏବଂ ଅନ୍ୟାନ୍ୟ ପ୍ରଭୃତି, ଯାହାକି ସେମାନଙ୍କ ଯୁଗରେ ନିଆଁକୁ ଜଳାଇ ରଖିଥିଲେ, ତାହାପରେ ପେଣ୍ଟିକଷ୍ଟ ଆସିଲା ଏବଂ କହିଲା, "କାହିଁକି, ପବିତ୍ରଆତ୍ମା ତ ବାପ୍ତିସ୍ମ ଅଟେ, ଏବଂ ଆମେ ଏହା ପାଇବାବେଳେ ପରଭାଷାରେ କଥା କହିଥାଉ।" ନିଶ୍ଚିତରେ। ତାହାପରେ ଯେତେବେଳେ ତାହା ଆସିଲା, ଆପଣ ନାଜରିନ, ଏବଂ ୱେସଲିୟାନ୍ ମେଥୋଡିଷ୍ଟମାନଙ୍କୁ, ଏବଂ ପ୍ରଭୃତି ସେମାନଙ୍କଠୁଁ ଆଶା କରିପାରିବେ ନାହିଁ ଯେ ତାହା ବିଶ୍ୱାସ କରିବେ। ସେମାନେ ତାହା କରିବେ ନାହିଁ। ସେମାନେ ଏହାକୁ ଶୟତାନ ବୋଲି କହିଥିଲେ। ଠିକ୍ ଅଛି। କଅଣ ହେଲା? ସେମାନେ ପତିତ ହେବା ଆରମ୍ଭ କଲେ; ପେଣ୍ଟିକଷ୍ଟ ବଢିବା ଆରମ୍ଭ କରେ। ତେବେ ଏହା ଏପରି ଏକ ସ୍ଥାନ ପର୍ଯ୍ୟନ୍ତ ବଢି ଯାଇଛି ଯେ ଏପରିକି ପେଣ୍ଟିକଷ୍ଟ ସୁଦ୍ଧା କମ୍ପିତ ହୋଇ ଉଠିଛି। ଏହା ସଂଗଠିତ ହୋଇଛି ଏବଂ ବାହାରି ଯାଇଛି, ଅନ୍ୟ କିଛି ଗ୍ରହଣ କରେ ନାହିଁ। ସେମାନଙ୍କର ନିଜସ୍ୱ ନିୟମ ଏବଂ ଆଇନ୍‌ଗୁଡିକ ଅଛି, ଏବଂ ତାହା ଏହାକୁ ସମାଧାନ କରେ।

75 ବର୍ତ୍ତମାନ, ଯେତେବେଳେ ପବିତ୍ରଆତ୍ମା ଆସି କୌଣସି ବିଷୟର ସତ୍ୟ ପ୍ରକାଶ କରନ୍ତି ଏବଂ ତାହାଙ୍କର ନିଜ ଉପସ୍ଥିତି ଏବଂ ତାହାଙ୍କର ବାକ୍ୟ ଦ୍ୱାରା ଏହାକୁ ପ୍ରମାଣ କରନ୍ତି, ସେତେବେଳେ ଆପଣ ପେଣ୍ଟିକଷ୍ଟାଲ୍ ଲୋକମାନଙ୍କୁ ଏହା କହିବାର ଆଶା କରନ୍ତି ନାହିଁ, "ମୁଁ ଏହା ସହିତ ଏକମତ ହେବି।" ଆପଣଙ୍କୁ ତ ଏକାକୀ ଠିଆ ହେବାକୁ ଅଛି ଯେପରିକି ଲୁଥର କରିଥିଲେ, ଯେପରିକି ୱେସଲି କରିଥିଲେ, ଏବଂ ଯେପରିକି ଅନ୍ୟମାନେ ସମସ୍ତେ କରିଥିଲେ। ଆପଣଙ୍କୁ ତ ତାହା ଉପରେ ଛିଡା ହେବାକୁ ଅଛି କାରଣ ସମୟ ସନ୍ନିକଟ ଅଟେ। ଏବଂ ତାହା ହିଁ ଅଟେ ଯାହାକି ମୋତେ ଏକ ବିଚିତ୍ର ପ୍ରାଣୀ କରିଥାଏ। ତାହା ହିଁ ଅଟେ ଯାହାକି ମୋତେ ଭିନ୍ନ କରିଥାଏ।

76 ଏବଂ ମୁଁ ମୋର ମୂଲ୍ୟବାନ ଭାଇ ଓରାଲ୍ ରୋବର୍ଟସ୍, ଏବଂ ଟମି ଓସବର୍ନ୍, ଟମି ହିକ୍ସ ଏବଂ ସେମାନଙ୍କ ପରି ଆରମ୍ଭ କରିପାରେ ନାହିଁ, କାରଣ ମଣ୍ଡଳୀଗୁଡ଼ିକ ମୋ ସହିତ ସହମତ ହେବେ ନାହିଁ। ସେମାନେ କୁହନ୍ତି, "ସେ ଅନନ୍ତ ସୁରକ୍ଷା ଉପରେ ବିଶ୍ୱାସ କରନ୍ତି। ସେ ଜଣେ ବାପ୍‌ଟିଷ୍ଟ। ସେ ପବିତ୍ରଆତ୍ମାଙ୍କର ପ୍ରାରମ୍ଭିକ ପ୍ରମାଣ ଭାବରେ ପରଭାଷାରେ କଥା କହିବାରେ ବିଶ୍ୱାସ କରନ୍ତି ନାହିଁ। ସେହି ଲୋକଠାରୁ ଦୂର ହୁଅ!" ବୁଝିଲେ?

77 କିନ୍ତୁ ଏହା ସହିତ ସମ୍ମୁଖାସମ୍ମୁଖୀ ହୁଅନ୍ତୁ। ଏହାକୁ ମୁହାଁମୁହିଁ ହୁଅନ୍ତୁ। ସେମାନେ ଲୁଥରାନ୍‌ମାନଙ୍କୁ, ସେହି—ସେହି ମେଥୋଡିଷ୍ଟକୁ ସାମ୍ନା କରିପାରନ୍ତି। ପେଣ୍ଟିକଷ୍ଟାଲ

ମେଥୋଡିଷ୍ଟକୁ ସାମ୍ନା କରିପାରନ୍ତି। ମୁଁ ଏହା ସହିତ ପେଣ୍ଟିକଷ୍ଟାଲର ସାମ୍ନା କରିପାରେ। ଏହା ଅବିକଳ ଠିକ୍ ଅଟେ। ଏହା ସତ୍ୟ ଅଟେ। ଏହା କାହିଁକି ଅଟେ? ଆମେ ତ ଆଲୋକରେ ଗତି କରୁଅଛୁ ଯେପରିକି ସେ ଆଲୋକରେ ଅଛନ୍ତି। ବୁଝିଲେ? ଆମେ ମହାରାଜାଙ୍କ ରାଜପଥ ଉପରକୁ ଯାଉଅଛୁ, ଏବଂ ଏହା ଯେତେ ଆଗକୁ ଯାଏ, ଅଧିକ ଅନୁଗ୍ରହ ଦିଆଯାଏ, ଅଧିକ ଶକ୍ତି ଦିଆଯାଏ, ଅଧିକ ଅଲୌକିକ ବିଷୟ ଦିଆଯାଏ। ଏବଂ ଆମେ ସେଠାରେ ଅଛୁ। ଏହା ସେହି ଘଟିକା ଅଟେ ଯେଉଁଠାରେକି ପବିତ୍ରଆତ୍ମା ଏକ ପ୍ରକାଶ ରୂପରେ ଓହ୍ଲାଇ ଆସିଛନ୍ତି ଯେପରିକି ସେ ଆରମ୍ଭରେ ଥିଲେ, ଏକ ଅଗ୍ନିସ୍ତମ୍ଭ ରୂପେ, ଏବଂ ନିଜକୁ ପ୍ରକାଶ କରିଛନ୍ତି, ସେହି ସମାନ କାର୍ଯ୍ୟଗୁଡିକ କରୁଛନ୍ତି ଯାହା ସେ କରିଥିଲେ ଯେତେବେଳେ ସେ ଏଠାରେ ଧରାପୃଷ୍ଠରେ ଥିଲେ। ଏବଂ ଯୀଶୁ କହିଲେ, "ତୁମେ କିପରି ଜାଣିବ ଯେ ସେମାନେ ଠିକ୍ ଅଟନ୍ତି କି ନୁହେଁ? ସେମାନଙ୍କର ଫଳଗୁଡିକ ଦ୍ୱାରା ତୁମେ ସେମାନଙ୍କୁ ଜାଣିବ। ଯିଏ ମୋ ଉପରେ ବିଶ୍ୱାସ କରେ, ମୁଁ ଯେଉଁ କାର୍ଯ୍ୟ କରେ, ସେ ମଧ୍ୟ ତାହା କରିବ। ଏହି ଚିହ୍ନଗୁଡିକ ବିଶ୍ୱାସୀମାନଙ୍କର ଅନୁଗମନ କରିବ।"

78 ତେବେ, ମୋର ପେଣ୍ଟିକଷ୍ଟାଲ୍ ଭାଇମାନେ। ମୁ ଆପଣମାନଙ୍କ ସଙ୍ଗରେ ଅଛି। ମୁଁ ଆପଣମାନଙ୍କ ମଧ୍ୟରୁ ଜଣେ ଅଟେ। ମୁଁ ପବିତ୍ରଆତ୍ମା ପାଇଅଛି। ମୁଁ ପରଭାଷାରେ କଥା କହିଅଛି, ମାତ୍ର ମୁଁ ତାହା ପବିତ୍ରଆତ୍ମା ପାଇବା ବେଳେ ପାଇ ନାହିଁ। ମୁଁ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ପାଇଅଛି; ମୁଁ ପରଭାଷାରେ କଥା କହିଅଛି, ଭବିଷ୍ୟତ୍‌ବାଣୀ କରିଅଛି, ଜ୍ଞାନ, ବୁଦ୍ଧି, ଅର୍ଥ କରିବାର ଦାନ ପାଇଅଛି, ଏବଂ ସବୁକିଛି ଘଟୁଅଛି। ମାତ୍ର ମୁଁ ସେହି ବିଷୟ ମଧ୍ୟରୁ କୌଣସିର ଅଧୀନ ଅଟେ, କାରଣ ବର୍ତ୍ତମାନ ମୁଁ ପରମେଶ୍ୱରଙ୍କ ଜଣେ ସନ୍ତାନ ଅଟେ। ସେହି ଶକ୍ତି, ପରମେଶ୍ୱରଙ୍କ ଅଗ୍ନି ମୋ ପ୍ରାଣ ଭିତରେ ଅଛି; ସେହି ଅଗ୍ନିର ଜିହ୍ୱା ଯାହା ସ୍ଥାପିତ ହୋଇଥିଲା—ମୋ ଅନ୍ତର ଭିତରକୁ ଆସିଲା ଏବଂ ପରମେଶ୍ୱରଙ୍କ ବିପରୀତ ସମସ୍ତକିଛି ବିଷୟକୁ ପୋଡି ଦେଲା, ଆଉ ବର୍ତ୍ତମାନ ମୁଁ ତାହାଙ୍କର ଆତ୍ମାଙ୍କ ଦ୍ୱାରା ପରିଚାଳିତ ଅଟେ। ସେ କହିପାରନ୍ତି, "*ଏଠାକୁ* ଯାଅ," ଏବଂ ମୁଁ ଯିବି। "*ଏଠାକୁ* ଯାଅ," ମୁଁ ଯିବି। "*ଏଠାରେ* କୁହ," ମୁଁ କହିବି। "ଏବଂ *ଏହା, ତାହା* ଏବଂ *ଅନ୍ୟ* କିଛି କର।" ଆପଣ ସେଠାରେ ଅଛନ୍ତି, ଠିକ୍ ସେହିପରି...ଆପଣ ଆତ୍ମାଙ୍କ ଦ୍ୱାରା ପରିଚାଳିତ ଅଟନ୍ତି। ତାହା ଆପଣଙ୍କ ଭିତରେ ପରମେଶ୍ୱର, ନିଜର ଇଚ୍ଛାକୁ ସାଧନ କରୁଛନ୍ତି। ତାହା ଯାହା ହେଉନା କାହିଁକି, ସେ ଆପଣାର ଇଚ୍ଛା ସାଧନ କରୁଛନ୍ତି।

79 ତେବେ, ଶୁଣନ୍ତୁ। ମୋତେ ଏଠାରେ ପାଠ କରି ଦେଖିବାକୁ ଦିଅନ୍ତୁ ଏହା ପୂର୍ବେକି ଆମେ ଏଠାରେ ଲେକ୍ସିକନ୍ ଉପରେ ପ୍ରଶ୍ନଗୁଡିକୁ ଆରମ୍ଭ କରୁ। ବର୍ତ୍ତମାନ, ଭାଟିକାନ୍ ଅନୁବାଦରୁ, ଖଣ୍ଡ 7, 190—1205:

> "ଏହା ନିର୍ଣ୍ଣୟ କରିବା କଷ୍ଟସାଧ୍ୟ ଥିଲା ଯେ ତାହା ଏକ ବିଦେଶୀ ଭାଷାରେ କଥାବାର୍ତ୍ତା କରୁଥିବା ଲୋକଙ୍କ ସ୍ୱର ଥିଲା; କିଅବା ସେହି ଅଲୌକିକ ପବନର

ପ୍ରଚଣ୍ଡ ବେଗରେ ବୋହୁଥିବାର ସେହି କାର୍ଯ୍ୟର ବିବୃତ୍ତି ବା ଗୁଜବ ଥିଲା ଯାହାକି ଜନସମାଗମକୁ ଉତ୍ସାହିତ କରିଥିଲା।"

ସେମାନେ ଏହା ବୁଝିପାରି ନ ଥିଲେ। ତେବେ ଧ୍ୟାନ ଦିଅନ୍ତୁ। ଏହା ଲୋକମାନେ ଥିଲେ କି ନାହିଁ...

80 ମୁଁ କେବଳ ବର୍ଣ୍ଣନା କରିବି। ଏଠାରେ ଦଳେ ଗରିବ, ଦରିଦ୍ର ଗାଲିଲୀୟ ଲୋକମାନେ ଅଛନ୍ତି। ଏବଂ ଏଠାରେ ସେମାନେ ସେଠାରେ ରାସ୍ତାରେ ଅଛନ୍ତି। ସେମାନେ ଏହି ପରି କୌଣସି ବିଷୟ କଦାପି ଦେଖି ନାହାଁନ୍ତି: ସେମାନଙ୍କର ହାତଗୁଡିକ ଉର୍ଦ୍ଧ୍ୱରେ ଉଠି ଥାଇ, ସେହି ଉପର କୋଠରୀରୁ, ସେହି ପାହାଚ ତଳକୁ, ଓହ୍ଲାଇ ସେଠାକୁ ଆସିଥିଲେ, ଠିକ୍ ପରିପୂର୍ଣ୍ଣ ହୋଇଥିଲେ; ସେମାନେ ଏଯାଏଁ କେବେହେଲେ କଥା କହି ନ ଥିଲେ। ବୁଝିଲେ? ଏଠାରେ ସେମାନେ ସେଠାରୁ ତଳକୁ ଓହ୍ଲାଇ ଆସୁଛନ୍ତି। ଏବଂ ବର୍ତ୍ତମାନ, ଆସନ୍ତୁ କହିବା, ସେମାନେ ସେଠାରେ ମଦ୍ୟପ ଭାବରେ ଛିଡା ହୋଇଥିଲେ। ଆଉ ଲୋକମାନେ କହିଲେ...ଜଣେ ଗ୍ରୀକ୍ ଲୋକ ମୋ ପାଖକୁ ଦୌଡ଼ି ଆସିଲା ଏବଂ, କହିଲା, ମୁଁ ଗାଲିଲୀୟ ଭାଷା କହୁଅଛି।

ଆପଣ ତାଙ୍କ ପାଖକୁ ଦୌଡ଼ି ଆସି କୁହନ୍ତି, "ଏବଂ ତୁମ ସହିତ ମାମଲା କଅଣ, ବାଳକ?"

81 "ମୁଁ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୋଇଛି। ପରମେଶ୍ୱରଙ୍କ ଶକ୍ତି ସେଠାରେ ସେହି କୋଠରୀରେ ଓହ୍ଲାଇ ଆସିଥିଲା। କିଛି ଗୋଟାଏ ମୋ ସହିତ ଘଟିତ ହେଲା। ଓଃ, ପରମେଶ୍ୱରଙ୍କ ଗୌରବ ହେଉ!"

ଏବଂ ଆଉ ଜଣେ ଏଠାରେ, ସେ ଜଣେ ଆରବର ଲୋକ ସହିତ କଥା ହେଉଥିଲେ, ଆଉ ସେ ନିଜେ ଜଣେ ଗାଲିଲୀୟ ହୋଇ ଆରବ—ଆରବ ଭାଷା କହୁଥିଲେ।

82 ତେବେ, ସେମାନେ କହିପାରି ନ ଥିଲେ, ଯେ କଅଣ ତାହା ପ୍ରବଳ ବେଗରେ ବହୁଥିବା ପବନ ଥିଲା ଯାହାକି ଲୋକମାନଙ୍କୁ ଏକତ୍ରିତ କରିଥିଲା ଯେତେବେଳେକି ଜନସମାଗମ ଏକାଠି ଆସିଥିଲେ, କିଅବା ତାହା ବିଦେଶୀ ଭାଷାରେ କଥାବାର୍ତ୍ତା କରିବା ବିଷୟ ଥିଲା ଯାହା ସେମାନେ କହୁଥିଲେ? ତେବେ, ବାଇବଲ ଅବିକଳ କହେ ନାହିଁ...ଆପଣଙ୍କ ପାଖରେ ଦୁଇଟି ଜିନିଷ ଅଛି ଯାହାକି ଆପଣ ଦେଖିପାରନ୍ତି। ଏହା ଥିଲା...ସେହି—ସେହି ବାହାର ଲୋକ କହିଲେ, "ଏହା କେମିତି ଅଟେ ଯେ ଆମେମାନେ ପ୍ରତ୍ୟେକେ ନିଜ ନିଜ ଭାଷାରେ ଶୁଣୁଅଛୁ ଯେଉଁଥିରେକି ଆମେ ଜନ୍ମ ହୋଇଅଛୁ?" ତାହା ଏହା କହିଲା ନାହିଁ ଯେ ସେମାନେ ଏହାକୁ କହୁଥିଲେ, କିନ୍ତୁ ସେମାନେ ଏହା ଶୁଣୁଥିଲେ।

83 ତେବେ ସେହି ସମାନ ଗୋଷ୍ଠୀ, ସେହି ସମାନ ଲୋକ, ଏହାକୁ ବୁଝାଇଲେ। ପିତର କୌଣସି ବିଷୟ ଉପରେ ଡେଇଁ ପଡ଼ିଲେ ଓ କହିଲେ, "ହେ ଗାଲିଲୀର ଲୋକମାନେ, ଓ ଯିରୁଶାଲମରେ ବାସ କରୁଥିବା ଲୋକମାନେ, ଏହା ଆପଣମାନେ ଜାଣି ନିଅନ୍ତୁ (ଲୋକମାନେ କହିଲେ ଯେ ସେମାନେ ଗାଲିଲୀୟ ଭାଷା ଜାଣନ୍ତି ନାହିଁ) ଏହା ଆପଣମାନେ ଜାଣି ନିଅନ୍ତୁ ଏବଂ ମୋର ଶବ୍ଦଗୁଡିକୁ କର୍ଣ୍ଣପାତ କରନ୍ତୁ (କେଉଁ—କେଉଁ ଭାଷାରେ ସେ

ସେମାନଙ୍କ ସହ, ସମସ୍ତଙ୍କ ସହ କଥା ହୋଇଥିଲେ?); କାହିଁକି, ଆପଣ ଯେପରି ଅନୁମାନ କରୁଛନ୍ତି ସେମାନେ ସେହିପରି ମଦ୍ୟପ ନୁହଁନ୍ତି, ଯେହେତୁ ଏହା ଦିନର ତୃତୀୟ ପହର ମାତ୍ର, କିନ୍ତୁ ଏହା ଯୋୟେଲ ଭବିଷ୍ୟଦ୍‌ବକ୍ତାଙ୍କ ଉକ୍ତ ସେହି କଥା ଅଟେ: 'ଏବଂ ଶେଷ ଦିନରେ ଏହା ଘଟିତ ହେବ, ପରମେଶ୍ୱର କୁହନ୍ତି, ମୁଁ ସମସ୍ତ ମର୍ତ୍ତ୍ୟ ଉପରେ ଆପଣା ଆତ୍ମା ଢାଳିବି। ତୁମର ପୁତ୍ର ଓ କନ୍ୟାଗଣ ଭବିଷ୍ୟଦ୍‌ବାଣୀ କରିବେ।'" ସେ ଆଗକୁ ଆହୁରି, କହି ଚାଲିଲେ, "ଆପଣମାନେ ଦୁଷ୍ଟ ହାତରେ ପରମେଶ୍ୱରଙ୍କ ନିର୍ଦ୍ଦୋଷ ପୁତ୍ରଙ୍କୁ କ୍ରୁଶରେ ହତ କରିଅଛ। ଦାଉଦ ତାହାଙ୍କ ବିଷୟରେ କହିଥିଲେ...'ତାହାଙ୍କର ପ୍ରାଣକୁ ନରକରେ ଛାଡିବେ ନାହିଁ, କିମ୍ବା ତାହାଙ୍କର ପବିତ୍ର ଜନକୁ କ୍ଷୟ ପାଇବାକୁ ଦେବେ ନାହିଁ।'" ଏବଂ କହିଲେ, "ଏହା ଆପଣମାନେ ଜାଣି ରଖନ୍ତୁ ଯେ ପରମେଶ୍ୱର ଏହି ସମାନ ଯୀଶୁଙ୍କୁ ଯାହାକୁ ଆପଣମାନେ କ୍ରୁଶାର୍ପିତ କଲେ ଉଭୟ ପ୍ରଭୁ ଏବଂ ଖ୍ରୀଷ୍ଟ କରିଅଛନ୍ତି।" ଆଉ ଯେତେବେଳେ ସେମାନେ ଏହା ଶୁଣିଲେ...ଆମେନ୍! କିଏ? ଆକାଶ ତଳେ ପ୍ରତ୍ୟେକ ଲୋକ। କଅଣ ଘଟୁଥିଲା? ସେ ଏହା କହୁ ନ ଥିଲେ, "ବର୍ତ୍ତମାନ, ମୁଁ ଗାଲିଲୀୟ ଭାଷାରେ କହିବି; ମୁଁ *ଏଥି*ରେ କହିବି; ଏବଂ ମୁଁ *ଏଥି*ରେ କହିବି...?..."

84 ପିତର ଏହି କଥା କହୁଥିବା ବେଳେ, ସେମାନେ କହିଥିଲେ, "ପୁରୁଷ ଓ ଭାଇମାନେ, ପରିତ୍ରାଣ ପାଇବା ପାଇଁ ଆମେ କଅଣ କରିପାରିବା?" ଏବଂ ପିତର ସେମାନଙ୍କୁ ସୂତ୍ର ଦେଇଥିଲେ। ତାହା ସେହିପରି ହିଁ ସର୍ବଦା ଘଟିଥାଏ। ବୁଝିଲେ?

85 ଏହା ଉପରକୁ ବଢୁଅଛି, ପରମେଶ୍ୱରଙ୍କ ନିକଟକୁ, ନିକଟବର୍ତ୍ତୀ ଚାଲିବା ଅଟେ। ଆପଣ କିପରି ଜାଣିଲେ? ତେବେ ବର୍ତ୍ତମାନ, ଯେତେବେଳେ ଲୁଥର୍ ଧାର୍ମିକ ଗଣନା କରିବା ବିଷୟ ଗ୍ରହଣ କଲେ, ସେ ଏହାକୁ ପବିତ୍ରଆତ୍ମା ବୋଲି ଡାକିଲେ। ଏହା ଥିଲା। ପରମେଶ୍ୱର ଏଥିରୁ ଟିକିଏ ସେଥିରେ ବୁଡ଼ାଇଲେ। ତାହାପରେ ସେ କଅଣ କହିଲେ? ୱେସ୍‌ଲି ପବିତ୍ରୀକରଣ ଗ୍ରହଣ କରିଥିଲେ, ଏବଂ କହିଥିଲେ, "ବାଳକ, ଯେତେବେଳେ ତୁମେ ଚିତ୍କାର କରିଥାଅ, ତୁମେ ଏହା ପାଇଥାଅ।" କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକେ ଚିତ୍କାର କରିଥିଲେ ଯେଉଁମାନଙ୍କରକି ତାହା ନ ଥିଲା। ଯେତେବେଳେ ପେଣ୍ଟିକଷ୍ଟ ପରଭାଷାରେ—ଅଜ୍ଞାତ ଭାଷାରେ କଥା ହୋଇଥିଲା, ସେମାନେ କହିଲେ, "ବାଳକ, ତୁମେ ଏହା ପାଇଅଛ।" କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକଙ୍କର ତାହା ନ ଥିଲା।

ତାହା ଜାଣିବାର ସେହି ଚିହ୍ନମାନ ଅଟେ ବୋଲି ସେପରି କୌଣସି ବିଷୟ ନାହିଁ। "ଆପଣ ଏକ ଗଛକୁ ଜାଣିବାର ଏକମାତ୍ର ଉପାୟ ହେଲା," ଯୀଶୁ କହିଲେ, "ଏହା ଯେଉଁ ଫଳ ଧାରଣ କରେ ତାହା ଦ୍ୱାରା," ଆତ୍ମାଙ୍କର କାର୍ଯ୍ୟ, ଆତ୍ମାଙ୍କର ଫଳ। ତାହାପରେ ଯେତେବେଳେ ଆପଣ ଜଣେ ବ୍ୟକ୍ତିଙ୍କୁ ଦେଖିବେ ଯିଏକି ଶକ୍ତିରେ ପରିପୂର୍ଣ୍ଣ, ଯିଏକି ପବିତ୍ରଆତ୍ମାରେ ପରିପୂର୍ଣ୍ଣ, ତାହାପରେ ଆପଣ ଏକ ଜୀବନ ଦେଖିବେ ଯାହାକି ବଦଳି ଯାଇଥାଏ। ଆପଣ ଏହି ଚିହ୍ନଗୁଡିକୁ ବିଶ୍ୱାସ କରୁଥିବା ଲୋକମାନଙ୍କର ଅନୁଗମନ ହେଉଥିବାର ଦେଖନ୍ତି: "ମୋ

ନାମରେ ସେମାନେ ଭୂତମାନଙ୍କୁ ଛଡାଇବେ, ନୂତନ ଭାଷାରେ କଥା କହିବେ । ଯଦି ଏକ ସାପ ସେମାନଙ୍କୁ ଦଂଶନ କରେ, ତାହା ସେମାନଙ୍କୁ ଆଘାତ କରିବ ନାହିଁ । ଯଦି ସେମାନେ କୌଣସି ବିଷାକ୍ତ ଜିନିଷ ଗ୍ରହଣ କରିବେ, ପାନ କରିବେ, ଏହା ସେମାନଙ୍କୁ ମାରିବ ନାହିଁ । ସେମାନେ ରୋଗୀମାନଙ୍କ ଉପରେ ହାତ ରଖିବେ, ଏବଂ ସେମାନେ ସୁସ୍ଥ ହୋଇଯିବେ ।" ମୋର ପ୍ରଭୁ! ଏହି ପ୍ରକାରର ଚିହ୍ନମାନ ବିଶ୍ୱାସ କରୁଥିବାର ଲୋକମାନଙ୍କର ଅନୁଗମନ କରିବ । କିନ୍ତୁ ଆପଣ ଏହା ଭିତରକୁ କିପରି ପ୍ରବେଶ କରିବେ? ସେହି ଦାନଗୁଡିକ ତ ଶରୀରରେ ଅଛି । ଆପଣ ଶରୀର ଭିତରକୁ କିପରି ପ୍ରବେଶ କରିବେ? ଆପଣ ନିଜର କଥା କହିବା ଦ୍ୱାରା ନୁହେଁ; କିନ୍ତୁ ଗୋଟିଏ ଶରୀରରେ ବାପ୍ତିଜିତ ହେବା ଦ୍ୱାରା (ପ୍ରଥମ କରିନ୍ଥୀୟ 12:13) । ଗୋଟିଏ ଆତ୍ମା ଦ୍ୱାରା ଆମେ ସମସ୍ତେ ସେହି ଶରୀରରେ ବାପ୍ତିଜିତ ହୋଇଅଛୁ ଏବଂ ସମସ୍ତ ଦାନ ବରଦାନର ଅଧିକାରୀ ଅଟୁ । ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

୫୬ ତେବେ, ଯଦି କେହି ଏହି ଟେପ୍ ଶୁଣିବେ କିଅବା ଏଠାରେ କେହି ଅସହମତ ହେବେ, ମନେରଖନ୍ତୁ, ଭାଇ, ଏହାକୁ ବନ୍ଧୁ ଭାବରେ କରିବେ, କାରଣ ମୁଁ ଆପଣମାନଙ୍କୁ ପ୍ରେମ କରେ ।

**93.** ଆଜି ରାତିରେ ପ୍ରଥମ ପ୍ରଶ୍ନ: **ଭାଇ ବ୍ରାନହାମ୍, ମୁଁ ଭାବୁଛି ଟେଲିଭିଜନ ଜଗତ ପାଇଁ ଏକ ଅଭିଶାପ ଅଟେ । ଆପଣ ଏହା ବିଷୟରେ କଅଣ ଭାବନ୍ତି?**

୫୭ ତେବେ, ଯିଏ ବି ଏହାକୁ ଲେଖିଛନ୍ତି, ମୁଁ ଆପଣଙ୍କ ସହିତ ସହମତ ହେବାକୁ ଯାଉଛି । ସେମାନେ ଏହାକୁ ଜଗତ ପାଇଁ ଏକ ଅଭିଶାପ କରି ଦେଇଛନ୍ତି । ଏହା ଜଗତ ପାଇଁ ଏକ ଆଶୀର୍ବାଦ ହୋଇ ପାରିଥାନ୍ତା, ମାତ୍ର ସେମାନେ ଏହାକୁ ଏକ ଅଭିଶାପ କରି ଦେଇଛନ୍ତି । ସେହିପରି କିଛି, ମୋର ପ୍ରିୟ ଲୋକମାନେ, ତାହା ଅଟେ ଯାହାକି ଆପଣ ନିଜ ଭିତରେ ଦେଖନ୍ତି । ଯଦି ଟେଲିଭିଜନ ଏକ ଅଭିଶାପ ଅଟେ, ତେବେ ଖବରକାଗଜ ଏକ ଅଭିଶାପ ଅଟେ, ତେବେ ରେଡିଓ ଏକ ଅଭିଶାପ ଅଟେ, ଏବଂ ଅନେକ ସମୟରେ ତ ଟେଲିଫୋନ୍ ମଧ୍ୟ ଅଟେ । ବୁଝିଲେ, ବୁଝିଲେ, ବୁଝିଲେ, ବୁଝିଲେ? ଏହା ତ ତାହା ଅଟେ ଯାହା ଆପଣ ଏଥିରୁ ଅର୍ଥ ବାହାର କରନ୍ତି । କିନ୍ତୁ ତାହା ହେତୁରୁ ଯାହାକି ଅନ୍ୟ ରାତିରେ ସେହି ଭାଇ କହିଥିଲେ, ଯେ ଟେଲିଭିଜନରେ ଆଉ କୌଣସି କାର୍ଯ୍ୟକ୍ରମ ହିଁ ନାହିଁ; ତାହା ତ ଅତ୍ୟଧିକ ଟଙ୍କା ଅଟେ । ଜଣେ ଗରିବ ପ୍ରଚାରକ ଯିଏକି ପୂର୍ଣ୍ଣ ସୁସମାଚାର ପ୍ରଚାର କରେ ଟେଲିଭିଜନରେ ଏକ କାର୍ଯ୍ୟକ୍ରମ କରିବା ପାଇଁ ସକ୍ଷମ ନୁହେଁ । ତେଣୁକରି ତେବେ...ସେହି ଭାଇ ଅନ୍ୟ ରାତିରେ କହିଲେ, ମୁଁ ବିଶ୍ୱାସ କରେ, କୌଣସି ସ୍ଥାନରେ, କହିଥିଲେ, "ତୁମର ରେଡିଓରୁ ଧୂଳି ଝାଡି ଦିଅ," କିଅବା କାହାରିର, କିମ୍ବା, "ଏହାକୁ ସେହି କୋଣରୁ ବାହାର କରି ଆଣ ଏବଂ ସେହି କାର୍ଯ୍ୟକ୍ରମଗୁଡ଼ିକୁ ଶୁଣ ।" ତାହା ଠିକ୍ ।

୫୮ ମାତ୍ର, ହେ ପ୍ରିୟ ବ୍ୟକ୍ତି, ଆପଣ ଯିଏ କେହି ବି ହୁଅନ୍ତୁ, ମୁଁ ନିଶ୍ଚିତରେ ଆପଣଙ୍କ ସହିତ ସହମତ ଅଟେ । ଏହା ମାନବ ଜାତି ପାଇଁ ଏକ ସବୁଠାରୁ ନିନ୍ଦନୀୟ ଜିନିଷ ହୋଇଯାଇଛି । ସେଠାରେ ସେମାନେ ଏହିସବୁ ଟଙ୍କା ନେଇ ନିଅନ୍ତି ଯାହାକି କର ଆକାରରେ ସରକାରଙ୍କ

ନିକଟକୁ ଯିବା ଉଚିତ୍, ଓ ଏହାକୁ ଏହି ସମସ୍ତ ସିଗାରେଟ୍ ଏବଂ ମଦ କାର୍ଯ୍ୟକ୍ରମ ଆଉ ସେହିପରି ଜିନିଷଗୁଡିକର ବିଜ୍ଞାପନରେ ଖର୍ଚ୍ଚ କରନ୍ତି, ଏବଂ ସରକାରଙ୍କ ଟିକସରୁ କ୍ଷମା ପାଇଯାଆନ୍ତି; ଆଉ ତାହାପରେ ସେମାନେ ଆସି ପ୍ରଚାରକମାନଙ୍କୁ ନିଅନ୍ତି ଓ ସେମାନଙ୍କୁ ନ୍ୟାୟାଳୟକୁ ଘୋଷାଡନ୍ତି ଯେପରିକି ସେମାନଙ୍କଠାରୁ ଅଳ୍ପ ଟଙ୍କା ପାଇପାରନ୍ତି । ମୁଁ ଆପଣଙ୍କ ସହିତ ସହମତ, ଏହା ଏକ ଭୟଙ୍କର ବିଷୟ ଅଟେ । ତେବେ, ତାହା ନୁହେଁ...ଆପଣ ଜାଣନ୍ତି, ଏହା ତ କେବଳ ଏପରି କିଛି ବିଷୟ ଯାହାକି ଆପଣ ପାଆନ୍ତି । ଧନ୍ୟବାଦ, ଭଉଣୀ, ଭାଇ, ଯିଏ କେହି ବି ଆପଣ ହୁଅନ୍ତୁ ଯିଏକି ତାହା ପଚାରିଲେ ।

**94.** ତେବେ, ଏଠାରେ ଗୋଟିଏ ଭଲଟିଏ ଅଛି । ପ୍ରଶ୍ନ: **ବାଇବଲରେ ଏପରି କିଛି ସ୍ଥାନଗୁଡିକ ଅଛି ଯେପରିକି ପ୍ରଥମ ଶାମୁୟେଲ 18:10, ଯାହା କୁହେ ଯେ ପରମେଶ୍ୱରଙ୍କଠାରୁ ଏକ ମନ୍ଦ ଆତ୍ମା ତାହା କରିଥଲା । ମୁଁ ତାହା "ପରମେଶ୍ୱରଙ୍କଠାରୁ ମନ୍ଦ ଆତ୍ମା" ବୁଝିଲି ନାହିଁ । ଦୟାକରି ଏହାକୁ ବ୍ୟାଖ୍ୟା କରି ଦିଅନ୍ତୁ ।**

89 ତେବେ, ବୋଧହୁଏ ପ୍ରଭୁଙ୍କ ସାହାଯ୍ୟରେ, ମୁଁ କରିପାରେ । ଏହାର ଅର୍ଥ ନୁହେଁ ଯେ ପରମେଶ୍ୱର ଏକ ମନ୍ଦ ଆତ୍ମା ଅଟନ୍ତି । କିନ୍ତୁ ସମସ୍ତକିଛି ବିଷୟର ପ୍ରତ୍ୟେକଟି ଆତ୍ମା ପରମେଶ୍ୱରଙ୍କ ଅଧୀନସ୍ଥ ଅଟେ । ଏବଂ ସେ ସମସ୍ତକିଛି ବିଷୟକୁ ଯାହା ସେ ଇଚ୍ଛା କରନ୍ତି ତାହା ଅନୁସାରେ କାର୍ଯ୍ୟକାରୀ କରନ୍ତି । ବୁଝିଲେ?

90 ତେବେ, ଆପଣଙ୍କ ପ୍ରଶ୍ନ ଉପରେ, ଆପଣ ସେହି ମନ୍ଦ ଆତ୍ମା ବିଷୟରେ କହୁଛନ୍ତି ଯାହାକି ଶାଉଲଙ୍କୁ ଯନ୍ତ୍ରଣା ଦେବା ପାଇଁ ପରମେଶ୍ୱରଙ୍କଠାରୁ ଆସିଥିଲା । ସେ ଏକ ମିଜାଜୀ, ମାନସିକ-ଅସ୍ତ ବ୍ୟସ୍ତ ଅବସ୍ଥାରେ—ପରିସ୍ଥିତିରେ ଥିଲେ, କାରଣ, ପ୍ରଥମ ସ୍ଥାନରେ ହିଁ, ସେ ପଶ୍ଚାତ୍‌ଗମନକାରୀ ଥିଲେ । ଏବଂ ଯେତେବେଳେ ଆପଣ ପଶ୍ଚାତ୍‌ଗମନ କରନ୍ତି, ଏକ ମନ୍ଦ ଆତ୍ମା—ପରମେଶ୍ୱର ଏକ ମନ୍ଦ ଆତ୍ମାକୁ ଆପଣଙ୍କୁ ଯନ୍ତ୍ରଣା ଦେବା ପାଇଁ ଅନୁମତି ଦେବେ ।

91 ମୁଁ ଆପଣଙ୍କ ପାଇଁ ଅଳ୍ପ କିଛି କ୍ଷଣରେ—ରେ କିଛି ପାଠ କରିବାକୁ ଚାହିଁବି । ମୁଁ ଏହା ଉପରେ ଆଉ ଏକ ବିଚାର ପାଇଅଛି । ବୁଝିଲେ? ପ୍ରତ୍ୟେକ ଆତ୍ମାକୁ ପରମେଶ୍ୱରଙ୍କ ଅଧୀନରେ ରହିବାକୁ ଅଛି । କଅଣ ଆପଣଙ୍କର ମନେ ଅଛି କି ଯେତେବେଳେ ଯିହୋଶାଫଟ୍ ଏବଂ ଆହାବ ଯୁଦ୍ଧକୁ ଯାଉଥିଲେ? ଏବଂ ପ୍ରଥମ ବିଷୟ ଆପଣ ଜାଣନ୍ତି, ସେଠାରେ ଏକ— ସେମାନେ ଫାଟକରେ ଜଗି ରହିଥିଲେ । ପୁଣି ଯିହୋଶାଫଟ୍ ଜଣେ ଧାର୍ମିକ ଲୋକ ଥିଲେ, ଏବଂ ସେ କହିଲେ (ସେହି ଦୁଇଟି ରାଜା ସେଠାରେ ବସିଥିଲେ, ଏବଂ ସେମାନେ ସେମାନଙ୍କର ସୈନ୍ୟଗୁଡିକୁ ଏକାଠି କରିଥିଲେ) ଆଉ ତେଣୁକରି ସେ କହିଲେ, "ଆସୁ ଆମେ ସଦାପ୍ରଭୁଙ୍କ ସହିତ ପରାମର୍ଶ କରିବା ଯେ ଆମେ ବାହାରି ଯିବା କି ନାହିଁ ।"

92 ଆଉ ଆହାବ ଗଲେ ଓ ଚାରିଶହ ଭବିଷ୍ୟଦ୍‌ବକ୍ତାଙ୍କୁ ନେଇ ଆସିଲେ ଯାହାକି ତାଙ୍କ ପାଖରେ ଥିଲେ, ସମସ୍ତଙ୍କୁ, ପ୍ରତିପୋଷଣ କରିଥିଲେ ଏବଂ ଖୁଆଇ ପିଆଇ ଓ ସବୁକିଛି କରି ରଖିଥିଲେ; ସେମାନେ ଉତ୍ତମ ଅବସ୍ଥାରେ ଥିଲେ । ଏବଂ ସେମାନେ ସେଠାକୁ ଆସିଲେ, ଏବଂ

ସେମାନେ ସମସ୍ତେ ଏକମତ ହୋଇ ଭବିଷ୍ୟଦ୍‌ବାଣୀ କରି, କହିଲେ, "ସେଠାକୁ ଯାଆନ୍ତୁ, ଏବଂ ପରମେଶ୍ୱର ଆପଣଙ୍କୁ ବିଜୟ ପ୍ରଦାନ କରିବେ । ରାମୋତ୍-ଗିଲିୟାଦକୁ ଯାଆନ୍ତୁ ଏବଂ ସେଠାରେ ପରମେଶ୍ୱର ଆପଣଙ୍କ ପାଇଁ ସେହି ବିଷୟକୁ ଅଧିକାର କରିନେବେ ।" ସେମାନଙ୍କ ମଧ୍ୟରୁ ଜଣେ ନିଜ ପାଇଁ ଏକ ଯୋଡ଼ି ଶିଙ୍ଗ ନିର୍ମାଣ କଲା ଆଉ ଏକ ଦୃଷ୍ଟାନ୍ତ ସ୍ୱରୂପେ ଦୌଡ଼ିବାକୁ ଲାଗିଲା, କହିଲା, "ଏହି ଲୁହା ଶିଙ୍ଗ ଦ୍ୱାରା, ଆପଣ ସେମାନଙ୍କୁ ଦେଶ ବାହାରକୁ ତଡି ଦେବେ; ତାହା ଆପଣଙ୍କର ଅଟେ ।"

93 କିନ୍ତୁ ଆପଣ ଜାଣନ୍ତି, ପରମେଶ୍ୱରଙ୍କ ଜଣେ ବ୍ୟକ୍ତିଙ୍କ ବିଷୟରେ ଏପରି କିଛି ଥାଏ ଯାହାକି ସେସବୁ ପାଇଁ ସହମତ ହେବ ନାହିଁ । ବୁଝିଲେ? ଯଦି ଏହା ଶାସ୍ତ୍ର ସହିତ ଏକମତ ନ ହୁଏ, ତେବେ ସେଠାରେ କିଛି ଗୋଟାଏ ଭୁଲ୍ ଥାଏ । କୌଣସି ପ୍ରକୃତ ବିଶ୍ୱାସୀ...ତେଣୁ ଯିହୋଶାଫଟ୍ କହିଲେ, "ତେବେ, ସେହି ଚାରି ଶହ ଜଣ ଠିକ୍ ଦେଖାଯାଉଛନ୍ତି । ସେମାନେ ଭଲ ମଣିଷ ପରି ଦେଖାଯାନ୍ତି ।"

"ଓଃ, ସେମାନେ ଅଟନ୍ତି," ବୋଧହୁଏ ଆହାବ କହିଲା ।

କିନ୍ତୁ ଯିହୋଶାଫଟ୍ କହିଲେ, "କଅଣ ତୁମ ପାଖରେ ଆଉ ଜଣେ ନାହିଁ କି?" ତେବେ ତୁମକୁ ଆଉ ଜଣେ କାହିଁକି ଆବଶ୍ୟକ ଯେତେବେଳେ ତୁମ ପାଖରେ ଚାରି ଶହ ଏକମତରେ ଅଛନ୍ତି? କାରଣ ସେ ଜାଣିଥିଲେ ଯେ ଏପରି କିଛି ଅଛି ଯାହାକି ଠିକ୍ ପରି ଲାଗୁ ନାହିଁ । ବୁଝିଲେ?

ସେ କହିଲେ, "ହଁ, ଆମ ପାଖରେ ଆଉ ଜଣେ ଅଛି, ଇମ୍‌ଲାର ପୁତ୍ର, ଏଠାରେ ଉପରେ," କହିଲେ, "ମାତ୍ର ମୁଁ ତାକୁ ଘୃଣା କରେ ।" ନିଶ୍ଚିତ । ଆପଣ ଯେକୌଣସି ସମୟରେ ଚାହିଁଲେ ତାର ମଣ୍ଡଳୀକୁ ବନ୍ଦ କରିଦେବେ । ଆପଣ ତାକୁ ଦେଶରୁ ତଡି ବାହାର କରିଦେବେ । ବୁଝିଲେ? ନିଶ୍ଚିତରେ । "ମୁଁ ତାକୁ ଘୃଣା କରେ ।"

"ଆପଣ ତାକୁ କାହିଁକି ଘୃଣା କରନ୍ତି?"

"ସେ ସର୍ବଦା ମୋ ବିରୁଦ୍ଧରେ ମନ୍ଦ ଭବିଷ୍ୟଦ୍‌ବାଣୀ କରୁଅଛି ।" ମୁଁ ବିଶ୍ୱାସ କରେ ଯିହୋଶାଫଟ୍ ଠିକ୍ ସେତେବେଳେ ହିଁ ଜାଣିଥିଲେ ଯେ ସେଠାରେ—କିଛି ଗୋଟାଏ ଠିକ୍ ନ ଥିଲା ।

ତେଣୁ ସେ କହିଲେ, "ଯାଇ ମୀଖାକୁ ନେଇ ଆସ ।"

ତେଣୁ ସେମାନେ ତାକୁ ଖୋଜିବାକୁ ଗଲେ, ଏବଂ ଏଠାରେ ସେ ତଳକୁ ଆସୁଥିଲେ... ତେଣୁ ଯେତେବେଳେ ସେମାନେ ଉପରକୁ ଗଲେ, ସେମାନେ ଏକ ବାର୍ତ୍ତାବହକୁ ପଠାଇଲେ ଓ କହିଲେ, "ତେବେ, ଗୋଟିଏ ମିନିଟ୍ ଅପେକ୍ଷା କର । ବର୍ତ୍ତମାନ, ସେମାନଙ୍କ ପାଖରେ ସେଠାରେ ଚାରି ଶହ ଈଶ୍ୱର ତତ୍ତ୍ୱବିଦର ପଣ୍ଡିତମାନେ ରହିଛନ୍ତି । ସେମାନେ ସେଠାରେ ଦେଶର ସର୍ବୋତ୍ତମ ଅଟନ୍ତି, ପିଏଚ୍, ଏଲ୍‌ଏଲ୍‌ଡି, ଏବଂ ସବୁକିଛି ସହିତରେ ।" କହିଲେ,

"ବର୍ତ୍ତମାନ, ତୁମେ ଜାଣ, ତୁମେ ଗରିବ ଛୋଟ ଅଶିକ୍ଷିତ ବ୍ୟକ୍ତି, ତୁମେ ସେହି ସମସ୍ତ ଧର୍ମଯାଜକମାନଙ୍କ ସହ ଅସହମତ ହେବାକୁ ଯାଉ ନାହଁ।"

94 ଇମ୍ଲା ଏହା କହିଲେ, କିମ୍ବା ମୋର ଅର୍ଥ, ମୀଖା ଏହା କହିଲେ: "ପରମେଶ୍ୱର ଏହାକୁ ମୋ ମୁଖରେ ନ ଦେବା ଯାଏଁ ମୁଁ କିଛି କହିବି ନାହିଁ, ଏବଂ ତାହାପରେ ମୁଁ ଅବିକଳ ଠିକ୍ ତାହାହିଁ କହିବି ଯାହା ସେ କୁହନ୍ତି।" ମୁଁ ତାହା ପସନ୍ଦ କରେ। ମୁଁ ତାହା ପସନ୍ଦ କରେ। ଅନ୍ୟ ଅର୍ଥରେ, "ମୁଁ ବାକ୍ୟ ସହିତରେ ରହିବି।" ଅବଶିଷ୍ଟମାନେ କଅଣ କହିଥିଲେ ସେଥିରେ କିଛି ଯାଏ ଆସେ ନାହିଁ। ସେ କହିଲେ, "ତେବେ," କହିଲେ, "ମୁଁ ତୁମକୁ କହୁଅଛି। ଯଦି ତୁମେ ବାହାରକୁ ଫିଙ୍ଗାଯିବାକୁ ଚାହୁଁନାହଁ, ତାହାହେଲେ ଉତ୍ତମ ହେବ ଯେ ତୁମେ ସେହି ସମାନ କଥା କୁହ।"

ତେଣୁ ସେ ସେଠାରେ ତଳକୁ ଗଲେ। ଏବଂ ସେ କହିଲେ, "କଅଣ ମୁଁ ଉପରକୁ ଯିବି କି?"

ସେ କହିଲେ, "ଯାଅ।" କହିଲେ, "ମୋତେ ଆଜି ରାତିର ସମୟ ଦିଅନ୍ତୁ। ମୋତେ ପ୍ରଭୁଙ୍କ ସହିତ କଥାବାର୍ତ୍ତା କରିବାକୁ ଦିଅନ୍ତୁ।" ମୁଁ ତାହା ପସନ୍ଦ କରେ। ତେଣୁ ସେହି ରାତିରେ ପ୍ରଭୁ ତାଙ୍କୁ ଦର୍ଶନ ଦେଲେ, ଏବଂ ପରଦିନ ସେ ଉପରକୁ ଗଲେ। ଏବଂ ସେ କହିଲେ, ଯେତେବେଳେ ଉପରକୁ ଯାଉଥିଲେ, ସେ କହିଲେ, "ଯାଆନ୍ତୁ; ମାତ୍ର ମୁଁ ଇସ୍ରାଏଲକୁ ଏକ ମେଷରକ୍ଷକ ବିହୀନ ମେଷ ତୁଲ୍ୟ, ପର୍ବତରେ ଇତସ୍ତତ ହୋଇଥିବାର ଦେଖେ।" ଓଃ, ମୋର ପ୍ରଭୁ! ତାହା ତାଙ୍କଠାରୁ ପବନ ବାହାର କରି ଦେଲା।

ଏବଂ ଆହାବ କହିଲା, "କଅଣ ମୁଁ ଆପଣଙ୍କୁ କହି ନ ଥିଲି? ମୁଁ ତାହା ଜାଣିଥିଲି। ସେ ଅବିକଳ ଠିକ୍ ସେହି ପ୍ରକାରେ ମୋ ସହିତରେ ପ୍ରତ୍ୟେକ ଥର କରିଥାଏ, ମୋ ବିରୁଦ୍ଧରେ କିଛି ମନ୍ଦ କଥା କହିଥାଏ।"

95 କାହିଁକି? ସେ ବାକ୍ୟ ସହିତ ରହିଥିଲେ। କାହିଁକି? ତାଙ୍କ ପୂର୍ବରୁ ଜଣେ ଭବିଷ୍ୟଦ୍‌ବକ୍ତା, ପରମେଶ୍ୱରଙ୍କ ବାକ୍ୟ ସେହି ପ୍ରକୃତ ଭବିଷ୍ୟଦ୍‌ବକ୍ତା, ଏଲିୟଙ୍କଠାରୁ ଆସିଥିଲା, ସେ କହିଥିଲେ, "ଯେହେତୁ ତୁମେ ନିରୀହ ନାବୋତର ରକ୍ତ ପାତିତ କରିଅଛ, କୁକୁରମାନେ ତୁମର ରକ୍ତକୁ ମଧ୍ୟ ଚାଟିବେ।" ଏବଂ ସେ ତାଙ୍କୁ ମନ୍ଦ କଥା କହିଲେ। ଇଲୀଶାୟ ମଧ୍ୟ ସ୍ୱର୍ଗକୁ ଚାଲି ଯାଇଥିଲେ। କିନ୍ତୁ ସେ ଜାଣିଥିଲେ ଯେ ଇଲୀଶାୟଙ୍କଠାରେ ପରମେଶ୍ୱରଙ୍କ ବାକ୍ୟ ରହିଥିଲା, ତେଣୁ ସେ ବାକ୍ୟ ସହିତରେ ରହିଲେ। ମୁଁ ତାହା ପସନ୍ଦ କରେ। ବାକ୍ୟ ସହିତରେ ରହିବା।

96 ଯଦି ବାଇବଲ କୁହେ ଯେ ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି; ତାହାଙ୍କର ଶକ୍ତି ଏବେ ସୁଦ୍ଧା ସମାନ ଅଟେ; ପବିତ୍ରଆତ୍ମା ତାହାଙ୍କ ପାଇଁ ଅଟେ ଯିଏକି ଇଚ୍ଛା କରେ, ସେ ଆସନ୍ତୁ, ବାକ୍ୟ ସହିତ ରୁହନ୍ତୁ। ହଁ, ଆଜ୍ଞା! ଏଥିରେ କିଛି ଯାଏ ଆସେ ନାହିଁ ଯେ ଅବଶିଷ୍ଟମାନେ କଅଣ କୁହନ୍ତି। ସେମାନେ କେତେ ଭଲ ଭାବେ ପ୍ରତିପୋଷିତ ଅଟନ୍ତି ଏବଂ ସେମାନେ କେତେ ଗୋଟି ବିଦ୍ୟାଳୟରେ ଶିକ୍ଷାଲାଭ କରିଅଛନ୍ତି, ତାହାର ଏହା ସହିତ କୌଣସି ସମ୍ପର୍କ ନାହିଁ।

ତେଣୁ ତାହାପରେ ସେ କହିଲେ…ଏହି ମହାନ ବିଶାଳକାୟ ଲୋକ ଯିଏକି ତାର ମୁଣ୍ଡରେ ଶିଙ୍ଗ ରଖିଥିଲେ, ସେହି ରାଜାର କବଳରୁ ଏହି ଦେଶକୁ—ଏହାକୁ ତଡି ଦେବାକୁ ଯାଉଥିଲେ, ସେ ଉପରକୁ ଚାଲିକରି ଗଲେ ଓ ମୀଖାଙ୍କୁ ପାଟିରେ ଚାପୁଡା ମାରିଲେ (ଏହି ଛୋଟ ପ୍ରଚାରକ)। ସେ ଜାଣିଥିଲେ ଯେ ସେ କେବଳ ଏକ ସାନ ପବିତ୍ର ପାଖଣ୍ଡଟିଏ ତେଣୁ ତାହା ବିଷୟରେ କିଛି କୁହାଯିବାକୁ ନ ଥିଲା, ତେଣୁ ସେ ତାଙ୍କୁ ପାଟିରେ କେବଳ ଚାପୁଡା ମାରିଲେ। ସେ କହିଲେ, "ମୁଁ ତୁମକୁ କିଛି ପଚାରିବାକୁ ଚାହେଁ।" କହିଲେ, "ତେବେ ପରମେଶ୍ୱରଙ୍କ ଆତ୍ମା ମୋ ଠାରୁ ବାହାରି କେଉଁ ବାଟ ଦେଇ ତୁମ ପାଖକୁ ଗଲେ ଯଦି ତୁମେ ଏହା ପାଇଛ?"

97 ମୀଖା କହିଲେ, "ତୁମେ ସେତେବେଳେ ବୁଝିବ ଯେତେବେଳେ ତୁମେ ବନ୍ଦୀ ଭାବରେ କାରାଗାରରେ ବସି ଥିବ।" ସେ କହିଲେ, "ମୁଁ ପରମେଶ୍ୱରଙ୍କୁ ଏକ ସିଂହାସନରେ ବସିଥିବାର ଦେଖିଲି (ଆମେନ୍! ବର୍ତ୍ତମାନ ଶୁଣନ୍ତୁ!), ଏବଂ ସ୍ୱର୍ଗର ସୈନ୍ୟ ତାଙ୍କ ଚାରିପାଖରେ ଏକତ୍ରିତ ହୋଇଥିଲେ।" ମାମଲାଟି କଅଣ ଥିଲା? ତାହାଙ୍କର ଭବିଷ୍ୟଦ୍‌ବକ୍ତା ପୂର୍ବରୁ କହି ସାରିଥଲେ ଯେ ଆହାବଙ୍କ ସହିତ କଅଣ ଘଟିତ ହେବାକୁ ଯାଉଛି। ପରମେଶ୍ୱର…ତାହା ଏଲିୟ ନ ଥିଲେ ଯିଏକି ତାହା କହିଥିଲେ; ତାହା ତ ଅଭିଷିକ୍ତ ଭବିଷ୍ୟଦ୍‌ବକ୍ତା ଥିଲେ। ତାହା ସଦାପ୍ରଭୁଙ୍କର ବାକ୍ୟ ଥିଲା, **ସଦାପ୍ରଭୁ ଏହି କଥା କୁହନ୍ତି**। ଏବଂ ମୀଖା କହିଲେ, "ମୁଁ ଦେଖିଲି ଯେ ସ୍ୱର୍ଗର ସମସ୍ତ ସୈନ୍ୟ ପରମେଶ୍ୱରଙ୍କ ଚାରିପାଖରେ ଏକ ବଡ଼ ସମ୍ମିଳନୀରେ ଏକତ୍ରିତ ହୋଇଛନ୍ତି। ଏବଂ ସେମାନେ ପରସ୍ପର ସହିତ କଥାବାର୍ତ୍ତା ହେଉଥିଲେ। ଏବଂ ସଦାପ୍ରଭୁ କହିଲେ, 'ଆମେ ତଳକୁ ଯିବା ପାଇଁ କାହାକୁ ପାଇ ପାରିବା, ତୁମମାନଙ୍କ ମଧ୍ୟରୁ କିଏ ତଳକୁ ଯାଇ, ଆହାବଙ୍କୁ ପ୍ରତାରିତ କରିପାରିବ, ଯେପରିକି ସେ ସେଠାରେ ବାହାରକୁ ଯାଏ ଯେ ପରମେଶ୍ୱରଙ୍କ ବାକ୍ୟ ପୂରଣ ହେବ, ତାକୁ ତୀର ଆଘାତ କରିବ? ଆମେ ତଳକୁ ଯିବା ପାଇଁ କାହାକୁ ପାଇ ପାରିବା?'"

98 ତେବେ, ସେହି ଜଣକା ଏହି ଜଣ ବା ସେହି ଜଣ କହୁଥିଲେ। ଆଉ କିଛି ସମୟ ପରେ, ଏକ ମନ୍ଦ ଆତ୍ମା, ଏକ ମିଥ୍ୟାବାଦୀ ଆତ୍ମା ତଳୁ ଉଠି ଆସି କହିଲା, "ଯଦି ଆପଣ ମୋତେ ଅନୁମତି ଦେବେ। ମୁଁ ଏକ ମିଥ୍ୟାବାଦୀ ଆତ୍ମା ଅଟେ। ମୁଁ ତଳକୁ ଯିବି ଓ ସେହି ସମସ୍ତ ପ୍ରଚାରକମାନଙ୍କ ଭିତରେ ପ୍ରବେଶ କରିଯିବି, କାରଣ ସେମାନେ ପବିତ୍ରଆତ୍ମା ପାଇ ନାହାଁନ୍ତି; ଏବଂ ମୁଁ ସେମାନଙ୍କୁ ବାଧ୍ୟ କରାଇବି (ସେମାନେ କେବଳ ବିଦ୍ୟାଳୟ-ତାଲିମପ୍ରାପ୍ତ ବାଳକମାନେ ଅଟନ୍ତି)—ଏବଂ ମୁଁ ତଳକୁ ଯିବି, ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଭିତରେ ପ୍ରବେଶ କରିଯିବି, ଏବଂ ସେମାନଙ୍କୁ ପ୍ରତାରିତ କରିବି, ଆଉ ସେମାନଙ୍କ ମୁଖରୁ ଏକ ମିଥ୍ୟା ଭବିଷ୍ୟଦ୍‌ବାଣୀ କରାଇବି।" କଅଣ ସେ ଏହା କହିଲେ କି? ଏବଂ ସେ କହିଲା, "ସେହି ଉପାୟରେ ହିଁ ଆମେ ପ୍ରତାରିତ କରିବା।" ତେଣୁ ସେ ତଳକୁ ଗଲା।

ସେ କହିଲା—ପରମେଶ୍ୱର କହିଲେ, "ତୁମର ଯିବା ନିମନ୍ତେ ମୋର ଅନୁମତି ଅଛି।"

99 ଏବଂ ସେ ତଳକୁ ଯାଇ ସେହି ଭଣ୍ଡ ଭବିଷ୍ୟଦ୍‌ବକ୍ତାମାନଙ୍କ, ବିଦ୍ୟାଳୟ-ତାଲିମପ୍ରାପ୍ତ ସେବାକାର୍ଯ୍ୟ ଭିତରେ ପ୍ରବେଶ କରି ଗଲା, ଏବଂ ସେମାନଙ୍କୁ ଏକ ମିଥ୍ୟା ଭବିଷ୍ୟତ୍‌ବାଣୀ କରିବା ପାଇଁ ପ୍ରବର୍ତ୍ତାଇଲା । ଏହା ପରମେଶ୍ୱରଙ୍କ ଇଚ୍ଛା ସାଧନ କରୁଥିବା ଏକ ମିଥ୍ୟାବାଦୀ ଆତ୍ମା ଥିଲା । ମୋତେ ଦିଅନ୍ତୁ...କେବଳ ଅନ୍ୟ ଏକ ବିଷୟ ଯାହା ଆପଣ ଏଠାରେ ଦେଖିପାରନ୍ତି, ମାତ୍ର ଗୋଟିଏ ମିନିଟ୍ । ଏହାକୁ ଦେଖନ୍ତୁ । ମୁଁ ଚାହେଁ ଯେ ଆପଣ ମୋ ସହିତ ପ୍ରଥମ କରିନ୍ଥୀୟ ତାର 5ମ ପର୍ବ, ସେହି 1ମ ପଦକୁ ଚାଲନ୍ତୁ, ମାତ୍ର ଗୋଟିଏ ମିନିଟ୍ । ପ୍ରଥମ କରିନ୍ଥୀୟ...ଏବଂ ଲକ୍ଷ୍ୟ କରନ୍ତୁ ଯଦି ଆପଣ କିଛି ଦେଖିବାକୁ ଚାହୁଁଛନ୍ତି, ଯେ କିପରି ପରମେଶ୍ୱର କିଛି ପ୍ରସ୍ତୁତ କରନ୍ତି—କିପରି ସେହି ମନ୍ଦ ଆତ୍ମାଗୁଡିକ, କିପରି ଯେ ସେମାନେ କରିବେ—ସେମାନେ ଗତି କରିବେ...ଠିକ୍ ଅଛି, ପାଉଲ କହୁଛନ୍ତି:

> *ପ୍ରକୃତରେ ଶୁଣାଯାଇଅଛି ଯେ ତୁମ୍ଭମାନଙ୍କ ମଧ୍ୟରେ* ବ୍ୟଭିଚାର *ଅଛି, ଆଉ ଏପରି* ବ୍ୟଭିଚାର *ଯାହାକି...ବିଜାତିମାନଙ୍କ ମଧ୍ୟରେ ସୁଦ୍ଧା ହୁଏ ନାହିଁ,...* (ଆପଣ ତାହା ମଣ୍ଡଳୀ ମଧ୍ୟରେ ରହିବା ବିଷୟରେ କଅଣ ଭାବନ୍ତି?)... *ଏପରିକି ଜଣେ ଆପଣା ପିତାର ଭାର୍ଯ୍ୟାକୁ ରଖିଅଛି ।*
>
> *ପୁଣି ଯେ ଏହି କର୍ମ କରିଅଛି, ସେ ଯେପରି...*(ଆସନ୍ତୁ ଦେଖିବା । ମୁଁ ବିଶ୍ୱାସ କରେ ଯେ ମୁଁ ଦୁଇଟି ପୃଷ୍ଠା ଓଲଟାଇଲି...)...ପୁଣି *ଯେ—ପୁଣି ଯେ ଏହି କର୍ମ କରିଅଛି, ସେ ଯେପରି ତୁମ୍ଭମାନଙ୍କ ମଧ୍ୟରୁ ଦୂର କରାଯାଏ, ଏଥିନିମନ୍ତେ...* (ତେବେ, ଏଠାରେ ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ । କଅଣ ମୁଁ...ହଁ, ତାହା ଠିକ୍ । ହଁ ।)...*କରାଯାଏ...*(ଏହା ଅଟେ ।)...*କର୍ମ କରିଅଛି, ସେ ଯେପରି ତୁମ୍ଭମାନଙ୍କ ମଧ୍ୟରୁ ଦୂର...କରାଯାଏ, ଏଥିନିମନ୍ତେ ଶୋକାର୍ତ୍ତ ନ ହୋଇ ବରଂ କି ଗର୍ବ କରୁଅଛ ।*

100 ମୁଁ ଜାଣେ ନାହିଁ । ମୁଁ ବିଶ୍ୱାସ କରେ ନାହିଁ ଯେ କେହି ହେଲେ ଏଥିରେ କହିବେ କିମ୍ବା ନ୍ୟୁନ କରିବାକୁ ଯିବେ, କିନ୍ତୁ ମୁଁ କେବଳ ତାହାର ସପକ୍ଷରେ କଥା କହୁଛି ଯାହା ମୁଁ ବିଶ୍ୱାସ କରେ: ଯଦି ଜଣେ ବ୍ୟକ୍ତି ଥରେ ଆତ୍ମାରେ ପରିପୂର୍ଣ୍ଣ ହୋଇଯାଆନ୍ତି ତେବେ ସେ ଏହାକୁ ହରାଇପାରନ୍ତି ନାହିଁ । ବୁଝିଲେ, ବୁଝିଲେ?

> *କିନ୍ତୁ ମୁଁ, ଶରୀରରେ ଅନୁପସ୍ଥିତ ହେଲେ ସୁଦ୍ଧା, ଆତ୍ମାରେ ଉପସ୍ଥିତ ଥାଇ, ସେ ଏହିପ୍ରକାରେ କର୍ମ କରିଅଛି, ଉପସ୍ଥିତ ଥିଲା ପରି, ପ୍ରଭୁ ଯୀଶୁଙ୍କ ନାମରେ ତାହାର ବିଚାର କରିସାରିଅଛି,*
>
> *ଅର୍ଥାତ୍, ତୁମ୍ଭେମାନେ ଓ ମୋହର ଆତ୍ମା ଆମ୍ଭମାନଙ୍କ ପ୍ରଭୁ ଯୀଶୁଙ୍କ ପରି, ଶକ୍ତି ସହକାରେ ସମବେତ ହୋଇ ଏହା ସ୍ଥିର କରିଅଛୁ ଯେ,*
>
> *ଏପରି ଲୋକକୁ ଶରୀରର ବିନାଶ ନିମନ୍ତେ ଶୟତାନର ହସ୍ତରେ ସମର୍ପଣ କରିବା ଉଚିତ୍, ଯେପରି ପ୍ରଭୁ ଯୀଶୁଙ୍କ ଦିନରେ ତାହାର ଆତ୍ମା ରକ୍ଷା ପାଇ ପାରେ ।*

101 ପରମେଶ୍ୱର, ପବିତ୍ର ମଣ୍ଡଳୀକୁ କହୁଛନ୍ତି, ଯାହାକି ଏଠାରେ ପୃଥିବୀରେ ତାହାଙ୍କର ଶରୀର ଅଟେ, ଯେ (ତେବେ, ଏହା ପୁରାତନ ନିୟମ ପରେ ଅଟେ, ନୂତନରେ) ଜଣେ ବ୍ୟକ୍ତିଙ୍କୁ କହୁଛନ୍ତି ଯିଏକି ଲୋକମାନଙ୍କ ମଧ୍ୟରେ ଏତେ ଅପରିଷ୍କାର ଏବଂ ମନ୍ଦ ଥିଲା ଯେ ସେ ନିଜର ପିତାଙ୍କ ଭାର୍ଯ୍ୟା ସହିତ ରହୁଥିଲା । କହିଲେ, "ଖ୍ରୀଷ୍ଟଙ୍କ ଶରୀରରେ ଏପରି ଏକ ବିଷୟ… ତୁମେ, ହେ ମଣ୍ଡଳୀ, ବିନାଶ ନିମନ୍ତେ ତାକୁ ଶୟତାନର ହସ୍ତରେ ସମର୍ପଣ କର…" ବୁଝିଲେ? ପରମେଶ୍ୱର ଅନୁମତି ଦିଅନ୍ତି…ଏବଂ ଯେତେବେଳେ ସେ ଏପରି କିଛି ପାଇଲେ ଯାହାକି କରାଯିବା ଉଚିତ୍ ବୋଲି ତାଙ୍କୁ ଦେଖିବାର ଥିଲା, କାହା ଉପରେ ଚାବୁକ ଲଗାଇବାକୁ ଥିଲା, ସେ ସେମାନଙ୍କ ଉପରେ ଏକ ମନ୍ଦ ଆତ୍ମାକୁ ଛାଡ଼ିଦେବେ ଯାହା ଦ୍ୱାରାକି ସେମାନେ ସେହି ବ୍ୟକ୍ତିଙ୍କୁ ଯନ୍ତ୍ରଣା ଦେବେ ଓ—ଓ ସେମାନଙ୍କୁ ଫେରାଇ ଆଣିବେ । ତେବେ, ଆମେ ଏହି ବ୍ୟକ୍ତିଙ୍କୁ ପାଇଲୁ ଯେ ପରେ…

102 ତାହାହିଁ ମାମଲା ଆଜି ମଣ୍ଡଳୀଗୁଡ଼ିକ ସହିତରେ ଅଟେ । ଯେତେବେଳେ ଜଣେ ବ୍ୟକ୍ତି ଖ୍ରୀଷ୍ଟଙ୍କ ଶରୀରକୁ ଆସେ ଓ ସଦସ୍ୟମାନଙ୍କ ମଧ୍ୟରୁ ଜଣେ ହୋଇଯାଏ ଏବଂ ମନ୍ଦ କାର୍ଯ୍ୟ କରିବା ଆରମ୍ଭ କରେ, ଏହା ବଦଳରେ ଯେ ଆପଣ ସମସ୍ତେ ଏକାଠି ହୋଇ ଠିକ୍ ଏହି ସମାନ କାର୍ଯ୍ୟକୁ କରୁଥାନ୍ତେ…ଏବଂ ତୁମେ, ହେ ବ୍ରାନହାମ୍ ଟେବର୍ନେକଲ୍, ତାହା କର । କାରଣ ଯେପର୍ଯ୍ୟନ୍ତ ଆପଣମାନେ ତାକୁ ଧରି ରଖିଥିବେ, ସେ ରକ୍ତ ତଳେ ରହିଥିବ । ଏବଂ ସେ କେବଳ ସେହି ସମାନ ପୁରୁଣା କାମକୁ ବାରମ୍ବାର ଓ ବାରମ୍ବାର ଓ ସବୁ ସମୟରେ କରିଚାଲୁଥିବ । ଆପଣମାନେ ଏକାଠି ହୁଅନ୍ତୁ ଏବଂ ଶରୀରର ବିନାଶ ନିମନ୍ତେ ତାଙ୍କୁ ଶୟତାନର ହସ୍ତରେ ସମର୍ପଣ କରି ଦିଅନ୍ତୁ, ଯେପରିକି ତାର ଆତ୍ମା—ଏପରିକି—ପ୍ରଭୁଙ୍କ ଦିନରେ ଉଦ୍ଧାର ପାଇପାରେ । ଏବଂ ପରମେଶ୍ୱରଙ୍କ ଚାବୁକ ପଡୁଥିବାର ଦେଖନ୍ତୁ । ଶୟତାନ ତାକୁ ନିଜ କବଳରେ ଧରୁଥିବାର ଦେଖନ୍ତୁ । ତାହା ଏକ ମନ୍ଦ ଆତ୍ମା ତାକୁ ଧରି ରହିଥାଏ ।

103 ଏବଂ ଏହି ପିଲାଟି ଏଠାରେ ସଳଖ କରାଗଲା । ସେ ଫେରି ଆସିଲା । ଆମେ ଦ୍ୱିତୀୟ କରିନ୍ଥୀୟରେ ପାଉ ଯେଉଁଠାରେ ସେ ପ୍ରକୃତରେ ପରମେଶ୍ୱରଙ୍କ ସମ୍ମୁଖରେ ପରିଷ୍କାର ହୋଇଥିଲା ।

104 ଆୟୁବକୁ ଦେଖନ୍ତୁ, ଜଣେ ସିଦ୍ଧ ବ୍ୟକ୍ତି, ଜଣେ ଧାର୍ମିକ ବ୍ୟକ୍ତି । ଏବଂ ପରମେଶ୍ୱର ମନ୍ଦ ଶୟତାନକୁ ତାଙ୍କ ଉପରକୁ ଆସିବା ନିମନ୍ତେ ଅନୁମତି ଦେଇଥିଲେ, ଯେ ତାଙ୍କୁ ତାଡନା ଦେଉ, ଓ ସେସବୁ କିଛି କରୁ ଯାହା ଦ୍ୱାରାକି ତାଙ୍କର ଆତ୍ମା ସିଦ୍ଧ କରାଯାଏ । ବୁଝିଲେ? ତେଣୁ ମନ୍ଦ ଆତ୍ମାମାନେ ରହିଥାନ୍ତି…ପରମେଶ୍ୱର ତାହାଙ୍କର ଯୋଜନା ଏବଂ ତାହାଙ୍କର ଇଚ୍ଛାକୁ କାର୍ଯ୍ୟକାରୀ କରିବା ପାଇଁ ଅନେକ ଥର ମନ୍ଦ ଆତ୍ମାଗୁଡିକୁ ବ୍ୟବହାର କରନ୍ତି ।

**95.** ତେବେ, ଏଠାରେ ଗୋଟିଏ ଅଛି ଯାହାକି ପ୍ରକୃତରେ ଏକ ମହତ୍ତ୍ୱପୂର୍ଣ୍ଣ ଅଟେ । ପ୍ରଶ୍ନ (ମୁଁ ଭାବୁଛି ଏହା ସେହି ସମାନ ବ୍ୟକ୍ତି ଅଟନ୍ତି, କାରଣ ଏହା ସେହି ସମାନ ହସ୍ତଲିଖନ ପରି ଦେଖାଯାଉଛି): **ଯଦି ଜଣେ ବ୍ୟକ୍ତିଙ୍କଠାରେ ପବିତ୍ରଆତ୍ମା ରହିବା ଆବଶ୍ୟକ—**

### ପବିତ୍ରଆତ୍ମା ରହିବାକୁ ଅଛି ଯେ ସେ ରୂପାନ୍ତରିତ ହୁଏ ଓ ଉର୍ଦ୍ଧାନ୍ତିକରଣରେ ଯାଏ, ତେବେ ସେହି ପିଲାମାନଙ୍କର ଅବସ୍ଥା କଅଣ ହେବ ଯେଉଁମାନେକି ଉତ୍ତରଦାୟିତ୍ୱର ବୟସ ପୂର୍ବରୁ ମୃତ୍ୟୁବରଣ କରିଛନ୍ତି? ଏବଂ ସେମାନେ କେବେ ଉଠିବେ?

105 ତେବେ, ମୋର ଭାଇ, ଭଉଣୀ, ମୁଁ ଆପଣଙ୍କୁ ତାହା କହିପାରେ ନାହିଁ। ବାଇବଲରେ ଏହା ଉପରେ କୌଣସି ଶାସ୍ତ୍ରାଂଶ ନାହିଁ ଯେ ମୁଁ କୌଣସି ସ୍ଥାନରେ ପାଇପାରେ। ମାତ୍ର ମୁଁ ମୋର ଚିନ୍ତାଧାରାକୁ ପ୍ରକାଶ କରିପାରେ। ତେବେ, ଏହା ଆପଣମାନଙ୍କୁ ଶକ୍ତିଶାଳୀ କରିବ ଯେଉଁମାନେକି ପରମେଶ୍ୱରଙ୍କ ଅନୁଗ୍ରହରେ ବିଶ୍ୱାସ କରନ୍ତି। ଆପଣ ଦେଖନ୍ତୁ, ସେହି ବ୍ୟକ୍ତି ଜାଣିବାକୁ ଚାହାଁନ୍ତି (ଯାହାକି ଏକ ବହୁତ ଭଲ ପ୍ରଶ୍ନ ଅଟେ। ବୁଝିଲେ?) ସେହି ବ୍ୟକ୍ତି ଜାଣିବାକୁ ଚାହାଁନ୍ତି ଯେ କଅଣ ପୁନରୁତ୍‌ଥାନ—ଏକ ଶିଶୁ ସହିତ କଅଣ ହେବ, ଯଦି ତାକୁ ଉର୍ଦ୍ଧାନ୍ତିକରଣରେ ଯିବାକୁ ହେଲେ ତାହା ପାଖରେ ପବିତ୍ରଆତ୍ମା ରହିବା ଆବଶ୍ୟକ...ଯେପରି ମୁଁ କହିଅଛି, ତାହା ଠିକ୍ ଅଟେ। ତାହା ବାଇବଲ ଅନୁଯାୟୀ ଅଟେ। ତାହା ଶାସ୍ତ୍ରର ଶିକ୍ଷା ଅଟେ। ନୁହେଁ—ସ୍ୱର୍ଗକୁ ଯିବା ନୁହେଁ...କାରଣ ପବିତ୍ରଆତ୍ମା ପରିପୂର୍ଣ୍ଣ ଲୋକମାନେ ହେଉଛନ୍ତି ପ୍ରଥମ ପୁନରୁତ୍‌ଥାନ, ସେହି ମନୋନୀତମାନେ। ଏବଂ ସେମାନଙ୍କର ଅବଶିଷ୍ଟାଂଶ ...ଅବଶିଷ୍ଟ ମୃତମାନେ ଏକ ହଜାର ବର୍ଷ ପର୍ଯ୍ୟନ୍ତ ଉଠିବେ ନାହିଁ। ସହସ୍ରାବ୍ଦୀ ପରେ, ତେବେ ଦ୍ୱିତୀୟ ପୁନରୁତ୍‌ଥାନ, ସେହି ମହାନ ଶ୍ୱେତ ସିଂହାସନ ବିଚାର। ବୁଝିଲେ? ତାହା ଅବିକଳ ଠିକ୍ ବାଇବଲ କ୍ରମ ଅଟେ। କିନ୍ତୁ ଏହି ବ୍ୟକ୍ତି ଜାଣିବାକୁ ଚାହାଁନ୍ତି ଯେ ଏହି ଶିଶୁମାନଙ୍କ ବିଷୟରେ କଅଣ ଅଟେ? ସେମାନେ...ଅନ୍ୟ ଶବ୍ଦରେ, କଅଣ ସେମାନେ ଜନ୍ମ ହେବା ପୂର୍ବରୁ ସେମାନଙ୍କ ପାଖରେ ପବିତ୍ରଆତ୍ମା ଥିଲେ କି? କଅଣ ସେମାନେ ଏହା ଗ୍ରହଣ କରିଥିଲେ କି? ତେବେ, ତାହା ମୁଁ ଆପଣମାନଙ୍କୁ କହିପାରେ ନାହିଁ।

106 ମାତ୍ର ବର୍ତ୍ତମାନ, ଆସନ୍ତୁ ଆମେମାନେ ଏହିପରି କହିବା: ଆମେ ଜାଣୁ ଯେ ଯେଉଁ ଶିଶୁମାନେ ମରିଯାଆନ୍ତି, ସେମାନଙ୍କର ପିତାମାତାଙ୍କର ନିର୍ବିଶେଷରେ, ସେମାନେ ଉଦ୍ଧାର ପାଇଥାନ୍ତି। ତେବେ, ମୁଁ ତାହା ଉପରେ ଭବିଷ୍ୟଦ୍‌ବକ୍ତାମାନଙ୍କ ବିଦ୍ୟାଳୟ ସହିତ ସହମତ ନୁହେଁ। ସେମାନେ କୁହନ୍ତି ଯେ ଯଦି ଏହା—ଏକ ପାପମୟ ପିତାମାତା ସହିତ ମରିଥାଏ, ତାହାହେଲେ ସେହି ଶିଶୁ ନରକକୁ ଯିବ, କ୍ଷୟ ପାଇଯିବ; ସେଠାରେ ଆଉ କିଛି ରହେ ନାହିଁ। ତେବେ, ଯୀଶୁ...ଯୋହନ କହିଲେ ଯେତେବେଳେ ଯୀଶୁ ଆସିଥିଲେ, "ହେଇ ଦେଖ ପରମେଶ୍ୱରଙ୍କ ମେଷଶାବକ ଯିଏ ଜଗତର ପାପ ବୋହି ନେଇଯାଆନ୍ତି।" ଏବଂ ଯଦି ସେହି ଶିଶୁଟି ଜଣେ ମଣିଷ ଥିଲା, ଯାହାକୁକି ପରମେଶ୍ୱରଙ୍କ ବିଚାର ଅଧୀନରେ ଆସିବାକୁ ଥାଏ, ଏବଂ ଯୀଶୁ ପାପକୁ ଦୂର କରିବା ପାଇଁ ମୃତ୍ୟୁବରଣ କରିଥିଲେ, ତାହାହେଲେ ସମସ୍ତ ପାପ ପରମେଶ୍ୱରଙ୍କ ନିକଟରୁ ବହିଷ୍କୃତ ହୋଇଥିଲା ଯେତେବେଳେ ଯୀଶୁ ସେହି ଉଦ୍ଦେଶ୍ୟ ନିମନ୍ତେ ମୃତ୍ୟୁବରଣ କରିଥିଲେ। ଆପଣଙ୍କର ପାପ କ୍ଷମା କରାଗଲା। ମୋର ପାପ କ୍ଷମା କରାଗଲା। ଏବଂ ଗୋଟିଏ ମାତ୍ର ଉପାୟରେ ଆପଣ କ୍ଷମା କରାଯାଇପାରନ୍ତି ଯେ ତାହା ହେଉଛି ତାହାଙ୍କର କ୍ଷମାକୁ ଗ୍ରହଣ କରି ନେବା। ବର୍ତ୍ତମାନ, ଶିଶୁଟି ତାହାର କ୍ଷମା ଗ୍ରହଣ

କରିପାରେ ନାହିଁ, ତେଣୁ ଏହା କିଛି କରିନାହିଁ। ଏହା ଆଦୌ କିଛି କରିନାହିଁ। ତେଣୁ ଏହା ସ୍ୱର୍ଗକୁ ଯିବା ନିମନ୍ତେ ସଂପୂର୍ଣ୍ଣ ଭାବେ ମୁକ୍ତ ଅଟେ।

107 କିନ୍ତୁ ଆପଣ କହିବେ, "କଅଣ ସେମାନେ ଉର୍ଦ୍ଧାନ୍ତିକରଣରେ ଯିବେ କି?" ତେବେ— ତେବେ, ଏହା ମୋର ନିଜର କଥା ଅଟେ; ତେବେ ଏହା ମୋର ବିଚାର ଅଟେ। କରନ୍ତୁ ନାହିଁ... ମୁଁ ଏହାକୁ ବାଇବଲ ଦ୍ୱାରା ପ୍ରମାଣ କରିପାରେ ନାହିଁ। ମାତ୍ର ଦେଖନ୍ତୁ। ଯଦି ପରମେଶ୍ୱର, ଜଗତର ପତ୍ତନାବଧି, ପ୍ରତ୍ୟେକ ସେହି ମଣିଷକୁ ଜାଣିଥିଲେ ଯେଉଁମାନେକି ପୃଥିବୀରେ ରହିବେ...କଅଣ ଆପଣ ତାହା ବିଶ୍ୱାସ କରନ୍ତି? ସେ ପ୍ରତ୍ୟେକ ମଶା, ପ୍ରତ୍ୟେକ ପୋକ, ପ୍ରତ୍ୟେକ ମାଛିକୁ ଜାଣିଥିଲେ, ସେ ସମସ୍ତ କିଛିକୁ ଜାଣିଥିଲେ ଯାହାକି କେବେ ପୃଥିବୀରେ ରହିବ। ଯଦି ସେ ତାହା ଜାଣିଥିଲେ...

108 ଦେଖନ୍ତୁ। ଉଦାହରଣ ସ୍ୱରୂପ, ମୋଶାକୁ ନିଅନ୍ତୁ। ଯେତେବେଳେ ମୋଶା ଜନ୍ମ ହେଲେ, ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ। ଯିରିମିୟଙ୍କ ପୂର୍ବରୁ...ପରମେଶ୍ୱର ଯିରିମିୟଙ୍କୁ କହିଥିଲେ, "ତୁମେ ନିଜର ମାତାର ଗର୍ଭରେ ସୃଷ୍ଟି ହେବା ପୂର୍ବରୁ, ତୁମେ ତାଙ୍କ ଗର୍ଭରେ ସୃଷ୍ଟି ହେବା ପୂର୍ବରୁ, ମୁଁ ତୁମକୁ ଜାଣିଥିଲି, ଏବଂ ତୁମକୁ ପବିତ୍ରୀକୃତ କରିଥିଲି, ଆଉ ତୁମକୁ ଜାତିମାନଙ୍କ ପ୍ରତି ଜଣେ ଭବିଷ୍ୟଦ୍‌ବକ୍ତା ଭାବରେ ନିଯୁକ୍ତ କରିଥିଲି।" ବାପ୍ତିଜକ ଯୋହନ, ତାଙ୍କର ଜନ୍ମ ହେବାର ସାତ ଶହ ବାର ବର୍ଷ ପୂର୍ବରୁ, ଯିଶାଇୟ ତାଙ୍କୁ ଏକ ଦର୍ଶନରେ ଦେଖିଥିଲେ, କହିଥିଲେ, "ସେ ପ୍ରାନ୍ତରରେ କ୍ରନ୍ଦନ କରୁଥିବା ସେହି ରବ ଅଟେ।"

109 ପରମେଶ୍ୱରଙ୍କ ପୂର୍ବନିରୂପଣ କିମ୍ବା ପୂର୍ବଜ୍ଞାନ ସାନ ଶିଶୁମାନଙ୍କ ବିଷୟରେ ସବୁକିଛି ଜାଣେ (ବୁଝିଲେ?), ଯେ ସେମାନଙ୍କୁ କଅଣ କରିବାକୁ ଥିଲା। ଏବଂ ସେ ଜାଣିଥିଲେ ଯେ ସେମାନେ ମରିବେ। ସେ ଜାଣିଥିଲେ। ପରମେଶ୍ୱର ଏହା ବିଷୟରେ ନ ଜାଣି କିଛି ହେଲେ ଘଟିପାରେ ନାହିଁ। କିଛି ହୋଇପାରେ ନାହିଁ...ଠିକ୍ ସେହି ଉତ୍ତମ ମେଷପାଳକ ପରି, ସେ କିପରି ଭିତରକୁ ଯାଇଥାଆନ୍ତି...ତେବେ, ଏହାକୁ ଶାସ୍ତ୍ର ଦ୍ୱାରା ଗ୍ରହଣ କରିବା ପାଇଁ, ମୁଁ କହିପାରେ ନାହିଁ ଯେ ଶାସ୍ତ୍ର *ଅମୁକ-ଓ-ଅମୁକ* କୁହେ। ମୁଁ ତ କେବଳ ଏହାକୁ ମୋ ବିଚାର ପାଇଁ ନେଉଅଛି।

**96.** ତେବେ, ପରବର୍ତ୍ତୀ ପ୍ରଶ୍ନଟି ତାହା ଅଟେ ଯାହା ମୁଁ ଭାବେ ଯେ ବୋଧହୁଏ କେହି ଜଣେ ଥିଲେ ଯାହାକି ଅନ୍ୟ ରାତିରେ ମୁଁ କହିଥିଲି **ଜଣେ ପତ୍ନୀ ଏକ ସନ୍ତାନ ପ୍ରସବ କରିବା ଦ୍ୱାରା ପରିତ୍ରାଣ କରାଯିବା ବିଷୟ ବୁଝାଇ ଦିଅନ୍ତୁ।**

110 ପତ୍ନୀ ସନ୍ତାନ ପ୍ରସବ କରିବା ଦ୍ୱାରା ପରିତ୍ରାଣପ୍ରାପ୍ତ ହୁଏ ନାହିଁ। ମାତ୍ର ଆସନ୍ତୁ ବର୍ତ୍ତମାନ କେବଳ ଗୋଟିଏ ମିନିଟ୍ ପାଇଁ ପ୍ରଥମ ତୀମଥି 2:୫ କୁ ଯିବା। ଏବଂ ଆସନ୍ତୁ ଆମେମାନେ ତେବେ ଦେଖିବା ଯେ ବାଇବଲ ଶିଶୁ ବିଷୟରେ କଅଣ କୁହେ। ବର୍ତ୍ତମାନ, ମୁଁ ହୃଦୟଙ୍ଗମ କରେ ଯେ ତାହା ଏକ କ୍ୟାଥୋଲିକ ମତବାଦ ଅଟେ, କ୍ୟାଥୋଲିକ୍ କୁହନ୍ତି ଯେ ମହିଳା ପ୍ରସବ କରିବାରେ ପରିତ୍ରାଣ ପାଇଥାଏ, ଏକ ସନ୍ତାନ ପ୍ରସବ କରିବା ଦ୍ୱାରା। କିନ୍ତୁ ଆସନ୍ତୁ ଆମେ

କରିବା ନାହିଁ...ମୁଁ ତାହା ବିଶ୍ୱାସ କରେ ନାହିଁ । ପ୍ରଥମ ତୀମଥି ତାର 2ୟ ପର୍ବ, ଏବଂ ଆସନ୍ତୁ 8ମ ପଦରେ ଆରମ୍ଭ କରିବା, ଆଉ ତେବେ ଅଳ୍ପ କିଛି କ୍ଷଣ ପାଠ କରିବା । ଠିକ୍ ଅଛି, ଶୁଣନ୍ତୁ ।

*ସେହିପ୍ରକାରେ ମଧ୍ୟ, ସ୍ତ୍ରୀମାନେ କେଶବିନ୍ୟାସ ଏବଂ ସୁବର୍ଣ୍ଣ କି ମୁକ୍ତା କି ମୂଲ୍ୟବାନ ବସ୍ତ୍ରରେ...*(ଆମେ ତାହା ପଚାରିବା ଉଚିତ୍ ନୁହେଁ, ଉଚିତ୍ କି? ଏହାକୁ ଶୁଣନ୍ତୁ ।)...*ଆପଣା ଆପଣାକୁ...*(ହୁଁ!)...*ଭୂଷିତା; ନ କରି ଲଜ୍ଜା, ଓ ସୁବୁଦ୍ଧି, ସହକାରେ ପରିପାଟୀ, ପରିଚ୍ଛଦ ପିନ୍ଧି;* (ଭାଇମାନେ, ମୁଁ ଏଠାରେ ଆପଣଙ୍କୁ ସାହାଯ୍ୟ କରୁଛି, ମୁଁ ଆଶା କରେ । ଏହି ସବୁ ନୂଆ ଟୋପିମାନ ପ୍ରତିଦିନ କିମ୍ବା ତିନି ଦିନରେ ଥରେ । କଅଣ ଆପଣ ଦେଖନ୍ତି କି? ତାହା ଖ୍ରୀଷ୍ଟିଆନ ହେବା ନୁହେଁ ।)

*ଧର୍ମପରାୟଣା (ସ୍ତ୍ରୀମାନଙ୍କ ଉପଯୋଗୀ ସତ୍‌କର୍ମରୂପ ଭୂଷଣରେ) ଆପଣା ଆପଣାକୁ ଭୂଷିତା କରନ୍ତୁ ।*

*ସ୍ତ୍ରୀ ପୂର୍ଣ୍ଣ ବଶ୍ୟତା ସ୍ୱୀକାର କରି ମୌନଭାବରେ ଶିକ୍ଷା ଗ୍ରହଣ କରୁ ।*

*ମୁଁ ସ୍ତ୍ରୀକୁ ଶିକ୍ଷା ଦେବା ପାଇଁ, ଅବା ପୁରୁଷ ଉପରେ କର୍ତ୍ତାପଣ କରିବା ପାଇଁ ଅନୁମତି...ଦେଉ ନାହିଁ, ମାତ୍ର ସେ...ମୌନ ରହୁ ।*

*କାରଣ ପ୍ରଥମେ ଆଦମ ସୃଷ୍ଟି ହେଲେ, ତାହା ପରେ ହବା ।*

*...ଆଦମ ପ୍ରବଞ୍ଚିତ ହୋଇ ନ ଥିଲେ, ମାତ୍ର ନାରୀ ପ୍ରବଞ୍ଚିତା ହୋଇ ଆଜ୍ଞାଲଂଘନ ଦୋଷରେ ଦୋଷୀ ହେଲେ ।*

*କିନ୍ତୁ ସେମାନେ ସୁବୁଦ୍ଧି ସହ ବିଶ୍ୱାସ...* (ବର୍ତ୍ତମାନ, ସେ ଜଗତର ସ୍ତ୍ରୀ ସହ, ସନ୍ତାନ ପ୍ରସବ କରିବା ବିଷୟ କଥାବାର୍ତ୍ତା କରୁନାହାଁନ୍ତି ।)...ପ୍ରେମ ଓ ପବିତ୍ରତାରେ *ସ୍ଥିର ରହିଲେ...* (ବୁଝିଲେ? ପ୍ରେମ ଓ ପବିତ୍ରତାରେ ସ୍ଥିର ରହିଲେ । ସେ ତ ଆଗରୁ...ସେ ତ ସେହି ସ୍ତ୍ରୀ ବିଷୟରେ କହୁଛନ୍ତି, ସେହି ସ୍ତ୍ରୀ ଯାହା ପୂର୍ବରୁ ପରିତ୍ରାଣ ପାଇସାରିଛି । ବୁଝିଲେ?) *...ସେ ସନ୍ତାନ ପ୍ରସବ କରିବା ଦ୍ୱାରା ପରିତ୍ରାଣ ପାଇବ ।*

111 ଏକ ସନ୍ତାନ ଜନ୍ମ କରିବା ଦ୍ୱାରା ସେ ପରିତ୍ରାଣପ୍ରାପ୍ତ ହୁଏ ନାହିଁ, ବରଂ ସେ ଯେ ସନ୍ତାନମାନଙ୍କୁ ଲାଳନ ପାଳନ କରୁଅଛି, ନିଜର କର୍ତ୍ତବ୍ୟ ନିର୍ବାହ କରୁଅଛି, କୌଣସି ବିଲେଇ, କୁକୁର, ଏବଂ ଯାହା-କିଛି ଏକ ସନ୍ତାନ ବଦଳରେ ନିଅନ୍ତି ତାହା ଲାଳନ ପାଳନ କରୁ ନାହିଁ, ଯେପରିକି ସେମାନେ ଆଜି କରନ୍ତି, ତାହାକୁ ଜଣେ ମାତାର ପ୍ରେମ ଦେଉଅଛି ଯେପରିକି ସେ ବାହାରକୁ ଯାଇ ରାତିସାରା ଘୁରି ପାରେ । କେତେକ ଲୋକେ ତାହା କରନ୍ତି । କ୍ଷମା କରିବେ, କିନ୍ତୁ ସେମାନେ ତାହା କରନ୍ତି । ଏହା ମୋ ପକ୍ଷେ କହିବା ଅତ୍ୟନ୍ତ କଠୋର ଅଟେ, କିନ୍ତୁ ସତ୍ୟ ତ ସତ୍ୟ ଅଟେ । ବୁଝିଲେ? ସେମାନେ ଚାହାଁନ୍ତି ନାହିଁ ଯେ ଏହା ସହିତ ଏକ ଶିଶୁ ବାନ୍ଧି ହୋଇଥାଉ । ମାତ୍ର ସନ୍ତାନ ପ୍ରସବ କରିବାରେ, ଯଦି ସେ ବିଶ୍ୱାସ, ପବିତ୍ରତା, ଏବଂ ସମସ୍ତ ସଂଯମରେ ସ୍ଥିର ରୁହେ, ସେ ପରିତ୍ରାଣପ୍ରାପ୍ତ ହେବ । କିନ୍ତୁ ସେହି *ଯଦି* ହେଉଛି, ଆପଣ

ମଧ୍ୟ ପରିତ୍ରାଣପ୍ରାପ୍ତ ହେବ, *ଯଦି* ଆପଣ ନୂତନ ଜନ୍ମ ପାଇଅଛନ୍ତି। *ଯଦି* ଆପଣ ବିଶ୍ୱାସ କରିବେ ତେବେ ଆପଣ ସୁସ୍ଥ ହେବେ ଆପଣ ହୋଇପାରିବେ। ଆପଣ ପବିତ୍ରଆତ୍ମା ଗ୍ରହଣ କରିପାରିବେ *ଯଦି* ଆପଣ ଏହାକୁ ବିଶ୍ୱାସ କରନ୍ତି, *ଯଦି* ଆପଣ ଏହା ପାଇଁ ପ୍ରସ୍ତୁତ ଅଟନ୍ତି, ତେବେ ଏହା ପାଇଁ ପ୍ରସ୍ତୁତ ହୁଅନ୍ତୁ। ଏବଂ ଯଦି ସେ ଏହିସବୁ କାର୍ଯ୍ୟ କରିବା ଜାରି ରଖନ୍ତି ସେ ପରିତ୍ରାଣ ପାଇବେ (ବୁଝିଲେ?), କିନ୍ତୁ ଏଇଥି ପାଇଁ ନୁହେଁ ଯେ ସେ ଜଣେ ସ୍ତ୍ରୀଲୋକ ଅଟନ୍ତି। ତେଣୁ ତାହା ଠିକ୍ ଅଟେ, ଭାଇ, ଭଉଣୀ। ଏହା ଆଦୌ ଏକ କ୍ୟାଥୋଲିକ୍ ଶିକ୍ଷା ନୁହେଁ। ତେବେ ମୁଁ ଚାହୁଁଛି...ଏଠାରେ ଆଉ ଏକ ଅଛି ଯାହାକି ଅତ୍ୟନ୍ତ ଉପଯୋଗୀ ଅଟେ। ତାହାପରେ ଆମର ଆଉ ଗୋଟିଏ ଅଛି। ମୁଁ ଭାବୁଛି ବୋଧହୁଏ ଏହା ପାଇଁ ଆମ ପାଖରେ ସମୟ ଅଛି। ମୁଁ କେବଳ ଆମର ସମୟକୁ ନେଇ ନେଇଛି। ତେବେ, ଏହା ଠିକ୍—ଏହା ଠିକ୍ ଉଦ୍ଦୀପନାର ପରବର୍ତ୍ତୀ ପ୍ରଭାବମାନ ଅଟେ। ଏହା ସଭାର ପରବର୍ତ୍ତୀ ପ୍ରଭାବମାନ ଅଟେ, ଏହି ପ୍ରଶ୍ନଗୁଡିକ।

**97.** ବର୍ତ୍ତମାନ: **ଭାଇ ବ୍ରାନହାମ୍** (ଏହା ଟାଇପ୍ କରାଯାଇଛି), **କଅଣ ଏହା ଶାସ୍ତ୍ରସଙ୍ଗତ ଅଟେ ଯେ ଜଣେ ବ୍ୟକ୍ତି ପରଭାଷାରେ କଥା କୁହନ୍ତି ଏବଂ ନିଜର ବାର୍ତ୍ତାକୁ ଅର୍ଥ କରନ୍ତି? ଯଦି ଅଟେ, ଦୟାକରି ବୁଝାଇ ଦିଅନ୍ତୁ। ପ୍ରଥମ କରିନ୍ଥୀୟ କିମ୍ବା କରିନ୍ଥୀୟ 14:13 ଏବଂ କରିନ୍ଥୀୟ 14:27 ମଧ୍ୟ।**

112 ଠିକ୍ ଅଛି, ଆସନ୍ତୁ ସେହି ଶାସ୍ତ୍ରାଂଶକୁ ଯିବା ଏବଂ ଦେଖିବା ଯେ ଏହା କଅଣ କୁହେ। ଏବଂ ତାହାପରେ ଆମେ ଦେଖିବା ଯେ ଆମେ ଏହାକୁ ଶାସ୍ତ୍ରସଙ୍ଗତ ରଖିବା କି ନାହିଁ। ଆମେ ସବୁବେଳେ ଶାସ୍ତ୍ରସଙ୍ଗତ ହେବାକୁ ଚାହୁଁ। ଏବଂ କରିନ୍ଥୀୟ 14। ବର୍ତ୍ତମାନ, ସେହି ବ୍ୟକ୍ତି ଜାଣିବାକୁ ଚାହାଁନ୍ତି ଯେ କଅଣ ଏହା ଶାସ୍ତ୍ରସଙ୍ଗତ ଅଟେ ଯେ ଜଣେ ବ୍ୟକ୍ତି ତାଙ୍କର ନିଜର ବାର୍ତ୍ତାକୁ ଅର୍ଥ କରିବେ ଯାହା ସେ ପରଭାଷାରେ କହିଥଲେ। "ଯଦି ଏହା ଅଟେ, ତେବେ କରିନ୍ଥୀୟ 14:13 କୁ ବ୍ୟାଖ୍ୟା କରନ୍ତୁ।" ଆସନ୍ତୁ ଦେଖିବା, 14 ଏବଂ 13. ଠିକ୍ ଅଛି, ଆମେ ଏଠାରେ ଅଛୁ।

> *ତଥାପି ମୁଁ ଯେପରି ଅନ୍ୟମାନଙ୍କୁ...ମଧ୍ୟ ଶିକ୍ଷା ଦେଇପାରେ, ଏଥିନିମନ୍ତେ ମଣ୍ଡଳୀରେ ପରଭାଷାରେ ଦଶ ହଜାର କହିବା ଅପେକ୍ଷା, ବରଂ ମୋ ବୁଦ୍ଧି ସହିତ, ପାଞ୍ଚୋଟି ଶବ୍ଦ...କହିବାକୁ...ଭଲ ପାଏ।*

ତେବେ, ପରବର୍ତ୍ତୀଟି ହେଉଛି 27ତମ ପଦ, ସେମାନେ ଜାଣିବାକୁ ଚାହାଁନ୍ତି।

> *ଯଦି କେହି ପରଭାଷାରେ କଥା କହେ, ତେବେ ଦୁଇ, ଅବା...ଅଧିକ ହେଲେ ତିନି ଜଣ, ପାଳି ଅନୁସାରେ କହନ୍ତୁ; ଆଉ ଜଣେ ଅର୍ଥ କରୁ।*

113 ତେବେ, ମୁଁ ବୁଝୁଛି ଯେ ସେହି ବ୍ୟକ୍ତି କଅଣ ପଚାରିବାକୁ ଚେଷ୍ଟା କରୁଛନ୍ତି (ଯାହା ମୁଁ ଚାହେଁ—ମୁଁ ଅଳ୍ପ କିଛି କ୍ଷଣରେ ଆପଣମାନଙ୍କ ପାଖରେ କିଛି ପାଠ କରିବାକୁ ଯାଉଅଛି)। ମାତ୍ର ମୁଁ ଭାବୁଛି ଯାହା ସେହି ଭାଇ କିମ୍ବା ଭଉଣୀ ପଚାରିବାକୁ ଚେଷ୍ଟା କରୁଛନ୍ତି, "କଅଣ ଏହା

ଜଣେ ବ୍ୟକ୍ତିଙ୍କ ପାଇଁ ଯିଏକି ପରଭାଷାରେ କଥା କହୁଥାନ୍ତି ସେ କହିଥିବା ସନ୍ଦେଶକୁ ଅଥ କରିବା ଠିକ୍ ଅଟେ କି?" ତେବେ, ପ୍ରିୟ ପ୍ରିୟତମ ବନ୍ଧୁ, ଯଦି ଆପଣ ସେହି ସମାନ ପର୍ବର 13ତମ ପଦକୁ ପାଠ କରିବେ, ଏହା ଆପଣଙ୍କୁ କହିବ:

> *ଅତଏବ ଯେ ପରଭାଷାରେ କଥା କହେ ସେ ଯେପରି ଅର୍ଥ କରିପାରେ ଏଥିନିମନ୍ତେ ପ୍ରାର୍ଥନା କରୁ ।*

114 ନିଶ୍ଚିତରେ । ସେ ନିଜର ବାର୍ତ୍ତାକୁ ଅର୍ଥ କରିପାରିବେ । ତେବେ, ଯଦି ଆମେ କେବଳ… ଆସନ୍ତୁ କେବଳ…ତେବେ, ଆପଣ…ଏଠାରେ ତାର ସମସ୍ତ ପାଠ କରନ୍ତୁ, ଏବଂ ଆପଣ ଦେଖିପାରିବେ ଯେ ଏହା…ତେବେ ସେହି ସମଗ୍ର ପର୍ବକୁ ପାଠ କରନ୍ତୁ । ଏହା ବହୁତ ଭଲ, ଏହାକୁ ବ୍ୟାଖ୍ୟା କରେ ।

115 ତେବେ, ପରଭାଷାରେ କଥା କହିବା…ବର୍ତ୍ତମାନ, ଯେତେବେଳେ ଆମେ ତାହା ଉପରେ ଅଛୁ, ଏବଂ ଏହା ଟେପ୍ ହେଉଥିବା ହେତୁ, ମୁଁ କହିବାକୁ ଚାହେଁ ଯେ ମୁଁ ସେତିକି ପରଭାଷାରେ କହିବାରେ ମଧ୍ୟ ବିଶ୍ୱାସ କରେ ଯେତିକି ଈଶ୍ୱରୀୟ ଆରୋଗ୍ୟତାରେ, ଏବଂ ସେହି—ସେହି ପବିତ୍ରଆତ୍ମାଙ୍କ ବାପ୍ତିସ୍ମରେ, ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନରେ, ଏବଂ ଆଗାମୀ ଜଗତର ଶକ୍ତି ଉପରେ ବିଶ୍ୱାସ କରେ; ମୁଁ ତାହା ଉପରେ ଠିକ୍ ସେତିକି ବିଶ୍ୱାସ କରେ ଯେତିକି ମୁଁ ବିଶ୍ୱାସ କରେ, ମାତ୍ର ମୁଁ ବିଶ୍ୱାସ କରେ ଯେ ପରଭାଷାରେ କଥା କହିବାର ତାର ନିଜର ସ୍ଥାନ ଅଛି ଠିକ୍ ଯେପରି ଖ୍ରୀଷ୍ଟଙ୍କ ଆଗମନର ତାର ସ୍ଥାନ ଅଛି; ଈଶ୍ୱରୀୟ ଆରୋଗ୍ୟତାର ତାର ସ୍ଥାନ ଅଛି; ପ୍ରତ୍ୟେକ ବିଷୟର ତାର ସ୍ଥାନ ଅଛି ।

116 ତେବେ, ଆପଣ ଲୋକମାନଙ୍କ ପାଇଁ, ମୁଁ ବର୍ତ୍ତମାନ ଏହା କହିବାର ଏକ ସୁଯୋଗ ପାଇଅଛି, ଏବଂ ମୁଁ ଏହାକୁ ବ୍ୟାଖ୍ୟା କରିବାକୁ ଚାହିଁବି । ଏବଂ ଯଦି ମୁଁ କାହାରିକୁ ଆଘାତ କରେ, ତେବେ ତାହା ମୋର ଅଭିପ୍ରାୟ ନୁହେଁ । ମୋର ଦ୍ୱନ୍ଦ୍ୱ ସୃଷ୍ଟି କରିବାର କୌଣସି ଅଭିପ୍ରାୟ ନୁହେଁ । ମାତ୍ର ଶୁଣନ୍ତୁ । ପେଣ୍ଟିକଷ୍ଟାଲ୍ ଲୋକମାନଙ୍କ ଦ୍ୱାରା ପରଭାଷାରେ କଥା କହିବା ବିଷୟ ସହିତ ମାମଲା କଅଣ ଅଟେ? (ଯାହା ମୁଁ ନିଜେ ଅଟେ; ମୁଁ ଜଣେ ପେଣ୍ଟିକଷ୍ଟାଲ୍ । ବୁଝିଲେ?)… ତେବେ, ଯାହା ଅସୁବିଧା ଅଟେ ତାହା ହେଉଛି: ଯେ ସେମାନେ ଏହାକୁ ସମ୍ମାନ କରନ୍ତି ନାହିଁ । ଏବଂ ଅନ୍ୟ ଏକ ବିଷୟ, ସେମାନେ ଏହାକୁ ଅନିୟମିତ ଭାବରେ ଅନର୍ଗଳ ଛାଡି ଦିଅନ୍ତି । ସେମାନେ ବାକ୍ୟ ନିକଟକୁ ଫେରି ଆସନ୍ତି ନାହିଁ ।

117 ବର୍ତ୍ତମାନ ଶୁଣନ୍ତୁ । ଏଠାରେ ସେହି ଉପାୟ ଅଟେ—ଯେ—ଏଠାରେ ସେହି ଉପାୟ ଅଟେ ଯେ ମଣ୍ଡଳୀ ସ୍ଥାପନ ହୋଇଅଛି । ତେବେ, ଏକ ପେଣ୍ଟିକଷ୍ଟାଲ୍ ମଣ୍ଡଳୀରେ, ଯଦି ମୁଁ ଏହି ମଣ୍ଡଳୀର ପାଳକତ୍ତ୍ୱ କାର୍ଯ୍ୟ କରୁଥାନ୍ତି, ମୁଁ ଆପଣଙ୍କୁ କହିବି ଯେ ମୁଁ ଏହାକୁ କିପରି ସ୍ଥାପନ କରିଥାନ୍ତି (ବୁଝିଲେ?), ଯଦି ମୁଁ ଥାନ୍ତି—ଏହାକୁ ପାଳକତ୍ତ୍ୱ କରିବା ପାଇଁ ଏଠାରେ ସବୁ ସମୟରେ ରହିଥାନ୍ତି । ମୁଁ ବାଇବଲରେ ଥିବା ପ୍ରତ୍ୟେକ ବରଦାନକୁ ଗ୍ରହୀତା କରିଥାନ୍ତି । ବିଶ୍ୱାସୀମାନଙ୍କୁ ପ୍ରଥମେ ପବିତ୍ରଆତ୍ମାରେ ବାପ୍ତିଜିତ ହେବାକୁ କହିଥାନ୍ତି । ଏବଂ ତାହାପରେ,

ପ୍ରଥମ କରିନ୍ଥୀୟ 12 ର ପ୍ରତ୍ୟେକ ବରଦାନ ମୋ ମଣ୍ଡଳୀରେ କାର୍ଯ୍ୟକାରୀ ହେବାକୁ ଅଛି, ଯଦି ମୁଁ ସେଗୁଡ଼ିକୁ ସେଠାକୁ ଆଣି ପାରିବି, ସମଗ୍ର ଶରୀରକୁ କାର୍ଯ୍ୟକାରୀ କରିପାରିବି ।

118 ତେବେ, ଯଦି ଆପଣ ଧ୍ୟାନ ଦେବେ…ତେବେ ଟିପ୍ପଣୀ କରୁ ନାହିଁ । ଏବଂ ମନେରଖନ୍ତୁ, ମୁଁ ଗୋଟିଏ ହେଲେ ଶବ୍ଦ ବିରୁଦ୍ଧରେ କହିବି ନାହିଁ—ମୁଁ ପବିତ୍ରଆତ୍ମାଙ୍କୁ ନିନ୍ଦା କରି ଦେଇପାରେ । ଏବଂ ପରମେଶ୍ୱର ଜାଣନ୍ତି ଯେ ମୁଁ ତାହା ଭୁଲ୍ କହିବି ନାହିଁ । ବୁଝିଲେ? ମାତ୍ର ମୁଁ ପ୍ରାୟଃ କୋଡ଼ିଏ ବର୍ଷ ଧରି ଅଧ୍ୟୟନ କରିବା ପରେ ଶାସ୍ତ୍ର ଦୃଷ୍ଟିକୋଣରୁ ଆପଣଙ୍କୁ ଏହା ଦେବା ପାଇଁ କହିବାକୁ କେବଳ ଚେଷ୍ଟା କରୁଅଛି । ମୁଁ ପ୍ରାୟଃ ତିରିଶ ବର୍ଷ ହେଲାଣି ପ୍ରଚାର କରି ଆସୁଛି । ଏବଂ ମୁଁ ଠିକ୍ ତାହା ସବୁକିଛି ଦେଇ ଗତି କରିଅଛି, ଠିକ୍ ଅତିବାହିତ କରିଅଛି; ଆପଣ କଳ୍ପନା କରିପାରନ୍ତି ଯେ ଏହା କିପରି ଅଟେ । ଏବଂ ସମଗ୍ର ବିଶ୍ୱରେ, ପ୍ରତ୍ୟେକ ମନୁଷ୍ୟ, ଓ ସେମାନଙ୍କର ବିଶ୍ୱାସ ମତକୁ ଦେଖିବା । ଏବଂ ଏହାକୁ ଗ୍ରହଣ କରୁଅଛି କାରଣ ଏହା ମୋର ଆଗ୍ରହ ଅଟେ । ଏହା ମୋ ବ୍ୟତୀତ ମଣିଷମାନଙ୍କ ପାଇଁ ଆଗ୍ରହ ଅଟେ । ମୋତେ ଏଠାରୁ ଚାଲିଯିବାକୁ ଅଛି । ଆପଣଙ୍କୁ ଏଠାରୁ ଚାଲିଯିବାକୁ ଅଛି । ଏବଂ ଯଦି ମୁଁ ଜଣେ ଭଣ୍ଡ ଭବିଷ୍ୟଦ୍‌ବକ୍ତା ଭାବରେ ଯାଏ, ତେବେ ମୁଁ ମୋର ନିଜର ପ୍ରାଣକୁ ହରାଇବି ଏବଂ ମୋ ସହିତ ଆପଣଙ୍କର ବି ହରାଇବି । ତେଣୁ ଏହା ତାହାଠାରୁ ଅଧିକ ଅଟେ—ଏହା ଦୈନିକ ରୁଟିଠାରୁ ଅଧିକ ଅଟେ; ଏହା ଲୋକପ୍ରିୟତାଠାରୁ ଅଧିକ ଅଟେ; ଏହା ଅନ୍ୟ ସମସ୍ତ ବିଷୟଠାରୁ ଅଧିକ ଅଟେ; ଏହା ମୋ ପାଇଁ ଜୀବନ ଅଟେ । ବୁଝିଲେ? ଏବଂ ମୁଁ ସର୍ବଦା ଗଭୀର ଭାବେ ନିଷ୍କାପର ହେବାକୁ ଚାହେଁ ।

119 ବର୍ତ୍ତମାନ, ଆପଣ ପ୍ରଥମ ପେଣ୍ଟିକଷ୍ଟାଲ୍ ମଣ୍ଡଳୀକୁ ଯାଆନ୍ତୁ, ପ୍ରଥମ ବିଷୟ…(ମୋର ଅଭିପ୍ରାୟ ସମସ୍ତେ ନୁହଁ । ସେମାନଙ୍କ ମଧ୍ୟରୁ କେତେକ ହେଉଛନ୍ତି…) ଅଧିକାଂଶ ସମୟ ଆପଣ ଏକ ମଣ୍ଡଳୀକୁ ଯାଆନ୍ତି ଓ ପ୍ରଚାର କରିବା ଆରମ୍ଭ କରିଦିଅନ୍ତି; ଯେତେବେଳେ ଆପଣ ପ୍ରଚାର କରୁଥାନ୍ତି, କେହି ଜଣେ ଉଠିବେ ଏବଂ ପରଭାଷାରେ କଥା କହିବେ । ତେବେ, ସେହି ପ୍ରିୟ ବ୍ୟକ୍ତିଜଣକ ପବିତ୍ରଆତ୍ମାରେ ସମ୍ପୂର୍ଣ୍ଣରୂପେ ପରିପୂର୍ଣ୍ଣ ହୋଇ ଥାଇପାରନ୍ତି, ଏବଂ ତାହା ବୋଧହୁଏ ପବିତ୍ରଆତ୍ମା ସେହି ବ୍ୟକ୍ତିଙ୍କ ମାଧ୍ୟମରେ କଥାବାର୍ତ୍ତା କରୁଥାନ୍ତି, କିନ୍ତୁ ଏହାର ମୂଖ୍ୟ ବିଷୟ ହେଉଛି, ସେମାନେ ପ୍ରଶିକ୍ଷିତ ନୁହଁନ୍ତି । ଯଦି ମଞ୍ଚ ଉପରେ ଏହି ସେବାକାର୍ଯ୍ୟଟି ପ୍ରେରଣା ତଳେ କଥା କହୁଅଛି, ତେବେ ଭବିଷ୍ୟଦ୍‌ବକ୍ତାଙ୍କ ଆତ୍ମା ଭବିଷ୍ୟଦ୍‌ବକ୍ତାଙ୍କ ଅଧୀନରେ ଥାଏ । ବୁଝିଲେ? "ସମସ୍ତ କାର୍ଯ୍ୟ କରାଯାଉ…" ତେବେ, ଏଠାରେ ପାଉଲଙ୍କ ନିକଟକୁ ଆସି ଯାଆନ୍ତୁ ଯେ ସେ ଏହା କାହିଁକି କୁହନ୍ତି "ଯେତେବେଳେ ଜଣେ କଥା କହେ," ଏବଂ ଇତ୍ୟାଦି… "ଯେତେବେଳେ ସେ ଆସିଲେ, ସେଠାରେ ଏକ ଦ୍ୱନ୍ଦ୍ୱ ରହିଥିଲା ।"

120 ତେବେ, ମୁଁ ଏକ ବେଦୀ ଡାକରା ଦେଇ ଆସୁଅଛି, ଏବଂ କେହି ଜଣେ ଉଠନ୍ତି ଏବଂ ପରଭାଷାରେ କଥା କୁହନ୍ତି । ଏହା କେବଳ…ତେବେ, ଆପଣ ହୁଏତ ବେଦୀ ଡାକରା ମଧ୍ୟ ଦେବା ଛାଡି ଦେଇପାରନ୍ତି । ଏହା ତାହାକୁ ବାଧା ଦେଇଥାଏ । ବୁଝିଲେ?

121 ଏବଂ ତାହାପରେ, ଅନ୍ୟ ଏକ ବିଷୟ । ଅନେକ ଥର ଏପରି ହୁଏ ଯେ ଲୋକମାନେ ଉଠିବେ ଓ ପରଭାଷାରେ କଥା କହିବେ, ଏବଂ ଲୋକମାନେ ବସି ଚୁଇଙ୍ଗମ୍ ଚୋବାଉଥିବେ, ଓ ଚାରିଆଡ଼େ ଅନାଉଥିବେ । ଯଦି ପରମେଶ୍ୱର କହୁଛନ୍ତି, ତେବେ ନୀରବ ରୁହନ୍ତୁ, ଶୁଣନ୍ତୁ! ଯଦି ତାହା ସତ୍ୟ ଅଟେ, ଯଦି ତାହା ପବିତ୍ରଆତ୍ମା ସେହି ବ୍ୟକ୍ତିଙ୍କ ଭିତରେ ରହି କଥା କହୁଛନ୍ତି, ତେବେ ଆପଣ ସ୍ଥିର ହୋଇ ବସିଥାନ୍ତୁ ଓ ଶୁଣନ୍ତୁ, ଆଦର ସହକାରେ ଥାଆନ୍ତୁ । ହୋଇପାରେ ଯେ ସେହି ଅର୍ଥ ଆପଣଙ୍କ ପାଖକୁ ଆସିପାରେ । ବୁଝିଲେ? ସ୍ଥିର ହୋଇ ବସିଥାନ୍ତୁ; ଏକ ଅର୍ଥ ପାଇଁ ଧ୍ୟାନ ଦେଇ ଶୁଣୁଥାନ୍ତୁ । ତେବେ, ଯଦି ମଣ୍ଡଳୀରେ କୌଣସି ଅନୁବାଦକ ନାହାଁନ୍ତି, ତେବେ ସେମାନେ ଶରୀରରେ ନୀରବ ରହିବା ଉଚିତ୍ ।

122 ଏବଂ ତାହାପରେ, ଯେତେବେଳେ ସେମାନେ ଏକ ପରଭାଷାରେ କଥା କୁହନ୍ତି, ବାଇବଲ କୁହେ, ସେମାନେ ନିଜ ନିଜ ଭିତରେ ଆପଣା ସହିତ ଏବଂ ପରମେଶ୍ୱରଙ୍କ ସହିତ କଥା ହୁଅନ୍ତୁ । ଯିଏ ପରଭାଷାରେ କଥା କହେ ସେ ନିଜକୁ ଶୁଚି କରେ । ତେବେ, ତାହା ପରଭାଷା; ଉପଭାଷା, ଭାଷା ଅଲଗା ଅଟେ । "ସେମାନେ କିଛି ନୁହଁନ୍ତି," ସେ କୁହନ୍ତି...କିନ୍ତୁ ଯେଉଁ ବିଷୟ ଏକ ଶବ୍ଦ କରେ ତାହାର ଏକ ଅର୍ଥ ଅଛି । କିନ୍ତୁ ଆପଣ...ଯଦି ଗୋଟିଏ ତୂରୀ ଶବ୍ଦ କରେ, ଆପଣଙ୍କୁ ଏହା ଜାଣିବାକୁ ଅଛି ଯେ ଏହା କିପରି ଶୁଭାଯାଏ (...ଏହାକୁ କେବଳ ବଜାନ୍ତୁ) ନତୁବା ଆପଣ ଜାଣିବେ ନାହିଁ ଯେ ନିଜକୁ ଯୁଦ୍ଧ ପାଇଁ କିପରି ପ୍ରସ୍ତୁତ କରିବାକୁ ଅଛି । ଯଦି କେହି ପରଭାଷାରେ କଥା କୁହନ୍ତି, ଏବଂ କେବଳ କୁହନ୍ତି "ଟୁଟ୍"; ତାହା ହିଁ ସବୁକିଛି ତାହା ସହିତ ଅଟେ, କିଏ ଜାଣିବ ଯେ କଅଣ କରିବାକୁ ଅଛି । କିନ୍ତୁ ଯଦି ଏହା *ରିଭିଲ୍* ଆରମ୍ଭ କରେ, ତାହାର ଅର୍ଥ "ଉଠି ଯାଅ!" ଯଦି ଏହା *ଟ୍ୟାପ୍ସ* ବଜାଏ, ତାହାର ଅର୍ଥ "ତଳକୁ ହୋଇ ଯାଅ ।" ବୁଝିଲେ? ଯଦି ଏହା *ଚାର୍ଜ* ବଜାଏ ତାହାର ଅର୍ଥ "ଆକ୍ରମଣ କର ।" ଏହାକୁ ତ ଏକ ଅର୍ଥ ଦେବାକୁ ଅଛି, ଆଉ କେବଳ ଏକାକୀ ଶବ୍ଦ ଦେବା ନୁହେଁ । ତେଣୁକରି ମଣ୍ଡଳୀରେ, ଯଦି କୌଣସି ଅନୁବାଦକ ନାହାଁନ୍ତି, କିନ୍ତୁ ଯଦି ଜଣେ ଅନୁବାଦକ ଅଛନ୍ତି, ତାହାହେଲେ ପରଭାଷା ତାହା ଅଟେ ଯାହାକି ମଣ୍ଡଳୀ ସହିତ ସମ୍ପୃକ୍ତ ଅଟେ ।

123 ବର୍ତ୍ତମାନ, ଆପଣଙ୍କର ପ୍ରଶ୍ନକୁ, ହେ ପ୍ରିୟ ବନ୍ଧୁ, ଯାହା କୁହେ, "ମୁଁ ବରଂ ପାଞ୍ଚ ହଜାର ଶବ୍ଦ କଥା କହେ...ପାଞ୍ଚୋଟି ଶବ୍ଦ, ଏବଂ ଯେପରିକି ଲୋକମାନେ ମୋତେ ବୁଝିପାରନ୍ତି ଏହା ଅପେକ୍ଷା ଯେ ପରଭାଷାରେ ପାଞ୍ଚ ହଜାର (କିମ୍ୱା ଯାହାକିଛି ଅଧିକ) କୁହେ ।" ତାହା ସତ ଅଟେ । ମାତ୍ର ତଳକୁ ପାଠ କରି ଚାଲନ୍ତୁ: "...ଯଦି ଏହା ପ୍ରକାଶିତ ବାକ୍ୟ ବା ଭାଷାର ଅର୍ଥ ଦ୍ୱାରା ନିଷ୍ପା ନିମନ୍ତେ କରାଯାଉ ।" ବୁଝିଲେ? ନିଷ୍ପା ନିମନ୍ତେ କରାଯାଉ ।

124 ତେବେ, ମୁଁ ଆପଣମାନଙ୍କୁ ଅଳ୍ପ ଏକ ଛୋଟ ଧାରଣା ଦେବି ଯେ କଅଣ ହୁଏ ଯଦି—କଅଣ...ଯଦି ମୁଁ ଏହି ମଣ୍ଡଳୀର ପାଳକ ହୋଇଥାଏ ଯାହାକି ଆସୁଅଛି, ଯଦି ପରମେଶ୍ୱର ମୋତେ ଏହାର ପାଳକତ୍ୱ କରିବା ପାଇଁ ଡାକନ୍ତି, ତେବେ ମୁଁ ଏହାକୁ ଏହିପରି ଭାବରେ ଚଳାନ୍ତି: ମୁଁ ସେଠାରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଖୋଜିବାକୁ ଚେଷ୍ଟା କରିବି ଯାହାରକି ଏକ ବରଦାନ ରହିଥିଲା । ଏବଂ ମୁଁ ଚାହିଁବି ଯେ ସେହି ଲୋକମାନେ ସେବା ଆରମ୍ଭ ହେବାର

ପ୍ରାୟଃ ଗୋଟିଏ ଘଣ୍ଟା ପୂର୍ବରୁ, ନିଜର ଏକ କୋଠରୀରେ ସାକ୍ଷାତ କରନ୍ତୁ । ସେମାନେ ଆତ୍ମାର ତଳେ ବସନ୍ତୁ । ଏବଂ ପ୍ରଥମ ବିଷୟ ଆପଣ ଜାଣନ୍ତି, ଜଣେ ତଳକୁ ଆସେ, ତାଙ୍କ ପାଖରେ ପରଭାଷାରେ କହିବାର ଏକ ଦାନ ଅଛି । ଏବଂ ସେ ପରଭାଷାରେ କଥା କୁହନ୍ତି । ସମସ୍ତେ ନୀରବ ରହିଥାନ୍ତି । ଏବଂ ତାହାପରେ ଜଣେ ଉଠନ୍ତି ଓ ସେ ଯାହା କହିଲେ ତାହାର ଅର୍ଥ କରନ୍ତି । ତେବେ, ଏହା ପୂର୍ବେକି ତାହା ମଣ୍ଡଳୀକୁ ଦିଆଯାଇପାରେ, ବାଇବଲ କୁହେ ଯେ ଏହାକୁ ଦୁଇ ବା ତିନି ଜଣ ସାକ୍ଷୀଙ୍କ ମଧ୍ୟରେ ବିଚାର କରାଯିବାକୁ ଅଛି । ତେବେ, ସେ ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କ ପାଖରେ ଆତ୍ମାର ବୁଝାମଣା ଜ୍ଞାନ ଅଛି (ବୁଝିଲେ?), କାରଣ ଅନେକ ଥର ସେଠାରେ ମନ୍ଦ ଶକ୍ତି ପ୍ରବେଶ କରେ । (ବୁଝିଲେ?) ପାଉଲ ଏହା ବିଷୟରେ କହିଥିଲେ । କିନ୍ତୁ ତାହାପରେ, ପରମେଶ୍ୱରଙ୍କ ଶକ୍ତି ମଧ୍ୟ ସେଠାରେ ଅଛି । ମୋତେ ଗୋଟିଏ ମଣ୍ଡଳୀ କୁହନ୍ତୁ ଯେଉଁଠାରେ ମନ୍ଦତା ବାସ କରେ ନାହିଁ । ମୋତେ କୁହନ୍ତୁ ଯେ ଏପରି କେଉଁଠାରେ ଅଛି ଯେ ପରମେଶ୍ୱରଙ୍କ ପୁତ୍ରଗଣ ଯେଉଁଠାରେ ଏକତ୍ରିତ ହୋଇଥାନ୍ତି ଶୟତାନ ସେଠାରେ ସେମାନଙ୍କ ମଧ୍ୟରେ ରହେ ନାହିଁ । ଏହା ତ ସବୁକିଛି ଅଟେ । ତେଣୁ ସେଥିରେ ଭୟ କରନ୍ତୁ ନାହିଁ । ବୁଝିଲେ? ଶୟତାନର ସବୁଆଡେ ଅଛି । ବର୍ତ୍ତମାନ, ଆମେ ଏଠାରେ ଅଛୁ । କେହି ଜଣେ ପରଭାଷାରେ କଥା କୁହନ୍ତି । ତେବେ, ସେଠାରେ ତିନି ଜଣ ବସିଛନ୍ତି ଯେଉଁମାନଙ୍କ ପାଖରେ ବୁଝାମଣାର ପରିଭେଦକ ଆତ୍ମା ଅଛି । ଏବଂ ଜଣେ ପରଭାଷାରେ କଥା କୁହନ୍ତି ଓ ଏକ ବାର୍ତ୍ତା ଦିଅନ୍ତି । ତେବେ, ଏହା ଶାସ୍ତ୍ର ଉଦ୍ଧୃତ କରିବା ହୋଇପାରେ ନାହିଁ, କାରଣ ପରମେଶ୍ୱର ବୃଥା ପୁନରାବୃତ୍ତି କରନ୍ତି ନାହିଁ, ଏବଂ ସେ ଆମକୁ ତାହା ନ କରିବା ପାଇଁ କହିଛନ୍ତି । ବୁଝିଲେ? ତେଣୁ ଏହା ତାହା ନୁହେଁ । ଏହା ମଣ୍ଡଳୀ ପାଇଁ ଏକ ବାର୍ତ୍ତା ଅଟେ ।

125 ଏହି ଉଦ୍ଦୀପନାରେ ଆମର ଏଯାଏଁ ଦୁଇଟି ବିଷୟ ରହିଆସିଛି । ଦେଖନ୍ତୁ ଯେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଟି କଅଣ ଥିଲା—ସଂପୂର୍ଣ୍ଣଭାବେ, ଠିକ୍ ଲକ୍ଷ୍ୟବିନ୍ଦୁ ଉପରେ । ବୁଝିଲେ? ଭିତରକୁ ପଶି ଆସିଲା । ଜଣେ ଲୋକ ଉଠିଲେ, ଏବଂ ପରଭାଷାରେ କଥା କହିଲେ, ଆଉ ଅର୍ଥ କହିଲେ, ଏବଂ ଠିକ୍ ବୁଲି ପଡ଼ିଲେ, ଓ ସେହି ବାର୍ତ୍ତାକୁ ସୁପ୍ରମାଣିତ କଲେ ଯାହାକି ବର୍ତ୍ତମାନ ଆସି ଅଛି । ଅନ୍ୟ ଜଣେ ଅନ୍ୟ ଏକ ରାତିରେ ଉଠିଲେ, ଏବଂ ଭବିଷ୍ୟତ୍‌ବାଣୀର ପ୍ରେରଣା ଅଧୀନରେ—ରେ କହିଲେ, ଏବଂ କିଛି ଗୋଟାଏ କହିଲେ, ଏହା ନ ଜାଣି ଯେ ସେ କଅଣ କହୁଛନ୍ତି; ଏବଂ ତାହାପରେ ଶେଷରେ ସେ କହି ଉଠିଲେ, "ଯିଏ ପ୍ରଭୁଙ୍କ ନାମରେ ଆସନ୍ତି, ସେ ଧନ୍ୟ ।" ଶୀଘ୍ର ହିଁ କିଛି ଗୋଟାଏ ମୋତେ ତୁରନ୍ତ ଧରି ପକାଇଲା ଏବଂ କହିଲା, "ନଚେତ୍ ଯିଏ ବିଶ୍ୱାସ କରନ୍ତି ଯେ ଏହା ପ୍ରଭୁ ହିଁ ଅଟନ୍ତି ଯିଏକି ଆସିଛନ୍ତି ସେ ଧନ୍ୟ ।"

126 ଦେଖନ୍ତୁ ସେହି ଚିତ୍ତାକ—ତାହାପରେ ଗତକାଲି ରାତିରେ ଭବନରେ ପବିତ୍ରଆତ୍ମା ଓହ୍ଲାଇ ଆସିଥିଲେ । ବୁଝିଲେ? ତାହା ନିଷ୍ପା ଜନ୍ମାଇବା ପାଇଁ । ମୁଁ ସେଠାରେ ଠିଆ ହୋଇ ଲୋକମାନଙ୍କୁ ଏହା କହିବାକୁ ଚେଷ୍ଟା କରୁଥିଲି ଯେ ସେମାନଙ୍କୁ ନିଶ୍ଚିତ ଭାବରେ ପବିତ୍ରଆତ୍ମା ପ୍ରାପ୍ତ କରିବା ଉଚିତ । ଆଉ ଶୟତାନ ଲୋକମାନଙ୍କ ଚାରିପାଖରେ ଆସି, କହିଥିଲା, "ଶୁଣ ନାହିଁ; ଚୁପ୍ କରି ବସିଥାଅ ।"

ମୋ ଭଉଣୀ କହିଲା, "ବିଲ୍, ତୁମେ ଯେତେବେଳେ ପ୍ରଚାର କରୁଥିଲ ସେହି ସମୟରେ ମୁଁ ବହୁତ ଖୁସି ଥିଲି; ଏପରି ଅନୁଭବ କରୁଥିଲି ଯେ ମୁଁ ଉଠି ପଡ଼ି କାନ୍ଥ ଡେଇଁପାରିବି ।"

ମୁଁ କହିଲି, "ଉଠ ଏବଂ ଡେଇଁପଡ ।" ତାହାହିଁ ସବୁକିଛି ଅଟେ ।

ଏବଂ ସେ କହିଲା, "କିନ୍ତୁ ଯେତେବେଳେ ତୁମେ ତାହା କରିବାକୁ ଗଲ," ଏବଂ କହିଲା, "ଲୋକମାନେ ଚିତ୍କାର କରିବାକୁ ଲାଗିଲେ," କହିଲା, "ତାହାପରେ ମୁଁ ଅନୁଭବ କଲି ଯେ ମୁଁ ଏକ ପୁରୁଣା କିଛି ନୁହେଁ ।"

127 ମୁଁ କହିଲି, "ତାହା ଶୟତାନ ଅଟେ । ତାହା ହେଉଛି ଶୟତାନ । ଯେତେବେଳେ ସେ ତାହା କରିବାକୁ ଆସେ," ମୁଁ କହିଲି, "ତୁମକୁ ଯେକୌଣସି ପ୍ରକାରେ ହେଲେ ଉଠିବାର ଉଚିତ୍ ଥିଲା ।" ଆମେ ପରମେଶ୍ୱରଙ୍କ ଯାଜକମାନ ଅଟୁ, ଓ ଆତ୍ମିକ ବଳିଦାନ—ବଳିଦାନ ଅର୍ପଣ କରୁଥାଉ, ଆମ ଓଷ୍ଠାଧରର ଫଳ ତାହାଙ୍କ ନାମର ପ୍ରଶଂସା ନିମନ୍ତେ ଦେଇଥାଉ । ବୁଝିଲେ?

128 ତେବେ, ବର୍ତ୍ତମାନ, ଏଠାରେ ତାହା ଅଟେ ଯାହାକି ଘଟିଥିଲା । ତାହାପରେ ପବିତ୍ରଆତ୍ମା ଓହ୍ଲାଇ ଆସିଲେ, କାରଣ ତାହାହିଁ ଠିକ୍..."ଯିଏ ବିଶ୍ୱାସ କରେ ସେ ଧନ୍ୟ ।" ଦୁଇ, ତିନି ରାତି ହେବ ସିଧାସଳଖ ମୁଁ ତାହା ସେଠାରେ ସ୍ଥାପନ କରିବାକୁ ଚେଷ୍ଟା କରିଥିଲି; ଏବଂ ତାହାପରେ, ପବିତ୍ରଆତ୍ମା କଥା କହିଥଲେ ଏବଂ କହିଲେ (ପ୍ରେରଣା ଅଧିନରେ) କହିଲେ, "ଯିଏ ପ୍ରଭୁଙ୍କ ନାମରେ ଆସନ୍ତି, ସେ ଧନ୍ୟ ।" ଏବଂ ଏହା ପୂର୍ବେକି ମୁଁ କିଛି କହିପାରନ୍ତି, ମୁଁ ତାହା କହି ସାରିଥିଲି । "ଯିଏ ବିଶ୍ୱାସ କରନ୍ତି ଯେ ପ୍ରଭୁ ଏଥିରେ ଆସିଛନ୍ତି ସେ ଧନ୍ୟ ।" କଅଣ ଆପଣ ଦେଖୁଛନ୍ତି? ଏବଂ ମୁଁ ବର୍ତ୍ତମାନ ଠିକ୍ ତାହାହିଁ କହିଅଛି, ପବିତ୍ରଆତ୍ମା ଆପଣଙ୍କ ଭିତରେ ସ୍ୱୟଂ ପରମେଶ୍ୱର ଅଟନ୍ତି । ବୁଝିଲେ? ଏବଂ ସେମାନେ ଏହାକୁ ଧରି ପକାନ୍ତି । ବୁଝିଲେ? ଏବଂ ତାହାପରେ ପବିତ୍ରଆତ୍ମା ଲୋକମାନଙ୍କ ମଧ୍ୟରେ ଓହ୍ଲାଇ ଆସିଲେ । ଦେଖନ୍ତୁ ଯେ କିପରି ଏହା—ଏହା ନିଷ୍ଠା ଜନ୍ମାଇଥାଏ, ଭବିଷ୍ୟତ୍‌ବାଣୀ?

129 ତେବେ, ଭବିଷ୍ୟତ୍‌ବାଣୀ ଏବଂ ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ମଧ୍ୟରେ ପାର୍ଥକ୍ୟ ଅଛି । ଭବିଷ୍ୟତ୍‌ବାଣୀ ଗୋଟିଏରୁ ଅନ୍ୟ ପାଖକୁ ଯାଏ, କିନ୍ତୁ ଜଣେ ଭବିଷ୍ୟଦ୍‌ବକ୍ତା ଶିଶୁ ଶଯ୍ୟାରୁ ହିଁ ଏକ ଭବିଷ୍ୟଦ୍‌ବକ୍ତା ହୋଇ ଜନ୍ମଗ୍ରହଣ କରିଥାନ୍ତି । ସେମାନଙ୍କ ପାଖରେ **ସଦାପ୍ରଭୁ ଏହି କଥା କୁହନ୍ତି** ରହିଛି! ସେମାନଙ୍କୁ କୌଣସି ପ୍ରକାରେ ବିଚାର କରୁ ନାହୁଁ । ଆପଣ ସେମାନଙ୍କୁ ଯିଶାଇୟ, କିମ୍ବା ଯିରିମିୟ, ସେହି ଭବିଷ୍ୟଦ୍‌ବକ୍ତାମାନଙ୍କ ମଧ୍ୟରୁ କାହାରି ସମ୍ମୁଖରେ ଠିଆ ହୋଇଥିବାର ଦେଖନ୍ତି ନାହିଁ, କାରଣ ସେମାନଙ୍କ ପାଖରେ **ସଦାପ୍ରଭୁ ଏହି କଥା କୁହନ୍ତି** ରହିଥିଲା । କିନ୍ତୁ ଲୋକମାନଙ୍କ ମଧ୍ୟରେ ଭବିଷ୍ୟତ୍‌ବାଣୀ କରିବାର ଏକ ଆତ୍ମା; ଆପଣଙ୍କୁ ତାହା ଲକ୍ଷ୍ୟ କରିବାକୁ ଅଛି, କାରଣ ଶୟତାନ ସେଠାରେ ତାହା ଭିତରେ ପ୍ରବେଶ କରି ଯିବ । ବୁଝିଲେ? ବର୍ତ୍ତମାନ । କିନ୍ତୁ ଏହାର ବିଚାର କରାଯିବା ଜରୁରୀ ।

130 ତେବେ, ଆମର—ଆମର ଏକ ଉଦ୍ଦୀପନା ହେବାକୁ ଯାଉଅଛି । ତେବେ, ଆପଣ ସେବକମାନେ, ବର୍ତ୍ତମାନ ଏହାକୁ ପ୍ରକୃତରେ ଧ୍ୟାନ ସହକାରେ ଦେଖନ୍ତୁ । ଆମେ ଏକ

ଉଦ୍ଦୀପନା ସଭା କରିବାକୁ ସ୍ଥିର କରୁଛୁ । ଠିକ୍ ଅଛି । କିଅବା ବୋଧହୁଏ ଆମର ଠିକ୍ ଏକ ନିୟମିତ ମାଣ୍ଡଳିକ ସେବା ହେଉଅଛି । ମଣ୍ଡଳୀ ପ୍ରଜ୍ୱଳିତ ହେଉଅଛି । ଏହା ସବୁ ସମୟରେ ହେବା ଉଚିତ୍ । ତେବେ, ବୋଧହୁଏ ଆମ ପାଖରେ ପାଞ୍ଚ କିମ୍ବା ଛଅ ଜଣ ଅଛନ୍ତି ଯେଉଁମାନେକି ବରଦାନପ୍ରାପ୍ତ ଲୋକ; ଜଣେ ପରଭାଷାରେ କଥା କୁହେ, ଦୁଇ କିମ୍ବା ତିନି ଜଣ ହୁଏତ ପରଭାଷାରେ କଥା କୁହନ୍ତି, ଚାରି କିମ୍ବା ପାଞ୍ଚ ଜଣ ପରଭାଷାରେ କଥା କୁହନ୍ତି, ପରଭାଷାର ଦାନପ୍ରାପ୍ତ ଥାଆନ୍ତି, ଅଜ୍ଞାତ ଭାଷାରେ କଥା କହୁଥାନ୍ତି । ସେମାନଙ୍କ ମଧ୍ୟରୁ ଦୁଇ ବା ତିନି ଜଣ ଅର୍ଥ କରିପାରନ୍ତି । ବୋଧହୁଏ ସେଠାରେ ଗୋଟିଏ—ଦୁଇଟି, କିମ୍ବା ସେମାନଙ୍କ ମଧ୍ୟରୁ ତିନୋଟି ଥାଆନ୍ତି ଯାହାଙ୍କ ପାଖରେକି ଜ୍ଞାନର ବରଦାନ ରହିଥାଏ । ଠିକ୍ ଅଛି । ସେମାନେ ସମସ୍ତେ ଭେଟନ୍ତି, ସେହି ଦାନପ୍ରାପ୍ତ ବ୍ୟକ୍ତିମାନେ...ଆପଣ...ସେହି ଦାନଗୁଡିକ ଆପଣଙ୍କୁ ତାହା ସହିତ ଖେଳିବା ପାଇଁ ଦିଆଯାଇ ନାହିଁ, ଏହା କହିବା ପାଇଁ ନୁହେଁ, “ପରମେଶ୍ୱରଙ୍କ ଗୌରବ ହେଉ, ମୁଁ ପରଭାଷାରେ କଥା କୁହେ! ହାଲ୍ଲେଲୁୟା!” ଆପଣ କରିବେ—ଆପଣ—ଆପଣ ନିଜକୁ ନ୍ୟୁନ କରୁଛନ୍ତି । ସେଗୁଡ଼ିକ, ଆପଣଙ୍କୁ ତାହା ସହିତ କାମ କରିବା ପାଇଁ ଦିଆଯାଇଛି । ଏବଂ ମଣ୍ଡଳୀରେ ଆପଣଙ୍କର ଭାଗ ମୁଖ୍ୟ ସେବା ଆରମ୍ଭ ହେବା ପୂର୍ବରୁ ଆସିବା ଉଚିତ, କାରଣ ଅଶିକ୍ଷିତମାନେ ଆମ ମଧ୍ୟରେ ରହିବାକୁ ଯାଉଛନ୍ତି ।

131 ତାହାପରେ ଆପଣ କକ୍ଷକୁ ଚାଲିଯାଆନ୍ତି, ଏବଂ ଆପଣ ସେଠାରେ ବସିରୁହନ୍ତି, ଆପଣ ଲୋକମାନେ ଏକତ୍ର ହୋଇ, କାରଣ ଆପଣ ସୁସମାଚାରରେ ସହ-କର୍ମୀ ଅଟନ୍ତି । ତାହାପରେ ଆପଣ ସେଠାରେ ବସି ରହିଥାଆନ୍ତି । “ପ୍ରଭୁ, କଅଣ ଆଜି ରାତି ଏପରି କିଛି ଅଛି ଯାହାକି ଆମେ ଜାଣୁ ବୋଲି ଆପଣ ଚାହୁଁଛନ୍ତି? ହେ ସ୍ୱର୍ଗୀୟ ପିତା, ଆମ ସହିତ କଥା କୁହ,” ପ୍ରାର୍ଥନା, ନିବେଦନ ଅର୍ପଣ କରୁଥାନ୍ତି; ଗୀତ ଗାନ କରୁଥାଆନ୍ତି । ଆଉ ଆତ୍ମା ସିଧାସଳଖ ତଳକୁ ଓହ୍ଲାଇ ଆସନ୍ତି, କାହାରି ଉପରେ ଅବତରିତ ହୁଅନ୍ତି, ପରଭାଷାରେ କଥା କୁହନ୍ତି । ଜଣେ ଉଠି ପଡନ୍ତି ଓ କୁହନ୍ତି, “**ସଦାପ୍ରଭୁ ଏହି କଥା କୁହନ୍ତି** ।” ଏହା କଅଣ ଅଟେ? ଶୁଣନ୍ତୁ । “ଯାଇ ଭାଇ ଜୋନ୍ସଙ୍କୁ କୁହ ଯେ ସେ ରହୁଥିବା ସ୍ଥାନଠାରୁ ଦୂରକୁ ଚାଲି ଯାଆନ୍ତୁ, କାରଣ ଆସନ୍ତାକାଲି ଅପରାହ୍ନରେ ସେହି ଦେଶରେ ଏକ ଘୂର୍ଣ୍ଣିବଳୟ ଆଘାତ କରିବ; ଏବଂ ଏହା ତାଙ୍କ ଘରକୁ ଭାଙ୍ଗି ଦେବାକୁ ଯାଉଅଛି । ସେ ନିଜର ଜିନିଷ ପତ୍ର ନିଅନ୍ତୁ ଓ ସେଠାରୁ ପଳାଇ ଯାଆନ୍ତୁ!”

132 ତେବେ, ତାହା—ତାହା ଭଲ ଶୁଭାଯାଏ । କିନ୍ତୁ ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ । ସେଠାରେ ତିନି ଜଣ ଲୋକ ରହିବାକୁ ଅଛି ଯାହାଙ୍କ ପାଖରେ ବୁଝାମଣାର ଆତ୍ମା ଥାଏ । ସେମାନଙ୍କ ମଧ୍ୟରୁ ଜଣେ କୁହନ୍ତି, “ଏହା ପ୍ରଭୁଙ୍କର ଥିଲା ।” ଅନ୍ୟ ଜଣକ କୁହନ୍ତି, “ଏହା ପ୍ରଭୁଙ୍କର ଥିଲା ।” ତାହା ତିନି ବିପକ୍ଷରେ ଦୁଇ ହେଲା—ଦୁଇ କିମ୍ବା ତିନି ସାକ୍ଷୀ । ଠିକ୍ ଅଛି । ସେମାନେ ଏହାକୁ ଏକ କାଗଜ ଖଣ୍ଡରେ ଲେଖନ୍ତି । ତାହାହିଁ ଅଟେ ଯାହାକି ଆତ୍ମା କୁହେ । ଠିକ୍ ଅଛି । ସେମାନେ ପ୍ରଭୁଙ୍କୁ ଧନ୍ୟବାଦ ଦେଇ, ପ୍ରାର୍ଥନା କରିବାକୁ ଫେରିଯାଆନ୍ତି ।

133 କିଛି ସମୟ ପରେ, "**ସଦାପ୍ରଭୁ ଏହି କଥା କୁହନ୍ତି** (ଜଣେ ଭବିଷ୍ୟଦ୍‌ବକ୍ତା ଉଠନ୍ତି) **ସଦାପ୍ରଭୁ ଏହି କଥା କୁହନ୍ତି**, ଆଜି ରାତି, ନ୍ୟୁୟର୍କ ସହରରୁ ଆସୁଥିବା ଜଣେ ମହିଳା ରହିବେ; ସେ ଏକ ଷ୍ଟ୍ରେଚରରେ ଅଛନ୍ତି; ସେ ଏକ ଷ୍ଟ୍ରେଚରରେ ଭବନକୁ ଆସିବେ। ତାଙ୍କ ମୁଣ୍ଡରେ ଏକ ସବୁଜ ସ୍କାର୍ଫ ରହିଅଛି। ସେ କର୍କଟ ରୋଗରେ ମରୁଛନ୍ତି। ତାଙ୍କୁ ଏପରି ଅବସ୍ଥାରେ ହେବାର କାରଣ ହେଉଛି, ପ୍ରଭୁ ତାଙ୍କ ବିରୁଦ୍ଧରେ କିଛି ଧରିଛନ୍ତି: ଥରେ ସେ ଷୋହଳ ବର୍ଷ ବୟସରେ ତାହାଙ୍କ ମଣ୍ଡଳୀରୁ ଟଙ୍କା ଚୋରି କରିଥିଲେ। ତାଙ୍କୁ ଏହି କଥା କହିବା ପାଇଁ ଭାଇ ବ୍ରାନହାମ୍‌କୁ କୁହ। **ସଦାପ୍ରଭୁ ଏହି କଥା କୁହନ୍ତି**, ଯଦି ସେ ତାହା ଠିକ୍ କରିଦେବେ, ତେବେ ସେ ସୁସ୍ଥ ହୋଇଯିବେ।" ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ। ତାହା ଭୟଙ୍କର ଭଲ ଶୁଭାଯାଏ, କିନ୍ତୁ ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ। ହେ ପରିଭେଦକ, କଅଣ ଆପଣ ନିଜର ନାମକୁ ଏହି କାଗଜରେ ଲେଖିବାକୁ ଯାଉଛନ୍ତି? କଅଣ ଆପଣ ନିଜର ନାମ ରଖିବାକୁ ଯାଉଛନ୍ତି କି?

134 "ଏହା ପ୍ରଭୁଙ୍କର ଥିଲା।" ଜଣେ କହିଲା, "ଏହା ପ୍ରଭୁଙ୍କର ଥିଲା।" ତାହାପରେ— ତାହାପରେ ଆପଣ ଏହାକୁ ଲେଖି ଦିଅନ୍ତୁ, "**ସଦାପ୍ରଭୁ ଏହି କଥା କୁହନ୍ତି**, ଆଜି ରାତି ଜଣେ ମହିଳା ଆସିବେ, ଏକ ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ ବିଷୟ।" ଗୁପ୍ତ ବିଷୟର ପରିଭେଦକ ଆତ୍ମା ଥିବା ସେହି ବ୍ୟକ୍ତି, ସେମାନଙ୍କ ମଧ୍ୟରୁ ଦୁଇ ବା ତିନି ଜଣ ସେମାନଙ୍କ ନାମରେ ଦସ୍ତଖତ କରିଛନ୍ତି। ଏହି ସମସ୍ତ ବାର୍ତ୍ତା ଦିଆଯାଇଛି। ଠିକ୍ ଅଛି।

135 ତାହାପରେ କିଛି ସମୟ ପରେ ସେମାନେ ଘଣ୍ଟି ବାଜିବାର ଶବ୍ଦ ଶୁଣିବାକୁ ପାଆନ୍ତି। ଗୀର୍ଜା ଆରମ୍ଭ ହେବାରେ ଲାଗିଥାଏ। ତାହାପରେ ସେମାନେ ଏହି ବାର୍ତ୍ତାଗୁଡ଼ିକୁ ଆଣନ୍ତି, ସେଗୁଡ଼ିକୁ ଠିକ୍ ଏହି ମେଜ ଉପରେ ରଖି ଦିଅନ୍ତି। ଠିକ୍ ଏଠାରେ ଯେଉଁଠାରେକି ସେଗୁଡିକ ରଖାଯିବା ଅଟେ। ମୁଁ ଅନ୍ୟ କୌଣସି ସ୍ଥାନରେ ଅଧ୍ୟୟନ କରୁଥାଏ, ପ୍ରାର୍ଥନା କରୁଥାଏ। କିଛି ସମୟ ପରେ ଗୀତ ଗାନ କରାଯିବା ପରେ ମୁଁ ବାହାରି ଆସେ। ଗୀର୍ଜା ସର୍ବତ୍ର କ୍ରମରେ ଥାଏ, ଲୋକମାନେ ଆସୁଥାନ୍ତି, ବସୁଥାନ୍ତି, ଧ୍ୟାନ କରୁଥାନ୍ତି, ପ୍ରାର୍ଥନା କରୁଥାନ୍ତି; ତାହାହିଁ ଅଟେ ଯାହାକି ଆପଣ କରିବା ଉଚିତ୍। ଏପରି ନୁହେଁ ଯେ ମଣ୍ଡଳୀକୁ ଆସିଲେ ଓ ପରସ୍ପର ସହ କଥାବାର୍ତ୍ତା ହେଉଛନ୍ତି, ମଣ୍ଡଳୀକୁ ପରମେଶ୍ୱରଙ୍କ ସହ କଥା ହେବା ପାଇଁ ଆସନ୍ତୁ। ସେଠାରେ ଆପଣଙ୍କର ସହଭାଗିତା କରନ୍ତୁ। ବୁଝିଲେ? ଆମେମାନେ ବର୍ତ୍ତମାନ ପରମେଶ୍ୱରଙ୍କ ସହ ସହଭାଗୀତା କରୁଅଛୁ। ଏବଂ ଆମେ ଏଠାକୁ କଥାବାର୍ତ୍ତା କରିବାକୁ ଆସୁ, ସବୁକିଛି ନୀରବତାରେ, ଆଦର ସହିତରେ, ଆତ୍ମା ବିଚରଣ କରୁଥାନ୍ତି। ଗୀତ ସେବା ଆରମ୍ଭ ହେବାର ପ୍ରାୟଃ ପାଞ୍ଚ ମିନିଟ୍ ପୂର୍ବରୁ ପିଆନୋବାଦକ ପିଆନୋକୁ ଆସନ୍ତି, ପ୍ରକୃତରେ ମଧୁର ଭାବେ ଆରମ୍ଭ କରନ୍ତି:

କ୍ରୁଶରେ ଯେଉଁଠାରେ ମୋର ତ୍ରାଣକର୍ତ୍ତା ମୃତ୍ୟୁବରଣ କଲେ,
ସେଠାରେ ପାପରୁ ପରିଷ୍କାର କରାଯିବା ପାଇଁ ମୁଁ କ୍ରନ୍ଦନ କଲି;

କିମ୍ବା କିଛି ଭଲ ମଧୁର ଗୀତ, ପ୍ରକୃତରେ ଧୀର ଭାବରେ। ଏହା ପବିତ୍ରଆତ୍ମାଙ୍କ ଉପସ୍ଥିତିକୁ ସଭା ମଧ୍ୟକୁ ଆଣିଥାଏ । ବୁଝିଲେ? ଠିକ୍ ଅଛି ।

136 ଲୋକମାନେ ସେଠାରେ ବସିଥାନ୍ତି । ସେମାନଙ୍କ ମଧ୍ୟରୁ ତ କେତେକ ବାସ୍ତବରେ—କାନ୍ଦିବା ଆରମ୍ଭ କରି ଦିଅନ୍ତି ଏବଂ ଯଜ୍ଞ ବେଦୀକୁ ଆସନ୍ତି, ସେବା ଆରମ୍ଭ ହେବା ପୂର୍ବରୁ ଅନୁତାପ କରନ୍ତି । ପବିତ୍ରଆତ୍ମା ସେଠାରେ ଥାଆନ୍ତି । ବୁଝିଲେ? ମଣ୍ଡଳୀ ଯନ୍ତ୍ରଣାରେ ଅଛି । ଖ୍ରୀଷ୍ଟିଆନମାନେ ପ୍ରାର୍ଥନା କରୁଥାନ୍ତି; ସେମାନେ ସେମାନଙ୍କର ସ୍ଥାନରେ ରହିଥାଆନ୍ତି । ସେମାନେ ସେଠାରେ ବସି ଚୁଇଙ୍ଗମ୍ ଚୋବାଉ ନ ଥାଆନ୍ତି, ଓ କହୁ ନ ଥାଆନ୍ତି, "ହେ, ଲିଡି, ମୋତେ ତୁମର କିଛି ଲିପଷ୍ଟିକ୍ ଦିଅ; ମୁଁ ଚାହେଁ...ତୁମେ ଜାଣିଛ । ତୁମେ ଜାଣିଛ । ମୋତେ ଦରକାର...ତୁମେ ଜାଣ, ଅନ୍ୟ ଦିନ ଯେତେବେଳେ ମୁଁ ସେଠାରେ କ୍ରୟ କରୁଥିଲି, ମୁଁ ତୁମକୁ କହୁଛି, ମୁଁ ପ୍ରାୟଃ ତୁମ ଭଳି ବ୍ୟବହାର କରୁଥିଲି । କଅଣ ମୁଁ କେବେ ଏପରି ଦେଖିଛି କି...ତାହା ବିଷୟରେ ତୁମେ କଅଣ ଭାବୁଛ?" ଓଃ, ଦୟା କର! ଏବଂ ଏହାକୁ ପରମେଶ୍ୱରଙ୍କ ଗୃହ ବୋଲି କୁହ । କାହିଁକି, ଏହା ଏକ ଅପମାନ ଅଟେ । ଖ୍ରୀଷ୍ଟଙ୍କ ଶରୀର ଏକାଠି ଆସୁଅଛି । ସେଠାରେ ଆମେ ବସିଅଛୁ ।

ସେଠାରେ ବସିଥିବା ସେହି ବ୍ୟକ୍ତି, "କୁହନ୍ତୁ, ଆପଣ ଜାଣିଛନ୍ତି ଯେତେବେଳେ ଆମେ ସେଠାକୁ ଗଲୁ, ଏହି *ଅମୁକ-ଓ-ଅମୁକ* ଏବଂ *ଅମୁକ-ଓ-ଅମୁକ-ଓ-ଅମୁକ*..." ତାହା ବାହାରେ ସବୁ ଠିକ୍ ଅଛି, କିନ୍ତୁ ଏଠାରେ ଏହା ପରମେଶ୍ୱରଙ୍କ ଘର ଅଟେ ।

137 ପ୍ରାର୍ଥନା କରୁ କରୁ ଆସନ୍ତୁ; ନିଜର ସ୍ଥାନଗୁଡିକୁ ଗ୍ରହଣ କରନ୍ତୁ । ଭାଇମାନେ, ମୁଁ ବର୍ତ୍ତମାନ, ଆପଣଙ୍କର ମଣ୍ଡଳୀଗୁଡିକୁ କହୁ ନାହିଁ । ମୁଁ ଜାଣେ ନାହିଁ ଆପଣମାନେ କଅଣ କରନ୍ତି; ମୁଁ ଏହି ଆରାଧନାଳୟ ସହିତ କଥାବାର୍ତ୍ତା କରୁଅଛି । ମୁଁ ମୋର ନିଜର ବାଡି ପଛ ସହିତ କଥାବାର୍ତ୍ତା କରୁଛି । ବୁଝିଲେ? ତାହା ଠିକ୍ ।

138 ବର୍ତ୍ତମାନ, ଯେତେବେଳେ ଆପଣ ସେପରି ଭାବରେ ଭିତରକୁ ଆସନ୍ତି, ତେବେ ପ୍ରଥମ ବିଷୟ ଆପଣ ଜାଣନ୍ତି, ପାଳକ ବାହାରି ଆସନ୍ତି । ସେ ସତେଜ ଥାଆନ୍ତି । ତାଙ୍କୁ *ଏହା, ତାହା,* ଏବଂ *ଅନ୍ୟକିଛି* ଉତ୍ତର ଦେବାକୁ ପଡ଼େ ନାହିଁ । ସେ ତାଙ୍କର ସେବାକାର୍ଯ୍ୟର ସେହି—ସେହି ଶିଶିରରୁ ଠିକ୍ ବାହାରି ଆସୁଥାନ୍ତି । ସେ ପବିତ୍ରଆତ୍ମାଙ୍କ ଅଧୀନରେ ରହି ଆସିଛନ୍ତି । ସେ ଠିକ୍ ସେହି ସ୍ଥାନକୁ ଚାଲି ଆସନ୍ତି ଯେଉଁଠାରେ ଅଧିକ ସଂଖ୍ୟାରେ ଅଗ୍ନି ଜିହ୍ୱାଗୁଡିକ ଏକତ୍ରିତ ହୋଇଥାଏ । ଏହା ବର୍ତ୍ତମାନ ପ୍ରାୟଃ ଏକ ସ୍ତମ୍ଭ ଅଟେ (ବୁଝିଲେ?), ସେ ଘୁରି ବୁଲୁଥାଏ । ସେ ଏଠାରେ ଚାଲି ଆସନ୍ତି, ଏହାକୁ ଉଠାଇ ନିଅନ୍ତି । "ମଣ୍ଡଳୀରୁ ଏକ ବାର୍ତ୍ତା: '**ସଦାପ୍ରଭୁ ଏହି କଥା କୁହନ୍ତି**, ଭାଇ ଜୋନ୍ସ ତାଙ୍କ ଘରୁ ଦୂରେଇ ଯିବାକୁ । ଆସନ୍ତାକାଲି ଅପରାହ୍ନ ଦୁଇଟାରେ ଏକ ଘୂର୍ଣ୍ଣିବଳୟ ତାଙ୍କ ଭୂମିକୁ ଆଘାତ କରିବ । ତାଙ୍କର ଜିନିଷ ପତ୍ର ନେଇ ଚାଲି ଯାଆନ୍ତୁ ।'" ଭାଇ ଜୋନ୍ସ ତାହା ପାଆନ୍ତି । ଠିକ୍ ଅଛି । ତାହା ଅଭିଲେଖରେ ଅଛି । "**ସଦାପ୍ରଭୁ ଏହି କଥା କୁହନ୍ତି**, ସେଠାରେ ଜଣେ ମହିଳା *ଅମୁକ-ଓ-ଅମୁକ* ନାମରେ ଆଜି ରାତିରେ ଏଠାକୁ ଆସିବେ,

ଏବଂ ତାହା ହେଲା—ସେ *ଅମୁକ-ଓ-ଅମୁକ* କରିଛନ୍ତି ।" (ଯେପରିକି ମୁଁ ବର୍ତ୍ତମାନ କହିଅଛି, ଦେଖନ୍ତୁ, ସେହିପରି ଭାବରେ ।) ଠିକ୍ ଅଛି, ତାହା ଶେଷ ହୋଇଥାଏ । ଏହାହିଁ ତାହା ଅଟେ । ସେମାନେ ବର୍ତ୍ତମାନ ମଣ୍ଡଳୀରେ ସେମାନଙ୍କର ସ୍ଥାନ ଗ୍ରହଣ କରି ସାରିଛନ୍ତି । ଠିକ୍ ଅଛି ।

139 ତାହାପରେ ସେ ବାର୍ତ୍ତା ନିଅନ୍ତି । ଏବଂ ପ୍ରଥମ ବିଷୟ ଆପଣ ଜାଣନ୍ତି, ସେ ପ୍ରଚାର କରିବା ଆରମ୍ଭ କରନ୍ତି । ବାଧା ଦେବା ପାଇଁ କିଛି ନୁହେଁ; ଏହା ତ ପୂର୍ବରୁ ହୋଇସାରିଛି । ବର୍ତ୍ତମାନ, ଆମେ ଆଗକୁ ଯାଉଅଛୁ, ଆମେ ବାର୍ତ୍ତା ପ୍ରଚାର କରୁଛୁ ।

140 ଏବଂ କିଛି ସମୟ ପରେ ଯେତେବେଳେ...ପ୍ରଥମ ବିଷୟ ଆପଣ ଜାଣନ୍ତି ଯେତେବେଳେ ବାର୍ତ୍ତା ଶେଷ ହୋଇଯାଏ, ଆରୋଗ୍ୟତା ପଂକ୍ତି ଆରମ୍ଭ ହୁଏ । ଏଠାରେ ଜଣେ ମହିଳା ଆସନ୍ତି । କେହି ଜଣେ ପରଭାଷାରେ କଥା କୁହନ୍ତି ଓ କହିଲେ ଯେ ସେ ଆସୁଛନ୍ତି । ବୁଝିଲେ? ଆମମାନଙ୍କ ମଧ୍ୟରୁ ସମସ୍ତେ ଜାଣନ୍ତି ଯେ କଅଣ ଘଟିବାକୁ ଯାଉଅଛି । ଆମମାନଙ୍କ ମଧ୍ୟରୁ ସମସ୍ତେ ତାହା ଜାଣନ୍ତି । ଦେଖନ୍ତୁ ଯେ ଆପଣମାନଙ୍କ ଉପରେ ବର୍ତ୍ତମାନ ଅଗ୍ନି ଜିହ୍ୱା ରହିଥିବା ସହ ବିଶ୍ୱାସ କିପରି ବୃଦ୍ଧି ପାଇବା ଆରମ୍ଭ କରେ । ସେ ଏକାଠି ଜମା ହେବା ଆରମ୍ଭ କରିସାରିଛି । କାହିଁକି, ଏହା ତ କେବଳ ଏକ ସମାପ୍ତ କାର୍ଯ୍ୟ ଅଟେ; ତାହାହିଁ ସବୁକିଛି ଅଟେ ।

ସେହି ମହିଳା...ମୁଁ କହିବି, "ନ୍ୟୁୟର୍କ ସହରରୁ, ଶ୍ରୀମତୀ *ଅମୁକ-ଓ-ଅମୁକ*, ଏଠାରେ ବସିଛନ୍ତି..." ବୁଝିଲେ?

"ଓଃ, ତାହା ଠିକ୍ ଅଟେ । ଆପଣ ତାହା କିପରି ଜାଣିଲେ?"

"ଏହା ପ୍ରଭୁଙ୍କଠାରୁ ମଣ୍ଡଳୀ ପ୍ରତି ଏକ ବାର୍ତ୍ତା ଅଟେ । ଯେତେବେଳେ ତୁମେ ଷୋହଳ ବର୍ଷର ଥିଲ, କଅଣ ତୁମେ ଏକ *ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ* ସ୍ଥାନରେ ନ ଥିଲ ଏବଂ କରିଥିଲ—ମଣ୍ଡଳୀରୁ କିଛି ଟଙ୍କା ନେଇଥିଲ, ଏବଂ ତାହା ଚୋରି କରିଥିଲ, ଓ ବାହାରକୁ ଯାଇ, ତାହା ସହିତ ନୂଆ ପୋଷାକ କିଣି ଥିଲ?"

"ଓଃ, ତାହା ଠିକ୍ ଅଟେ । ତାହା ଠିକ୍ ଅଟେ ।"

"ଅବିକଳ ଠିକ୍ ତାହାହିଁ ଅଟେ ଯାହାକି ଆଜି ରାତିରେ ପରମେଶ୍ୱର ଜଣେ *ଅମୁକ-ଓ-ଅମୁକ* ଭାଇ ମାଧ୍ୟମରେ କହିଥଲେ, ପରଭାଷାରେ କଥା ହୋଇଥିଲେ; ଭାଇ *ଅମୁକ-ଓ-ଅମୁକ* ତାର ଅର୍ଥ କଲେ; ଭାଇ *ଅମୁକ-ଓ-ଅମୁକ* ଏଠାରେ କହିଲେ, ବୁଝାମଣାର ପରିଭେଦକ ଶକ୍ତି ଅନ୍ତର୍ଗତରେ, କହିଲେ ତାହା ପ୍ରଭୁଙ୍କଠାରୁ ଆସିଅଛି । ଏବଂ ତାହା ସତ୍ୟ ଅଟେ ।"

"ହଁ!"

"ତାହାପରେ, **ସଦାପ୍ରଭୁ ଏହି କଥା କୁହନ୍ତି**, ଯାଇ ଏହାକୁ ଠିକ୍ କର, ଏବଂ ତୁମେ ତୁମର କର୍କଟ ରୋଗରୁ ମୁକ୍ତି ପାଇବ ।"

141 ଭାଇ ଜୋନ୍ସ ଘରକୁ ଯାଆନ୍ତି, ୱାଗନ୍ ଗାଡି ଆଣନ୍ତି, ତାକୁ ଖଞ୍ଜନ୍ତି, ଆସବାବପତ୍ର ଆଣନ୍ତି, ଏବଂ ସେଠାରୁ ଦୂରେକୁ ଚାଲି ଯାଆନ୍ତି । ଆସନ୍ତାକାଲି ଅପରାହ୍ନ ଦୁଇଟାରେ: ଜୋୱି! ସମଗ୍ର ଜିନିଷ ବାତ୍ୟାରେ ଧୋଇ ହୋଇଯାଏ । ବୁଝିଲେ? ତାହାପରେ ମଣ୍ଡଳୀ ମହିମା କରେ..."ପ୍ରଭୁ ଯୀଶୁ, ତୁମର ଉତ୍ତମତା ପାଇଁ, ଧନ୍ୟବାଦ ।" ତେବେ, ତାହାହିଁ ହେଉଛି, ମଣ୍ଡଳୀ ପାଇଁ, ନିଷ୍ଠା ଜନ୍ମାଇବା ।

142 ତେବେ, କଅଣ ହୁଏ ଯଦି ସେମାନେ ଏହା କହିବା ପରେ ତାହା ନ ଘଟେ? ତେବେ ଆପଣ ନିଜ ମଧ୍ୟରେ ଏକ ମନ୍ଦ ଆତ୍ମା ପାଇଛନ୍ତି । ଆପଣ ସେହି ମନ୍ଦ ବିଷୟ ଚାହାଁନ୍ତି ନାହିଁ । ଆପଣ କାହିଁକି ଏପରି କିଛି ମନ୍ଦ ବିଷୟ ଚାହିଁବେ ଯେତେବେଳେକି ସେହି—ସେହି ଆକାଶମଣ୍ଡଳଟି ପେଣ୍ଟିକଷ୍ଟାଲ୍ ବାସ୍ତବିକତାରେ ପରିପୂର୍ଣ୍ଣ ଅଟେ? ଶୟତାନଠାରୁ ଏକ ପୁରୁଣା ବିକଳ୍ପ ନିଅନ୍ତୁ ନାହିଁ । କିଛି ବାସ୍ତବ ବିଷୟ ପ୍ରାପ୍ତ କରନ୍ତୁ । ପରମେଶ୍ୱର ଆପଣଙ୍କ ପାଇଁ ତାହା ରଖିଛନ୍ତି । ତେବେ ଆପଣ ଆଉ ଅଧିକ କୌଣସି ସଭା କରନ୍ତୁ ନାହିଁ, ଏବଂ ଏଠାରେ କିଛି ରଖନ୍ତୁ ନାହିଁ, ଯେପର୍ଯ୍ୟନ୍ତକି ପରମେଶ୍ୱର ଆଗରୁ ଏହାକୁ ସୁପ୍ରମାଣିତ ନ କରି ଦିଅନ୍ତି ଯେ ଆପଣ ଠିକ୍ ଅଟନ୍ତି, କାରଣ ଆପଣ ସୁସମାଚାରର କାର୍ଯ୍ୟରେ ମଣ୍ଡଳୀର ଜଣେ ସହଯୋଗୀ ଅଟନ୍ତି । ତେବେ, ଆପଣ ଏହା ବୁଝିଲେ କି ଯେ ତାହା କଅଣ ଅଟେ?

143 ଏବଂ ପରଭାଷା, ଅଜ୍ଞାତ ଭାଷା...କୌଣସି ବ୍ୟକ୍ତି ନୁହଁନ୍ତି ସେ—ଜାଣନ୍ତି ଯେ ସେ କଅଣ କହୁଅଛନ୍ତି । ସେ କଥା କହନ୍ତି; କିନ୍ତୁ ପ୍ରତ୍ୟେକ ଧ୍ୱନିର ଏକ ଅର୍ଥ ଅଛି । ତାହାର ଏକ ଅର୍ଥ ଅଛି । [ଭାଇ ବ୍ରାନହାମ୍ ହାତରେ ତାଳି ମାରନ୍ତି—ସମ୍ପା ।] "ଗ୍ଲକ୍, ଗ୍ଲକ୍, ଗ୍ଲକ୍!" ତାହାର ଅଛି—ତାହା ଏକ—ତାହା ଏକ କୌଣସି ସ୍ଥାନର ଭାଷା ଅଟେ ।

144 ଯେତେବେଳେ ମୁଁ ଆଫ୍ରିକାରେ ଥିଲି, ମୁଁ ଏହାକୁ କେବେବି ବିଶ୍ୱାସ କରି ନ ଥିଲି, କିନ୍ତୁ ପ୍ରତ୍ୟେକ ବିଷୟ ଯାହାକି ଏକ ଶବ୍ଦ କରିଥିଲା ତାହାର ଏହା ସହିତ କୌଣସି ଏକ ଅର୍ଥ ଥିଲା । ବାଇବଲ କୁହେ ଯେ କୌଣସି ମହତ୍ତ୍ୱ ନ ଥାଇ, ବିନା ଏକ ଅର୍ଥରେ କୌଣସି ଧ୍ୱନି ହୁଏ ନାହିଁ । ପ୍ରତ୍ୟେକ ଧ୍ୱନି ଯାହାକି ତିଆରି ହୋଇଛି କୌଣସି ବିଷୟ ସହିତ ତାର କିଛି ଅର୍ଥ ଅଛି । କାହିଁକି, ମୁଁ ଲୋକମାନଙ୍କୁ କହୁଥିବାର ଶୁଣିଛି...ମୁଁ କହିବି, "ଯୀଶୁ ଖ୍ରୀଷ୍ଟ, ପରମେଶ୍ୱରଙ୍କ ପୁତ୍ର ।"

145 ସେମାନଙ୍କ ମଧ୍ୟରୁ ଜଣେ ଯିବେ [ଭାଇ ବ୍ରାନହାମ୍ ଜଣେ ଆଫ୍ରିକୀୟ ଅନୁବାଦକଙ୍କ ନକଲ କରନ୍ତି—ସମ୍ପା ।] । ଅନ୍ୟ ଜଣେ ଯାଆନ୍ତି [ଭାଇ ବ୍ରାନହାମ୍ ପୁଣି ଥରେ ବର୍ଣ୍ଣନା କରନ୍ତି ।] । ଏବଂ ତାହା ଥିଲା, "ଯୀଶୁ ଖ୍ରୀଷ୍ଟ, ପରମେଶ୍ୱରଙ୍କ ପୁତ୍ର ।" ବୁଝିଲେ? ତାହାର ଏକ ଥିଲା...ଏବଂ ମୋ ପାଇଁ ତାହା କିଛି ଅର୍ଥ ନ ଥିଲା, କିନ୍ତୁ ସେମାନଙ୍କ ପାଇଁ ଏହା ଏକ ଭାଷା ଥିଲା ଠିକ୍ ଯେପରିକି ମୁଁ ଆପଣମାନଙ୍କ ସହିତ କଥାବାର୍ତ୍ତା କରୁଅଛି । ଯେତେବେଳେ ଜୁଲୁ, ଜୋସା, ବାସୁଟୋ, ଏବଂ ଯାହାକିଛି ବି ଥିଲା ତାର ଅନୁବାଦକ, ଏକାଠି ଆସନ୍ତି, ପ୍ରତ୍ୟେକ ଶବ୍ଦ ଯାହାକିଛି କୁହାଯାଇଥିଲା, ସମସ୍ତେ ବୁଝିଥିଲେ । ଏବଂ ଏହି ବିଷୟଗୁଡିକ ଯାହା ଆପଣ ଏହି ଲୋକମାନଙ୍କୁ ଗୁଣୁଗୁଣୁ କରୁଥିବାର ଶୁଣନ୍ତି, ଏବଂ ଭାବନ୍ତି ଯେ ଏହା ବହୁତ୍ ଅଧିକ ବିଳି

ବିଳୋଉଛନ୍ତି, ଏହା ନୁହେଁ; ଏହାର ଏକ ଅର୍ଥ ଅଛି । ଏଣୁ ଆମକୁ ତାହାକୁ ସମ୍ମାନ ଦେବା ଉଚିତ୍, ଏହାକୁ ତାର ନିଜ ସ୍ଥାନରେ ରଖିବା ଉଚିତ୍ ।

146 ବର୍ତ୍ତମାନ, ହୋଇପାରେ ଯେ ସେଠାରେ କୌଣସି ବାର୍ତ୍ତା ନାହିଁ । ତେବେ, ସେବା ସମାପ୍ତ ହୋଇଅଛି; ବେଦୀର ଡାକରା ଦିଆଯାଇ ସାରିଛି । ଏବଂ କିଛି ସମୟ ପରେ କେହି ଜଣେ (ସେଠାରେ କୌଣସି ବାର୍ତ୍ତା ନାହିଁ) କେହି ଜଣେ ସୁଯୋଗ ପାଇବା ମାତ୍ରେ ଉଠନ୍ତି । ପବିତ୍ରଆତ୍ମା…ବର୍ତ୍ତମାନ, ବାଇବଲ କୁହେ, "ଯଦି କୌଣସି ଅନୁବାଦକ ନାହାଁନ୍ତି, ତେବେ ସେ ନୀରବ ରହୁ ।" ଏହା କହିବା ପାଇଁ ଯେତେ ଚେଷ୍ଟା କରୁ ନା କାହିଁକି, ଚୁପ୍ ରୁହନ୍ତୁ ।

147 କୁହନ୍ତୁ, "ମୁଁ ଏହା କରିପାରେ ନାହିଁ ।" ବାଇବଲ କୁହେ ଯେ ଆପଣ କରିପାରିବେ । ବୁଝିଲେ? ତେଣୁ ତାହା—ତାହା ଏହାକୁ ସମାଧାନ କରେ । ବୁଝିଲେ? ତେବେ ସେ ନୀରବ ରୁହନ୍ତୁ ।

148 ତାହାପରେ, ଯେତେବେଳେ ଏହା, ସୁଯୋଗ ଆସେ ଯେଉଁଠାରେକି ସମସ୍ତ କିଛି କ୍ରମରେ ଥାଏ, ତେବେ ଯଦି ପବିତ୍ରଆତ୍ମା ବାର୍ତ୍ତା ଦେବା ପାଇଁ ତାଙ୍କ ଉପରକୁ ଓହ୍ଲାଇ ଆସନ୍ତି, ତେବେ ତାହା ପ୍ରଦାନ କରି ଦିଅନ୍ତୁ । ଅବିକଳ ତାହାହିଁ ଅଟେ ଯାହା ଆପଣ କରିବା ଉଚିତ୍ । ତାହାପରେ ଅର୍ଥ ଆସେ, କୁହେ, "ଏଠାରେ ଜଣେ ସ୍ତ୍ରୀଲୋକ ଅଛନ୍ତି ଯାହାର ନାମ ସେଲି ଜୋନ୍ସ (ମୁଁ ଆଶା କରେ ଯେ ସେହି ନାମରେ କୌଣସି ମହିଳା ଏଠାରେ ନାହାଁନ୍ତି, କିନ୍ତୁ…) ସେଲି ଜୋନ୍ସ । (ବୁଝିଲେ?) ତାଙ୍କୁ କୁହ ଯେ ଏହା ହେଉଛି ତାଙ୍କର ଡାକରାର ଶେଷ ରାତି । ପରମେଶ୍ୱରଙ୍କ ସହିତ ଏହାକୁ ଠିକ୍ କରି ନିଅନ୍ତୁ କାରଣ ତାଙ୍କ ପାଖରେ ଅଳ୍ପ ସମୟ ଅଛି ସେ ଏଠାକୁ ଆସିଯିବେ ।" ବର୍ତ୍ତମାନ, ସେଲି ଜୋନ୍ସ ଯେତେ ଶୀଘ୍ର ପାରିବେ ସେତେ ଶୀଘ୍ର ସେ ବେଦୀକୁ ଦୌଡ଼ିଯିବେ (ବୁଝିଲେ?), କାରଣ ତାହା ହେଉଛି ତାଙ୍କର ଶେଷ ଡାକରା । ବୁଝିଲେ? ତାହା ଏକ ବାର୍ତ୍ତା ଦେଉଅଛି, କିମ୍ବା ଏକ ପ୍ରମାଣ ଦେଉଅଛି, କିମ୍ବା କିଛି ଗୋଟାଏ କରୁଅଛି ।

149 ତାହା ହେଉଛି କାର୍ଯ୍ୟରତ ପେଣ୍ଟିକଷ୍ଟାଲ୍ ମଣ୍ଡଳୀ । ମନ୍ଦ ଆତ୍ମାଗୁଡିକର ଭିତରକୁ ପଶି ଆସିବାର କୌଣସି ସମ୍ଭାବନା ନାହିଁ, କାରଣ ଏହା ପୂର୍ବରୁ…ବାଇବଲ ଅବିକଳ ଭାବରେ ବ୍ୟକ୍ତ କରେ, "ଏହା ପର୍ଯ୍ୟାୟକ୍ରମେ ହେଉ, ଏବଂ ତିନୋଟି ଦ୍ୱାରା ହେଉ; ଏବଂ ଦୁଇ କିମ୍ବା ଅଧିକ ବିଚାର କରନ୍ତୁ ।" ତାହା ହେଉଛି ମଣ୍ଡଳୀ । ମାତ୍ର ଆଜି ଆମେ ଏହାକୁ କେଉଁଠାରେ ପାଉ? କେହି ଜଣେ ପରଭାଷାରେ କଥାବାର୍ତ୍ତା କରୁଥିବାବେଳେ ଡେଇଁ ପଡନ୍ତି, ନିଜର-କାର୍ଯ୍ୟ କରୁଥାନ୍ତି, ହସୁଥାନ୍ତି ଏବଂ କରି ଚାଲିଥାନ୍ତି; ଅନ୍ୟ କେହି ଦେଖୁଥାନ୍ତି, କୌଣସି ବିଷୟରେ କଥାବାର୍ତ୍ତା କରନ୍ତି ଏବଂ ଭିଡ଼ ଜମା କରନ୍ତି; ପାଳକ କିଛି କରୁଥାନ୍ତି; କିମ୍ବା କେହି ଜଣେ ଭିଡ଼ କରୁଥାନ୍ତି । ତେବେ, ତାହା ଠିକ୍ ନୁହେଁ । ହୋଇପାରେ ପାଳକ ପ୍ରଚାର କରୁଥିବେ, ଏବଂ କେହି ଜଣେ ଉଠି ପଡ଼ି ତାଙ୍କୁ ବାଧା ଦିଅନ୍ତି…ହୋଇପାରେ ଯେ ବାଇବଲ ପାଠ କରିବା ଏବଂ କେହି…ବାଇବଲ ପାଠ କରୁଥିବା, ଏବଂ ସେଠାରେ ପଛରେ କେହି ଜଣେ ପରଭାଷାରେ

କଥାବାର୍ତ୍ତା କରୁଥିବେ। ଓଃ, ନୁହେଁ! ବୁଝିଲେ? ପ୍ରଚାରକ ପ୍ରଚାର ମଞ୍ଚ ଉପରେ ପ୍ରଚାର କରୁଥାନ୍ତି, କେହି ଜଣେ ଛିଡ଼ା ହୁଅନ୍ତି ଓ ପରଭାଷାରେ କଥା କହି, ତାଙ୍କୁ ବାଧା ଦିଅନ୍ତି। ଏହା ଠିକ ଅଛି। ମୁଁ କହୁ ନାହିଁ ଯେ ଏହା ପବିତ୍ରଆତ୍ମା ନୁହଁନ୍ତି, କିନ୍ତୁ ଆପଣଙ୍କୁ ଜାଣିବା ଉଚିତ୍ ଯେ ପବିତ୍ରଆତ୍ମାଙ୍କୁ କିପରି ବ୍ୟବହାର କରିବାକୁ ଅଛି (ବୁଝିଲେ?), ଏହାକୁ ବ୍ୟବହାର କରିବା କଥା।

ତେବେ, ମୁଁ—ମୁଁ ନେଉଛି…କଅଣ ଆପଣମାନଙ୍କ ପାଖରେ ଆଉ ଗୋଟିଏ ପାଇଁ ସ୍ଥାନ ଅଛି କି? ତେବେ, ଆସନ୍ତାକାଲି ରବିବାର ଅଟେ। ତାହାହେଲେ, ଆମେମାନେ କରିବା… ଆସନ୍ତୁ କେବଳ…ଏଠାରେ ଗୋଟିଏ ଅଛି। ମୁଁ ଭାବୁଛି ଏହା ସବୁଠାରୁ ଅନୁଗ୍ରହକାରୀ ଅଟେ। ଏବଂ ବର୍ତ୍ତମାନ, ଯଦି ଆପଣମାନେ ସମସ୍ତେ କେବଳ କିଛି ମିନିଟ୍ ଅଧିକ ସମୟ ମୋ ସହିତ ସହ୍ୟ କରିବେ, ଦୟାକରି। ଏବଂ ତାହାପରେ, ମୁଁ କରିବି…ମୁଁ ଚାହେଁ ଯେ ଆପଣ—ମୁଁ ଚାହେଁ ଯେ ଆପଣ ଏହା ପ୍ରାପ୍ତ କରନ୍ତୁ। ମୁଁ ଏହାକୁ ଜାଣିଶୁଣି ରଖିଛି। ଏହା ମୋର ଶେଷ ବିଷୟ ଅଟେ।

ବର୍ତ୍ତମାନ, ପ୍ରଥମେ, ମୁଁ ସେହି ଦୁଇଟି ଜିନିଷ ପଢ଼ିବାକୁ ଯାଉଛି ଯାହା ସେହି ବ୍ୟକ୍ତି ପଚାରିଥିଲେ। ଏହା ଏକ ପୁରୁଣା କାଗଜ ଖଣ୍ଡରେ ଅଛି, ଏକ ସୁନ୍ଦର ହସ୍ତଲିଖନ ସହିତ ଲେଖାଯାଇଛି। ଏହା କିଏ ଅଟନ୍ତି ଜଣା ନାହିଁ, କୌଣସି ନାମ ସେଥିରେ—ସେଥି ଭିତରୁ କୌଣସିଥିରେ ଦସ୍ତଖତ ହୋଇନାହିଁ।

**୨୪. ଭାଇ ବ୍ରାନହାମ୍, କଅଣ ଏହା ସେବକମାନଙ୍କ ପାଇଁ ଯୁକ୍ତିଯୁକ୍ତ ଯେ ସେମାନେ ନିଜର ସେବାରେ ଟଙ୍କା ପାଇଁ ଲମ୍ବା ଆଗ୍ରହ କରନ୍ତି, ଏହା କହି ଯେ ପରମେଶ୍ୱର ସେମାନଙ୍କୁ କହିଛନ୍ତି ଯେ ଦର୍ଶକବୃନ୍ଦଙ୍କ ମଧ୍ୟରେ ଏତେ ଲୋକ ଏତେ ଏତେ ଅଧିକ ଧନ ଦେବା ଉଚିତ୍? ଯଦି ଏହା ଠିକ୍, ତେବେ ମୁଁ ଜାଣିବାକୁ ଚାହେଁ। କିମ୍ବା ଯଦି ଏହା ଭୁଲ, ମୁଁ ଜାଣିବାକୁ ଚାହେଁ। ଏହା ମୋତେ ଭୟଙ୍କର ଭାବରେ ବ୍ୟତିବ୍ୟସ୍ତ କରିଛି।**

150 ବର୍ତ୍ତମାନ, ଆପଣ ଦେଖନ୍ତୁ, ବନ୍ଧୁ, ମୁଁ ଆପଣଙ୍କୁ କହିବାକୁ ଯାଉଛି, ମୁଁ ଆପଣଙ୍କୁ ତାହା କହିବାକୁ ଯାଉଛି ଯାହା ମୁଁ ଭାବେ। ବୁଝିଲେ? ବର୍ତ୍ତମାନ, ତାହାର ଅର୍ଥ ଏହା ନୁହେଁ ଯେ ଠିକ୍ ଅଟେ। ମୁଁ ଭାବୁଛି ଏହା ଭୟଙ୍କର ଅଟେ।

151 ତେବେ, ମୁଁ ଏହା ଭାବୁଛି। ପରମେଶ୍ୱର ମୋତେ ପ୍ରଚାର କ୍ଷେତ୍ରକୁ ପଠାଇଲେ। ମୁଁ ସେହି ସମୟ ଦେଖିଛି ଯେଉଁଠାରେକି ମୋତେ ଏପରି ଲାଗୁଥିଲା ଯେ ମୁଁ ଅନ୍ତତଃ…ଏବଂ ମୋ—ମୋ ପାଖରେ ଆଦୌ ଟଙ୍କା ନ ଥିଲା। ଏବଂ ମୁଁ କହୁଥିଲି, "ସଂଗ୍ରହ ପାତ୍ରଟିକୁ କେବଳ ବଢ଼ାଇ ଦିଅ।"

ଏବଂ ପ୍ରବନ୍ଧକ ମୋ ପାଖକୁ ଆସି କହନ୍ତି, "ଦେଖ, ବିଲି, ଆଜି ରାତି ଆମେ ନାଲିରେ ପାଞ୍ଚ ହଜାର ଡଲାର ଟଙ୍କା ବାକି ଅଛୁ, ବାଳକ। ଏହାକୁ ଦେବା ପାଇଁ କଅଣ ତୁମ ପାଖରେ ଜେଫର୍ସନ୍‌ଭିଲେରେ ଟଙ୍କା ଅଛି କି?"

152 ମୁଁ କହିଥାଏ, "ଏହା ଠିକ ଅଛି । ପରମେଶ୍ୱର ମୋତେ ଏଠାକୁ ପଠାଇଛନ୍ତି, ଅନ୍ୟଥା ମୁଁ ଆସି ନ ଥାଆନ୍ତି । (ବୁଝିଲେ?) ସଂଗ୍ରହ ପାତ୍ରଟିକୁ କେବଳ ବଢ଼ାଇ ଦିଅନ୍ତୁ ।"

ଏବଂ ସଭା ସମାପ୍ତ ହେବା ପୂର୍ବରୁ, କେହି ଜଣେ କୁହନ୍ତି, "ଆପଣ ଜାଣନ୍ତି, ପ୍ରଭୁ ଏଥିରେ ପାଞ୍ଚ ହଜାର ଡଲାର ଟଙ୍କା ଦେବା ପାଇଁ ମୋ ହୃଦୟରେ ଦେଲେ ।" ବୁଝିଲେ, ବୁଝିଲେ? ପ୍ରଥମେ, ଏହା କରିବାକୁ ଆଗେଇ ଯାଆନ୍ତୁ ।

153 ମୁଁ ଟଙ୍କା ମାଗିବା, ଭିକ୍ଷା କରିବା ଏବଂ ଟଙ୍କା ଠୁଳ କରିବାରେ ବିଶ୍ୱାସ କରେ ନାହିଁ । ମୁଁ ଭାବୁଛି ଏହା ଏକ ଭୁଲ କଥା ଅଟେ । ତେବେ, ଭାଇ, ଯଦି ଆପଣ ଏହା କରନ୍ତି, ମୋତେ ଆପଣଙ୍କର ଭାବନାଗୁଡିକୁ ଆଘାତ କରିବାକୁ ଦିଅନ୍ତୁ ନାହିଁ । ବୁଝିଲେ? ଆପଣଙ୍କ—ଆପଣଙ୍କ ପାଖରେ ତାହା କରିବା ପାଇଁ ପରମେଶ୍ୱରଙ୍କଠାରୁ କରିବା-ର-ଅଧିକାର ଥାଇପାରେ । କିନ୍ତୁ ମୁଁ କେବଳ ନିଜ ପାଇଁ କହୁଛି । ମୁଁ ଏଥିରେ ବିଶ୍ୱାସ କରେ ନାହିଁ ।

154 ତେବେ, ମୁଁ ତ ଏପରିକି ସେବକମାନଙ୍କୁ ସୁଦ୍ଧା ଜାଣିଛି ଯେଉଁମାନେ ଯାଇ କୁହନ୍ତି... ମୁଁ ଠିକ୍ ଛିଡ଼ା ହୋଇଥିଲି, ଅଳ୍ପ ଦିନ ପୂର୍ବରୁ...ବର୍ତ୍ତମାନ, ଏହା ପେଣ୍ଟିକଷ୍ଟାଲ୍ ନୁହଁନ୍ତି, ଏହା ହେଉଛି...ତେବେ, ଏହା ହେଉଛି ମଣ୍ଡଳୀମାନ (ବୁଝିଲେ?), ଅନ୍ୟ ମଣ୍ଡଳୀମାନ । ଏହା ଏକ ବଡ ଶିବିର ସଭାରେ ହୋଇଥିଲା । ଗର୍ଟି, ତୁମେ ମୋ ସହିତରେ ଥିଲ, ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । ଏବଂ ସେମାନେ ଏକ ପ୍ରସିଦ୍ଧ ନାମଧାରୀ ମଣ୍ଡଳୀରେ ସମ୍ପୂର୍ଣ୍ଣ ଅପରାହ୍ନଟି ନେଇଥିଲେ—ସେମାନଙ୍କ ମଧ୍ୟରୁ ଦୁଇ ବା ତିନୋଟି ଏକତ୍ର (ତାହା ହେଉଛି ନିୟମିତ ନିୟମିତ ମଣ୍ଡଳୀମାନ, ଯେପରିକି ଏଠାରେ ସହରରେ ଆମର ଆଧୁନିକ ମଣ୍ଡଳୀ, ଏବଂ ପ୍ରଭୃତି ସବୁ) ଏକ ବଡ ସମ୍ମିଳନୀରେ—ସେମାନେ ସମ୍ପୂର୍ଣ୍ଣ ଅପରାହ୍ନଟି ନେଲେ, ମଞ୍ଚ ଉପରେ ଠିଆ ହୋଇଥିଲେ—ଏବଂ ଧମକ ଦେଇଥିଲେ ଯେ ପରମେଶ୍ୱର ସେମାନଙ୍କର ଫସଲଗୁଡିକୁ ନଷ୍ଟ କରିଦେବେ, ସେମାନଙ୍କର ପିଲାମାନଙ୍କୁ ପୋଲିଓ ଦେଇ ଦେବେ, ଏବଂ ସେହି ପରି ବିଷୟଗୁଡିକ, ଯଦି ସେମାନେ ସେହି ସଭାରେ ଟଙ୍କା ନ ଦେବେ । ମୋ ଆଗରେ ଏହି ବାଇବଲ ରଖାହୋଇଛି, ତାହା ସମ୍ପୂର୍ଣ୍ଣରୂପେ ସତ୍ୟ ଅଟେ । ମୁଁ କହିଲି, "ଏହା ପରମେଶ୍ୱର ଏବଂ ତାହାଙ୍କର ଅନୁଗାମୀମାନଙ୍କ ପାଇଁ ଈଶନିନ୍ଦା ଅଟେ ।" ଯଦି ପରମେଶ୍ୱର ଆପଣଙ୍କୁ ପଠାଇଛନ୍ତି, ସେ ଆପଣଙ୍କର ଯତ୍ନ ନେବେ । ଯଦି ସେ ଆପଣଙ୍କୁ ପଠାଇ ନାହାଁନ୍ତି, ତାହାହେଲେ ସେହି ନାମଧାରୀ ସଂସ୍ଥା ତେବେ ଆପଣଙ୍କର ଯତ୍ନ ନେଉ । କିନ୍ତୁ—କିନ୍ତୁ ଆପଣ...ଯଦି ପରମେଶ୍ୱର ଆପଣଙ୍କୁ ପଠାଇଛନ୍ତି, ସେ ଆପଣଙ୍କର ଯତ୍ନ ନେବେ ।

## ୨୨. ଏକ ପବିତ୍ରଆତ୍ମା ମଣ୍ଡଳୀରେ ଖ୍ରୀଷ୍ଟମାସ ନାଟକ କରିବା ବିଷୟରେ କ'ଣ?

155 ତେବେ, ଯଦି ଏହା ଖ୍ରୀଷ୍ଟଙ୍କ ବିଷୟରେ ଅଟେ, ତାହାହେଲେ ଏହା ଠିକ୍ ହୋଇ ଥାଇପାରେ । କିନ୍ତୁ ଯଦି ଏହା ସାଣ୍ଟା କ୍ଲଜ୍ ବିଷୟରେ ଅଟେ, ତେବେ ମୁଁ ତାହା ଉପରେ ବିଶ୍ୱାସ କରେ ନାହିଁ । ମୁଁ—ମୁଁ ବଡ ହୋଇଅଛି—ମୁଁ ତାହାଠାରୁ ଅନ୍ୟତ୍ର ବଡ ହୋଇଅଛି । ମୁଁ ସାଣ୍ଟା କ୍ଲଜରେ ଆଦୌ ବିଶ୍ୱାସ କରେ ନାହିଁ । ବୁଝିଲେ? ଏବଂ ଏହି ଛୋଟ ଛୋଟ ଖ୍ରୀଷ୍ଟମାସ

ଜିନିଷଗୁଡ଼ିକ ମଧ୍ୟରୁ କିଛି ଯାହାକି ସେମାନଙ୍କ ପାଖରେ ରହିଛି, ମୁଁ ଭାବୁଛି ତାହା ହାସ୍ୟାସ୍ପଦ ଅଟେ । ଏବଂ...ମାତ୍ର ମୁଁ ଭାବୁଛି ସେମାନେ ସମସ୍ତ ଖ୍ରୀଷ୍ଟମାସରୁ ଖ୍ରୀଷ୍ଟଙ୍କୁ ବାହାର କରି ଦେଇଛନ୍ତି ଏବଂ ସେଥିରେ ସାନ୍ତା କ୍ଲଜ୍ ପୂରାଇ ଦେଇଛନ୍ତି ।

156 ଏବଂ ସାଣ୍ଟା କ୍ଲଜ୍ ଏକ କାଳ୍ପନିକ କାହାଣୀ ଅଟେ । (ମୁଁ ଆଶା କରେ, ଯେ ମୁଁ ଆପଣଙ୍କର କୌଣସି ଭାବନାକୁ ଆଘାତ କରୁ ନାହିଁ, ପିଲାମାନଙ୍କ ବିଷୟରେ ।) କିନ୍ତୁ ମୁଁ ଆପଣଙ୍କୁ କହିବି । ଏଠାରେ କିଛି ସମୟ ପୂର୍ବରୁ, ପ୍ରାୟଃ ପଚି-ଶ, ତିରିଶ ବର୍ଷ ପୂର୍ବେ, ଯେତେବେଳେ ଏଠାରେ ଏହି ସହରରେ ଜଣେ ସେବକ, ଏଠାରେ ଏହି ସହରର ଏକ ନିର୍ଦ୍ଦିଷ୍ଟ ବଡ଼ ମଣ୍ଡଳୀର—ର ପାଳକ, ଯାହାଙ୍କୁ ମୁଁ ପ୍ରକୃତରେ ଭଲ ଭାବରେ ଜାଣିଥିଲି, ମୋର ଜଣେ ଅନ୍ତରଙ୍ଗ ବନ୍ଧୁ, ସେ ମୋ ପାଖକୁ ଆସିଲେ । ଏବଂ ଚାର୍ଲି ବୋହାନନ୍ (ଭାଇ ମାଇକ୍, ଆପଣଙ୍କୁ ଚାର୍ଲି ବୋହାନନ୍ ମନେ ଥିବ, ମୋର ଜଣେ ଭଲ ବନ୍ଧୁ)...ସେଠାରେ ତାଙ୍କ କାର୍ଯ୍ୟାଳୟରେ ବସିଥିଲେ ଓ କହିଲେ, "ମୁଁ କଦାପି ମୋର ପିଲାମାନଙ୍କୁ କହିବି ନାହିଁ କିମ୍ବା ମୋର ନାତି ନାତୁଣୀମାନଙ୍କୁ ସେହି ମିଛ ଆଉ କହିବାକୁ ଦେବ ନାହିଁ ।" ସେ କହିଲେ, "ମୋର ନିଜର ସାନ ପୁଅ ପ୍ରାୟଃ ବାର ବର୍ଷ ବୟସ ହେବା ପରେ ମୋ ପାଖକୁ ଆସିଲା, ଏବଂ ସାଣ୍ଟା କ୍ଲଜ୍ ବିଷୟରେ କଥାବାର୍ତ୍ତା କରୁଥିଲା..." ଏବଂ ସେ, କହିଲା, "କାହିଁକି?...ପ୍ରିୟ, ମୋ ପାଖରେ ଆପଣଙ୍କୁ କହିବା ପାଇଁ କିଛି ଅଛି," କହିଲା, "ମମି..." ଆପଣ ଜାଣନ୍ତି, ଏବଂ ସେ ତାହା କହିଲା ଯାହା ତାକୁ କହିବାର ଥିଲା ।

ତାହାପରେ ସେ ଫେରି ଆସି, କହିଲା, "ତେବେ, ବାପା, କଅଣ ଏହି ଯୀଶୁ ସେହି ସମାନ ବିଷୟ କି?"

157 ସତ କଥା କୁହନ୍ତୁ । ସାଣ୍ଟା କ୍ଲଜ୍ ହେଉଛି ଜଣେ ବ୍ୟକ୍ତିର ଏକ କ୍ୟାଥୋଲିକ୍ ରୂପ, ଜହାର୍ ନାମ କ୍ରିସ୍ କ୍ରିଙ୍ଗଲ୍ କିମ୍ବା ସେଣ୍ଟ ନିକୋଲାସ୍, ଜଣେ ପୁରାତନ ଜର୍ମାନ କ୍ୟାଥୋଲିକ୍ ସାଧୁ ଯିଏକି ବହୁ ବର୍ଷ ପୂର୍ବେ ବୁଲି ବୁଲି ପିଲାମାନଙ୍କ ପାଇଁ ମଙ୍ଗଳ ବିଷୟ ସାଧନ କରୁଥିଲେ । ଏବଂ ସେମାନେ ଏହାକୁ ଏକ ପରମ୍ପରା ଭାବରେ ବହନ କରି ଆସିଛନ୍ତି । କିନ୍ତୁ ଯୀଶୁ ଖ୍ରୀଷ୍ଟ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି । ସେ ବାସ୍ତବ ଅଟନ୍ତି, ଏବଂ ସେ ଜୀବିତ ଅଟନ୍ତି ।

ବର୍ତ୍ତମାନ, ଏଠାରେ ଏକ ପ୍ରଶ୍ନ ଅଛି, ଶେଷଟି, ଯାହାକି ବହୁତ...

158 ତେବେ ଦେଖନ୍ତୁ । ଆପଣ ହୁଏତ ତାହା ଉପରେ ମୋ ସହିତ ଅସହମତ ହୋଇପାରନ୍ତି । ମାତ୍ର ଯଦି ଆପଣ ମୋ ସହିତ ଅସହମତ ବି ହୁଅନ୍ତି, ମନେରଖନ୍ତୁ, ଏହା ବନ୍ଧୁତ୍ୱପୂର୍ଣ୍ଣ ଥାଉ, କଅଣ ଆପଣ କରିବେ? ମୁଁ ଆପଣଙ୍କୁ ପ୍ରେମ କରେ, ଏବଂ ମୁଁ ଚାହେଁ ନାହିଁ—ଆପଣଙ୍କୁ ଆଘାତ କରିବାକୁ ଚାହେଁ ନାହିଁ । ମୁଁ ତ କେବଳ, ମୁଁ ସଚ୍ଚୋଟ ହେବାକୁ ଚାହୁଁଛି । ଯଦି ମୁଁ କରିପାରେ ନାହିଁ...ଯଦି ମୁଁ ମୋର ପୁଅକୁ ଏକ ମିଛ କୁହେ, ତେବେ ମୁଁ ଜଣେ ମିଥ୍ୟାବାଦୀ ଅଟେ । ବୁଝିଲେ? ମୁଁ ତାକୁ ସତ କହିବାକୁ ଚାହେଁ ।

159 ତେବେ, ମୁଁ ତାଙ୍କୁ ସାଣ୍ଟା କ୍ଲଜ୍ ବିଷୟରେ କୁହେ, ମୁଁ କୁହେ, "ହଁ, ନିଶ୍ଚିତ, ସାଣ୍ଟା କ୍ଲଜ୍ ଅଛି । ଖ୍ରୀଷ୍ଟମାସ ରାତିରେ ବାପାଙ୍କୁ ଦେଖ ।" ବୁଝିଲେ? ହଁ ।

160 ଆପଣ ଜାଣନ୍ତି, ଅନ୍ୟ ଏକ ଦିନ ମୁଁ ସେଠାରେ ଥିଲି, ଏବଂ କେବଳ ଦେଖିବା ପାଇଁ ତାହାକୁ ମୁଁ ଏକ ସାନ ଝିଅ ଉପରେ ପରୀକ୍ଷା କଲି । ମୁଁ ନିଶ୍ଚିତରେ ଗତକାଲିର ପୂର୍ବ ଦିନ ତାର ପ୍ରତ୍ୟୁତ୍ତର ଫଳ ପାଇଲି । ମୁଁ ଭବନରେ ଥିଲି । ଏବଂ ସେମାନେ ସେଠାରେ ଠିଆ ହୋଇଥିଲେ, ଏଠାରେ କ୍ୱେକର୍ ମେଡ ବଜାରରେ । ଏବଂ ମୁଁ ସେଠାକୁ ଖାଦ୍ୟ ସାମଗ୍ରୀ ଆଣିବାକୁ ଗଲି । ଏବଂ ତେଣୁ ଆମେ, ପତ୍ନୀ ଏବଂ ମୁଁ, ସେଠାରେ ଥିଲୁ । ଏବଂ ସେଠାରେ ଏକ ଅତି ସାନ ଝିଅଟିଏ ଥିଲା, ପ୍ରାୟଃ ଅଠର ମାସରୁ ଅଧିକ ହୋଇ ନ ଥିବ, ଏବଂ ସେ ସେଠାରେ ଠିଆ ହୋଇ, ଗୀତ, ଗାଉଥିଲା, "ଡିଙ୍ଗଲ୍ ବେଲ୍ସ, ଡିଙ୍ଗଲ୍ ବେଲ୍ସ..." ଏବଂ ମୁଁ କହିଲି...ତାର ସେହି ଛୋଟ ରଖିବାର ସ୍ଥାନରେ, ଆପଣ ଜାଣନ୍ତି, ସେହି ଛୋଟ ଟଣା ଗାଡିର ପଛ ଭାଗରେ ବସିଥିଲା ।

ମୁଁ କହିଲି, "କଅଣ ତୁମେ ସାଣ୍ଟା କ୍ଲଜକୁ ଖୋଜୁଛ କି?"

ସେ କହିଲା, "ସେଇଟା ମୋର ବାପା, ମହାଶୟ ।"

ମୁଁ କହିଲି, "ପ୍ରିୟ, ତୁମର ଛୋଟ ହୃଦୟକୁ ଆଶୀର୍ବାଦ କରନ୍ତୁ । ତୁମେ ଜ୍ଞାନ ପାଇଛ ।"

ତେବେ, ବନ୍ଧୁଗଣ, ଏଠାରେ ଏକ ପ୍ରକୃତ ମହତ୍ତ୍ୱପୂର୍ଣ୍ଣ ବିଷୟ ଅଟେ । ଏବଂ ଏଥିରେ... ତାହାପରେ ମୁଁ ବନ୍ଦ କରିବି । ଓଃ, ଏହା—ଏହା ଏକ ଗୁରୁତ୍ତ୍ୱପୂର୍ଣ୍ଣ ଶାସ୍ତ୍ରାଂଶ ଅଟେ, କିନ୍ତୁ ଏହା ପ୍ରତ୍ୟେକ ସେହି ବ୍ୟକ୍ତିଙ୍କ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ବିଷୟ ଅଟେ ଯିଏକି ତାହା ଦିଶନ୍ତି । ଏବଂ ତାହା ମୋ ସହିତ ବର୍ଷ ବର୍ଷ ଧରି ଲାଗି ରହିଲା; ଏବଂ କେବଳ ପରମେଶ୍ୱରଙ୍କ ଅନୁଗ୍ରହରେ...ଏବଂ ମୋର ବହୁମୂଲ୍ୟ ପତ୍ନୀ, ବର୍ତ୍ତମାନ ସେଠାରେ ପଛରେ ବସି ରହିଛନ୍ତି, ଯେତେବେଳେ ସେ ଶୁଣିଲେ ଯେ ଆଜି ଅପରାହ୍ନରେ ମୋ ପାଖରେ ସେହି ପ୍ରଶ୍ନ ଆସିଅଛି, ସେ କହିଲେ, "ବିଲ୍, ତୁମେ ଏହାର ଉତ୍ତର କିପରି ଦେବ?" ସେ କହିଲେ, "ମୁଁ ସବୁବେଳେ ତାହା ନିଜେ ଆଶ୍ଚର୍ଯ୍ୟ କରିଅଛି ।" କହିଲେ, "ମୁଁ ଏହାକୁ କେବେ ବି ବୁଝିପାରି ନ ଥିଲି ।" ଏବଂ କହିଲେ...

ମୁଁ କହିଲି, "ଆଜି ରାତିରେ ଆସ, ପ୍ରିୟେ । ପରମେଶ୍ୱରଙ୍କ ସାହାଯ୍ୟରେ ମୁଁ ଯଥାସମ୍ଭବ ଚେଷ୍ଟା କରିବି ।"

### 100. ଭାଇ ବ୍ରାନହାମ୍, ଦୟା କରି ଏବ୍ରୀ 6:4 ରୁ 6 କୁ ବ୍ୟାଖ୍ୟା କରି ଦିଅନ୍ତୁ ।

161 ତାହା ଥରୁଟିଏ ଥିଲା ଯେତେବେଳେକି ପ୍ରକୃତରେ...ଦେଖନ୍ତୁ, ବର୍ତ୍ତମାନ ଆପଣଙ୍କୁ ଏଠାରେ ଆମର ବିଶ୍ୱାସ, ଅନୁଗ୍ରହ, ବିଶ୍ୱାସୀମାନଙ୍କ ସୁରକ୍ଷା, ସାଧୁମାନଙ୍କର ଦୀର୍ଘସହିଷ୍ଣୁତା, ବରଂ, ସାଧୁମାନଙ୍କର, ସହିଷ୍ଣୁତା ଉପରେ ଧ୍ୟାନ ଦେବାକୁ ପଡିବ । ଏବ୍ରୀ ଷଷ୍ଠ ପର୍ବ, 4 ରୁ 6 ।

ବର୍ତ୍ତମାନ, ଯେତେ ଶୀଘ୍ର ତାହା...ଏହା ସମାପ୍ତ ହୁଏ, ତାହାପରେ ମୁଁ ଆଶା କରେ ଯେ ପରମେଶ୍ୱର ମୋତେ ଏହାକୁ ଆପଣମାନଙ୍କ ନିକଟରେ ପ୍ରକୃତରେ ସ୍ପଷ୍ଟ କରିବାରେ ସାହାଯ୍ୟ

କରିବେ। ମୁଁ ଦୁଃଖିତ, ମୁଁ—ମୁଁ ଆଜି ରାତି ପାଇଁ ମୋର ବାର୍ତ୍ତା ପାଇଅଛି; ବୋଧହୁଏ ମୁଁ ସକାଳେ ସେବାରେ—ରେ ସେହି ସମାନ କଥା ପ୍ରଚାର କରିବି। ତାହାପରେ ମୁଁ ଯାଉଥିବି।

162 ତେବେ, ଏହା ଏକ ପ୍ରକୃତରେ ମହତ୍ତ୍ୱପୂର୍ଣ୍ଣ ବିଷୟ ଅଟେ। ବୁଝିଲେ? ତେବେ, ଆପଣଙ୍କୁ ଲକ୍ଷ୍ୟ କରିବାକୁ ପଡିବ। ତେବେ ମନେରଖନ୍ତୁ, ଆମେ ଏହି ମଣ୍ଡଳୀରେ ତାହା ବିଶ୍ୱାସ କରୁ ଏବଂ ଶିକ୍ଷା ଦେଉ, ଏପରି ନୁହେଁ ଯେ ଯାହା ସବୁକିଛି ବିଷୟ ଆସେ ଏବଂ ଚିତ୍କାର କରେ, ସବୁକିଛି ବିଷୟ ଯାହା ପରଭାଷାରେ କଥାବାର୍ତ୍ତା କରେ, ପ୍ରତ୍ୟେକ ବିଷୟ ଯାହା ପ୍ରଚାରକ ସହିତ ହାତ ମିଶାଇଥାଏ, ତାହା ଅନନ୍ତ ଜୀବନ ପାଇଛି। କିନ୍ତୁ ଆମେ ବିଶ୍ୱାସ କରୁ ଯଦି ଆପଣ ଅନନ୍ତ ଜୀବନ ପାଇଛନ୍ତି, ଯଦି ପରମେଶ୍ୱର ଆପଣଙ୍କୁ ଅନନ୍ତ ଜୀବନ ଦେଇଛନ୍ତି, ଆପଣ ଏହାକୁ ସବୁଦିନ ପାଇଁ ପାଇଛନ୍ତି। ବୁଝିଲେ? କାରଣ ଦେଖନ୍ତୁ। ଯଦି ତାହା ହୋଇ ନ ଥାନ୍ତା, ତେବେ ଯୀଶୁ ଜଣେ ଭଣ୍ଡ ଶିକ୍ଷକ ବୋଲି ଜଣା ଯାଇଥାନ୍ତେ। ସାଧୁ ଯୋହନ 5:24 ରେ, ସେ କହିଲେ, "ଯିଏ ମୋର ବାକ୍ୟ ଶୁଣେ ଏବଂ ମୋର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି, ଓ ସେ କଦାପି ବିଚାରକୁ ଆସିବ ନାହିଁ, କିନ୍ତୁ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛି।" ତେବେ, ତାହାଙ୍କ ସହିତ ଯୁକ୍ତି କରନ୍ତୁ। "ଯେସମସ୍ତଙ୍କୁ ପିତା ମୋତେ ଦେଇଛନ୍ତି...କୌଣସି ବ୍ୟକ୍ତି ମୋ ପାଖକୁ ଆସିପାରେ ନାହିଁ ଯେପର୍ଯ୍ୟନ୍ତକି ପିତା ତାକୁ ଆକର୍ଷିତ ନ କରନ୍ତି। (ମୁଁ ଶାସ୍ତ୍ରାଂଶ ଉଦ୍ଧୃତ କରୁଛି।) ଯେସମସ୍ତ ଆସନ୍ତି...କୌଣସି ବ୍ୟକ୍ତି ମୋ ପାଖକୁ ଆସିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ମୋର ପିତା ପ୍ରଥମେ ତାକୁ ଆକର୍ଷିତ ନ କରନ୍ତି। ଏବଂ ଯେସମସ୍ତଙ୍କୁ ମୋର ପିତା ମୋତେ ଦେଇଛନ୍ତି ମୋ ନିକଟକୁ ଆସିବେ। (ବୁଝିଲେ?) ଏବଂ ଯେସମସ୍ତ ମୋ ପାଖକୁ ଆସିବେ, ମୁଁ ସେମାନଙ୍କୁ ଚିରକାଳ ଜୀବନ ଦେବି (ସାଧୁ ଯୋହନ 6), ଓ ଶେଷ ଦିନରେ ତାହାଙ୍କୁ ଉଠାଇବି।" ଏହା ହେଉଛି ତାହାଙ୍କର ଶବ୍ଦ।

163 ତେବେ ଦେଖନ୍ତୁ। ଯଦି ମୁଁ ଏଫିସୀୟ ପୁସ୍ତକ 1ମ ପର୍ବକୁ ଯିବାକୁ ଚାହେଁ, ପାଉଲ ପ୍ରଚାର କରୁଛନ୍ତି...ତେବେ, କରିନ୍ଥୀୟ, ପ୍ରତ୍ୟେକଙ୍କଠାରେ ଏକ ପରଭାଷା ଏବଂ ଗୀତ ଥିଲା। ଆପଣ ଲକ୍ଷ୍ୟ କରନ୍ତୁ ଯେ ଅନ୍ୟ ମଣ୍ଡଳୀଗୁଡିକରେ ସେହି ଅସୁବିଧା ନ ଥିଲା। ସେ ଏହି ବିଷୟରେ କେବେହେଲେ କିଛି କହିନାହାଁନ୍ତି। କଅଣ ସେ କେବେ ଏଫିସୀୟ ମଣ୍ଡଳୀରେ, ରୋମୀୟ ମଣ୍ଡଳୀରେ କୌଣସିଠାରେ ପରଭାଷା ବିଷୟରେ ଉଲ୍ଲେଖ କରିଛନ୍ତି କି? ନା! ସେମାନଙ୍କ ପାଖରେ ପରଭାଷା ଏବଂ ସବୁକିଛି ଥିଲା ଯେପରିକି କରିନ୍ଥୀୟଙ୍କ ପାଖରେ ଥିଲା, ମାତ୍ର ସେମାନେ ଏହାକୁ କ୍ରମରେ ସୁବ୍ୟବସ୍ଥିତ ରଖିଥିଲେ। କରିନ୍ଥୀୟମାନେ ଏହାକୁ କ୍ରମରେ ଠିକ୍ ସୁବ୍ୟବସ୍ଥିତ କରିପାରିଲେ ନାହିଁ। ବୁଝିଲେ? କିନ୍ତୁ ପାଉଲ ସେଠାକୁ ଯାଇ ସେହି ମଣ୍ଡଳୀକୁ କ୍ରମରେ ସଜାଡ଼ିଲେ।

ବର୍ତ୍ତମାନ, ସେ...ମୁଁ ବିଶ୍ୱାସ କରେ, ଯେପରିକି ଓରାଲ୍ ରୋବର୍ଟସ୍ କୁହନ୍ତି, "ପରମେଶ୍ୱର ଜଣେ ଉତ୍ତମ ପରମେଶ୍ୱର।" କଅଣ ଆପଣ ତାହା ବିଶ୍ୱାସ କରନ୍ତି ନାହିଁ କି?

164 ଏବଂ ଆପଣ କୁହନ୍ତି, “ତେବେ, ଭାଇ ବ୍ରାନହାମ୍, ତାହାହେଲେ ପରଭାଷା ପାଇଥିବା ପେଣ୍ଟିକଷ୍ଟାଲ୍‌ମାନଙ୍କ ବିଷୟରେ କଅଣ?” ମୁଁ ଭାବୁଛି ସେମାନେ ପବିତ୍ରଆତ୍ମା ପାଇଛନ୍ତି। ନିଶ୍ଚିତରେ ସେମାନେ ପାଇଛନ୍ତି। ଠିକ୍ ଅଛି, କାହିଁକି? ଦେଖନ୍ତୁ। କଅଣ ଆପଣ ବିଶ୍ୱାସ କରନ୍ତି ଯେ ସେ ଜଣେ ଉତ୍ତମ ପରମେଶ୍ୱର ଅଟନ୍ତି? ଥୋମା ଥରେ କହିଥିଲେ, “ପ୍ରଭୁ, ଆପଣ ଜାଣନ୍ତି…”

ଅନ୍ୟାନ୍ୟ ସମସ୍ତେ ତାହାଙ୍କୁ ବିଶ୍ୱାସ କରିଥିଲେ। କହିଥିଲେ, “ଓଃ, ଆମେ ଜାଣୁ ଯେ ସେ ବାସ୍ତବ ଅଟନ୍ତି!”

“ଓଃ,” ଥୋମା କହିଲେ, “ନା, ନା, ମୁଁ ଏହାକୁ ବିଶ୍ୱାସ କରେ ନାହିଁ। କେବଳ ମାତ୍ର ଉପାୟ ଯେ ମୁଁ ଏହାକୁ ବିଶ୍ୱାସ କରିବି, ମୋତେ କିଛି ପ୍ରମାଣ ପାଇବାକୁ ହେବ। ମୋତେ ତାଙ୍କ ପାର୍ଶ୍ୱରେ ଏବଂ ତାଙ୍କ ହାତରେ ଥିବା କଣ୍ଟାର ଦାଗରେ ମୋର ଆଙ୍ଗୁଳି ପୂରାଇବାକୁ ଅଛି।”

ସେ ଜଣେ ଉତ୍ତମ ପରମେଶ୍ୱର ଅଟନ୍ତି। ସେ କହିଲେ, “ଥୋମା, ଆସ। ଏଠାରେ ତୁମେ ଅଛ।”

“ଓଃ,” ଥୋମା କହିଲେ, “ବର୍ତ୍ତମାନ ମୁଁ ବିଶ୍ୱାସ କରୁଛି।”

165 ସେ କହିଲେ, “ହଁ, ଥୋମା, ତୁମେ ମୋତେ ଦେଖିବା ପରେ, ଏବଂ ମୋତେ ଅନୁଭବ କରିବା ପରେ, ଏବଂ ମୋ ହାତ ପୂରାଇବା…ତୁମର ହାତକୁ ମୋ ପାର୍ଶ୍ୱରେ ପୂରାଇବା ପରେ, ତୁମେ ବିଶ୍ୱାସ କଲ। କିନ୍ତୁ ସେମାନଙ୍କର ପୁରସ୍କାର କେତେ ବଡ଼ ଅଟେ ଯେଉଁମାନେକି କେବେ ଦେଖି ନାହାଁନ୍ତି ଏବଂ ତଥାପି ବିଶ୍ୱାସ କରନ୍ତି।” ସେ ଜଣେ ଉତ୍ତମ ପରମେଶ୍ୱର ଅଟନ୍ତି। ଅବଶ୍ୟ, ସେ ଆପଣଙ୍କୁ ନିଜ ହୃଦୟର ଇଚ୍ଛା ପ୍ରଦାନ କରନ୍ତି। ଆସନ୍ତୁ ତାହାଙ୍କୁ କେବଳ ବିଶ୍ୱାସ କରିବା। ତାହା ହିଁ—ତାହା ହିଁ—ତାହା ହିଁ ହେଉଛି ଶୟତାନ ପାଇଁ ମୃତ୍ୟୁର ଆଘାତ। ଯେତେବେଳେ ଜଣେ ବ୍ୟକ୍ତି ପରମେଶ୍ୱରଙ୍କୁ ତାହାଙ୍କର ବାକ୍ୟରେ ଗ୍ରହଣ କରେ, ଭାଇ, ତାହା ପ୍ରତ୍ୟେକ ଥର ଶୟତାନକୁ ବଧ କରିବ। ତାହା ହେଉଛି ସବୁଠୁଁ କଷ୍ଟଦାୟକ ପ୍ରହାର ଯାହା ଶୟତାନ ପାଇପାରେ, ଯେତେବେଳେ ଜଣେ ବ୍ୟକ୍ତି ପରମେଶ୍ୱରଙ୍କୁ ତାହାଙ୍କର ବାକ୍ୟରେ ଗ୍ରହଣ କରିବ। ହଁ, ଆଜ୍ଞା। ଯେପରି ମୁଁ କହିଛି, “ମଣିଷ ଏକାକୀ ବଞ୍ଚିବ ନାହିଁ (ଯୀଶୁ, ଅନ୍ୟ ରାତିରେ), କିନ୍ତୁ ପ୍ରତ୍ୟେକ ବାକ୍ୟ ଯାହା ନିର୍ଗତ ହୁଏ…”

166 ତେବେ, ଏହାକୁ ଧ୍ୟାନ ଦିଅନ୍ତୁ। ବର୍ତ୍ତମାନ ମୁଁ ପ୍ରଥମ ପଦ ଆରମ୍ଭ କରିବାକୁ ଯାଉଅଛି:

> *ଅତଏବ ଆସ, ଆମ୍ଭେମାନେ ଖ୍ରୀଷ୍ଟଙ୍କ ବିଷୟକ ପ୍ରାଥମିକ ଶିକ୍ଷା ପରିତ୍ୟାଗ କରି…ସିଦ୍ଧିଲାଭ କରିବା ନିମନ୍ତେ ଅଗ୍ରସର ହେଉ;* (ତେବେ, ପ୍ରଥମ ବିଷୟ ଯାହା ମୁଁ ଚାହେଁ ଯେ ଆପଣମାନେ ଜାଣନ୍ତୁ: ପାଉଲ ଏଠାରେ କାହା ସହିତ କଥାବାର୍ତ୍ତା କରୁଛନ୍ତି? ଏବ୍ରୀମାନଙ୍କ ସହ। ସେମାନେ କୁହନ୍ତି, “ଏବ୍ରୀ,” ଶୀର୍ଷରେ, ଏବ୍ରୀ ପୁସ୍ତକ। କଅଣ ଏହା ଠିକ୍ ଅଟେ? ସେହି ଯିହୂଦୀମାନେ ଯିଏକି ଯୀଶୁଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ…କଅଣ ଆପଣ—ଆପଣ ବର୍ତ୍ତମାନ ଏହାକୁ ଧରି

ପାରୁଛନ୍ତି? ସେ ଯିହୁଦୀମାନଙ୍କ ସହିତ କଥାବାର୍ତ୍ତା କରୁଛନ୍ତି, ସେମାନଙ୍କୁ ଏହା ଦେଖାଉଛନ୍ତି ଯେ ବ୍ୟବସ୍ଥାର ପ୍ରତିଛାୟା ଖ୍ରୀଷ୍ଟଙ୍କର ଏକ ପ୍ରତିରୂପ ଅଟେ । ସମସ୍ତ ପୁରାତନ ବିଷୟ ନୂତନ ବିଷୟର ଏକ ପ୍ରତିରୂପ ଅଟେ । ବର୍ତ୍ତମାନ ଦେଖନ୍ତୁ ।)

*...ଖ୍ରୀଷ୍ଟଙ୍କ ବିଷୟକ ପ୍ରାଥମିକ ଶିକ୍ଷା ପରିତ୍ୟାଗ କରି, ସିଦ୍ଧିଲାଭ କରିବା ନିମନ୍ତେ ଅଗ୍ରସର ହେଉ;...*

167 ତେବେ, ସେ ସେମାନଙ୍କ ସହିତ ଶିକ୍ଷା ସିଦ୍ଧାନ୍ତ ବିଷୟରେ କଥାବାର୍ତ୍ତା କରୁଛନ୍ତି । ଆସନ୍ତୁ ଆମେ ଯିବା ଓ ସିଦ୍ଧ ହୋଇଥିବା ବିଷୟଗୁଡିକରେ ଆଲୋଚନା କରିବା । ତେବେ, ଆପଣ ପରମେଶ୍ୱରଙ୍କଠାରେ ସିଦ୍ଧ ହୋଇଥାନ୍ତି ଯେତେବେଳେ ଆପଣ ମୁକ୍ତିଦିବସ *ପର୍ଯ୍ୟନ୍ତ* ପବିତ୍ରଆତ୍ମାଙ୍କ ଦ୍ୱାରା ମୁଦ୍ରାଙ୍କିତ ହୋଇଥାନ୍ତି । "ଯିଏ ପରମେଶ୍ୱରଙ୍କଠାରୁ ଜାତ (ପ୍ରଥମ ଯୋହନ) ସେ ପାପ କରେ ନାହିଁ; କାରଣ ସେ ପାପ କରିପାରେ ନାହିଁ, ଯେହେତୁ ପରମେଶ୍ୱରଙ୍କ ବୀଜ ତାଙ୍କଠାରେ ରହିଥାଏ ।"

168 ଜଣେ ବ୍ୟକ୍ତି ଯିଏକି ପବିତ୍ରଆତ୍ମାରେ ପରିପୂର୍ଣ୍ଣ ଅଟେ, ଏହା ନୁହେଁ ଯେ ସେ ଭାବେ ଯେ ସେ ପରିପୂର୍ଣ୍ଣ ଅଟେ, ମାତ୍ର ସେ ଯିଏକି ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଜନ୍ମ ହୋଇଥାଏ ସେ ପାପ କରେ ନାହିଁ, କାରଣ ପରମେଶ୍ୱରଙ୍କ ବୀଜ ତାଙ୍କଠାରେ ରହିଥାଏ, ଏବଂ ସେ ପାପ କରିପାରେ ନାହିଁ । ବୁଝିଲେ? କଅଣ ବାଇବଲ ତାହା ସେହିପରି କୁହେ? ତେଣୁ ଏହା ସେଠାରେ ଅଟେ । ଆପଣ ଅଟନ୍ତି...ଏହା ନୁହେଁ ଯାହା ଆପଣ କରନ୍ତି, କଅଣ, କଅଣ ଅଟେ, ଏହା ତାହା ନୁହେଁ ଯେ ଜଗତ ଆପଣଙ୍କ ବିଷୟରେ କଅଣ ଭାବୁଛି, ଏହା ତ ତାହା ଅଟେ ଯାହା ପରମେଶ୍ୱର ଆପଣଙ୍କ ବିଷୟରେ ଭାବନ୍ତି । ବୁଝିଲେ, ବୁଝିଲେ? ଆପଣ ପାରିବେ ନାହିଁ...ମୁଁ କିପରି ଭାବରେ ନଗରପାଳଙ୍କ ଦ୍ୱାରା ଏକ ଲିଖିତ ଆଦେଶ ପାଇ ପାରେ, ଯେ ମୁଁ ସହର ଦେଇ ଘଣ୍ଟାକୁ ଚାଳିଶ ମାଇଲ ବେଗରେ ଦୌଡ଼ିପାରେ, ଏବଂ ଯେକୌଣସି ପୋଲିସ୍ ମୋତେ ଗିରଫ କରିପାରିବେ? ମୁଁ କରିପାରେ ନାହିଁ । ମୁଁ କିପରି ପାପ କରିପାରେ ଯେତେବେଳେ ସେଠାରେ ପରମେଶ୍ୱରଙ୍କ ସମ୍ମୁଖରେ ନିରନ୍ତର ଏକ ରକ୍ତ ନୈବେଦ୍ୟ ରହିଅଛି, ଯେଉଁଠାରେକି ସେ ମୋତେ ଦେଖି ସୁଦ୍ଧା ପାରନ୍ତି ନାହିଁ ଯେତେବେଳେକି ସେଠାରେ ଉପରେ—ଉପରେ ଏକ ଅବରୋଧକ...ମୋର ଏବଂ ପରମେଶ୍ୱରଙ୍କ ସମ୍ମୁଖରେ, ରକ୍ତର ଏକ ସୁରକ୍ଷା ଢାଲ ଥାଏ? କାରଣ ଆମେମାନେ ମୃତ, ଏବଂ ଆମମାନଙ୍କର ଜୀବନ ପବିତ୍ରଆତ୍ମାଙ୍କ ଦ୍ୱାରା ମୁଦ୍ରାଙ୍କିତ ହୋଇ, ପରମେଶ୍ୱରଙ୍କ ଜରିଆରେ ଖ୍ରୀଷ୍ଟଙ୍କଠାରେ ଲୁକ୍କାୟିତ ରହିଛି । ତେବେ ଆପଣ ଜଗତରେ ପରମେଶ୍ୱରଙ୍କ ଦୃଷ୍ଟିରେ କିପରି ବା କିଛି ଭୁଲ୍ କରିପାରନ୍ତି? "ଯଦି ଆମେ ସତ୍ୟର ଜ୍ଞାନ ପାଇବା ପରେ ଇଚ୍ଛାକୃତ ଭାବରେ ପାପ କରୁ (ଏବ୍ରୀ 10), ତେବେ ପାପ ପାଇଁ ଆଉ କୌଣସି ବଳିଦାନ ବାକି ରହେ ନାହିଁ ।" ଏଠାରେ ଇଚ୍ଛାକୃତ ଭାବରେ ପାପ କରିବା (ବୁଝିଲେ?) ଅସମ୍ଭବ ଅଟେ ।

169 ତେବେ, ଆସନ୍ତୁ ଆଗକୁ ଯାଇ ପାଠ କରିବା । ଠିକ୍ ଅଛି ।

*...ପରିତ୍ୟାଗ କରି; ମୃତ କର୍ମରୁ—ରୁ ମନଃପରିବର୍ତ୍ତନ, ଏବଂ... ପରମେଶ୍ୱରଙ୍କ ପ୍ରତି ବିଶ୍ୱାସ,*

*ନାନା ବାପ୍ତିସ୍ମ ସମ୍ବନ୍ଧୀୟ ଶିକ୍ଷା,...ହସ୍ତାର୍ପଣ, ଏବଂ ମୃତମାନଙ୍କ ପୁନରୁତ୍‌ଥାନ, ଓ...ଶେଷ ବିଚାରସ୍ୱରୂପ ।*

*ଏବଂ ହଁ...ପରମେଶ୍ୱରଙ୍କ ଅନୁମତି ହେଲେ, ଆମ୍ଭେମାନେ ଏହା କରିବା ।*

(ତେବେ ଏଠାରେ ତାହା ଅଟେ ଯେଉଁଠାରେକି ସେମାନେ ଆରମ୍ଭ କରିବାକୁ ଚାହୁଁଥିଲେ, 4ର୍ଥ ପଦରୁ ।) *କାରଣ ଯେଉଁମାନେ ଥରେ...ଆଲୋକପ୍ରାପ୍ତ ହୋଇଅଛନ୍ତି, ସ୍ୱର୍ଗୀୟ ଦାନର ଆସ୍ୱାଦ ପାଇଅଛନ୍ତି ଏବଂ ପବିତ୍ରଆତ୍ମାଙ୍କର ସହଭାଗୀ ହୋଇଅଛନ୍ତି,*

*ପରମେଶ୍ୱରଙ୍କ ଉତ୍ତମ ବାକ୍ୟର ଓ ଭାବୀ ଯୁଗର ଶକ୍ତି ଆସ୍ୱାଦନ କରିଅଛନ୍ତି,*

*ସେମାନେ ଯଦି ଧର୍ମଭ୍ରଷ୍ଟ ହୁଅନ୍ତି, ତାହାହେଲେ ମନଃପରିବର୍ତ୍ତନ ନିମନ୍ତେ ସେମାନଙ୍କୁ ପୁନର୍ବାର ନୂତନ—ନୂତନ କରାଇବା ଅସାଧ୍ୟ; ଯେଣୁ ସେମାନେ ଆପଣା ଆପଣାର ବିନାଶ ନିମନ୍ତେ ପରମେଶ୍ୱରଙ୍କ ପୁତ୍ରଙ୍କୁ, ପୁଣି କ୍ରୁଶାରୋପଣ କରି ପ୍ରକାଶରେ ତାହାଙ୍କୁ ନିନ୍ଦାର ପାତ୍ର କରନ୍ତି ।*

170 ତେବେ, ବର୍ତ୍ତମାନ, ତାହା ଏପରି ଦେଖାଯାଏ, ଯେପରି ଭାବରେ ଆପଣ ଏହାକୁ ସେଠାରେ ପାଠ କରୁଛନ୍ତି, ଯେ ଜଣେ ବ୍ୟକ୍ତି ପବିତ୍ରଆତ୍ମା ଗ୍ରହଣ କରିପାରନ୍ତି, ଓ ତାହାପରେ ପଶ୍ଚାତଗମନ କରି ବିନଷ୍ଟ ହୋଇ ଯାଇପାରନ୍ତି । କିନ୍ତୁ ଏହା କରିବା ତାଙ୍କ ପକ୍ଷେ ଅସମ୍ଭବ ଅଟେ । ବୁଝିଲେ? ସେ ଏହା କରିପାରନ୍ତି ନାହିଁ । ଯଦି ସେ ତାହା କରନ୍ତି, ତେବେ ଖ୍ରୀଷ୍ଟ ମିଛ କହିଥିଲେ । ବୁଝିଲେ? ଏକଦା ଆଲୋକିତ ହୋଇଥିବା ବ୍ୟକ୍ତିଙ୍କ ପାଇଁ ଏହା ଅସମ୍ଭବ ଅଟେ । ତେବେ, ଏଠାରେ ଦେଖନ୍ତୁ । ସେ କାହା ସହିତ କଥାବାର୍ତ୍ତା କରୁଛନ୍ତି? ସେ ସେହି ସୀମାରେଖୀୟ ଯିହୁଦୀମାନଙ୍କ ସହ କଥାବାର୍ତ୍ତା କରୁଛନ୍ତି । ସେ କଦାପି କହି ନାହାଁନ୍ତି ଯେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୋଇଥିବା ଜଣେ ବ୍ୟକ୍ତି; ସେ କହିଲେ, "ଯଦି ସେ ପରମେଶ୍ୱରଙ୍କ ବାକ୍ୟର ଆସ୍ୱାଦନ କରିଅଛନ୍ତି ।"

171 ତେବେ, ମୋତେ ଏହାକୁ ଏକ ଦୃଷ୍ଟାନ୍ତରେ ବୁଝାଇବାକୁ ଦିଅନ୍ତୁ, ଯେପରିକି ଆପଣ ଏହାକୁ ବର୍ତ୍ତମାନ ଦେଖିବେ ଓ ଏହାକୁ ହରାଇବେ ନାହିଁ । ତେବେ, ସେ ଏହି ଯିହୁଦୀମାନଙ୍କୁ ଲେଖୁଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ସୀମାରେଖୀୟ ବିଶ୍ୱାସୀ ଅଟନ୍ତି । ବୁଝିଲେ? ସେ କହିଲେ, "ତେବେ, ଆମେ ଏହି କାର୍ଯ୍ୟଗୁଡ଼ିକୁ ପରିତ୍ୟାଗ କରି ସିଦ୍ଧତା ବିଷୟରେ କହିବାକୁ ଯାଉଅଛୁ ।" କହିଲେ, "ତେବେ, ଆମେ ବାପ୍ତିସ୍ମ ବିଷୟରେ, ଏବଂ ମୃତମାନଙ୍କର ପୁନରୁତ୍‌ଥାନ, ଏବଂ ହାତ ରଖିବା, ଓ ସବୁକିଛି ବିଷୟରେ କହୁଅଛୁ; ମାତ୍ର ଆସୁ ବର୍ତ୍ତମାନ ସିଦ୍ଧତା ବିଷୟରେ କହିବା ପାଇଁ ଆଗକୁ ଯାଉ । ତେବେ, ଆମେ ତାହା ବିଷୟରେ କହିବାକୁ

ଯାଉଅଛୁ ଯେତେବେଳେ ଆପଣ ପବିତ୍ରଆତ୍ମା ଭିତରକୁ ଆସନ୍ତି । ତେବେ, ଆପଣ ଦୀର୍ଘ ସମୟ ହେଲାଣି ଏହି ସଭାର ଆଖପାଖରେ ରହି ଆସିଛନ୍ତି...”

172 ଏବଂ ଆପଣ ସେହି ଲୋକମାନଙ୍କୁ ଦେଖିଛନ୍ତି । ସେମାନେ ଆଖପାଖରେ ରହିଥିବେ; ସେମାନେ ଭିତରକୁ ଆସିବେ ନାହିଁ କିମ୍ବା ବାହାରକୁ ଯିବେ ନାହିଁ । ସେମାନେ ପବିତ୍ରଆତ୍ମାକୁ ପ୍ରଶଂସା କରିବେ । ସେମାନେ ଆଖପାଖକୁ ଆସିବେ । ଏବଂ ହୋଇପାରେ ଯେ ପବିତ୍ରଆତ୍ମା କିଛି କରନ୍ତି ଏବଂ, ପୁରୁଷମାନେ, ସେମାନେ ଉଠି ଚିତ୍କାର କରିବେ, ଏବଂ ଏହି ବିଷୟ ନେଇ ଉପର ଓ ତଳ ଭୂମି ଉପରେ ଡେଇଁବେ, କିନ୍ତୁ ସେମାନେ ନିଜେ ଏହାକୁ କେବେ ଗ୍ରହଣ କରିବାକୁ ଚାହିଁବେ ନାହିଁ । ନା ନା! ବୁଝିଲେ? ଏବଂ ସେମାନେ କହିବେ, “ଓଃ, ହଁ, ତାହା ଭଲ ଅଟେ । ଓଃ, ମୁଁ ତେବେ ତାହା ବିଷୟରେ ଜାଣେ ନାହିଁ ।” ବୁଝିଲେ, ବୁଝିଲେ, ବୁଝିଲେ? ସୀମାରେଖୀୟ ବିଶ୍ୱାସୀମାନ । ଏତେ ନିକଟବର୍ତ୍ତୀ ଯେ ସେମାନେ ଏହାକୁ ଆସ୍ୱାଦନ କରିପାରନ୍ତି, ମାତ୍ର ତଥାପି ସେମାନେ ଏହାକୁ ଗ୍ରହଣ କରନ୍ତି ନାହିଁ । ବୁଝିଲେ? ତେବେ, ସେମାନେ ସେହିପରି ଭାବରେ ଏତେ ଅଧିକ ଆଖପାଖରେ ରହିଥାନ୍ତି ଏପରିକି ଅଳ୍ପ କେତେ ଦିନ ଉତ୍ତାରେ ସେମାନେ ସମ୍ପୂର୍ଣ୍ଣଭାବେ ଦୂରେଇ ଯାଆନ୍ତି । ମୁଁ ଅନେକ ଲୋକମାନଙ୍କର ନାମଗୁଡ଼ିକ ଧରି ଡାକି ପାରେ ଯେଉଁମାନେକି ଆରାଧନାଳୟ ଥାଇ, ସେହି ସମାନ କାର୍ଯ୍ୟ କରିଥିଲେ । ପତିତ ହୋଇଥିଲେ, ଯେ ପୁନର୍ବାର ସେମାନଙ୍କୁ ମନ ଫେରଣ କରି ନୂତନୀକୃତ କରିବା ହେତୁ, ସେମାନଙ୍କ ପାଇଁ ଆଉ କୌଣସି ପଶ୍ଚାତାପ ବାକି ନାହିଁ । ସେମାନେ କେବଳ ଆତ୍ମାଙ୍କୁ ଦୁଃଖିତ କରି ନିଜଠାରୁ ଦୂର କରିଦେଲେ । ସେମାନେ ଏତେ ନିକଟବର୍ତ୍ତୀ ହୋଇଥିଲେ ଯେ ଏପରିକି...

173 ଏଠାରେ, ଯଦି ଆପଣମାନେ ମୋ ସହିତ ଆସିବେ (ଆପଣମାନଙ୍କର ସମୟ ନାହିଁ, ମୁଁ ଜାଣେ, ତେବେ) କିନ୍ତୁ ଯଦି ଆପଣମାନେ ଦ୍ୱିତୀୟ ବିବରଣ ତାର 1ମ ପର୍ବକୁ ଆସି ତାକୁ ପାଠ କରିବେ, ଆପଣ ସେହି ସମାନ ବିଷୟକୁ ପାଇବେ । ଏହାକୁ ବର୍ତ୍ତମାନ ଚିହ୍ନିତ କରେ, ଦ୍ୱିତୀୟ ବିବରଣ ତାର 1ମ ପର୍ବ । ତେବେ, ପୁଣି 19ଶ ପଦରୁ ଆରମ୍ଭ କରନ୍ତୁ ଏବଂ 20ଶେ ପର୍ଯ୍ୟନ୍ତ ପାଠ କରନ୍ତୁ । ଦ୍ୱିତୀୟ ବିବରଣ...ଆପଣ ପାଇବେ...ତେବେ ଦେଖନ୍ତୁ । ସମସ୍ତ ଇସ୍ରାଏଲ...ସେହି ଲୋକମାନେ କଅଣ କଲେ, ସେମାନେ କାଦେଶ-ବର୍ଣ୍ଣିଆକୁ ଆସିଲେ । ଓଃ, ମୁଁ କିଛି ଦେଖୁଛି! ଏହି ଆରାଧନାଳୟ, ଏହି ପେଣ୍ଟିକଷ୍ଟାଲ୍ ଜଗତ ବର୍ତ୍ତମାନ କାଦେଶ-ବର୍ଣ୍ଣିଆରେ ଅଛି । ତାହା ଅବିକଳ ଠିକ୍ ଅଟେ, ଭାଇ ନେଭିଲ୍ । ଆମେ କାଦେଶ-ବର୍ଣ୍ଣିଆରେ ଅଛୁ, ଜଗତର ବିଚାର ଆସନ (ବିଚାର ଆସନ ଥିଲା) ।

174 ଏବଂ ଗୁପ୍ତଚରମାନେ ପଠା ଗଲେ । ଯିହୋଶୂୟ ଏଠାରେ କହିଲେ, “ତେବେ, ମୁଁ ଗୁପ୍ତଚର ପଠାଉଅଛି,” କିମ୍ବା ମୋଶା, ବରଂ, “ମୁଁ ବାରଜଣ ଗୁପ୍ତଚର, ଜଣେ ଜଣେ କରି, ତୁମର ପ୍ରତ୍ୟେକ ଗୋଷ୍ଠୀରୁ ଜଣେ ଲୋକକୁ ପଠାଉଅଛି । ମୁଁ ସେମାନଙ୍କୁ ଦେଶ ଅନୁସନ୍ଧାନ କରିବାକୁ ଏବଂ ଏକ ଖବର ନେଇ ଆସିବାକୁ ପଠାଉଅଛି ।” କଅଣ ଏହା ଠିକ୍ କି?

ଏବଂ ଯେତେବେଳେ ସେମାନେ ଫେରି ଆସିଲେ, ସେଠାରେ ବାରଜଣଙ୍କ ମଧ୍ୟରୁ ନଅ ଜଣ କହିଲେ, "ଓଃ, ଏହା ଏକ ଉତ୍ତମ ଦେଶ ଅଟେ, କିନ୍ତୁ ଓଃ, ଦୟା କର, ଆମେ ଏହାକୁ ଅଧିକାର କରିପାରିବା ନାହିଁ । ଓଃ, ମୋର ପ୍ରଭୁ! ଅମୋରୀୟମାନେ ସେଠାରେ ଅଛନ୍ତି, ଏବଂ ଆମେ ସେମାନଙ୍କ ପାର୍ଶ୍ୱରେ ଫଡିଙ୍ଗ ପରି ଦେଖାଯାଉ । ସେମାନେ ସଶସ୍ତ୍ର ଲୋକ । ସେମାନଙ୍କର ପ୍ରାଚୀରଗୁଡିକ ବୃହତ୍ ଅଟେ । ଓଃ, ଏହା ତ ଅତ୍ୟଧିକ...କାହିଁକି, ମୁଁ ଇଚ୍ଛା କରେ ଯେ ତୁମେ ଆମକୁ ଏଠାକୁ ନେଇ ଆସିବା ପରିବର୍ତ୍ତେ ଆମେ ମିସରରେ ହିଁ ମରିଯାଇଥାନ୍ତୁ ।"

175 କିନ୍ତୁ, ଛୋଟ ବୃଦ୍ଧ କାଲେବ ଏବଂ ଯିହୋଶୂୟ ସେଠାରେ ଡ଼େଇଁ ପଡିଲେ ଓ ସେମାନଙ୍କୁ ଶାନ୍ତ କରାଇଲେ; କହିଲେ, "ଆମେ ଏହାକୁ ଅଧିକାର କରିବା ପାଇଁ ଯଥେଷ୍ଟ ସକ୍ଷମ ଅଟୁ ।" ହଁ, ଆଜ୍ଞା! ସେଠାରେ ସେହି ଜଣକା ଅଟନ୍ତି । ତେବେ ଦେଖନ୍ତୁ । କଅଣ ହେଲା? କାଲେବ ଏବଂ ଯିହୋଶୂୟ ଜାଣିଥିଲେ ଯେ ପରମେଶ୍ୱର ଏହାର ପ୍ରତିଜ୍ଞା ଦେଇଛନ୍ତି: "ମୋର ଏଥିରେ କିଛି ଯାଏ ଆସେ ନାହିଁ ଯେ ଏହା କେତେ ବଡ଼ ଅଟେ, ବାଧାଗୁଡିକ କେତେ ଅଧିକ ଅଟେ, ସେଗୁଡିକ କେତେ ଉଚ୍ଚ ଅଟେ, ସେଗୁଡିକ କେତେ ବୃହତ ଅଟେ, ସେମାନଙ୍କର ଏହା ସହିତ କୌଣସି ସମ୍ପର୍କ ନାହିଁ । ପରମେଶ୍ୱର ଏହା କହିଛନ୍ତି, ଏବଂ ଆମେ ଏହାକୁ ଅଧିକାର କରିପାରୁ ।" ଏବଂ କଅଣ ଆପଣ ଜାଣନ୍ତି କି ସେମାନେ କେବଳ ଦୁଇଜଣ ଲୋକ ଥିଲେ, ସେଠାରେ ସେହି ପଚିଶ ଲକ୍ଷ ମଧ୍ୟରୁ, ଯେଉଁମାନେକି କେବେ ସେହି ଦେଶକୁ ଅତିକ୍ରମ କରିଥିଲେ? କାରଣ ସେମାନେ ନିଜର ବିଶ୍ୱାସକୁ ସେଥିରେ ଧରି ରଖିଥିଲେ ଯାହାକୁ ପରମେଶ୍ୱର ସତ୍ୟ ବୋଲି କହିଥିଲେ । ଆମେନ୍!

176 ସେହି ଆରାଧନାଳୟ, ଠିକ୍ ବର୍ତ୍ତମାନ, କାଦେଶ-ବର୍ଣ୍ଣିଆରେ ଉପସ୍ଥିତ ଅଟେ । ଦେଖନ୍ତୁ, ସେହି ଲୋକମାନେ ଏତେ ନିକଟବର୍ତ୍ତୀ ଥିଲେ ଯେ ଏପରିକି ସେମାନେ ସେହି ଦେଶର ଅଙ୍ଗୁର ଆସ୍ୱାଦନ କରିଥିଲେ । ସେମାନେ ଅଙ୍ଗୁର ଖାଇଥିଲେ । ଯେତେବେଳେ କାଲେବ ଏବଂ ସେମାନେ ଆର ପାରିକୁ ଯାଇ ଅଙ୍ଗୁର ନେଇ ଆସିଥିଲେ, ସେହି ଲୋକମାନେ ସେଥିରୁ କିଛି ଛିଣ୍ଡାଇ ତାହା ଖାଇଥିଲେ । "ଓଃ, ସେଗୁଡିକ ଭଲ ଅଟେ, କିନ୍ତୁ ଆମେ ତାହା କରିପାରିବା ନାହିଁ ।" "ସେମାନେ ଯେଉଁମାନେକି ପରମେଶ୍ୱରଙ୍କ ଉତ୍ତମ କାର୍ଯ୍ୟକୁ ଆସ୍ୱାଦନ କରିଛନ୍ତି, ପବିତ୍ରଆତ୍ମାଙ୍କର ଆସ୍ୱାଦନ କରିଛନ୍ତି, ଏହାର ଉତ୍ତମତା ଦେଖିଛନ୍ତି, ଏହାକୁ ଆସ୍ୱାଦନ କରିଛନ୍ତି, ପରମେଶ୍ୱରଙ୍କ ବାକ୍ୟକୁ ଆସ୍ୱାଦନ କରିଛନ୍ତି..." କଅଣ ତାହା ଦେଖୁଛନ୍ତି? ସେମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିଙ୍କୁ, ସେମାନଙ୍କ ମଧ୍ୟରୁ ଜଣକାକୁ ହେଲେ କାହାରିକୁ ଆରପାରିକୁ ଯିବାର ଅନୁମତି ଦିଆ ଗଲା ନାହିଁ । ସେମାନେ ଏଠାରେ ପ୍ରାନ୍ତରରେ, ସେମାନଙ୍କର ନିଜ ଦେଶରେ ବିନଷ୍ଟ ହୋଇଗଲେ । ସେମାନେ କଦାପି ଆରପାରିକୁ ଗଲେ ନାହିଁ, ତଥାପି ସେମାନେ ଏହାକୁ ଆସ୍ୱାଦନ କରିବା ପାଇଁ ଯଥେଷ୍ଟ ନିକଟବର୍ତ୍ତୀ ଥିଲେ, କିନ୍ତୁ ଏହାକୁ ଗ୍ରହଣ କରିବା ପାଇଁ ଯଥେଷ୍ଟ ଅନୁଗ୍ରହ ଏବଂ ବିଶ୍ୱାସ ନ ଥିଲା । ଏହା ହିଁ ଅଟେ ଯାହାକି ତାହା ଥିଲା ।

177 ତେବେ। ତେବେ ସେହି ପ୍ରିୟ ବ୍ୟକ୍ତିଙ୍କୁ ଶୁଣନ୍ତୁ ଯିଏକି ଏହି ଚିଠି ଲେଖିଥିଲେ। ଆସନ୍ତୁ ପରବର୍ତ୍ତୀ ପଦଟି ପାଠ କରିବା। ମାତ୍ର ଗୋଟିଏ ମିନିଟ୍ ଦେଖନ୍ତୁ। ପାଉଲଙ୍କୁ ଦେଖନ୍ତୁ। ତେବେ ଆସନ୍ତୁ 7ମ ପାଠ କରିବା:

> *କାରଣ ଯେଉଁ ଭୂମି...ଆପଣା ଉପରେ ବାରମ୍ବାର ପତିତ ବୃଷ୍ଟିଜଳ ପାନ କରେ, ଆଉ ଯେଉଁମାନଙ୍କ ନିମନ୍ତେ ତାହା ଚାଷ କରାଯାଏ, ସେମାନଙ୍କର ଉପଯୋଗୀ ଶାକାଦି ଉତ୍ପନ୍ନ କରେ, ତାହା ପରମେଶ୍ୱରଙ୍କଠାରୁ ଆଶୀର୍ବାଦ ପ୍ରାପ୍ତ ହୁଏ:*
>
> *କିନ୍ତୁ ତାହା ଯଦି କଣ୍ଟା ଓ ଅଗରାଗଛ ଉତ୍ପନ୍ନ କରେ, ତେବେ ତାହା ଅଗ୍ରାହ୍ୟ ହୋଇ ଅବିଳମ୍ବେ ଶାପଗ୍ରସ୍ତ ହୁଏ; ପୁଣି ତାହାର ଚରମ ଦଶା ଅଗ୍ନି ଦାହ।*

178 ତେବେ, ଦେଖନ୍ତୁ ସେ କଅଣ କହୁଛନ୍ତି? ତେବେ ଦେଖନ୍ତୁ। ଏଠାରେ ଏହି ପ୍ରଶ୍ନ ଥିଲା; ତେବେ, ଆଉ ତାହାପରେ ଆମେମାନେ ବନ୍ଦ କରିବା...ଏହି ବିଷୟ ମୋତେ ବର୍ଷ ବର୍ଷ ଧରି ମାରି ପକାଇବା ପରି ହୋଇଥିଲା।

179 ମୁଁ ଥରେ ଇଣ୍ଡିୟାନାର, ମିଶାୱାକାରେ ଏକ ସଭାକୁ ଯାଇଥିଲି ଯେଉଁଠାରେ ଲୋକମାନେ ପରାଭାଷାରେ କଥା କହିଥିଲେ। ତେବେ, ମୁଁ ମୋର ନିଜ ଲୋକମାନଙ୍କ ସମ୍ମୁଖରେ ଅଛି। ଆପଣ ସେହି ଲୋକମାନଙ୍କ ବିଷୟରେ ଶୁଣିଛନ୍ତି...ମୋ ଜୀବନ କାହାଣୀରେ ମୋତେ କହିଥିବାର ଶୁଣିଛନ୍ତି, ଏବଂ ସେହି ଅଶ୍ୱେତ ବ୍ୟକ୍ତିଙ୍କ ବିଷୟରେ ଯିଏକି କହିଥିଲେ, "ସେ ଏଠାରେ ଅଛନ୍ତି। ସେ ଏଠାରେ ଅଛନ୍ତି।" ତେବେ, ମୁଁ ତାହା କହିଅଛି।

180 କିନ୍ତୁ ତାହାର ବାକି ବିଷୟ: ମୁଁ ଦୁଇଜଣ ପୁରୁଷଙ୍କୁ ଦେଖିଲି। ସେମାନେ ଥିଲେ...ଜଣେ ବାର୍ତ୍ତା ଦେଉଥାନ୍ତି, ଅନ୍ୟ ଜଣକ ତାହାର ଅର୍ଥ କରୁଥାନ୍ତି। ଅନ୍ୟ ଜଣକ ଏକ ବାର୍ତ୍ତା ଦିଅନ୍ତି, ଏବଂ ଅନ୍ୟ ଜଣକ ତାହାର ଅର୍ଥ କରନ୍ତି। ଏବଂ ଭାଇ, ସେମାନେ ଠିକ୍ ଥିଲେ। କେବଳ ଏହା... ମୁଁ ଭାବିଲି, "ମୋର ପ୍ରଭୁ! ମୁଁ ସେହିପରି କୌଣସି ବିଷୟ ଦେଖି ନ ଥିଲି।" ମୁଁ କହିଲି, "ମୁଁ ଦୂତମାନଙ୍କ ମଧ୍ୟରେ ଅଛି।" ମୁଁ ଭାବିଲି, ମୁଁ କେବେବି ସେପରି କିଛି ଦେଖିନାହିଁ...ଜଣେ କହନ୍ତି, ଏବଂ ଅନ୍ୟ ଜଣକ...

181 ଏବଂ ମୁଁ ସେଠାରେ ପଛରେ, ଜଣେ ପୁରୁଣା ପ୍ରଚାରକ ଭାବରେ ବସିଥାଏ, ଆପଣ... [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]...ଉଭୟେ ବ୍ୟକ୍ତି କିଛି ସମୟ ଆଉ ନିଜର ହାତ ମିଶାନ୍ତି। ମୁଁ ମୋ ଜୀବନରେ ଏପରି ବ୍ୟକ୍ତିମାନଙ୍କୁ କେବେ ଦେଖି ନ ଥିଲି। ସେମାନେ ଏକ ବାର୍ତ୍ତା କୁହନ୍ତି, ଏବଂ ଅନ୍ୟ ଜଣକ ଏହାର ଅର୍ଥ କରେ। ଏବଂ ମୋର, ମୋର ପ୍ରଭୁ! ଏହା ଚମତ୍କାର ଥିଲା! ଜଣେ, କହୁଥାଏ ଏବଂ ଅନ୍ୟ ଜଣକ ଅର୍ଥ କରୁଥାନ୍ତି। ଉଭୟ...ଏବଂ ଯେତେବେଳେ ସେମାନେ ନିଜର ହାତ ଉପରକୁ ଉଠାନ୍ତି ସେତେବେଳେ ସେମାନେ କେବଳ ଚଖଡ଼ି ପରି ଧଳା ହୋଇଯାଆନ୍ତି। ମୁଁ ଭାବିଲି, "ଓଃ, ମୋର, ମୋର ପ୍ରଭୁ! ମୁଁ ମୋର ସାରା ଜୀବନ କେଉଁଠାରେ

ରହିଥିଲି? ଏହା ତ ହେଉଛି ସେହି ବିଷୟ!” ମୁଁ କହିଲି, “ମୋର ପ୍ରଭୁ, ପେଣ୍ଟିକେଷ୍ଟାଲ୍‌ମାନେ ଠିକ୍ ଅଟନ୍ତି ।” ତାହା ଅବିକଳ ଠିକ୍ ଅଟେ ।

182 ମୁଁ ବହୁତ କିଛି ଦେଖିନାହିଁ କେବଳ ଏତିକି ମାତ୍ର ଯାହାକି ଠିକ୍ ଏଠାରେ ଆଖପାଖରେ ରହିଥିଲା, ଯେଉଁଠାରେ ସେହି...ବୋଧହୁଏ ଦୁଇ ତିନିଜଣ ମହିଳା କେଉଁଠାରେ ଏକ କାର୍ଯ୍ୟଭାର ସହିତ ରହିଥିଲେ । ଏବଂ ସେମାନେ କଳିଝଗଡା କରୁଥାନ୍ତି; ଆଉ ଜଣେ ଅନ୍ୟ ଜଣକାକୁ ଡାକିଥାନ୍ତି, “ମୃତଭକ୍ଷକ ପକ୍ଷୀ,” ଏବଂ, ଆପଣ ଜାଣନ୍ତି, ଠିକ୍ ସେହିପରି କିଛି, ଜଣେ ଅନ୍ୟ ସହିତ ପରସ୍ପର ଝଗଡା କରୁଥାନ୍ତି । ତେବେ ମହିଳାମାନଙ୍କ ପ୍ରତି ଅସମ୍ମାନ କିମ୍ୱା ସେପରି କିଛି ନୁହେଁ, ମାତ୍ର କେବଳ...ଏହା—ଏହା ସେହି ନିମ୍ନ ସ୍ତରରେ ଥିଲା । ଯଦି ଆପଣଙ୍କ ମଧ୍ୟରୁ କେହି...ଆପଣମାନଙ୍କର ମନେ ଅଛି, ଭାଇ ଗ୍ରାହାମ୍ । ଆପଣ ସେତେବେଳେ ଏକ ଛୋଟ ପିଲା ହିଁ ଥିଲେ । ଏବଂ ତେଣୁକରି, ତାହା ସେହିଭଳି ହିଁ ଥିଲା ।

ଆଉ ମୁଁ ତାହା ଶୁଣିଲି, ଏବଂ ମୁଁ ଭାବିଲି, “ଓଃ, ମୋର ପ୍ରଭୁ, ମୁଁ ଦୂତମାନଙ୍କୁ ପାଇଅଛି ।”

183 ଦିନେ ଘରର ସେହି କୋଣରୁ ଆସୁଥିଲି, ପ୍ରାୟଃ ଦ୍ୱିତୀୟ ଦିନ, ମୁଁ ସେହି ବ୍ୟକ୍ତିଙ୍କ ମଧ୍ୟରୁ ଜଣକାକୁ ଭେଟିଲି । ମୁଁ କହିଲି, “ମହାଶୟ, ଆପଣ କେମିତି ଅଛନ୍ତି?”

ସେ କହିଲେ, “ଆପଣ କେମିତି ଅଛନ୍ତି?” ସେ କହିଲେ, “କଅଣ...ଆପଣଙ୍କର ନାମ କଅଣ?”

ଏବଂ ମୁଁ କହିଲି, “ବ୍ରାନହାମ୍ ।”

ସେ କହିଲେ, “ଆପଣ କେଉଁଠାରୁ ଅଟନ୍ତି? ଏଠାରୁ?”

ଆଉ ମୁଁ କହିଲି, “ନା, ମୁଁ ଜେଫର୍ସନ୍‌ଭିଲେରୁ ଅଟେ ।”

ସେ କହିଲେ, “ତେବେ, ତାହା ଭଲ କଥା । କଅଣ ଆପଣ ପେଣ୍ଟିକେଷ୍ଟାଲ୍ କି?”

ମୁଁ କହିଲି, “ନା, ଆଜ୍ଞା, ମୁଁ ନୁହେଁ ।” ମୁଁ କହିଲି, “ମୁଁ ପବିତ୍ରଆତ୍ମା ଗ୍ରହଣ କରିବାର ସେହି ପେଣ୍ଟିକେଷ୍ଟାଲ୍ ଉପାୟକୁ ଗ୍ରହଣ କରେ ନାହିଁ,” ମୁଁ କହିଲି, “ଯାହା ବି ହେଉ,” ମୁଁ କହିଲି, “ମୁଁ ଏଠାରେ ଶିଖିବା ପାଇଁ ଅଛି ।”

184 ସେ କହିଲେ, “ତେବେ, ତାହା ବହୁତ ଭଲ ଅଟେ ।” ଏବଂ ତାଙ୍କ ସହିତ କଥାବାର୍ତ୍ତା କରୁଥିବା ବେଳେ, ତାଙ୍କ ଆତ୍ମାକୁ ଧରିଲି (କୂଅରେ ଥିବା ସେହି ସ୍ତ୍ରୀଲୋକ ପରି), ସେ ଜଣେ ପ୍ରକୃତ ଖ୍ରୀଷ୍ଟିଆନ ଥିଲେ । ଭାଇ, ମୋର କହିବାର ଅର୍ଥ ସେ ସର୍ବତ୍ର ଠିକ୍ ଦେଖା ଯାଉଥିଲେ । ସେ ଭଲ ଥିଲେ । ତେବେ, ଆପଣମାନେ ସମସ୍ତେ...କେତେ ଜଣ ମୋର ସଭାଗୁଡ଼ିକରେ ରହିଛନ୍ତି ଏବଂ ସେହିସବୁ ଘଟଣା ଘଟୁଥିବାର ଦେଖିଛନ୍ତି? କଅଣ ଆପଣ ଦେଖିଛନ୍ତି କି? ଏବଂ ସେହି ବ୍ୟକ୍ତିଟି ସମ୍ପୂର୍ଣ୍ଣରୂପେ ଠିକ୍ ଥିଲେ । ତେଣୁକରି ତେବେ, ମୁଁ—ମୁଁ ଭାବିଲି, “ସେଠାରେ! ମୋର ପ୍ରଭୁ, କେଡ଼େ ଅଦ୍ଭୁତ!”

185 ପ୍ରାୟଃ ସେହି ସନ୍ଧ୍ୟାରେ, ଅପରାହ୍ନରେ କୌଣସି ସମୟରେ, ମୁଁ ଅନ୍ୟ ଜଣକୁ ଭେଟିଲି । ମୁଁ କହିଲି, "ମହାଶୟ, ଆପଣ କେମିତି ଅଛନ୍ତି?"

ସେ କହିଲେ, "ଆପଣ କେମିତି ଅଛନ୍ତି? ଆପଣଙ୍କର ନାମ କଅଣ?" ଏବଂ ମୁଁ ତାଙ୍କୁ କହିଲି । ଏବଂ ସେ କହିଲେ, "କଅଣ...କଅଣ—କଅଣ ଆପଣ ଜଣେ ପେଣ୍ଟିକଷ୍ଟାଲ୍ କି?"

ମୁଁ କହିଲି, "ନା, ଆଜ୍ଞା, ଠିକ୍ ପେଣ୍ଟିକଷ୍ଟାଲ୍ ତ ନୁହେଁ, ମୁଁ ଭାବୁ ନାହିଁ ।" ମୁଁ କହିଲି, "ମୁଁ ତ କେବଳ ଏଠାରେ ଶିଖିବା ପାଇଁ ଅଛି ।"

ସେ କହିଲେ, ମୁଁ କହିଲି, ସେ କହିଲେ, "କଅଣ ଆପଣ କେବେ ପବିତ୍ରଆତ୍ମା ପାଇଛନ୍ତି?"

ମୁଁ କହିଲି, "ମୁଁ—ମୁଁ ଜାଣି ନାହିଁ ।" ମୁଁ କହିଲି, "ଆପଣ ସମସ୍ତେ ଯାହା ପାଇଛନ୍ତି ତଦନୁସାରେ ତ, ମୁଁ ଅନୁମାନ କରୁଛି ଯେ ମୋର ତାହା ନାହିଁ ।"

ଏବଂ ସେ କହିଲେ, "କେବେ ପରଭାଷାରେ କଥା କହିଛନ୍ତି କି?"

ମୁଁ କହିଲି, "ନା, ମହାଶୟ!"

ସେ କହିଲେ, "ତାହାହେଲେ ତୁମେ ତାହାକୁ ପାଇ ନାହଁ ।"

186 ଏବଂ ମୁଁ କହିଲି, "ତେବେ, ମୁଁ—ମୁଁ ଅନୁମାନ କରୁଛି ଯେ ତାହା ଠିକ୍ ।" ମୁଁ କହିଲି, "ମୁଁ ଜାଣି ନାହିଁ । ମୁଁ ପ୍ରାୟଃ ଦୁଇ ବର୍ଷରୁ ଟିକେ କମ୍ ହେବ, ପ୍ରଚାର କରୁଛି," ଏବଂ ମୁଁ କହିଲି, "ମୁଁ ଏହା ବିଷୟରେ ଅଧିକ କିଛି ଜାଣେ ନାହିଁ ।" ମୁଁ କହିଲି, "ବୋଧହୁଏ ମୁଁ ଜାଣେ ନାହିଁ ।" ମୁଁ କହିଲି, "ମୁଁ ବୁଝିପାରେ ନାହିଁ..." କାରଣ କଅଣ, ମୁଁ ତାଙ୍କୁ ସେହିଠାରେ ଧରିବାକୁ ଚେଷ୍ଟା କରୁଥିଲି (ବୁଝିଲେ?), ଏହାକୁ ଧରିବା ପାଇଁ । ଏବଂ ଯେତେବେଳେ ମୁଁ କଲି, ଯଦି ମୁଁ କେବେ ଜଣେ କପଟୀଙ୍କୁ ଭେଟିଥିଲି, ସେଠାରେ ସେମାନଙ୍କ ମଧ୍ୟରୁ ଜଣେ ଥିଲେ । ତାଙ୍କ ପତ୍ନୀ ଅଶ୍ୱେତବର୍ଣ୍ଣ-ମୁଣ୍ଡ ଥିଲେ; ଏବଂ ଏହି ବ୍ୟକ୍ତିଜଣକ ଜଣେ ସୁବର୍ଣ୍ଣ-କେଶଥିବା ସ୍ତ୍ରୀ ସହିତ ରହୁଥିଲେ, ତାଙ୍କ ଔରସରୁ ଦୁଇଟି ସନ୍ତାନ ଥିଲେ; ଏବଂ ପରଭାଷାରେ କଥା କହୁଥିଲେ, ଏହାକୁ ଯଥାସମ୍ଭବ ସଠିକ୍ ଭାବେ ଅର୍ଥ କରୁଥିଲେ । ଏବଂ ମୁଁ କହିଲି, "ତେବେ, ପ୍ରଭୁ, ମୁଁ କେଉଁଠାକୁ ଆସିଯାଇଛି?" ଦୂତମାନଙ୍କଠାରୁ, ମୁଁ ଜାଣେ ନାହିଁ ଯେ ମୁଁ କେଉଁଠାକୁ ଆସିଯାଇଥିଲି । ମୁଁ କହିଲି, "ମୁଁ—ମୁଁ—ମୁଁ ମୌଳିକବାଦୀ ଅଟେ; ଏହାକୁ ତ ବାଇବଲ ହେବା ଆବଶ୍ୟକ । ଏହା ଠିକ୍ ହେବା ଆବଶ୍ୟକ । ପ୍ରଭୁ, କୌଣସିଠାରେ ତ କିଛି ଗୋଟାଏ ଭୁଲ୍ ଅଛି । ତାହା କିପରି ହୋଇପାରେ?"

187 ମୁଁ ସେଦିନ ରାତିରେ ସଭାକୁ ଗଲି, ଏବଂ ସେହି ଆତ୍ମା ଓହ୍ଲାଇ ଆସିଲା; ଏବଂ ଭାଇ, ଆପଣ ଏହା ଅନୁଭବ କରିପାରିବେ, ଯେ ଏହା ପବିତ୍ରଆତ୍ମା ଥିଲା । ହଁ, ଆଜ୍ଞା! ଯଦି ଏହା ନ ଥାନ୍ତା, ତେବେ ତାହା ମୋର ଆତ୍ମା ସହିତ ସାମଞ୍ଜସ୍ୟରେ ଥାଆନ୍ତା ଯେ ଏହା ପବିତ୍ରଆତ୍ମା ଥିଲା । ଏବଂ ମୁଁ ତ କେବଳ ଜଣେ ଯୁବା ପ୍ରଚାରକ ହିଁ ଥିଲି, ଏବଂ ଜାଣି ନ ଥିଲି ଯେ କିପରି,

ଆତ୍ମାର ଭଲ ମନ୍ଦର ପରିଭେଦକ ବିଷୟରେ। କିନ୍ତୁ ମୁଁ ସେଠାରେ ବସିଥିଲି। ଏବଂ ମୁଁ ଜାଣେ ଯେ ଠିକ୍ ସେହି ପରମେଶ୍ୱର ଯିଏକି ମୋତେ ଉଦ୍ଧାର କରିଥିଲେ, ସେହି ସମାନ ଅନୁଭୂତି ଥିଲା...ମୁଁ ଅନୁଭବ କଲି ଯେପରିକି ମୁଁ ଛାତ ଦେଇ ଯାଉଅଛି, ତାହା ସେହି ଭବନରେ ଏକ ଅଦ୍ଭୁତ ଅନୁଭୂତି ଥିଲା। ମୁଁ ଭାବିଲି...

188 ସେମାନଙ୍କ ମଧ୍ୟରୁ ପ୍ରାୟଃ ପନ୍ଦର ଶହ ସେଠାରେ ଥିଲେ। ମୁଁ ଭାବିଲି, "ମୋର ପ୍ରଭୁ, ଓଃ ମୋର ପ୍ରଭୁ!" ସେମାନଙ୍କ ମଧ୍ୟରୁ ଦୁଇ ବା ତିନି ସମୂହ ଏକାଠି ହୋଇଥିଲେ। ଆଉ ମୁଁ ଭାବିଲି, "କୁହନ୍ତୁ, ମୋର ପ୍ରଭୁ! ଏହା କିପରି ହୋଇପାରେ? ତେବେ, ସେହି ମହାନ ଆତ୍ମା ଏହି ଭବନରେ ସେହିପରି ଭାବରେ ଅବତରିତ ହେଉଥିଲେ; ଏବଂ ଏଠାରେ, ଏହାକୁ ସେଠାରେ ଉପରକୁ ଯାଉଥିବାର ଦେଖନ୍ତୁ, ସେହି ଲୋକମାନେ ପରଭାଷାରେ କଥା କହୁଛନ୍ତି, ଅର୍ଥ କରୁଛନ୍ତି, ବାର୍ତ୍ତା ସିଦ୍ଧ ଭାବରେ ପ୍ରଦାନ କରୁଛନ୍ତି—ଏବଂ ସେମାନଙ୍କ ମଧ୍ୟରୁ ଜଣେ କପଟୀ ଏବଂ ଅନ୍ୟଜଣେ ପରମେଶ୍ୱରଙ୍କ ବାସ୍ତବିକ ଜନ ଅଟନ୍ତି।" ଏବଂ ମୁଁ ଭାବିଲି, "ବର୍ତ୍ତମାନ, ମୁଁ ସମ୍ପୂର୍ଣ୍ଣ ଦ୍ୱନ୍ଦ୍ୱରେ ପଡିଯାଇଛି। ମୁଁ ଜାଣେ ନାହିଁ ଯେ କଅଣ କରିବା କଥା।"

189 ତେବେ, ଠିକ୍ ଏହା ପରେ ତୁରନ୍ତ, ମୋର ଜଣେ ଉତ୍ତମ ବନ୍ଧୁ, ଭାଇ ଡେଭିସ୍ (ଆପଣ ଜାଣନ୍ତି), କହିବାକୁ ଲାଗିଲେ ଯେ ମୁଁ ଜଣେ କଣ୍ଢେଇ ଅଟେ। ତାହା ଏକ ଝିଅର ଖେଳନା ଅଟେ, ଆପଣ ଜାଣନ୍ତି। ଆଉ ତେଣୁକରି, ମୁଁ ଅବିବାହିତ ଥିଲି, ଏବଂ ତେଣୁ ମୁଁ...ସେ ମୋ ସହିତ ସେପରି କରିବାକୁ ଲାଗିଲେ, ଏବଂ ତାହାପରେ କରୁ କରୁ, ମୋ ସହିତ ଥଟ୍ଟା କରିବାକୁ ଲାଗିଲେ।

190 ଏବଂ ଆମର ଏକ ଚାଲିଥିଲା...ଏବଂ ତୁମର ମାଆ ଏବଂ ଆମ ସମସ୍ତଙ୍କର ବିଭିନ୍ନ ସ୍ଥାନରେ ଛୋଟ ଛୋଟ ସଭାଗୁଡିକ ଚାଲିଥିଲା। ଆରାଧନାଳୟଟି ସେହି ସମୟରେ ଆରମ୍ଭ ହୋଇ ନ ଥିଲା—ନ ଥିଲା, ଏବଂ ଆମେ ବିଭିନ୍ନ ସ୍ଥାନରେ ଛୋଟ ଛୋଟ ସଭାଗୁଡିକ କରୁଥିଲୁ। ଏବଂ ଶେଷରେ ଗୋଟିଏ ଦିନ, ଆରାଧନାଳୟ ନିର୍ମାଣ ହୋଇସାରିବା ପରେ, ଅନେକ ବର୍ଷ ପରେ, ମୁଁ ପ୍ରାର୍ଥନା କରିବା ପାଇଁ ଗ୍ରୀନ୍ ମିଲ୍‌ଠାରେ ମୋର ଗୁମ୍ଫାକୁ ଗଲି, କାରଣ ଭାଇ ଡେଭିସ୍ ମୋ ବିଷୟରେ ତାଙ୍କ କାଗଜରେ—ରେ—ରେ କିଛି ଭୟଙ୍କର କଥା କହିଥିଲେ। ମୁଁ ତାଙ୍କୁ ଭଲ ପାଏ। ମୁଁ କିଛି ଘଟୁ ବୋଲି ଚାହୁଁ ନ ଥିଲି, ଏବଂ ମୁଁ—ମୁଁ ତାଙ୍କ ନିମନ୍ତେ ପ୍ରାର୍ଥନା କରିବା ପାଇଁ ସେଠାକୁ ଗଲି। ଏବଂ ମୁଁ ସେଠାକୁ ଗଲି, ଏବଂ ମୁଁ ଗୁମ୍ଫାରେ ପ୍ରବେଶ କଲି। ଏବଂ ମୁଁ ସେଠାରେ ପ୍ରାୟଃ ଦୁଇ ଦିନ ଧରି ରହିଲି। ଏବଂ ମୁଁ କହିଲି, "ହେ ପ୍ରଭୁ, ତାଙ୍କୁ କ୍ଷମା କରି ଦିଅ। ତାଙ୍କର—ତାଙ୍କର କହିବାର ତାହା ଅର୍ଥ—ତାହା ଅର୍ଥ ନ ଥିଲା।" ଏବଂ ମୁଁ ଭାବିଲି, "ତୁମେ ଜାଣିଛ..." ସେତେବେଳେ ମୁଁ ଏକ ଶାସ୍ତ୍ରାଂଶ ବିଷୟରେ ଚିନ୍ତା କଲି।

191 ଏବଂ ମୁଁ ବାହାରି ଆସିଲି। ଏବଂ ସେଠାରେ ଏକ କାଠ ଗଣ୍ଡି ଥିଲା (ସେହି କାଠ ଗଣ୍ଡି ଏପର୍ଯ୍ୟନ୍ତ ସେଠାରେ ଅଛି, ଅଳ୍ପ କିଛି ଦିନ ପୂର୍ବରୁ ତାହା ଏଠାରେ ଥିଲା) ଯାହାକି ପର୍ବତ ଉପରୁ ଖସି ଆସି ଝରଣା ପାଖ ଦେଇ ଆସୁଥିବା ଏକ ଛୋଟ ପଥରେ ପଡ଼ି ରହିଥିଲା। ଏବଂ

ମୁଁ ସେହି କାଠ ଗଣ୍ଡି ଉପରେ ବସି ପଡିଲି, ସେଠାରେ ପଛରେ—ସେଠାରେ ପଛରେ ଥିବା ପର୍ବତଗୁଡିକୁ ଚାହିଁ ରହିଲି, ଏବଂ ମୋ ବାଇବଲକୁ ସେପରି ଭାବେ ମେଲା ରଖିଲି । ମୁଁ ଭାବିଲି, "ତୁମେ ଜାଣିଛ…" ମୁଁ ଏକ ଶାସ୍ତ୍ରାଂଶ ବିଷୟରେ ଚିନ୍ତା କରୁଥିଲି: "ସେହି ଥଟାରି, ସେ ମୋର ବହୁତ କ୍ଷତି କରିଛନ୍ତି, ଏବଂ ବହୁତ କଥା କହିଛନ୍ତି ।" ଆପଣ ଜାଣନ୍ତି…ମୁଁ ଭାବିଲି, "ମୁଁ ବିଶ୍ୱାସ କରେ ଯେ ମୁଁ ତାହା ପଢ଼ି ଦେବି ।" ମୁଁ ବାଇବଲ ଖୋଲିଲି, ଏବଂ ମୁଁ କହିଲି, "ତେବେ…" ମୋ ମୁହଁ ପୋଛିଲି, ଏବଂ ପବନ ବୋହିଲା ଏବଂ ଏହା ତାକୁ ଓଲଟାଇ ଏବ୍ରୀ 6 କୁ ଆଣି ଦେଲା । "ତେବେ," ମୁଁ କହିଲି, "ତାହା ସେଠାରେ ନୁହଁ ଯେଉଁଠାରେକି ଏହା ଅଛି ।" ଏବଂ ମୁଁ ତାହାକୁ ସେହିପରି ଭାବରେ ରଖିଦେଲି । ପୁଣି ପବନ ପ୍ରବାହିତ ହେଲା ଏବଂ ଏହାକୁ ପୁଣି ଥରେ ଓଲଟାଇ ଦେଲା । ଏବଂ ମୁଁ କହିଲି, "ବର୍ତ୍ତମାନ, ଏହା ଆଶ୍ଚର୍ଯ୍ୟଜନକ ଅଟେ, ପବନ ଏହାକୁ ସେପରି ଭାବରେ ପୁନର୍ବାର ଓଲଟାଇ ଦେଉଛି ।" ତେଣୁ ମୁଁ ଭାବିଲି, "ତେବେ, ମୁଁ ବିଶ୍ୱାସ କରେ ମୁଁ ଏହାକୁ ପଢ଼ି ଦେବି ।" ଏବଂ କହିଲା:

> *କାରଣ ଯେଉଁମାନେ ଥରେ ଆଲୋକପ୍ରାପ୍ତ ହୋଇଅଛନ୍ତି,…ପବିତ୍ରଆତ୍ମାଙ୍କର ସହଭାଗୀ ହୋଇଅଛନ୍ତି, ପରମେଶ୍ୱରଙ୍କ ଉତ୍ତମ ବାକ୍ୟ, ଭାବୀ ଯୁଗର ଶକ୍ତି… ଆସ୍ୱାଦନ କରିଅଛନ୍ତି ।*

ମୁଁ ଭାବିଲି, "ତେବେ, ମୁଁ ତାହା ସହିତ କିଛି ଦେଖେ ନାହିଁ ।" ଏହାକୁ ପୁଣି ଥରେ, ଅବଶିଷ୍ଟ ପର୍ବକୁ ପାଠ କଲି । ସେଥିରେ କିଛି ପାଇଲି ନାହିଁ । ମୁଁ କହିଲି, "ତେବେ, ତାହା—ତାହା ପାଇଁ ତାହା ଏହାକୁ ସମାଧାନ କରିଦିଏ ।" ଏବଂ ମୁଁ—ମୁଁ ଏହାକୁ ଏହିପରି ଦେଖିଲି, ଏବଂ ଏହା ପୁଣି ଥରେ ସେପରି ହୋଇଗଲା । ଏବଂ ମୁଁ ଏହାକୁ ଉଠାଇଲି, ଏବଂ ମୁଁ ଭାବିଲି, "ଆଚ୍ଛା, ତାହା କଅଣ?" ମୁଁ ଏହାକୁ ପାଠ କରିବା ଜାରି ରଖିଲି, ଏବଂ ପାଠ କଲି, ଓ ପାଠ କଲି, ମୁଁ କହିଲି, "ତେବେ, ମୁଁ ବୁଝିପାରୁ ନାହିଁ ।" ତାହାପରେ ମୁଁ ରଖିଲି…ଏବଂ ମୁଁ ତଳକୁ ପାଠ କଲି:

> *…କାରଣ ଯେଉଁମାନେ ଥରେ ଆଲୋକପ୍ରାପ୍ତ ହୋଇଅଛନ୍ତି,…* ସେମାନଙ୍କ ପାଇଁ *ଅସାଧ୍ୟ ।*

ଏହା ଏଠାରେ ତଳକୁ ଏପରି ଏକ ସ୍ଥାନକୁ ଆସିଲା ଯେଉଁଠାରେ ତାହା କହୁଥିଲା:

> *କାରଣ ଯେଉଁ ଭୂମି…ଆପଣା ଉପରେ ବାରମ୍ବାର ପତିତ ବୃଷ୍ଟିଜଳ ପାନ କରେ, ଆଉ ଯେଉଁମାନଙ୍କ ନିମନ୍ତେ ତାହା ଚାଷ କରାଯାଏ, ସେମାନଙ୍କର ଉପଯୋଗୀ ଶାକାଦି ଉତ୍ପନ୍ନ କରେ, ତାହା ପରମେଶ୍ୱରଙ୍କଠାରୁ ଆଶୀର୍ବାଦ ପ୍ରାପ୍ତ ହୁଏ:*

> *କିନ୍ତୁ ତାହା ଯଦି କଣ୍ଟା ଓ ଅଗରାଗଛ ଉତ୍ପନ୍ନ କରେ, ତେବେ ତାହା ଅଗ୍ରାହ୍ୟ ହୋଇ…ଅବିଳମ୍ବେ ଶାପଗ୍ରସ୍ତ ହୁଏ; ପୁଣି ତାହାର ଚରମ ଦଶା ଅଗ୍ନି ଦାହ ।*

192 ମୁଁ କହିଲି, "ଆଶ୍ଚର୍ଯ୍ୟ କରେ ଯେ ତାହାର ଅର୍ଥ କଅଣ?" ମୁଁ ତ ବର୍ତ୍ତମାନ ହିଁ…ତେବେ, ମୁଁ ସେଠାରେ ଉପରେ ଆଉ କିଛି ବିଷୟରେ ଚିନ୍ତା କରୁ ନ ଥିଲି । କେବଳ ତାହା ଭାବୁଥିଲି । ଏବଂ

ଠିକ୍ ସେହି ସମୟରେ ଯେତେବେଳେ ମୁଁ ସେଠାରେ ବସିଥିଲି, ମୁଁ ଭାବିଲି ଯେ ପ୍ରଭୁ ମୋତେ ଭାଇ ଡେଭିସ୍ ଏବଂ ସେଠାରେ ତଳେ ଥିବା ସେମାନଙ୍କ ବିଷୟରେ ଏକ ଦର୍ଶନ ଦେବେ । ଏବଂ ମୁଁ ସେଠାରେ ବସିଥିଲି; ମୁଁ ଅନାଇଲି, ଏବଂ ଦେଖିଲି ଯେ ମୋ ସମ୍ମୁଖରେ କିଛି ଗୋଟାଏ ଫମ୍ପା ଭାବରେ ବାହାରୁଛି । ଏବଂ ଏହା ଏକ ପୃଥିବୀ ଘୁରୁ ଥିଲା । ଏବଂ ମୁଁ ଦେଖିଲି ଯେ ଏହା ସମ୍ପୂର୍ଣ୍ଣ ଭାବେ କ୍ଷତ ବିକ୍ଷତ ହୋଇଯାଇଛି, ଏପରି ଦେଖାଯାଉଥିଲା ଯେପରିକି ତାହା ସବୁ ହଳ କରାହୋଇଛି । ଏବଂ ଜଣେ ଲୋକ ବାହାରି ଆସିଲା ଯାହାଙ୍କ ଆଗରେ ଏକ—ଏକ—ଏକ ବଡ଼ ଜିନିଷ ବିହନରେ ପରିପୂର୍ଣ୍ଣ ଥିଲା, ଆଉ ସେ ଯାଉଥିବା ସମୟରେ ପୃଥିବୀ ସାରା ବିହନ ବୁଣି ବୁଣି ଯାଉଥିଲା । ଏବଂ ସେ ପୃଥିବୀର ବକ୍ରରେ ବୁଲି ବୁଲି, ମୋ ଆଖିରୁ ଦୂରକୁ ଚାଲିଗଲା । ଏବଂ ଯେତେବେଳେ ସେ ମୋ ଆଖିରୁ ଅନ୍ତର୍ଧ୍ୟାନ ହେଲେ, ଏଠାରେ ଏକ କଳା ପୋଷାକ ପିନ୍ଧି, ପ୍ରକୃତରେ ଚତୁର-ଦେଖାଯାଉଥିବା ଜଣେ ବ୍ୟକ୍ତି ଆସିଲେ, ଏହିପରି ଭାବରେ ବୁଲି ବୁଲି, ଯାଉଥିଲେ, *ହ୍ୟୁ, ହ୍ୟୁ*, ମନ୍ଦ ବିହନଗୁଡିକୁ ବୁଣୁଥିଲେ, *ହ୍ୟୁ, ହ୍ୟୁ* । ଏବଂ ମୁଁ ଏହା ଦେଖି ରହିଲି, ଏବଂ ଯେପରି ପୃଥିବୀ ଘୁରି ବୁଲିଥିଲା…

193 କିଛି ସମୟ ପରେ ଗହମ ଅଙ୍କୁରିତ ହେଲା । ଏବଂ ଯେତେବେଳେ ଗହମ ଉପରକୁ ଆସିଲା, ସେଥିରୁ ବାହାରି ଆସିଲା ଅଗରା ଗଛ, ଓ କଣ୍ଟକଲତା, ଏବଂ କଣ୍ଟା, ଓ ଦୁର୍ଗନ୍ଧଯୁକ୍ତ ତୃଣ, ଏବଂ ସବୁକିଛି ବଢିବାକୁ ଲାଗିଲା, କ୍ଷୀର ତୃଣ, ଏବଂ ଗହମ ସହିତରେ ସମସ୍ତ କିଛି ବୃଦ୍ଧି ପାଇବାକୁ ଲାଗିଲା । ଏବଂ ସେମାନେ ସମସ୍ତେ ଏକାଠି ବୃଦ୍ଧି ପାଇଥିଲେ । ଆଉ ସେଠାରେ ଏକ ପ୍ରକୃତ, ଖରାପ ମରୁଡ଼ି ଆସିଲା, ଏବଂ ସେହି ଛୋଟ ଗହମ ତାର ମୁଣ୍ଡ ସେପରି ଭାବରେ ଟେକି ରଖିଲା, ଏବଂ ଛୋଟ ଅଗରା ଗଛ, ଓ କଣ୍ଟା, କଣ୍ଟକଲତା, ସେମାନେ ନିଜର ମୁଣ୍ଡକୁ ଉପରକୁ କଲେ । ପ୍ରତ୍ୟେକ ତୃଣ କେବଳ, *ପ୍ୟାଣ୍ଟ, ପ୍ୟାଣ୍ଟ, ପ୍ୟାଣ୍ଟ, ପ୍ୟାଣ୍ଟ*, ସେପରି ଭାବରେ ନିଃଶ୍ୱାସ ଛାଡୁଥିଲେ । ଆପଣ ସେମାନଙ୍କୁ କେବଳ ଶୁଣିପାରିବେ । ଏବଂ ସେମାନେ ବର୍ଷା, ବର୍ଷା ପାଇଁ ଡାକ ଛାଡୁଥିଲେ ।

194 ଏବଂ କିଛି ସମୟ ପରେ, ଏକ ବୃହତ୍ ବଡ ମେଘଟିଏ ଆସିଲା, ଏବଂ ଜଳ ତଳକୁ ବରଷିବାକୁ ଲାଗିଲା । ଏବଂ ଯେତେବେଳେ ଏହା ସେଠାରେ ଉପରେ ବୃଷ୍ଟି ହେଲା, ସେହି ଗହମ ଉପରକୁ ଡେଇଁପଡ଼ି କହିବାକୁ ଲାଗିଲା, "ମହିମା ହେଉ! ହାଲ୍ଲେଲୁୟା! ପ୍ରଭୁଙ୍କର ପ୍ରଶଂସା ହେଉ!" ସେହି ଛୋଟ ଦୁର୍ଗନ୍ଧଯୁକ୍ତ ତୃଣ ଉପରକୁ ଡେଇଁପଡିଲା ଓ ଉଚ୍ଚ ପାଟିରେ କହିଲା, "ମହିମା ହେଉ! ପ୍ରଭୁଙ୍କର ପ୍ରଶଂସା ହେଉ! ହାଲ୍ଲେଲୁୟା!" କଣ୍ଟା ଏବଂ ସେଗୁଡ଼ିକ ସମସ୍ତେ, ଭୂମିର ସବୁଆଡେ ନାଚିବାକୁ ଲାଗିଲେ, ଉଚ୍ଚ ପାଟିରେ କହିବାକୁ ଲାଗିଲେ, "ମହିମା ହେଉ! ହାଲ୍ଲେଲୁୟା! ପ୍ରଭୁଙ୍କର ପ୍ରଶଂସା ହେଉ!"

ତେବେ, ମୁଁ କହିଲି, "ମୁଁ ତାହା ବୁଝିପାରିଲି ନାହିଁ ।"

195 ଦର୍ଶନ ମୋତେ ଛାଡି ଚାଲିଗଲା; ତାହାପରେ ମୁଁ ପୁଣିଥରେ ସେହି ଦର୍ଶନରେ ଚାଲିଗଲି: "ସେହି ଅଗରା ଗଛ ଯାହାକି ଅଗ୍ରାହ୍ୟ ହୋଇ ଅବିଳମ୍ବେ ଶାପଗ୍ରସ୍ତ ହୁଏ ।" ତାହାପରେ ମୁଁ

ବୁଝିପାଇଲି । ଯୀଶୁ କହିଲେ, "ବୃଷ୍ଟିଜଳ ଧାର୍ମିକ ଓ ଅଧାର୍ମିକ ଉପରେ ପଡ଼େ ।" ଜଣେ ବ୍ୟକ୍ତି ସଭାରେ ବସିପାରନ୍ତି, ପରଭାଷାରେ କଥା କହିପାରନ୍ତି, ଉଚ୍ଚ ପାଟିରେ ଚିତ୍କାର କରିପାରନ୍ତି ଓ ଠିକ୍ ଅନ୍ୟ ସମସ୍ତଙ୍କ ପରି ଆଚରଣ କରିପାରନ୍ତି ଯେପରିକି ପ୍ରକୃତ ପବିତ୍ରଆତ୍ମା ସହିତରେ କରିଥାଆନ୍ତି ଏବଂ ତଥାପି ପରମେଶ୍ୱରଙ୍କ ରାଜ୍ୟରେ ନ ଥାଇପାରନ୍ତି । ତାହା ଅବିକଳ ଠିକ୍ । କଅଣ ଯୀଶୁ କହି ନାହାଁନ୍ତି କି, "ଅନେକେ ସେହି ଦିନ ଠିଆ ହୋଇ କହିବେ, 'ହେ ପ୍ରଭୁ, କଅଣ ମୁଁ ତୁମ ନାମରେ ଭୂତମାନଙ୍କୁ ଛଡାଇ ନାହିଁ କି? କଅଣ ମୁଁ ତୁମ ନାମରେ ଭବିଷ୍ୟତ୍‌ବାଣୀ (ପ୍ରଚାର) କରି ନାହିଁ କି? କଅଣ ମୁଁ ତୁମ ନାମରେ ଅନେକ ଶକ୍ତିଯୁକ୍ତ କାର୍ଯ୍ୟଗୁଡିକ କରି ନାହିଁ କି?'" ଯୀଶୁ କହିଲେ, "ହେ ଅଧର୍ମାଚାରୀମାନେ, ମୋ ଠାରୁ ଦୂର ହୁଅ, ମୁଁ ତୁମକୁ କେବେ ଜାଣି ସୁଦ୍ଧା ନ ଥିଲି ।" ତାହା ବିଷୟରେ କଅଣ?

196 ଏଠାରେ ଅବିକଳ ତାହା ଅଟେ ଯାହାକି ଏହାର ଅଭିପ୍ରାୟ ଏଠାରେ ଅଟେ । ବୁଝିଲେ? ସେମାନେ ସ୍ୱର୍ଗରୁ ଉତ୍ତମ ବୃଷ୍ଟିକୁ ଆସ୍ୱାଦନ କରିଥିଲେ । କିନ୍ତୁ ଆରମ୍ଭରୁ ହିଁ, ସେମାନେ ଭୁଲ୍ ଥିଲେ । ଆରମ୍ଭରୁ ହିଁ ସେମାନଙ୍କର ଉଦ୍ଦେଶ୍ୟମାନ ଠିକ୍ ନ ଥିଲା; ସେମାନଙ୍କର ଅଭିପ୍ରାୟଗୁଡିକ ଠିକ୍ ନ ଥିଲା । ତାହା, ଆପଣ କହିପାରିବେ ନାହିଁ । ସେହି...ଆପଣ ଜାଣନ୍ତି, ଅମଳରେ ସେ କହିଥିଲେ, "କଅଣ ମୁଁ ବାହାରକୁ ଯାଇ ସେସମସ୍ତଙ୍କୁ ଉପାଡି ଦେବି କି?"

197 ସେ କହିଲେ, "ସେମାନଙ୍କୁ ଏକାଠି ବଢିବାକୁ ଦିଅ, ଏବଂ ସେହି ଦିନରେ ଏହି କଣ୍ଟା ଓ କଣ୍ଟକଲତାମାନ ଏକାଠି ଦଗ୍ଧ କରାଯିବେ, ଏବଂ ଗହମ ଅମାରକୁ ଯିବ ।" ତେବେ, ଆପଣ କିପରି ଜାଣିବାକୁ ଯାଉଛନ୍ତି ଯେ କେଉଁଟା କଣ୍ଟା, କିମ୍ବା କେଉଁଟା କଣ୍ଟକ ଲତା, କିମ୍ବା କେଉଁଟା ଗହମ? "ସେମାନଙ୍କର ଫଳ ଦ୍ୱାରା ତୁମେ ସେମାନଙ୍କୁ ଜାଣିବ ।" ଆପଣ ଦେଖନ୍ତୁ, ଭାଇ, ଭଉଣୀ, ଗୋଟିଏ ଉତ୍ତମ ଗଛ ମନ୍ଦ ଫଳ ଆଣିପାରେ ନାହିଁ । ଯାହା ହେଉ ନା କାହିଁକି, କୌଣସିଠାରେ ମାର୍ଗରେ, ଏହା ଆପଣଙ୍କୁ ଧରିବା ପାଇଁ ଯାଉଅଛି । ତେଣୁ, ଆପଣମାନେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମର ଅନୁସନ୍ଧାନରେ...ମୁଁ ଖୁସି ଅଟେ ଯିଏ କେହି ବି ଏହାକୁ ଲେଖିଛନ୍ତି । ବୁଝିଲେ?

198 ତେବେ, ସେଠାରେ ପଛରେ ସେହି ସୀମାରେଖୀୟ ବିଶ୍ୱାସୀମାନେ, ସେମାନେ ଠିକ୍ ସେମାନଙ୍କ ସହିତରେ ଥିଲେ । ସେମାନେ ସେମାନଙ୍କର ସୁନ୍ନତବିଧିରେ ସୁନ୍ନତି ହୋଇଥିଲେ । ସେମାନେ ଠିକ୍ ସେହି ଦେଶକୁ ଯାଇଥିଲେ ଯାହାର ପ୍ରତିଜ୍ଞା ପରମେଶ୍ୱର କରିଥିଲେ, ସେହି ଦେଶର ଠିକ୍ ଅଗ ନିକଟକୁ ଯାଇଥିଲେ । ଅନେକ ଲୋକମାନେ ସେହି ଅଗ ନିକଟକୁ ଯାଆନ୍ତି । ସେ ଠିକ୍ ସେହି ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ପର୍ଯ୍ୟନ୍ତ ଯିବେ ଏବଂ ଏହାକୁ ଅଗ୍ରାହ୍ୟ କରିଦେବେ । ସେ ଏହାକୁ ଛାଡିବାକୁ ଚାହାଁନ୍ତି ନାହିଁ । ସେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିସ୍ମର ଶାସ୍ତ୍ରାଂଶ ପର୍ଯ୍ୟନ୍ତ ଯିବେ, ଏବଂ ନିଜର ପିଠି କରିଦେବେ, ଏବଂ ଏହାକୁ ଦେଖିବାରୁ ବଞ୍ଚିତ ହେବା ପାଇଁ ଏହାକୁ ପ୍ରତ୍ୟାଖ୍ୟାନ କରି ଦେବେ ।

199 ସମସ୍ତ ବାଇବଲରେ ଏପରି ଗୋଟିଏ ହେଲେ ଶାସ୍ତ୍ରାଂଶ ନାହିଁ ଯେଉଁଠାରେକି କେବେ କେହି ପିତା, ପୁତ୍ର, ପବିତ୍ରଆତ୍ମାଙ୍କ ନାମରେ ବାପ୍ତିଜିତ ହୋଇଥିଲେ, ଗୋଟିଏ ହେଲେ ଶାସ୍ତ୍ର ନାହିଁ। କ୍ୟାଥୋଲିକ୍ ମଣ୍ଡଳୀ ଏହାକୁ ଆରମ୍ଭ କରିଥିଲା, ଲୁଥରରେ ବାହାରି ଆସିଲା, ୱେସଲିର ସମୟରେ ରହିଥିଲା, ଏବଂ ସେହିଠାରୁ ଆସି ଏଠାରେ ପହଞ୍ଚି ଅଛି। ତାହା ଅବିକଳ ଠିକ୍ ଅଟେ। କିନ୍ତୁ ସେହି ଶାସ୍ତ୍ରାନୁସଙ୍ଗତ କ୍ରମ ହେଉଛି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମ। ତାହା ପ୍ରେରିତିକ ବାପ୍ତିସ୍ମ ଅଟେ। ଆପଣ ତାହା କରି ଏକ ନାମଧାରୀ ସଂସ୍ଥାରେ ରହିପାରିବେ ନାହିଁ। ତାହା ଠିକ୍।

200 ତେବେ, କଅଣ ଆପଣ ସେହି ବିଷୟଗୁଡିକ ଦେଖୁଛନ୍ତି କି? ପବିତ୍ରଆତ୍ମାଙ୍କ ବାପ୍ତିସ୍ମ, ଆତ୍ମାଙ୍କର ଦାନସକଳ, ପରମେଶ୍ୱର ନେଇ କରି ଆସୁଥିବା ବିଷୟମାନ...ଆତ୍ମାଙ୍କର ଫଳ ହେଉଛି ପ୍ରେମ, ଆନନ୍ଦ, ଦୀର୍ଘସହିଷ୍ଣୁତା (ଓଃ, ଆପଣ କୁହନ୍ତି, "ମାତ୍ର ଭାଇ ବ୍ରାନହାମ୍, ପରମେଶ୍ୱର ଧନ୍ୟ ହେଉନ୍ତୁ, ମୁଁ ଦୀର୍ଘସହିଷ୍ଣୁ ଅଟେ।" ଏହା ସେହିପରି ଲାଗୁଛି। ମୁଁ କିଛି ସମୟ ପୂର୍ବେ ଏଠାରେ ଓହାୟୋକୁ ଯାଇଥିଲି, ଏବଂ କେହି ଜଣେ ମୋତେ ପଚାରିଲେ, ଏଠାରେ ଏକ ଚିଠି ଲେଖି ମୋତେ ପଚାରିଲେ ଯେ କଅଣ ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଲୋକମାନଙ୍କୁ ବାପ୍ତିଜିତ କରେ କି? ମୁଁ କଦାପି ଗୋଟିଏ ହେଲେ ଶବ୍ଦ କହିଲି ନାହିଁ। ସେମାନେ ଏହାକୁ ଯେକୌଣସି ପ୍ରକାରେ ପାଇଗଲେ, ଏବଂ ଷୋହଳ ସହଯୋଗୀ ସେବକମାନେ ପୃଥକ୍ ହୋଇଗଲେ। ତାହା ଦୀର୍ଘସହିଷ୍ଣୁତା ନୁହେଁ କି!)—ଦୀର୍ଘସହିଷ୍ଣୁତା, ଉତ୍ତମତା, ନମ୍ରତା, ଭଦ୍ରତା, ଧୈର୍ଯ୍ୟ, ଏବଂ ପବିତ୍ରଆତ୍ମା। ବୁଝିଲେ?

201 ହେ, ଭାଇ, ଭଉଣୀ, ଆମେ—ଆମେ କାଦେଶ- ବର୍ଣ୍ଣିଆରେ ଅଛୁ। ଆପଣ ବର୍ତ୍ତମାନ ଆସ୍ୱାଦନ କରୁଛନ୍ତି। ଗତକାଲି ରାତି ପବିତ୍ରଆତ୍ମା ଆମ ଉପରେ ଓହ୍ଲାଇ ଆସିଥିଲେ, ପ୍ରବଳ ବେଗର ପବନ ଭଳି, ଆମ ଭିତରକୁ ଆସିଥିଲେ। ଏହା ଆପଣଙ୍କ ମଧ୍ୟରୁ ଅନେକଙ୍କ ଉପରେ ଅଧିଷ୍ଠାନ କରିଥିଲେ। ସେବକମାନେ ଆଜି ଏଠାରେ ଏବଂ ସେଠାରେ ଘର ଘର ଯାଇ ପରିଦର୍ଶନ କରୁଛନ୍ତି, ପବିତ୍ରଆତ୍ମା ଖୋଜୁଥିବା ଲୋକମାନଙ୍କ ଉପରେ ହାତ ରଖୁଛନ୍ତି ଏବଂ ପ୍ରାର୍ଥନା କରୁଛନ୍ତି। ଆପଣ ଏକ ବିକଳ୍ପ ଗ୍ରହଣ କରନ୍ତୁ ନାହିଁ। ଆପଣ କୌଣସି ପ୍ରକାରର ଏକ ଶବ୍ଦକୁ ନିଅନ୍ତୁ ନାହିଁ। ଆପଣ କୌଣସି ପ୍ରକାରର ଏକ ସମ୍ବେଦନା ନିଅନ୍ତୁ ନାହିଁ। ଆପଣ ସେଠାରେ ଅପେକ୍ଷା କରନ୍ତୁ ଯେପର୍ଯ୍ୟନ୍ତକି ପରମେଶ୍ୱର ଆପଣଙ୍କୁ ଗଢି ନ ନିଅନ୍ତି ଏବଂ ଆପଣଙ୍କୁ ଏକ ନୂତନ ଜୀବନ କରି ନିଅନ୍ତି, ଆପଣଙ୍କୁ ଏକ ନୂତନ ବ୍ୟକ୍ତି ନ କରି ନିଅନ୍ତି। ଆପଣ ବର୍ତ୍ତମାନ ଏହାକୁ ଆସ୍ୱାଦନ କରୁଛନ୍ତି, କେବଳ ଏହାକୁ ଆସ୍ୱାଦନ କରୁଛନ୍ତି, ମାତ୍ର କପୋତକୁ ଆପଣଙ୍କୁ ଠିକ୍ ମେଜ ନିକଟକୁ କଢାଇ ନେବାକୁ ଦିଅନ୍ତୁ, ଏବଂ—ଏବଂ ସେହି ମେଷଶାବକ ଓ କପୋତ ଏକତ୍ର ବସନ୍ତୁ, ଓ ପରମେଶ୍ୱରଙ୍କ ବାକ୍ୟ ଉପରେ ଚିରଦିନ ପାଇଁ ଭୋଜନ କରିବାକୁ ଦିଅନ୍ତୁ। କାରଣ ଏହା ସେତେବେଳେ ସ୍ଥିର ରହିବ ଯେତେବେଳେ ସ୍ୱର୍ଗ କିମ୍ବା ପୃଥିବୀ ନ ଥିବ; ପରମେଶ୍ୱରଙ୍କ ବାକ୍ୟ ଅଟଳ ରହିବ। ତାହା ସତ୍ୟ ଅଟେ।

202 ଦୟାକରି ଭାବନ୍ତୁ ନାହିଁ ଯେ ମୁଁ ମୌଳିକବାଦୀ ଅଟେ । ଯଦି ମୁଁ ହୋଇଅଛି, ତେବେ ତାହା ହେବାର ମୋର ଅଭିପ୍ରାୟ ନ ଥିଲା । ଯଦି ମୁଁ...ମୁଁ ଆଶା କରେ ମୁଁ ଏହି ପ୍ରଶ୍ନଗୁଡିକର ଉତ୍ତର ଦେଇଛି; ମୁଁ ଦେଇଅଛି, ମୋର ଜ୍ଞାନର ସର୍ବୋତ୍କୃଷ୍ଟ ଭାବରେ ।

203 ଏବଂ ସେଥିପାଇଁ, ଏବ୍ରୀ 6 ରେ, ଯଦି ଆପଣ ଦେଖିବେ, ପାଉଲ ଏବ୍ରୀମାନଙ୍କ ସହିତ କଥାବାର୍ତ୍ତା କରୁଛନ୍ତି ଯେଉଁମାନେକି କହୁଥିଲେ, "ତେବେ, ଆମେ ସେପର୍ଯ୍ୟନ୍ତ ଆପଣଙ୍କ ସହିତ ଯିବୁ ।" ସେମାନେ ଆସିବେ । କଅଣ ଆପଣ ଦେଖୁଛନ୍ତି? କହିଲେ, "ତେବେ, ତୁମେ..." ସେମାନେ ଯେଉଁମାନେକି ଆସନ୍ତି ଏବଂ ଆସ୍ୱାଦନ କରିଛନ୍ତି ।

204 ଏପରି ହେଲା ଯେ ମୁଁ ପଛରେ ଭବନକୁ ଦେଖୁଥିଲି । ଆପଣଙ୍କୁ ଜୀବନ୍ତ ପରମେଶ୍ୱରଙ୍କ ପ୍ରମାଣ ଦେଖାଇବା ପାଇଁ । ମୁଁ ଆଶା କରେ ଯେ ମୁଁ ଏହି ବ୍ୟକ୍ତିଙ୍କୁ ବିଶିଷ୍ଟ କରୁ ନାହିଁ । କିଛି ସମୟ ପୂର୍ବରୁ ମୁଁ ଏକ ସଭାରୁ ଆସିଲି, ଏବଂ ଏଠାକୁ ଆସିଲି, ଏବଂ ଆପଣମାନଙ୍କୁ ଘୋଷଣା କଲି ଯେ ଜଣେ ଭଲ ବନ୍ଧୁ, ମୋର ଜଣେ ଅନ୍ତରଙ୍ଗ ବନ୍ଧୁ, ଜଣେ ଶିକାରୀ ସାଥୀ, ଜଣେ ବ୍ୟକ୍ତି ଯିଏକି ମୋ ସହିତ ଭଲ ଥିଲେ, ଜଣେ ବ୍ୟକ୍ତି ଯିଏ ମୋର ମଣ୍ଡଳୀକୁ ଆସୁଥିଲେ, ସେ ମୋର ଭାଇ ପରିକା ଥିଲେ । ମୁଁ ତାଙ୍କୁ ବଷ୍ଟି ବୋଲି ଡାକେ । ତାଙ୍କ ନାମ ଏଭରେଟ୍ ରୋଜର୍ସ; ମିଲ୍‌ଟାଉନରେ ରହୁଥିଲେ । କେତେ ଜଣଙ୍କୁ ତାହା ଘୋଷଣା କରିବା ପାଇଁ ମୋର ଏଠାରେ ଆସିବାଟା ମନେ ଅଛି? ସେ ଏଠାରେ ଡାକ୍ତରଖାନାରେ ପଡ଼ି ରହିଥିଲେ; ଡାକ୍ତରମାନେ ତାର ଅପରେସନ୍ କରିଥିଲେ, ତାଙ୍କୁ ଖୋଲି ଦେଇଥିଲେ ଏବଂ ତାହା କର୍କଟ ରୋଗରେ ଏତେ ପରିପୂର୍ଣ୍ଣ ଥିଲା ଯେ ସେମାନେ ତାଙ୍କୁ ସିଲେଇ କରି ଦେଇଥିଲେ । କହିଲେ, "ସେ ତ ଠିକ୍ ସଙ୍ଗେ ସଙ୍ଗେ ଶୁଖିଯିବେ; କିଛି ସପ୍ତାହ ମଧ୍ୟରେ ସେ ଚାଲିଯିବେ; ତାହା ସହିତରେ ସେଠାରେ ତାହାହିଁ ସବୁ କିଛି ହେବ । ସେ ଶେଷ ହୋଇଯିବେ, ତାହାହିଁ ସବୁ ।"

205 କଅଣ ଆପଣମାନଙ୍କର ମନେ ଅଛି ଯେ ମୁଁ କିପରି ମଞ୍ଚ ଉପରେ ଠିଆ ହୋଇ, ତାଙ୍କ ପାଇଁ ପ୍ରାର୍ଥନା କରିଥିଲି? ସେଠାରେ ତଳକୁ ଗଲି ଏବଂ ସେହି କକ୍ଷ ଭିତରକୁ ଗଲି, କିଛି ଗୋଟାଏ ମୋ ହୃଦୟକୁ ଅସ୍ତବ୍ୟସ୍ତ କରୁଥିଲା । ମୁଁ କକ୍ଷ ଭିତରକୁ ଗଲି, ଏବଂ ଯେତେ ଶୀଘ୍ର ମୁଁ ସମସ୍ତଙ୍କୁ ବାହାର କରାଇଲି ଯେପରିକି ମୁଁ...ଭାଇ ଏଭରେଟ୍ ସେଠାରେ ଶୋଇ ରହିଥିଲେ । ଏବଂ ଆପଣ ଏହାକୁ ମନେ ପକାଇବେ । ମୁଁ ଭିତରକୁ ଗଲି; ମୁଁ କହିଲି, "ଭାଇ—ଭାଇ ବଷ୍ଟି ।" (ମୁଁ ତାଙ୍କୁ ବଷ୍ଟି ବୋଲି ଡାକେ ।)

206 ବହୁ ପୂର୍ବରୁ ଯେତେବେଳେ ଆମେ ସେଠାରେ ଉନ୍ମୁକ୍ତ ଆକାଶ ତଳେ ନଡା ବିଛାଇ ସଭାମାନ କରୁଥିଲୁ, ପାହାଡ ଉପରେ ଥିବା ସମସ୍ତ ମେଥୋଡିଷ୍ଟମାନେ ସେଠାରେ (ଗର୍ଟି, ସେମାନଙ୍କ ମଧ୍ୟରୁ ଜଣେ ଅଟନ୍ତି), ଚୁପ କରି ଆସୁଥିଲେ, ସେହି ଦ୍ରାକ୍ଷାଲତା ନଡା ଦେଇ ଦେଖୁଥିଲେ ଯେ ମୁଁ କଅଣ କହିବାକୁ ଯାଉଅଛି, ଏବଂ ସେହିପରି ସବୁ, ଏଥିରେ ଭୟ କରୁଥିଲେ ଯେ ମେଥୋଡିଷ୍ଟ ମଣ୍ଡଳୀ ସେମାନଙ୍କୁ ନିଷ୍କାଶିତ କରି ଦେବ । ଏବଂ ତାହାପରେ, ମୁଁ ଗଲି ଏବଂ ସେଠାରେ ଏକ ଦର୍ଶନ ପାଇଲି, ଏବଂ ଦେଖିଲି ଯେ ଏକ ପାତ୍ରରେ ମାଂସସବୁ ଗଦା

ହୋଇ ରହିଛି । ମୁଁ କେତୋଟି ମାଛଗୁଡିକୁ ଧରିଲି ଏବଂ ସେଗୁଡିକୁ ବାନ୍ଧିଲି, ସେଗୁଡ଼ିକୁ ଏହି ତାର ଉପରେ ରଖିଲି—ରଖିଲି, ଏବଂ ମୁଁ ସେହି ତାରକୁ ବାନ୍ଧି ଦେଲି । ଏବଂ ଯେତେବେଳେ ମୁଁ ଦେଖିଲି...ଏବଂ ଏହାସବୁ ଏକ ଦର୍ଶନରେ ଥିଲା; ମୁଁ ଚାଲିଗଲି—ଦଳେ ଲୋକମାନଙ୍କୁ ସେଦିନ ରାତିରେ ସେହି ଉନ୍ମୁକ୍ତ ଆକାଶ ତଳେ ନଡା ସଭାରେ ଛିଡ଼ା କରି ଛାଡିଦେଇ ଗଲି ଏବଂ ପାହାଡ ଉପରକୁ ଭାଇ ରାଇଟଙ୍କ ପାଖକୁ ଚାଲି ଗଲି । ଏବଂ ସେମାନେ ମୋତେ ପରଦିନ ସକାଳେ ସୁଦ୍ଧା ପାଇ ପାରି ନ ଥିଲେ । ମୁଁ କହିଲି, "ତୁମ ମଧ୍ୟରୁ କେହି ହେଲେ..."

207 ଯେତେବେଳେ ମୁଁ ସେଠାରେ ପ୍ରଚାର କରିବାରେ ଠିଆ ହୋଇଥିଲି, ଏଠାରେ ସେହି ଆଲୋକ ଆସିଲା; ସେହି ଅଗ୍ନିସ୍ତମ୍ଭ ଠିକ୍ ମୋ ସମ୍ମୁଖରେ ଝୁଲି ରହିଥିଲା ଏବଂ କହିଲା, "ଏଠାରୁ ଛାଡ଼ି ଜଙ୍ଗଲକୁ ପଳାଇ ଯାଅ; ମୁଁ ତୁମ ସହିତ କଥା ହେବି ।" ଏହା ସେହି ସମାନ ଦିନ, ପରଦିନ ଥିଲା ଯେତେବେଳେ ସେମାନେ ମୋତେ ପାହାଡ ଉପରେ ପାଇଥିଲେ । ଏବଂ ମୁଁ ସେଠାରେ ଉପରେ ଥିଲି; ମୁଁ ମୋ କାରକୁ ଗଛ ଲତା ମଧ୍ୟରେ ଲୁଚାଇ ଦେଇଥିଲି, ଓ ଏକ ପର୍ବତ ଉପରେ ରାତିସାରା ଏବଂ ତାର ପରଦିନ ପ୍ରାର୍ଥନା କରି ରହିଥିଲି । ସେମାନଙ୍କ ମଧ୍ୟରୁ କେତେକ ସେଠାକୁ ଆସିଲେ, କାର ପାଇଲେ ଏବଂ ସେଠାରେ ଉପରକୁ ଆସିଲେ... ତାହା ସେହି ଦିନ ଥିଲା ଯେଉଁ ଦିନ କି ଭାଇ ଗ୍ରାହାମ୍ ସ୍ନେଲିଙ୍ଗ୍, ଏଠାରେ, ପବିତ୍ରଆତ୍ମା ପ୍ରାପ୍ତ ହୋଇଥିଲେ ଏବଂ ସେବାକାର୍ଯ୍ୟକୁ ଡକା ଯାଇଥିଲେ ।

208 ପାହାଡ ଉପରେ ଯେଉଁଠାରେକି ମୁଁ ସେଠାରେ ଶୋଇ ରହିଥିଲି, ଏବଂ ସେ—ସେ ମୋତେ ବିଭିନ୍ନ କାର୍ଯ୍ୟ କରିବାକୁ କହିଥିଲେ ଏବଂ ଆମର କେତେ ସୁନ୍ଦର ସମ୍ବାଦ ଚାଲି ରହିଥିଲା । ସେ ଏହି ମାଛଗୁଡ଼ିକୁ ବନ୍ଧା ଯାଇଥିବାର ଦେଖିବା ବିଷୟରେ ଏକ ଦର୍ଶନ ଦେଇ, କହିଥିଲେ, "ଏହା ତୁମର ମିଲ୍‌ଟାଉନ୍ ମଣ୍ଡଳୀ ଅଟେ ।"

ଏବଂ ସେମାନଙ୍କ ମଧ୍ୟରୁ ଚାରି କିମ୍ବା ପାଞ୍ଚୋଟି ଡେଇଁ ପଡିଥିଲେ; ଏବଂ ମୁଁ କହିଲି, "ତାହା କିଏ?"

କହିଲେ, "ସେମାନଙ୍କ ମଧ୍ୟରୁ ଜଣେ ହେଉଛି ଗାଏ ସ୍ପେନ୍ସର ଏବଂ ତାଙ୍କ ପତ୍ନୀ । ଅନ୍ୟ ଜଣକ ହେଲା ସେଠାରେ ଆଉ ଜଣେ ସ୍ପେନ୍ସର, ଏବଂ ସେମାନଙ୍କର ।" ଏବଂ ସେ ଭିନ୍ନ ଭିନ୍ନ ଲୋକମାନଙ୍କର ନାମ କହିଲେ, ଯେଉଁମାନେକି ଡେଇଁବେ ।

209 ମୁଁ ସେମାନଙ୍କୁ କହିଲି; ମୁଁ କହିଲି, "ତୁମମାନଙ୍କ ମଧ୍ୟରୁ କେହି ଖାଅ ନାହିଁ ।" ମୋ ପତ୍ନୀ ଏବଂ ମୁଁ ନ ଥିଲୁ...ତାହା ଆମେ ବିବାହ ହେବା ପୂର୍ବରୁ ଅଟେ; ଏବଂ ସେ ଭଉଣୀ ସ୍ପେନ୍ସରଙ୍କ ସହିତ ଯିଏକି ଜଣେ ଅଦ୍ଭୁତ ସ୍ତ୍ରୀ ଅଟନ୍ତି, ରାତିସାରା ରହିବାକୁ ଘରକୁ ଚାଲିଗଲେ । ଗାଏ ସ୍ପେନ୍ସର, ଜଣେ ଅଦ୍ଭୁତ ବ୍ୟକ୍ତି ଠିକ୍ ସେତିକି ଭଲ ଅଟନ୍ତି ଯେତିକି ଭଲ ଜଣେ ବ୍ୟକ୍ତି ଚମଡା ଯୋତାରେ ହୋଇପାରେ । ଏବଂ ସେ—ଏବଂ ସେ ସେଠାରେ ତଳକୁ ଗଲେ, ଏବଂ ଓପାଲ କହିଲେ, "ତେବେ, ଦେଖ..." ମେଡାକୁ ସେ କହିଲେ, "ବର୍ତ୍ତମାନ, ମେଡା, ମୁଁ ଭାଇ ବିଲ୍‌କୁ ବିଶ୍ୱାସ କରେ ।" ସେ କହିଲେ, "କିନ୍ତୁ ଯେତେବେଳେ ଓପାଲ ଭୋକିଲା ହୁଏ, ତାକୁ ଗୋ

ମାଂସ ଏବଂ ଅଣ୍ଡା ଖାଇବା ଜରୁରୀ ହୁଏ ।" ତେଣୁ ସେ ସେଠାକୁ ଯାଏ, ଏବଂ ତାର ଗୋ ମାଂସ ଏବଂ ଅଣ୍ଡାକୁ ଭାଜି ଦିଏ, ଓ ସେଗୁଡ଼ିକୁ ଖାଇବା ପାଇଁ ବସି ଯାଏ, ଏବଂ ଆଶୀର୍ବାଦ ପ୍ରାର୍ଥନା କହିବାକୁ ଲାଗେ, ଏବଂ ମେଜ ଉପରେ ଆଉଜି ପଡ଼େ, କାନ୍ଦିଥାଏ, ଏହାକୁ ଛୁଇଁ ପାରେ ନାହିଁ । ତାହାପରେ ସେମାନେ ଶିକାରରୁ ଫେରି ଆସନ୍ତି ।

210 ଏବଂ ସେଦିନ ପାହାଡ ଉପରେ, ସେ ମୋତେ କହିଲେ ଯେ ଅବିକଳ କଅଣ କଅଣ ଘଟିତ ହେବ । ସେ କହିଲେ, "ଏମାନେ ଛାଡ଼ି ଚାଲିଯିବେ, ଏବଂ ତାହାପରେ ଏମାନେ ଛାଡ଼ି ଚାଲିଯିବେ ।" ମାତ୍ର ତାଙ୍କ ପାଖରେ ଏକ ବଡ ଡବାରେ ଭର୍ତ୍ତି-ମାଂସ ରହିଥିଲା । ସେ କହିଲେ, "ମିଲ୍‌ଟାଉନ୍ ଲୋକମାନଙ୍କ ପାଇଁ ଆଗକୁ ବ୍ୟବହାର ନିମନ୍ତେ ଏହାକୁ ରଖ ।" ଏବଂ ଅନ୍ୟ ରାତିରେ ଯେତେବେଳେ ମୁଁ ଭାଇ କ୍ରିଚଙ୍କୁ ଶୁଣିଲି...ସେ ଗତକାଲି ରାତିରେ ଏଠାରେ ବସିଥିଲେ । ମୁଁ ନୁହେଁ...ଭାଇ କ୍ରିଚ, କଅଣ ଆପଣ ଆଜି ରାତିରେ ଅଛନ୍ତି? ଯେତେବେଳେ ଭାଇ କ୍ରିଚ ମୋ ପାଖକୁ ଆସିଲେ, ମୋତେ ଡାକିଲେ, ଏବଂ ଭଉଣୀ କ୍ରିଚ, କାନ୍ଦୁଥିଲେ; ତାଙ୍କ ବାପା ସେଠାରେ ପଡ଼ି ରହିଥିଲେ । କହିଲେ, "ଭାଇ ବିଲ୍, ତାଙ୍କୁ କୁହନ୍ତୁ ନାହିଁ । ସେ ମରୁଛନ୍ତି ।" କହିଲେ, "ସେ କର୍କଟ ରୋଗରେ ଆକ୍ରାନ୍ତ; ଡାକ୍ତରମାନେ ତାଙ୍କୁ ଅପରେଶନ୍ କରିଥିଲେ, ଏବଂ ସେ ଯେତିକି କର୍କଟ ରୋଗରେ ପରିପୂର୍ଣ୍ଣ ହୋଇ ପାରିଥାନ୍ତେ ସେତିକି ଥିଲେ ।" ଏବଂ ୱିଲ୍ ହଲ୍ (ଆଉ ଆପଣ ସମସ୍ତଙ୍କୁ ତାଙ୍କୁ ମନେ ଥିବ), ଯେତେବେଳେ ସେହି ସମାନ ଡାକ୍ତର ତାଙ୍କୁ ଅପରେଶନ୍ କରିଥିଲେ ଏବଂ ସେ କର୍କଟ ରୋଗରେ ପରିପୂର୍ଣ୍ଣ ଥିଲେ... ମୁଁ ସେଦିନ ସକାଳେ ଗୁଣ୍ଡୁଚି ମୂଷା ଶିକାର କରିବାକୁ ବାହାରୁ ଥିଲି, ଏବଂ ମୁଁ ସେହି ସେଉଗୁଡିକୁ କୋଠରୀରେ ଝୁଲି ରହିଥିବାର ଦେଖିଥିଲି (କଅଣ ଆପଣଙ୍କୁ ସେହି କାହାଣୀ ମନେ ଅଛି କି?) ଏବଂ ସେଠାରେ ସେହି ବ୍ୟକ୍ତି ଆଜି ବଞ୍ଚିଛନ୍ତି । ତାହା ଅନେକ ବର୍ଷ ପୂର୍ବରୁ ହୋଇଥିଲା । ସେ ଏବଂ ଭାଇ ବଷ୍ଟି ବନ୍ଧୁ ଥିଲେ ।

211 ଏବଂ ମୁଁ ଡାକ୍ତରଖାନାକୁ, ନୂତନ ଡାକ୍ତରଖାନାକୁ ଗଲି (ମୁଁ ଭୁଲି ଗଲି ଯେ ସେମାନେ ଏହାକୁ, ସେଠାରେ ନ୍ୟୁ ଆଲବାନିରେ କଅଣ କୁହନ୍ତି) ସେହି ନୂତନ ଡାକ୍ତରଖାନାକୁ । ଏବଂ ମୁଁ ସେଠାରେ ବଷ୍ଟିକୁ ଦେଖିବା ପାଇଁ ଗଲି; ଏବଂ ମୁଁ ଯେତେବେଳେ କକ୍ଷ ଭିତରକୁ ଗଲି, ମୁଁ କହିଲି, "ଭାଇ ବଷ୍ଟି ।"

ସେ କହିଲେ, "ଭାଇ ବିଲ୍ ।" ସେହି ବଡ ପୁରୁଣା ହାତ ମିଶାଇବାରେ ମୋ ହାତକୁ ଜାବୁଡ଼ି ଧରିଲେ; ପ୍ରଥମ ବିଶ୍ୱଯୁଦ୍ଧର ଜଣେ ଅଭିଜ୍ଞ ଲୋକ, ତାଙ୍କ ଉପସ୍ଥିତିରେ ଏହା କହୁ ନାହିଁ, କିନ୍ତୁ ଏକ ପୁରୁଣା ନୀଳ ସାର୍ଟ ତଳେ ସ୍ପନ୍ଦନ କରୁଥିବା ଉତ୍ତମ ହୃଦୟଟିଏ । ସେ ମୋ ହାତକୁ ଧରି ପକାଇଲେ । ମୁଁ ତାଙ୍କ ଘରକୁ ଯାଇଛି; ତାଙ୍କ ଘରେ ଖାଇଛି; ମୁଁ ତାଙ୍କ ଘରେ ଶୋଇଛି, ଠିକ୍ ଯେପରିକି ମୁଁ ତାଙ୍କ ଭାଇ ଅଟେ । ତାଙ୍କର ପିଲାମାନେ ଏବଂ ସମସ୍ତେ, ଆମେମାନେ ଠିକ୍—ଠିକ୍ ରକ୍ତ ସମ୍ପର୍କୀୟ ଭାଇମାନଙ୍କ ପରି । ଉତ୍ତମ ପୁରୁଷ ।

212 ଏବଂ ସେ...କିନ୍ତୁ ସେ କଦାପି ପ୍ରଭୁଙ୍କ ସହିତ ଗଭୀରତାରେ ଆସିଲେ ନାହିଁ। ସେ... ମୁଁ ତାଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ କଲି। କିନ୍ତୁ ସେଦିନ ଯେତେବେଳେ ସେହି ମେଥୋଡିଷ୍ଟ ପ୍ରଚାରକ କହିଲେ, "ଯିଏ କେହି ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ, ମୋ ତମ୍ବୁରୁ ବାହାରି ଯାଆନ୍ତୁ।" ତାହା ଠିକ ଥିଲା। ଜର୍ଜ ରାଇଟ୍ ଏବଂ ସେମାନେ ବାହାରି ଆସିଲେ। ସେହି ଦିନ ଅପରାହ୍ନରେ ମୁଁ ତଳେ ଟୋଟେନ୍ ଫୋର୍ଡରେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିସ୍ମ ଦେବା ପାଇଁ ଯାଇଥିଲି। ତାଙ୍କର ସମଗ୍ର ମଣ୍ଡଳୀ ପାଣି ଭିତରକୁ ଚାଲି ଆସିଲେ ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଲେ। ତେଣୁ ମୁଁ ଆଗକୁ ବଢି ଚାଲିଲି। ତାହା ଠିକ୍ ଥିଲା। ପରମେଶ୍ୱର ଯଦି ଆପଣଙ୍କ ସପକ୍ଷରେ ଅଟନ୍ତି, ତେବେ କିଏ ଆପଣଙ୍କ ବିରୋଧରେ ହୋଇପାରେ? ମୁଁ ଜାଣେ ବି ନାହିଁ ଯେ ସେହି ବ୍ୟକ୍ତି କେଉଁ ଆଡେ ଗଲେ, ତାଙ୍କ ସହିତ କଅଣ ହେଲା।

213 ଯାହା ବି ହେଉ, ମୁଁ ଡାକ୍ତରଖାନା ଭିତରକୁ ଗଲି। ସେଠାରେ ବଷ୍ଟି କର୍କଟ ରୋଗରେ ପରିପୂର୍ଣ୍ଣ ପଡ଼ି ରହିଥିଲେ, ଏପରିକି ଡାକ୍ତରମାନେ ସୁଦ୍ଧା, କିଛି କରୁ ନ ଥିଲେ ମାତ୍ର କେବଳ ଗୋଟିଏ ପଟରେ ତାଙ୍କୁ ରଖି ଦେଇଥିଲେ। ବଷ୍ଟି ମୋତେ କହିଲେ; ସେ କହିଲେ, "ଭାଇ ବିଲ୍, ଏହା ଏକ ଉଦ୍ଦେଶ୍ୟ ପାଇଁ ଅଟେ। କିଛି ଗୋଟାଏ ଘଟିଥିଲା।"

ମୁଁ କହିଲି, "ହଁ, ବଷ୍ଟି।" ପ୍ରବଳ ବେଗରେ ପବନ ବୋହୁଥିବା ପରି ସେହି ଆତ୍ମାକୁ ଅନୁଭବ କରିବା ଆରମ୍ଭ କଲି ଯାହା ବିଷୟରେ ମୁଁ କହି ଆସୁଛି, ଆପଣ ଜାଣନ୍ତି, ଭିତରକୁ ଆସୁଥାଏ।

ସେ କହିଲେ...ଯେତେବେଳେ ମୁଁ ଏଠାକୁ ଆସିଲି, ସେହି କୋଣରେ ଏକ ମେଘଧନୁ ଥିଲା, ସେହି କୋଣରେ ଠିଆ ହୋଇଥିଲା। ଗୋଟିଏ ମେଘଧନୁ ହେଉଛି ଏକ ନିୟମ; ପରମେଶ୍ୱରଙ୍କ ନିୟମ। ପରମେଶ୍ୱର ସେଦିନ ପର୍ବତ ଉପରେ ମୋ ସହିତ ଏକ ନିୟମ ବାନ୍ଧିଲେ। ଭାଇ ବଷ୍ଟିଙ୍କ ଉପରେ ମୋ ହାତ ରଖିଲି ଓ ତାଙ୍କ ପାଇଁ ପ୍ରାର୍ଥନା କଲି।

ଡାକ୍ତରମାନେ କହିଥିଲେ, "ସେ ଶୁଖି ଯିବେ। ସେ କେବଳ ହ୍ରାସ ପାଇଯିବେ। କିଛିହେଲେ କରାଯିବାକୁ ନାହିଁ...ସେ ଅଳ୍ପ କିଛି ଦିନ ମଧ୍ୟରେ ଚାଲିଯିବେ।" ଏବଂ ବଷ୍ଟି ରୋଜର୍ସ...ତାହା ସପ୍ତାହ ଏବଂ ସପ୍ତାହ ଏବଂ ଅନେକ ସପ୍ତାହ ପୂର୍ବରୁ ଅଟେ, ଏବଂ ବଷ୍ଟି ରୋଜର୍ସ, ଆଜି ରାତି ଠିକ୍ ଏଠାରେ ପଛରେ ମଣ୍ଡଳୀରେ ବସିଛନ୍ତି, ସେତିକି ସୁସ୍ଥ ଏବଂ ସବଳ ଭାବରେ ଯେତିକି ମୁଁ ତାଙ୍କୁ ମୋ ଜୀବନରେ କେବେ ଦେଖିଆସିଛି। ଛିଡ଼ା ହୁଅନ୍ତୁ, ଭାଇ ବଷ୍ଟି। ସେ ସେଠାରେ ଅଛନ୍ତି। ଆସନ୍ତୁ ଆମେ ସମସ୍ତେ, ପରମେଶ୍ୱରଙ୍କୁ ପ୍ରଶଂସା କରିବା।

ସେମାନେ ଉପର କୋଠରୀରେ ଏକତ୍ରିତ ହୋଇଥିଲେ,
ସମସ୍ତେ ତାହାଙ୍କ ନାମରେ ପ୍ରାର୍ଥନା କରୁଥିଲେ।
ପବିତ୍ରଆତ୍ମାରେ ବାପ୍ତିଜିତ ହୋଇଥିଲେ,
ଏବଂ ସେବା ପାଇଁ ଶକ୍ତି ଆସିଥିଲା।
ତେବେ, ସେ ସେମାନଙ୍କ ପାଇଁ ସେଦିନ ଯାହା କଲେ

ସେ ତୁମ ପାଇଁ ମଧ୍ୟ ସେହି ସମାନ କରିବେ ।
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

ମୁଁ ସେମାନଙ୍କ ମଧ୍ୟରୁ ଜଣେ, ସେମାନଙ୍କ ମଧ୍ୟରୁ ଜଣେ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ;
(ହାଲ୍ଲେଲୁୟା!)
ସେମାନଙ୍କ ମଧ୍ୟରୁ ଜଣେ, ମୁଁ ସେମାନଙ୍କ ମଧ୍ୟରୁ ଜଣେ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

ଯଦିଓ ଏହି ଲୋକମାନେ ଦାବି ନ କରୁ ଥାଇପାରନ୍ତି,
କିମ୍ବା ସାଂସାରିକ ଖ୍ୟାତିର ଗର୍ବ ନ କରୁ ଥାଇପାରନ୍ତି,
ସେମାନେ ସମସ୍ତେ ସେମାନଙ୍କର ପେଣ୍ଟିକଷ୍ଟକୁ ଗ୍ରହଣ କରିଅଛନ୍ତି,
ଯୀଶୁଙ୍କ ନାମରେ ବାପ୍ତିଜିତ ହୋଇଅଛନ୍ତି;
ଏବଂ ସେମାନେ ବର୍ତ୍ତମାନ ଉଭୟ ଦୂର ଏବଂ ଦୂରବର୍ତ୍ତୀ କହୁଛନ୍ତି,
ତାହାଙ୍କର ଶକ୍ତି ଏବେ ସୁଦ୍ଧା ସମାନ ଅଟେ ।
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

ମୁଁ ସେମାନଙ୍କ ମଧ୍ୟରୁ ଜଣେ, ମୁଁ ସେମାନଙ୍କ ମଧ୍ୟରୁ ଜଣେ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ;
(ହାଲ୍ଲେଲୁୟା!)
ସେମାନଙ୍କ ମଧ୍ୟରୁ ଜଣେ, ମୁଁ ସେମାନଙ୍କ ମଧ୍ୟରୁ ଜଣେ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

ତେବେ, ମୋ ଭାଇ, ଆସ, ଏହି ଆଶୀର୍ବାଦକୁ ଘେନ
ଯାହାକି ତୁମର ହୃଦୟକୁ ପାପରୁ ପରିଷ୍କାର କରି ଦେବ,
ଯାହା ଆନନ୍ଦର ଘଣ୍ଟିସବୁକୁ ବଜାଇବା ଆରମ୍ଭ କରି ଦେବ
ଏବଂ ତୁମର ପ୍ରାଣକୁ ପ୍ରଜ୍ୱଳିତ ରଖିବ;
ଓଃ, ଏହା ବର୍ତ୍ତମାନ ମୋ ହୃଦୟ ଭିତରେ ଜଳୁଅଛି,
ଓଃ, ତାହାଙ୍କର ନାମକୁ ଗୌରବ ହେଉ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

ଆସନ୍ତୁ ଏହାକୁ ଗାଇବା!

ଓଃ, ସେମାନଙ୍କ ମଧ୍ୟରୁ ଜଣେ, ସେମାନଙ୍କ ମଧ୍ୟରୁ ଜଣେ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ;
(ହାଲ୍ଲେଲୁୟା!)

ସେମାନଙ୍କ ମଧ୍ୟରୁ ଜଣେ, ସେମାନଙ୍କ ମଧ୍ୟରୁ ଜଣେ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

କେତେ ଲୋକ ସେମାନଙ୍କ ମଧ୍ୟରୁ ଜଣେ ଅଟନ୍ତି? ନିଜର ହାତ ଉଠାନ୍ତୁ । ଓଃ, ମୋର ପ୍ରଭୁ! ଓଃ, ମୁଁ କେତେ ଖୁସି ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ!

ସେମାନଙ୍କ ମଧ୍ୟରୁ ଜଣେ, ସେମାନଙ୍କ ମଧ୍ୟରୁ ଜଣେ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ;
(ହାଲ୍ଲେଲୁୟା!)
ସେମାନଙ୍କ ମଧ୍ୟରୁ ଜଣେ, ସେମାନଙ୍କ ମଧ୍ୟରୁ ଜଣେ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

ସେମାନେ ସେହି ଉପର କୋଠରୀରେ ଏକତ୍ରିତ ହୋଇଥିଲେ,
ସମସ୍ତେ ତାହାଙ୍କ ନାମରେ ପ୍ରାର୍ଥନା କରୁଥିଲେ,
ସେମାନେ ପବିତ୍ରଆତ୍ମାରେ ବାପ୍ତିଜିତ ହୋଇଥିଲେ,
ତାହାପରେ ସେବା ପାଇଁ ଶକ୍ତି ଆସିଥିଲା;
ତେବେ, ସେ ସେମାନଙ୍କ ପାଇଁ ସେଦିନ ଯାହା କଲେ
ସେ ତୁମ ପାଇଁ ସେହି ସମାନ କରିବେ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

ଓଃ, ସେମାନଙ୍କ ମଧ୍ୟରୁ ଜଣେ, ସେମାନଙ୍କ ମଧ୍ୟରୁ ଜଣେ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ;
(ହାଲ୍ଲେଲୁୟା!)
ସେମାନଙ୍କ ମଧ୍ୟରୁ ଜଣେ, ସେମାନଙ୍କ ମଧ୍ୟରୁ ଜଣେ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

ବର୍ତ୍ତମାନ, ଯେତେବେଳେକି ଆମେ ପୁନର୍ବାର ସେହି ଗୀତକୁ ଗାଉ ଥାଉ, ମୁଁ ଚାହେଁ ଯେ ଆପଣମାନେ ପ୍ରତ୍ୟେକେ ବୁଲି ପଡ଼ନ୍ତୁ, ଏବଂ ଆପଣଙ୍କ ପାଖରେ ଥିବା କାହାରି ସହିତ ହାତ ମିଶାନ୍ତୁ, ଏବଂ କୁହନ୍ତୁ, "କଅଣ ଆପଣ ସେମାନଙ୍କ ମଧ୍ୟରୁ ଜଣେ କି?" ବୁଝିଲେ? ଠିକ୍ ଅଛି ।

ଓଃ ସେମାନଙ୍କ ମଧ୍ୟରୁ ଜଣେ, (ମୁଁ ଜାଣେ ଆପଣ ଅଟନ୍ତି, ଭାଇ ନେୱିଲ୍ । ମୁଁ ଜାଣେ ଆପଣ ଅଟନ୍ତି, ଭାଇ କ୍ୟାପ୍ସ । ମୁଁ ଜାଣେ ଆପଣ ଅଟନ୍ତି । ମୁଁ ଜାଣେ ଆପଣ ଅଟନ୍ତି…?…)
…ମୁଁ ସେମାନଙ୍କ ମଧ୍ୟରୁ ଜଣେ;
ଓଃ, ସେମାନଙ୍କ ମଧ୍ୟରୁ ଜଣେ, ସେମାନଙ୍କ ମଧ୍ୟରୁ ଜଣେ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

214 ଓଃ, କଅଣ ଆପଣ ସେମାନଙ୍କ ମଧ୍ୟରୁ ଜଣେ ବୋଲି ଖୁସି ନୁହଁନ୍ତି କି? କେତେ ଲୋକ ସେହି ଜଣକା ହେବାକୁ ଚାହିଁବେ? ନିଜର ହାତ ଉଠାନ୍ତୁ । ଠିକ୍ ଅଛି । ତେବେ, ମୁଁ ଆପଣଙ୍କ ପାଇଁ ଏହା ଗାଇବାକୁ ଯାଉଅଛି:

ତେବେ ହେ ମୋର ଭାଇ ଆସ, ଏହି ଆଶୀର୍ବାଦକୁ ଘେନ
ଯାହାକି ତୁମର ହୃଦୟକୁ ପାପରୁ ପରିଷ୍କାର କରି ଦେବ,
ଯାହା ଆନନ୍ଦର ଘଣ୍ଟିସବୁକୁ ବଜାଇବା ଆରମ୍ଭ କରି ଦେବ,
ଏବଂ ତୁମର ପ୍ରାଣକୁ ପ୍ରଜ୍ଜ୍ୱଳିତ କରି ରଖିବ;
ଓଃ, ଏହା ବର୍ତ୍ତମାନ ମୋ ହୃଦୟରେ ଜଳୁଅଛି,
ଓଃ, ତାହାଙ୍କର ନାମକୁ ଗୌରବ ହେଉ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

ଓଃ, ସେମାନଙ୍କ ମଧ୍ୟରୁ ଜଣେ, ସେମାନଙ୍କ ମଧ୍ୟରୁ ଜଣେ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ;
(ହାଲ୍ଲେଲୁୟା!)
ସେମାନଙ୍କ ମଧ୍ୟରୁ ଜଣେ, ମୁଁ ସେମାନଙ୍କ ମଧ୍ୟରୁ ଜଣେ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

215 ମନେ ଅଛି ସେହି ସାନ ଝିଅଟି ପିତରଙ୍କୁ କଅଣ କହିଥିଲା, "କଅଣ ଆପଣ ସେମାନଙ୍କ ମଧ୍ୟରୁ ଜଣେ ନୁହଁନ୍ତି କି?" ମୁଁ ବହୁତ ଖୁସି, ଆପଣ ନୁହଁନ୍ତି କି? ଆପଣ ଜାଣନ୍ତି, ପେଣ୍ଟିକଷ୍ଟ ଦିନରେ ପିତର କହିଥିଲେ, "ଏହାହିଁ ତାହା ଅଟେ!" ତେବେ, ମୁଁ ସର୍ବଦା କହିଅଛି, "ଯଦି *ଏହା ତାହା* ନୁହେଁ, ମୁଁ ଖୁସି ଯେ ମୁଁ *ଏହା* ପାଇଅଛି, *ତାହା* ଆସିବାର ଅପେକ୍ଷା କରୁଅଛି ।" ତାହା ଠିକ୍ ଅଟେ । ମୁଁ *ଏଥି* ପାଇଁ ଖୁସି ଅଟେ ।

କାରଣ ମୁଁ ସେମାନଙ୍କ ମଧ୍ୟରୁ ଜଣେ, ମୁଁ ସେମାନଙ୍କ ମଧ୍ୟରୁ ଜଣେ
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ;
ଓଃ, ସେମାନଙ୍କ ମଧ୍ୟରୁ ଜଣେ, ସେମାନଙ୍କ ମଧ୍ୟରୁ ଜଣେ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

216 ଓଃ, ଏହା ଆଶ୍ଚର୍ଯ୍ୟଜନକ ନୁହେଁ କି, ଖ୍ରୀଷ୍ଟ ଯୀଶୁଙ୍କ ସହିତରେ ସ୍ୱର୍ଗୀୟ ସ୍ଥାନରେ ଏକାଠି ବସି, ଆମ୍ଭାଙ୍କ ସହିତ କଥୋପକଥନ କରିବା, ବାକ୍ୟ ଉପରେ କଥୋପକଥନ କରିବା, ଆଗାମୀ ଉତ୍ତମ ବିଷୟଗୁଡ଼ିକ ସମ୍ବନ୍ଧରେ କଥାବାର୍ତ୍ତା ହେବା । ଏହା ଏତେ ଭଲ ଅଟେ । ଏହା ଜାଣିବା ହେତୁ ମୁଁ ବହୁତ ଖୁସି ଅଟେ, କଅଣ ଆପଣ ନୁହଁନ୍ତି କି? ଆପଣ ଜଣେ ଖ୍ରୀଷ୍ଟିଆନ ବୋଲି ଖୁସି ନୁହଁନ୍ତି କି? କଅଣ ଆପଣ ଖୁସି ନୁହଁନ୍ତି କି ଯେ ଆପଣଙ୍କର ପାପଗୁଡିକ ରକ୍ତ ତଳେ ରହିଅଛି? ସେ ଏହି ଦିନଗୁଡିକ ମଧ୍ୟରୁ ଗୋଟିକରେ ଆସିବେ, ଏବଂ ଆମେ ତାହାଙ୍କ ସହିତ ଯାଉଥିବା । ତେବେ ଚିନ୍ତା କରନ୍ତୁ, ସମସ୍ତ ବୃଦ୍ଧାବସ୍ଥା ଆମଠାରୁ ଦୂରେଇ ଯିବ; ସମସ୍ତ

ରୋଗ, ସମସ୍ତ ଦୁଃଖ, ସମସ୍ତ ମର୍ତ୍ତ୍ୟ ଜୀବନ ବଦଳିଯିବ। ଓଃ, ମୋର ପ୍ରଭୁ! ମୁଁ ଏଠାରେ ଠିଆ ହୋଇଥିବା ପ୍ରିୟ ବୃଦ୍ଧ ଭାଇମାନଙ୍କ ବିଷୟରେ ଠିକ୍ ଭାବିପାରେ। ମୋର ମନେ ଅଛି...କେତେଜଣ ରାଙ୍ଗୀ ଲସନ୍‌ଙ୍କୁ ମନେ ରଖିଛନ୍ତି? ମୋର ପ୍ରଭୁ, ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ସମସ୍ତେ। ମୁଁ ଦେଖିପାରୁଛି ଯେ ସେ ସେହି ପୁରୁଣା ବାଡ଼ିଟିକୁ ଠିକ୍ ଏଠାରେ ଟାଙ୍ଗିଛନ୍ତି। ଏବଂ ମୁଁ ସେଠାରେ ପଛରେ ବସି ରହିଛି। ସେ ଏହି କ୍ଷୁଦ୍ର ଗୀତଟିକୁ ଗାଆନ୍ତି... (ମାତ୍ର ଗୋଟିଏ ମିନିଟ୍ ଟେଡି, ଭାଇ।) ମୁଁ ଚେଷ୍ଟା କରିବି, ଦେଖେ, ଯଦି ମୁଁ ଏହାର ସ୍ୱର ପାଇ ପାରିବି କି। ମୁଁ ଜାଣେ ନାହିଁ।

> ସେଠାରେ ମୋ ପାଇଁ ଏକ ଖୁସିର ଆସନ୍ତାକାଲି ଅପେକ୍ଷା କରେ,
> ଯେଉଁଠାରେ ମୋତିର ଫାଟକ ଉନ୍ମୁକ୍ତ ରହିଥାଏ,
> ଏବଂ ଯେତେବେଳେ ମୁଁ ଏହି ଦୁଃଖର ପରଦା ଅତିକ୍ରମ କରେ,
> ମୁଁ ଅନ୍ୟ ପାର୍ଶ୍ୱରେ ବିଶ୍ରାମ ପାଇବି।
>
> କୌଣସି ଦିନ ମର୍ତ୍ତ୍ୟର ଜ୍ଞାନରୁ ଆର ପାରିରେ,
> କୌଣସି ଦିନ, ପରମେଶ୍ୱର ହିଁ କେବଳ ଜାଣନ୍ତି ଯେ ଠିକ୍
> କେଉଁଠାରେ କିମ୍ବା କେବେ,
> ମର୍ତ୍ତ୍ୟ ଜୀବନର ସେହି ଚକ ସବୁ ସ୍ଥିର ହୋଇଯିବ,
> ତାହାପରେ ମୁଁ ସିୟୋନ ପର୍ବତ ଉପରେ ବାସ କରିବାକୁ ଯିବି। (ହଁ।)

217 ଏହି ଛୋଟ ଚକଗୁଡିକ ଯାହା ଆମ ଭିତରେ ବୁଲୁଅଛି— ଦୃଷ୍ଟି, ସ୍ୱାଦ, ଅନୁଭବ, ଗନ୍ଧ, ଏବଂ ଶୁଣିବା, ଏହି ଛୋଟ ଇନ୍ଦ୍ରିୟଗୁଡିକ ଏବଂ ଚକଗୁଡିକ ଯାହାକି ଏହି ମର୍ତ୍ତ୍ୟ ଜୀବନରେ ଘୁରୁଅଛି, କୌଣସି ଦିନେ ସେମାନେ ସ୍ଥିର ହୋଇଯିବ। ତାହାପରେ ମୁଁ, ନିଜେ, ଏବଂ ଆପଣ, ଆମେ ସିୟୋନ ପର୍ବତ ଉପରକୁ ବାସ କରିବାକୁ ଯିବା। ଓଃ, ମୁଁ ତାହା ଭଲ ପାଏ, କଅଣ ନୁହେଁ କି? ଜାଣୁ ଯେ ଆମ ପାଖରେ ସେହି ଆଶୀଷିତ ଆଶ୍ୱାସନା ଅଛି। ଠିକ୍ ଅଛି। କେତେ ଜଣ ଆମର ପୁରୁଣା ବାପ୍ତିସ୍ମ ଗୀତ ଜାଣନ୍ତି? ତେବେ, ଆମେ ତାହାକୁ ପରିବର୍ତ୍ତନ କରିବା। ଆସନ୍ତୁ ଆମର ବରଖାସ୍ତ ଗୀତ ନେବା:

> ଯୀଶୁଙ୍କର ନାମକୁ ଆପଣା ସଙ୍ଗରେ ଘେନି ଚାଲନ୍ତୁ,
> ହେ ଦୁଃଖ ଓ ସନ୍ତାପର ସନ୍ତାନ;
> ଏହା ତୁମକୁ ଆନନ୍ଦ ଓ ସାନ୍ତ୍ୱନା ପ୍ରଦାନ କରିବ,
> ଆପଣ ଯେଉଁଆଡେ ବି ଯାଆନ୍ତି ଏହାକୁ ନିଅନ୍ତୁ।

218 ଯୀଶୁଙ୍କ ନାମ ସଙ୍ଗରେ ଘେନି ଚାଲନ୍ତୁ। ଯେତେବେଳେ ଆପଣ ଯାଆନ୍ତି, କେବଳ ତାହା କରନ୍ତୁ। ଠିକ୍ ଅଛି, ବର୍ତ୍ତମାନ ସବୁକିଛି ଏକାଠି। ଭୁଲନ୍ତୁ ନାହିଁ, ସକାଳ ଆଠଟାରେ ସଭା ପାଇଁ ପ୍ରାର୍ଥନା କାର୍ଡଗୁଡିକ ଦିଆଯିବ। ସଭା ନଅଟା-ତିରିଶରେ ଆରମ୍ଭ ହେବ। ମୁଁ ଦଶଟାରେ ପ୍ରଚାର କରିବି। ରୋଗୀମାନଙ୍କ ପାଇଁ ପ୍ରାର୍ଥନା ସେବା ପ୍ରାୟଃ ଏଗାରଟାରେ ଆରମ୍ଭ ହେବ।

219 ଆସନ୍ତାକାଲି ଅପରାହ୍ନ, ଆସନ୍ତାକାଲି ସନ୍ଧ୍ୟାରେ ଆରାଧନାଳୟରେ ଏକ ସୁସମାଚାର ପ୍ରଚାରର ବାର୍ତ୍ତା ହେବ । ଏବଂ ଆସନ୍ତାକାଲି ରାତିରେ, ଆପଣମାନେ ସମସ୍ତେ ଯେଉଁମାନେକି ନିଜ ପାପରୁ ମନ ଫେରଣ କରିଛନ୍ତି ଓ ଏଯାଏଁ ବାପ୍ତିଜିତ ହୋଇ ନାହାଁନ୍ତି, ସେଠାରେ ରହିବ... ପୁଷ୍କରିଣୀ ଖୋଲା ରହିବ; ଆମେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଲୋକମାନଙ୍କୁ ବାପ୍ତିସ୍ମ ଦେବୁ ।

220 ବର୍ତ୍ତମାନ ସମସ୍ତେ ଏକାଠି ଆସନ୍ତୁ, ଯେତେବେଳେ ଆମେ ଆମର ସ୍ୱରର ଶୀର୍ଷରେ ଗୀତ ଗାଉ । ଭାଇ ବକ୍ଷି, ଆପଣ ଜାଣି ନାହାଁନ୍ତି ଯେ ମୁଁ କେତେ ଖୁସି ଏବଂ ପରମେଶ୍ୱରଙ୍କ କେତେ ଧନ୍ୟବାଦୀ ଅଟେ । ଆପଣ ଜାଣନ୍ତି, ସେ ଡାକ୍ତରଙ୍କ ପାଖକୁ ଯାଇଥିଲେ । ଏବଂ ସେମାନେ ମୋତେ କହିଲେ ଯେ ଡାକ୍ତର ତାଙ୍କ ଆଡକୁ ଅନାଇଲେ, ଏବଂ କଅଣ ଭାବିବେ ତାହା ଜାଣିଲେ ନାହିଁ । ସେ ବିଶ୍ୱାସ କଲେ ନାହିଁ ଯେ ଏହା ସେହି ସମାନ ବ୍ୟକ୍ତି ଅଟନ୍ତି । ଓଃ, ଏହା କୌଣସି ରହସ୍ୟ ନୁହେଁ ଯେ ପରମେଶ୍ୱର କଅଣ କରିପାରନ୍ତି । କଅଣ ତାହା ଠିକ୍ ନୁହେଁ କି? ଠିକ୍ ଅଛି ।

> ନାମକୁ ଘେନି ଚାଲନ୍ତୁ...

ଏହାକୁ ଗାନ କରନ୍ତୁ!

> ...ତୁମ ସଙ୍ଗରେ,
> ହେ ଦୁଃଖ ଓ ସନ୍ତାପର ସନ୍ତାନ;
> ଏହା ତୁମକୁ ଆନନ୍ଦ ଓ ସାନ୍ତ୍ୱନା ପ୍ରଦାନ କରିବ,
> ବର୍ତ୍ତମାନ, ଆପଣ ଯେଉଁଆଡେ ବି ଯାଆନ୍ତି ଏହାକୁ ନିଅନ୍ତୁ ।
>
> ବହୁମୂଲ୍ୟ ନାମ, (ବହୁମୂଲ୍ୟ ନାମ!) ଓଃ କେଡେ ମଧୁର!
> ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ;
> ବହୁମୂଲ୍ୟ ନାମ, (ଓଃ, ବହୁମୂଲ୍ୟ ନାମ!) ଓଃ କେଡେ ମଧୁର!
> ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ ।

221 ଠିକ୍ ଅଛି । ମୁଁ ବର୍ତ୍ତମାନ ସେବାକୁ ପାଳକଙ୍କ ହାତରେ ସମର୍ପି ଦେଇ ଦିଏ । ସେ କିଛି ଶବ୍ଦ କହିବେ, କିମ୍ବା ଅନ୍ୟ କାହାରିକୁ ବରଖାସ୍ତ କରିବା ପାଇଁ, ବା ଯାହାକିଛି ତାଙ୍କ ମନରେ ଅଛି କହିବେ ।

## *ପବିତ୍ରଆତ୍ମା ଉପରେ ପ୍ରଶ୍ନୋତ୍ତର* ORI59-1219

(Questions and Answers on the Holy Ghost)

**ମଣ୍ଡଳୀର ଆଚରଣ, କ୍ରମ ଏବଂ ସିଦ୍ଧାନ୍ତ ଶୃଙ୍ଖଳା**

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଡିସେମ୍ବର ୧୨, ୧୯୫୨, ଶନିବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲ୍ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2023 VGR, ALL RIGHTS RESERVED

Voice Of God Recordings, India Office
19 (New No: 28) Shenoy Road, Nungambakkam
Chennai 600 034, India
044 28274560 • 044 28251791
india@vgroffice.org

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:



VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org